# ଧରିତ୍ରୀ DHARITRI

ବ୍ରହ୍ମପୁର, ଶୁକ୍ରବାର, ମାର୍ଚ୍ଚ ୧୫/୨୦୧୯ (୧୬ ପୃଷ୍ଠା) | Berhampur, Friday, March 15/2019 | ★★★

୧୫ ଶ ଭାଗ ୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ଦୀପା ଫାଇନାଲରେ

ଭାରତର ଦୀପା କର୍ମକାର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ୱାର୍ଲ୍ଡ କପ୍ ଭଲ୍ଟ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

୧୪ ୦୨

## 'ଓମେନ୍ ଇନ୍ ଦି ୱାର୍ଲ୍ଡ ସମିତି'ରେ ବକ୍ତୃତା ଦେବେ ପ୍ରିୟଙ୍କା

'ଓମେନ୍ ଇନ୍ ଦି ୱାର୍ଲ୍ଡ ସମିତି-୨୦୧୯'ରେ ବକ୍ତୃତା ଦେବା ପାଇଁ ଭାରତୀୟ ଫିଲ୍ମ ତାରକା ପ୍ରିୟଙ୍କା ଚୋପ୍ରା ମନୋନୀତ ହୋଇଛନ୍ତି।



## ବିଜେଡିରୁ ବଳଭଦ୍ରଙ୍କ ଇସ୍ତଫା

ଭୁବନେଶ୍ୱର,୧୪।୩(ବ୍ୟୁରୋ): ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ ପାଇନାହିଁ। ଏବେ ବି ଆଶାୟୀଙ୍କ ଭିଡ ନବୀନ ନିବାସରେ ଲାଗିରହୁଛି। ହେଲେ ଏହା ମଧ୍ୟରେ ଶାସକ ବିଜେଡି ଏମ୍‌ପି ବଳଭଦ୍ର



ମାଝି ଗୁରୁବାର ଦଳରୁ ଇସ୍ତଫା ପ୍ରଦାନ କରିଛନ୍ତି। ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶଙ୍କୁ ବଳଭଦ୍ର ନିଜ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ସେ ବ୍ୟକ୍ତିଗତଭାବେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ଚାହିଁଥିଲେ,ହେଲେ ତାହା କାର୍ଯ୍ୟବ୍ୟସ୍ତତା କାରଣରୁ ସମ୍ଭବ ହୋଇପାରି ନାହିଁ। ନିଜ ଇସ୍ତଫାପତ୍ରରେ ବଳଭଦ୍ର ଉଲ୍ଲେଖ କରିଛନ୍ତି ଯେ, ସମ୍ମାନନୀୟ ସଭାପତି ମହୋଦୟ, ଆପଣଙ୍କ ନିର୍ଦ୍ଦେଶ ଏବଂ ନବରଙ୍ଗପୁର ବିଧାୟକମାନଙ୍କ ପରାମର୍ଶ କ୍ରମେ ସରକାରୀ ଚାକିରି ୭ ବର୍ଷ ଥାଇ ଅବସର ଗ୍ରହଣ କରଥିଲି। ଏହା ପରେ ବିଜେଡିରୁ ପ୍ରାର୍ଥୀ ଭାବେ ନବରଙ୍ଗପୁର ଲୋକ ସଭା ଆସନରୁ ଲଢି ବିଜୟୀ ☞ପୃଷ୍ଠା-୪

## ପଦ୍ମ ଧରିଲେ ଦାମ

ଭୁବନେଶ୍ୱର,୧୪।୩ (ବ୍ୟୁରୋ): ରାଜନୀତିରେ ସବୁ ସମ୍ଭବ, ଏକଥା ପ୍ରମାଣ କରିବାର ଆବଶ୍ୟକତା ନାହିଁ। ନିର୍ବାଚନୀ ତାରିଖ ଘୋଷଣା ହେବାର ଦିନ କେଇଟା ମଧ୍ୟରେ ଏସବୁ ଆପେଆପେ ପ୍ରମାଣିତ



ହୋଇଯାଉଛି। ସବୁଠାରୁ ବଡ କଥା ହେଉଛି, ବିଜେଡିରୁ କିଛିଦିନ ତଳେ ବହିଷ୍କୃତ ହୋଇଥିବା ବରିଷ୍ଠ ନେତା ଦାମୋଦର ରାଉତ ଗୁରୁବାର ଭାଜପାରେ ଯୋଗଦେଇଛନ୍ତି। ବିଜେଡିରୁ ବହିଷ୍କୃତ ହେବାପରେ ଭାଜପା ନେତାଙ୍କୁ ମଧ ବୁଲିବୁଲି ସମାଲୋଚନା କରୁଥିଲେ ମଧ ଶେଷରେ ଦାମ ପଦ୍ମ ଧରିଛନ୍ତି। ଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟଠାରେ ଗୁରୁବାର ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦାମଙ୍କୁ ଉତ୍ତରୀୟ ପିନ୍ଧାଇ ଥିବାବେଳେ ଦଳର ☞ପୃଷ୍ଠା-୫

# ମୁମ୍ବାଇରେ ଫୁଟ୍ ଓଭରବ୍ରିଜ ଭୁଶୁଡ଼ି ୫ ମୃତ, ୩୦ ଆହତ



ମୁମ୍ବାଇ,୧୪।୩

ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ ରେଳଷ୍ଟେଶନ ନିକଟରେ ଥିବା ଏକ ଫୁଟ୍ ଓଭରବ୍ରିଜ ଗୁରୁବାର ସନ୍ଧ୍ୟାରେ ଭୁଶୁଡ଼ି ପଡ଼ିବାରୁ ୨ ମହିଳାଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ହୋଇଛି ଓ ଅନ୍ୟ ୩୦ ଜଣ ଆହତ ହୋଇଛନ୍ତି। ମୃତ ମହିଳାଦ୍ୱୟ ହେଲେ ଅପୂର୍ବା ପ୍ରଭୁ(୩୫) ଓ ରଞ୍ଜନା ତାମ୍ବେ (୪୦)। ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ କର୍ମଚାରୀ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ ସାମିଲ ହୋଇଛନ୍ତି। ଓଭରବ୍ରିଜରେ ପ୍ରବଳ ଗହଳି ଥିବାବେଳେ ତାହା ଭୁଶୁଡ଼ି ପଡ଼ିଥିଲା। ଆହତମାନଙ୍କୁ ଜିଟି ହସ୍ପିଟାଲ ଏବଂ ସେଣ୍ଟ ଜର୍ଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉକ୍ତ ଓଭରବ୍ରିଜ ସିଏସଟି ପ୍ଲାଟଫର୍ମ ୧ର ଉତ୍ତର ପାର୍ଶ୍ୱ ଏବଂ ବି.ଟି. ଲେନ୍‌କୁ ସଂଯୋଗ କରୁଥିଲା। ଏହା ଭୁଶୁଡ଼ି ପଡିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ମୁମ୍ବାଇ ପୋଲିସ ଲୋକଙ୍କୁ ପରାମର୍ଶ ଦେଇଛି।

ଗତବର୍ଷ ଜୁଲାଇରେ ଅନ୍ଧେରିରେ ଏକ ଫୁଟ୍ ଓଭରବ୍ରିଜ ଭୁଶୁଡିଥିଲା। ୨୦୧୭ରେ ଏଲ୍‌ଫିନଷ୍ଟୋନ୍ ବ୍ରିଜ ଭୁଶୁଡିବା ଜନିତ ଦଳଚକଟାରେ ୨୩ ଜଣଙ୍କ ମୃତ୍ୟୁ ଘଟିଥିଲା।

### ମୋଦିଙ୍କ ବହିର୍ବ୍ୟାପାର ନୀତି କୂଟନୈତିକ ବିପର୍ଯ୍ୟୟର ସମାହାର: କଂଗ୍ରେସ

# ଆଝାର ବିଫଳତାରୁ ବିବାଦ

**ଚାଇନାକୁ ନେଇ ବାକ୍‌ଯୁଦ୍ଧ**

- ଜିନ୍‌ପିଙ୍ଗଙ୍କୁ ଭୟ କରୁଛନ୍ତି ଦୁର୍ବଳ ମୋଦି: ରାହୁଲ
- ନେହେରୁଙ୍କ ଯୋଗୁ ୟୁଏନ୍‌ଏସ୍‌ସିରେ ଚାଇନା: ଭାଜପା

ନୂଆଦିଲ୍ଲୀ,୧୪।୩(ପି.ଟି.)

ଥରେ ନୁହେଁ କି ଦୁଇଥର ନୁହେଁ, ଚାରି ଚାରିଥର କଣ୍ଟା ସାଜିଲାଣି ଚାଇନା। ଜମ୍ମୁ-କଶ୍ମୀରରେ ଯେତେବେଳେ କୌଣସି ବଡ଼ଧରଣର ଆକ୍ରମଣ ହୋଇଛି, ସେଥିରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ସମ୍ପୃକ୍ତି ପଦାକୁ ଆସିଛି। ଏହାକୁ ନେଇ ଜୈଶ୍ ମୁଖ୍ୟ ମାସୁଦ୍ ଆଝାରଙ୍କୁ ନେଇ କଠୋର ହୋଇଛି ଭାରତ। ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଆଝାରଙ୍କୁ କଳାତାଲିକାଭୁକ୍ତ କରିବା ପାଇଁ ଭାରତ ଉଦ୍ୟମ ଚଳାଇଥିବାବେଳେ ପାକିସ୍ତାନର ସବୁଦିନିଆ ବନ୍ଧୁ ଚାଇନା ନିଜ ଭିଟୋ କ୍ଷମତା ପ୍ରୟୋଗ କରି ତାକୁ ଭଣ୍ଡୁର କରିଛି। ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବହିର୍ବ୍ୟାପାର ନୀତି ଉପରେ ପ୍ରଶ୍ନ ଉଠାଇଛି କଂଗ୍ରେସ। ଅନ୍ୟପକ୍ଷରେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଯୋଗୁ ଚାଇନା ୟୁଏନ୍‌ଏସ୍‌ସିରେ ସ୍ଥାନ ପାଇଛି ବୋଲି କଂଗ୍ରେସକୁ ଜବାବ ଦେଇଛି ଭାଜପା।

ପୁଲଓ୍ୱାମା ଆକ୍ରମଣରେ ୪୯ ଯବାନ ଶହୀଦ ହେବା ପରେ ଆଝାରଙ୍କୁ କଳାତାଲିକାଭୁକ୍ତ କରିବା ପାଇଁ ଭାରତର ଅନୁରୋଧ କ୍ରମେ ୟୁଏନ୍‌ଏସ୍‌ସିର ୩ ସ୍ଥାୟୀ ସଦସ୍ୟ ଆମେରିକା, ଫ୍ରାନ୍ସ ଓ ବ୍ରିଟେନ ଉଦ୍ୟମ କରିଥିଲେ। ଗତ ୨୭ ତାରିଖରେ ୧୨୬୭ ଅଲ୍ କାଏଦା କଟକଣା କମିଟିରେ ପିଟିଶନ ଦାଏର କରିଥିଲେ। ଆପତ୍ତି ଗ୍ରହଣ ପାଇଁ ୧୦ ଦିନିଆ ଅବଧି ଶେଷ ହେବାର ଠିକ୍ ପୂର୍ବରୁ ଅର୍ଥାତ୍ ବୁଧବାର ଭାରତୀୟ ସମୟ ରାତି ୧୨ଟା ୩୦ରେ ଚାଇନା ଆଝାରଙ୍କ ବିରୋଧରେ ପ୍ରମାଣ ମାଗି ଏହି ପ୍ରସ୍ତାବକୁ ଅଟକାଇ ଦେଇଥିଲା। ଏହାକୁ ନେଇ ଭାରତରେ ରାଜନୀତି ସରଗରମ ହୋଇଛି। ମୋଦିଙ୍କ ବହିର୍ବ୍ୟାପାର ନୀତି କୂଟନୈତିକ ବିପର୍ଯ୍ୟୟର ସମାହାର ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେଓ୍ୱାଲା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଆଝାରଙ୍କୁ ବିଶ୍ୱସ୍ତରୀୟ ଆତଙ୍କବାଦୀ ଘୋଷଣା ପ୍ରସ୍ତାବ କାଟ୍ ଖାଇବାରେ ଚାଇନାର ଭୂମିକା ନିନ୍ଦନୀୟ। ଆତଙ୍କବାଦ ନିରୋଧୀ ଲଢ଼େଇରେ ବିଶ୍ୱ ପାଇଁ ଏହା ହେଉଛି ଏକ ☞ପୃଷ୍ଠା-୪




ଭୋପାଳରେ ସଂସ୍କୃତି ବଞ୍ଚାଅ ମଞ୍ଚ କର୍ମୀମାନେ ଗୁରୁବାର ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ବିରୋଧରେ ସ୍ଲୋଗାନ ଦେଇ ତାଙ୍କ ଫଟୋ ପୋଡୁଛନ୍ତି।

# ଜଳିଗଲା ବରଯାତ୍ରୀ ବସ୍



ଜଳିଯାଇଥିବା ବସ୍‌କୁ ସ୍ଥାନୀୟ ଲୋକେ ଦେଖୁଛନ୍ତି।

**ଜଣେ ଜୀବନ୍ତ ଦଗ୍ଧ**

କେନ୍ଦୁଝର/ଢେଙ୍କିକୋଟ, ୧୪।୩ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ସାନ୍ତରାପୁର ଗ୍ରାମର ବେହେରାସାହିରେ ବୁଧବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ବରଯାତ୍ରୀ ନେଇ ଆସିଥିବା ଏକ ବସ୍ ହଠାତ୍ ଜଳିଯିବାରୁ ସେଥିରେ ଶୋଇଥିବା ଜଣେ ବରଯାତ୍ରୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଏଯାଏ ମୃତକଙ୍କ ପରିଚୟ ମିଳିପାରି ନାହିଁ। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ପୋଲିସ ଅନୁମାନ କରୁଛି। ହେଲେ ଏପର୍ଯ୍ୟନ୍ତ ପ୍ରକୃତ କାରଣ ଜଣାପଡିନାହିଁ।

ବେହେରାସାହିର ଗଣନାଥ ବେହେରା ପୁଅ ଶ୍ରବଣ କୁମାରଙ୍କ ବିବାହ ଲାଗି ଏକ ବସ୍ (ନଂ. ଓଆର୦୯ ଏନ୍-୫୬୨୯) ଭଡ଼ାରେ ଆଣିଥିଲେ। ବରଯାତ୍ରୀମାନେ ଉକ୍ତ ବସ୍‌ରେ ସଦର ଥାନା କେନ୍ଦେଇପଶିସ୍ଥିତ କନ୍ୟାଘରକୁ ଯାଇଥିଲେ। ସେଠାରେ ବରଯାତ୍ରୀଙ୍କୁ ଧରି ବସ୍ ଫେରିବା ପରେ ବେହେରାସାହିରେ ରହିଥିଲା। ଭୋର୍‌ରୁ ବସ୍ ଯିବ ବୋଲି କହି ଡ୍ରାଇଭର ଦୋଳଗୋବିନ୍ଦ ଗିରି ନିଜ ଗ୍ରାମ ନୁଶୁରିପଶିକୁ ଚାଲିଯାଇଥିଲେ। ମାତ୍ର ବସ୍ ଭିତରେ କେହି ଜଣେ ଶୋଇପଡିଥିଲେ। ବିଳମ୍ବିତ ରାତିରେ ହଠାତ୍ ବସ୍‌ଟି ହୁ ହୁ ହୋଇ ଜଳିବାକୁ ଲାଗିଥିଲା। ପାଖ ପଡୋଶୀମାନେ ନିଆଁ ଜଳୁଥିବା ଦେଖି ପାଟି କରିବାରୁ ଆଖପାଖ ଘର ଲୋକେ ଉଠି ଘଟଗାଁ ଦମକଳ ☞ପୃଷ୍ଠା-୪

# ଟିଟିଲାଗଡ଼ରେ ଶିଶୁ ବଳି ସନ୍ଦେହ

ଟିଟିଲାଗଡ଼, ୧୪।୩ (ଡି.ଏନ୍.ଏ.)

- ପୋଲ କଡ଼ରେ ପଡ଼ିଛି ମୃତଦେହ
- ସାମାନ୍ୟ ଦୂରରେ ହୋଇଛି ହୋମ
- ରଖାଯାଇଛି ଚାଉଳ, ନଡ଼ିଆ ଆଦି ପୂଜା ସାମଗ୍ରୀ
- କଣ୍ଢେଇ ଉପରେ ରକ୍ତ ଢଳାଯାଇଥିବା ସନ୍ଦେହ



ଶିଶୁ ବଳିରେ ବ୍ୟବହୃତ ପୂଜା ସାମଗ୍ରୀ।

ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ବହିଦାର ପଡାମୁଣ୍ଡ ପୋଲ କଡରେ ଗୁରୁବାର ଏକ ଶିଶୁର ମୃତଦେହ ପଡିଛି। ଶିଶୁଟି କାହାର ତାହା ଜଣାପଡ଼ି ନ ଥିଲେ ହେଁ ପାରିପାର୍ଶ୍ୱିକ ସ୍ଥିତିରୁ କେହି ବଳି ଦେଇଥିବା ସାଧାରଣରେ ସନ୍ଦେହ କରାଯାଉଛି। ଏହି ଘଟଣା ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

ଦେଖଣାହାରୀଙ୍କ କହିବା ଅନୁଯାୟୀ, ଟିଟିଲାଗଡ ଉପଖଣ୍ଡ ଅଞ୍ଚଳରେ ନରବଳି ବିଭିନ୍ନ ସମୟରେ ଚର୍ଚ୍ଚାର ବିଷୟ ରହିଆସିଛି। ଗତ ଦଶହରା ସମୟରେ ସିନ୍ଧେକେଲା ଗ୍ରାମର ଜଣେ ଶିଶୁକୁ ଉଦନ୍ତୀ ନଦୀ କଡରେ ବଳି ଦିଆଯାଇଥିବା ଘଟଣା ମନରୁ ନ ଲିଭୁଣୁ ଏଭଳି ଆଉ ଏକ ଘଟଣା ଚହଳ ପକାଇ ଦେଇଛି। ଶିଶୁର ମୃତଦେହ ପଡ଼ିଥିବା ସ୍ଥାନଟି ଟିଟିଲାଗଡ଼ ରେଳ ଜଙ୍କସନରୁ କଣ୍ଟାବାଞ୍ଜି ଏବଂ ବଲାଙ୍ଗୀର ପଟକୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ନିରାପତ୍ତା ଆଗ

**ଆଜିର ମନ୍ତବ୍ୟ**

" ୨୬/୧୧ ମୁମ୍ବାଇ ଆକ୍ରମଣ ପରେ ଆତଙ୍କବାଦୀଙ୍କ ବିରୋଧରେ ପର୍ଯ୍ୟାପ୍ତ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା କଂଗ୍ରେସ।

– ନିର୍ମଳା ସୀଥାରାମନ୍, ପ୍ରତିରକ୍ଷାମନ୍ତ୍ରୀ

**କିଛି ତଥ୍ୟ**

୨୦୧୭-୧୮ରେ ଭାରତ ୭୬.୨ ବିଲିୟନ ଡଲାରର ଇଞ୍ଜିନିୟରିଂ ଗୁଡ୍‌ସ ରପ୍ତାନି କରିଛି।

– ଇଇପିସି


NECC NATIONAL EGG CO-ORDINATION COMMITTEE | 14.03.2019 | Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 82 | 135 | 145 |
| DKL | 82 | 135 | 145 |
| BDK | 83 | 136 | 146 |
| BLS | 83 | 136 | 146 |
| ANG | 82 | 135 | 145 |

*Conditions Apply

Eggs Retail Price- 46/-Dozen
Issued in the Interest of Consumers


### ଏପ୍ରିଲ ୨୩: ୨୦ ଆସନରେ ଭୋଟ୍

# କେରଳରେ କଡ଼ା ମୁକାବିଲା

ଥିରୁଭାନନ୍ତପୁରମ୍/ନୂଆଦିଲ୍ଲୀ,୧୪।୩

**ବାମପନ୍ଥୀଙ୍କ ଶେଷଗଡ଼ରେ ଅଙ୍କକଷା**

- ୨୦୦୪ର ସଫଳତା ଦୋହରାଇବାକୁ ଆଶାବାଦୀ ଏଲ୍‌ଡିଏଫ୍
- ସାବରିମାଲା, କେନ୍ଦ୍ର ଅବହେଳାକୁ ପ୍ରସଙ୍ଗ କରିବେ ବାମପନ୍ଥୀ
- ସରକାର ବିରୋଧୀ ହାଓ୍ୱାରୁ ଫାଇଦା ଆଶାରେ ୟୁଡିଏଫ୍
- ଆର୍‌ଏସ୍‌ଏସ୍ ଯୋଗୁ ଭାଜପା ନେଇପାରେ ନିର୍ଣ୍ଣାୟକ ଭୂମିକା

ସାଧାରଣ ନିର୍ବାଚନ ପାଇଁ ଗତ ୧୦ ତାରିଖରେ କାର୍ଯ୍ୟସୂଚୀ ଘୋଷଣା ପରେ ବାମପନ୍ଥୀଙ୍କ ଶେଷଗଡ଼ ଭାବେ ପରିଚିତ କେରଳରେ ରାଜନୈତିକ ଉଷ୍ମତା ବୃଦ୍ଧିପାଇବାରେ ଲାଗିଛି। ଏଥର ଶାସକ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ଏବଂ ବିରୋଧୀ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ୟୁଡିଏଫ୍) ମଧ୍ୟରେ କଡ଼ା ମୁକାବିଲା ହେଉଛି। ଅନ୍ୟପକ୍ଷରେ ରାଜ୍ୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଯୋଗୁ ଭାଜପାର ସାଙ୍ଗଠନିକ ସ୍ଥିତି ସୁଦୃଢ଼ ହୋଇଥିବାରୁ ଗୈରିକ ଦଳ ମଧ୍ୟ ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନେଇପାରେ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି।

ଦକ୍ଷିଣ ଭାରତର ଅନ୍ୟତମ ପ୍ରମୁଖ ରାଜ୍ୟ କେରଳରେ ମାର୍କ୍ସବାଦୀ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍)



ପିନାରାୟି ବିଜୟନ୍

ନେତୃତ୍ୱାଧୀନ ଏଲ୍‌ଡିଏଫ୍ ସରକାର ଚାଲିଛି। ରାଜ୍ୟର ୨୦ ଲୋକ ସଭା ଆସନ ପାଇଁ ଏପ୍ରିଲ ୨୩ (ତୃତୀୟ ପର୍ଯ୍ୟାୟ)ରେ ଭୋଟଗ୍ରହଣ କରାଯିବ। ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତାକୁ ଦୃଷ୍ଟିରେ ରଖି ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ପୂର୍ବରୁ ସମସ୍ତ ୨୦ ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରି ଅନ୍ୟ ଦଳଗୁଡ଼ିକଠାରୁ ପ୍ରଚାରରେ ଆଗୁଆ ରହିଛି ବାମ ସାମ୍ମୁଖ୍ୟ। ସେମାନଙ୍କ ମଧ୍ୟରୁ ☞ପୃଷ୍ଠା-୪




# 'ମୋଦି କେବଳ ଅମ୍ବାନୀ, ନୀରବଙ୍କ କଥା ଶୁଣୁଛନ୍ତି'

ଥ୍ରିଶୂର,୧୪।୩(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଷୀ, ମତ୍ସ୍ୟଜୀବୀ ଓ ଛୋଟ ବ୍ୟବସାୟୀଙ୍କ ସ୍ୱରକୁ ଅଣଦେଖା କରୁଛନ୍ତି। ତାଙ୍କ ଏନ୍‌ଡିଏ ସରକାର କେବଳ ଶିଳ୍ପପତି ଅନିଲ ଅମ୍ବାନୀ ଓ ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ କଥା ଶୁଣୁଛନ୍ତିବୋଲିଗୁରୁବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି।

ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜିବା ପରେ କେରଳରେ ଦଳର ପ୍ରଚାର ଆରମ୍ଭ କରିଛନ୍ତି କଂଗ୍ରେସ ମୁଖ୍ୟ ରାହୁଲ। ଥ୍ରିଶୂର ନିକଟସ୍ଥ ଥ୍ରିପ୍ରାୟାରରେ ଅଲ୍ ଇଣ୍ଡିଆ ଫିଶରମ୍ୟାନ୍ କଂଗ୍ରେସ ପକ୍ଷରୁ ଆୟୋଜିତ ଜାତୀୟ ମତ୍ସ୍ୟଜୀବୀ ସଂସଦକୁ ସମ୍ବୋଧିତ କରି ରାହୁଲ କହିଛନ୍ତି, ଭାରତରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ



ରାହୁଲ ଗାନ୍ଧୀ

ହେଉଛି ଲୋକଙ୍କ ସ୍ୱରକୁ ଶୁଣିବା। ହେଲେ ବର୍ତ୍ତମାନର ସରକାର କେବଳ ଅମ୍ବାନୀ ଓ ନୀରବଙ୍କ ଗୁହାରି ଶୁଣୁଛନ୍ତି। ସେମାନଙ୍କ ଯାହା ଦରକାର ସେମାନେ ପ୍ରଧାନମନ୍ତ୍ରୀଙ୍କୁ ଜଣାଉଛନ୍ତି। ମୋଦି ତାକୁ ୧୦ ସେକେଣ୍ଡରେ ପୂରଣ କରୁଛନ୍ତି। ମାତ୍ର ସାଧାରଣ ଲୋକଙ୍କ କଥାକୁ ମୋଦି ଅଣଦେଖା କରୁଛନ୍ତି। ଅସାଧୁ ଲୋକେ ପ୍ରଧାନମନ୍ତ୍ରୀଙ୍କ ମାର୍କେଟିଂ କରୁଥିବାରୁ ଏଥର ନିର୍ବାଚନ କଂଗ୍ରେସ ବନାମ ମୋଦି ହେବ। କଂଗ୍ରେସ କେନ୍ଦ୍ରରେ ☞ପୃଷ୍ଠା-୪

### ମୁଖ୍ୟ ରାସ୍ତାରେ ଦୁର୍ବୃତ୍ତଙ୍କ ଆତଙ୍କରାଜ

## ଲୁଟି ନେଲେ ପାନ ମସଲା ବୋଝେଇ ଗାଡ଼ି

ଆସିକା,୧୪।୩ (ଡି.ଏନ୍.ଏ.)

ଗଞ୍ଜାମ ଜିଲ୍ଲା ଆସିକା ଥାନା ଅଞ୍ଚଳରେ ପୁଣି ଅପରାଧୀ ଗୋଷ୍ଠୀ ସକ୍ରିୟ ହୋଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ଆସିକା-ବାଲିପଦର ମୁଖ୍ୟ ରାସ୍ତାର ଚିନିଶିଳ୍ପ ନୂଆଗାଁଠାରେ କେତେଜଣ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ପାନମସଲା ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ ଲୁଟି ନେଇଛନ୍ତି। ଡ୍ରାଇଭର ସଞ୍ଜୟ କୁମାର ମନ୍ତ୍ରୀ ଓ ଭ୍ୟାନରେ ବସିଥିବା ୨ ଜଣଙ୍କୁ ଦୁର୍ବୃତ୍ତ ବାଇକ୍‌ରେ ନେଇ ଅନ୍ୟତ୍ର ଛାଡି ଦେଇଥିଲେ। ଗୁରୁବାର ସକାଳେ ଏ ନେଇ ସଞ୍ଜୟ ଆସିକା ଥାନାରେ ଅଭିଯୋଗ କରିଛନ୍ତି। ନଂ. ୮୧/୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ପ୍ରକାଶ ଯେ, ପିକ୍‌ଅପ ଭ୍ୟାନ (ନଂ.ଓଡି୨୫ଡି-୩୪୩୫)ରେ ବ୍ରହ୍ମପୁର ବଡ ବଜାରରୁ ୯,୪୭,୯୯୪ ଟଙ୍କାର ପାନ ମସଲା ନୟାଗଡକୁ ଯାଉଥିଲା। ରାତି ପ୍ରାୟ ସାଢେ ୧ଟାରେ ନୂଆଗାଁ ମୁଖ୍ୟରାସ୍ତାରେ ୪ଟି ☞ପୃଷ୍ଠା-୪



ଆଝାର ପ୍ରସଙ୍ଗରେ ଚାଇନାର ଆଭିମୁଖ୍ୟ ଯଥାର୍ଥ । ଏହାଦ୍ୱାରା ମାମଲାର ପୁଙ୍ଖାନୁପୁଙ୍ଖ ଓ ଗଭୀର ସମୀକ୍ଷା ପାଇଁ ସମୟ ମିଳିବା ସହ ଆଲୋଚନା ଜରିଆରେ ସ୍ଥାୟୀ ସମାଧାନ ଲାଗି ସମ୍ପୃକ୍ତ ପକ୍ଷଙ୍କୁ ସୁଯୋଗ ଦେବ ।
- ଲୁ କାଙ୍ଗ୍, ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର

## ସଂକ୍ଷେପରେ

### ସୋନିଆଙ୍କ ସହଯୋଗୀ ଟମ୍ ଭଡକ୍କନ୍ ଭାଜପାରେ



**ନୂଆଦିଲ୍ଲୀ,୧୪।୩(ପି.ଟି.)**-କଂଗ୍ରେସ ମୁଖପାତ୍ର ତଥା ଏକଦା ଉପା ଅଧ୍ୟକ୍ଷ ସୋନିଆ ଗାନ୍ଧୀଙ୍କ ଘନିଷ୍ଠ ସହଯୋଗୀ ଥିବା ଟମ୍ ଭଡକ୍କନ୍ ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ବାଲାକୋଟରେ ବାୟୁସେନାର ଆକ୍ରମଣକୁ ନେଇ କଂଗ୍ରେସର ଆଭିମୁଖ୍ୟକୁ ସେ ସମାଲୋଚନା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କ ଉପସ୍ଥିତିରେ ଭଡକ୍କନ ଭାଜପାରେ ଯୋଗଦେବା ପରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ଭେଟିଥିଲେ। ସେନାର ସାଧୁତା ଉପରେ କଂଗ୍ରେସ ପ୍ରଶ୍ନ ଉଠାଉଛି। ପାକିସ୍ତାନ ଆମ ଦେଶରେ ଆକ୍ରମଣ କରୁଥିବାବେଳେ କଂଗ୍ରେସର ଏଭଳି ପ୍ରତିକ୍ରିୟା ଦୁଃଖଦାୟକ ବୋଲି ଭଡକ୍କନ କହିଛନ୍ତି।

### ଭାଜପାରେ ମିଶିଲେ ଟିଏମ୍‌ସି ନେତା ଅର୍ଜୁନ ସିଂ



**ନୂଆଦିଲ୍ଲୀ,୧୪।୩(ପି.ଟି.)**-ତୃଣମୂଳ କଂଗ୍ରେସ ନେତା ତଥା ପଶ୍ଚିମବଙ୍ଗରୁ ୪ ଥର ବିଧାୟକ ଥିବା ଅର୍ଜୁନ ସିଂ ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ଫଳରେ ଆଗାମୀ ନିର୍ବାଚନରେ ପଶ୍ଚିମବଙ୍ଗରେ ଗୈରିକ ଦଳ ପାଇଁ ସମ୍ଭାବନା ବୃଦ୍ଧି ପାଇଛି। ଭାଜପା ସାଧାରଣ ସମ୍ପାଦକ କୈଳାସ ବିଜୟଭର୍ଗୀୟ ଏବଂ ପଶ୍ଚିମବଙ୍ଗ ନେତା ମୁକୁଲ ରୟଙ୍କ ଉପସ୍ଥିତିରେ ଦଳରେ ସାମିଲ ହେବା ଅବସରରେ ଅର୍ଜୁନ ତୃଣମୂଳ କଂଗ୍ରେସ ନେତ୍ରୀ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସମାଲୋଚନା କରିଛନ୍ତି। ପୁଲୱାମା ଆତଙ୍କବାଦୀ ଆକ୍ରମଣ ଉପରେ ମମତାଙ୍କ ମନ୍ତବ୍ୟ ତାଙ୍କୁ ମର୍ମାହତ କରିଥିବା ଅର୍ଜୁନ କହିଛନ୍ତି।

### ବାରାମତିରୁ ଲଢ଼ିବେ ସୁପ୍ରିୟା ସୁଲେ



**ନୂଆଦିଲ୍ଲୀ,୧୪।୩(ପି.ଟି.)**-ଲୋକ ସଭା ନିର୍ବାଚନ ପାଇଁ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ପକ୍ଷରୁ ଗୁରୁବାର ୧୨ ଜଣିଆ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଲେଙ୍କୁ ଦଳର ଗଡ଼ କୁହାଯାଉଥିବା ବାରାମତି ଆସନରୁ ପୁଣି ଟିକେଟ ଦିଆଯାଇଛି। ସେହିପରି ମହମ୍ମଦ ପି.ପି. ଫୈଜଲଙ୍କୁ ଲକ୍ଷାଦ୍ୱୀପରୁ ଲଢ଼ିବା ପାଇଁ ସୁଯୋଗ ମିଳିଛି। ପ୍ରକାଶ ଯେ, ପାୱାର ଏଥର ନିର୍ବାଚନ ଲଢ଼ିବାକୁ ମନାକରିଦେଇଛନ୍ତି।

## କର୍ତ୍ତାରପୁର କରିଡରକୁ ନେଇ ଅଟ୍ଟାରି ସୀମାରେ ଭାରତ-ପାକିସ୍ତାନ ପ୍ରତିନିଧି

# ଏପଟେ ଉତ୍ତେଜନା, ସେପଟେ ଆଲୋଚନା

**ଅଟ୍ଟାରୀ,୧୪।୩(ପି.ଟି.)**

କର୍ତ୍ତାରପୁରସ୍ଥିତ ଗୁରୁଦ୍ୱାର ସାହିବ କରିଡରକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଗୁରୁବାର ଅଟ୍ଟାରୀ ସୀମାରେ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ପୁଲ୍‌ୱାମା ଆକ୍ରମଣର ଠିକ୍ ମାସକ ପରେ ଦୁଇ ଦେଶର ଅଧିକାରୀଙ୍କ ମଧ୍ୟରେ ଏହା ପ୍ରଥମ ବୈଠକ। ଏହି ଧର୍ମପୀଠକୁ ପ୍ରତିଦିନ ପାକିସ୍ତାନ ୫୦୦୦ ତୀର୍ଥଯାତ୍ରୀଙ୍କୁ ଭିଜାମୁକ୍ତ ପ୍ରବେଶ ଅନୁମତି ଦେବାକୁ ଭାରତ କହିଛି। ପଞ୍ଜାବର ଗୁରଦାସପୁର ଜିଲା ଏବଂ ସୀମା ସେପଟ କର୍ତ୍ତାରପୁର ସାହିବ ମଧ୍ୟରେ ତୀର୍ଥଯାତ୍ରୀଙ୍କ ପାଇଁ ଯୋଜନାବଦ୍ଧ କରିଡର ଖୋଲିବା ନେଇ ବୈଠକରେ ଉଭୟ ଦେଶର ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଦିନକୁ ଅନ୍ୟୂନ ୫୦୦୦ ତୀର୍ଥଯାତ୍ରୀଙ୍କୁ ଅନୁମତି ଦେବା ଲାଗି ନୂଆଦିଲ୍ଲୀ ପକ୍ଷରୁ ଦାବି କରାଯାଇଥିବା ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ



ଅଟ୍ଟାରିରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଯୁଗ୍ମ ସଚିବ ଏସ୍‌ସିଏଲ୍ ଦାସ (ମଝି)।

- ପୁଲ୍‌ୱାମା ଆକ୍ରମଣ ପରେ ପ୍ରଥମ ଦ୍ୱିପାକ୍ଷିକ ବୈଠକ
- ଭିଜାମୁକ୍ତ ଯାତ୍ରା ଅନୁମତି ପାଇଁ ଦାବିକଲା ଭାରତ
- କରିଡର ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ଉଭୟ ପକ୍ଷର ସହମତି



ଏସ୍.ସି.ଏଲ୍. ଦାସ ଖବରଦାତାମାନଙ୍କୁ କହିଛନ୍ତି। ଶିଖ୍‌ଧର୍ମର ପ୍ରତିଷ୍ଠାତା ଗୁରୁ ନାନକ ଦେବ ତାଙ୍କ ଜୀବନର ଶେଷବର୍ଷ କର୍ତ୍ତାରପୁରରେ କଟାଇଥିଲେ। ତେଣୁ ସେଠାକୁ ଉଭୟ ଭାରତୀୟ ଏବଂ ଭାରତୀୟ ବଂଶୋଦ୍ଭବଙ୍କୁ ପ୍ରବେଶ ଅନୁମତି ମିଳିବା ଆବଶ୍ୟକ ବୋଲି ନୂଆଦିଲ୍ଲୀ ଜଣାଇଛି। ସେହିପରି ସପ୍ତାହ ସାରା ତୀର୍ଥଯାତ୍ରୀଙ୍କୁ ଦର୍ଶନ ଅନୁମତି ଦିଆଯିବା ଲାଗି ଭାରତ ପକ୍ଷରୁ ଜୋରଦାର ଦାବି କରାଯାଇଛି। କରିଡର ସମ୍ପୂର୍ଣ୍ଣ ଭିଜାମୁକ୍ତ ହେବା ଉଚିତ। କାଗଜପତ୍ର ଏବଂ ପ୍ରକ୍ରିୟାକୁ ନେଇ କୌଣସି ପ୍ରକାର ଅତିରିକ୍ତ ପ୍ରତିବନ୍ଧକ ରହିବା ଉଚିତ ନୁହେଁ ବୋଲି ଭାରତ କହିଛି। ଶ୍ରୀ ଦାସ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିବାବେଳେ ପାକିସ୍ତାନ ଟିମ୍ ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟର ମହାନିର୍ଦ୍ଦେଶକ (ଏସ୍‌ଏ ଏବଂ ସାର୍କ) ମହମ୍ମଦ ଫୈଜଲଙ୍କ ନେତୃତ୍ୱରେ ଆସିଥିଲେ। ଉଭୟ ପକ୍ଷ ମଧ୍ୟରେ ପ୍ରସ୍ତାବିତ ରାଜିନାମାର ବିଭିନ୍ନ ଦିଗ ଓ ବ୍ୟବସ୍ଥା ସମ୍ପର୍କରେ ଗଠନମୂଳକ ଆଲୋଚନା ହୋଇଥିଲା। କର୍ତ୍ତାରପୁର ସାହିବ କରିଡର ତୁରନ୍ତ କାର୍ଯ୍ୟକ୍ଷମ ଲାଗି ଏକାଠି କାମ କରିବାକୁ ଉଭୟ ରାଜି ହୋଇଥିଲେ।



ଲୋକ ସଭା ନିର୍ବାଚନ ପୂର୍ବରୁ ରାଜନେତାଙ୍କ ଫଟୋ ଥିବା ଟି-ଶାର୍ଟ ବିକୁଛନ୍ତି କୋଲକାତାର ଜଣେ ବିକ୍ରେତା।

## ରାଫାଲ ଦସ୍ତାବିଜକୁ ବାଦ୍ ଦେବା ଲାଗି କେନ୍ଦ୍ରର ଆବେଦନ

# ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ

**ନୂଆଦିଲ୍ଲୀ,୧୪।୩(ପି.ଟି.)**



ରାଫାଲ ଯୁଦ୍ଧବିମାନ କିଣା ମାମଲାରେ ସୁପ୍ରିମକୋର୍ଟଙ୍କ ପୂର୍ବ ରାୟର ସମୀକ୍ଷା ପାଇଁ ହୋଇଥିବା ରିଭ୍ୟୁ ପିଟିଶନରେ ଆବେଦନକାରୀ ଗୋପନୀୟ ଦସ୍ତାବିଜ ସଂଯୋଗ କରିଥିବାରୁ ଏହାକୁ ବାଦ୍ ଦେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆବେଦନ ହୋଇଥିଲା। ଗୋପନୀୟତାର ଉଲ୍ଲଂଘନ ହୋଇଛି କି ନାହିଁ ଏହା ଅଦାଲତ ପ୍ରଥମେ ଅନୁଧ୍ୟାନ କରିବେ। ପରେ ରାଫାଲ ରାଜିନାମା ତଥ୍ୟକୁ ଯିବେ ବୋଲି କୋର୍ଟ କହିବା ସହ ରାୟ ସଂରକ୍ଷିତ ରଖିଛନ୍ତି। ସୂଚନା ଅଧିକାର ଆଇନ କାର୍ଯ୍ୟକାରୀ ହେବା ପରେ ଦସ୍ତାବିଜର ଗୋପନୀୟତା ଧାରଣା ବଦଳିଗଲାଣି ବୋଲି ସର୍ବୋଚ୍ଚ ଅଦାଲତ ସୂଚାଇଥିଲେ।

ଆବେଦନକାରୀ ସରକାରଙ୍କ ବିନା ଅନୁମତିରେ ରାଫାଲ ଯୁଦ୍ଧବିମାନ ଚୁକ୍ତିନାମାର ଗୋପନୀୟ ଦସ୍ତାବିଜକୁ ବେଆଇନ ଭାବେ ହାସଲ କରିବା ସହ ଏହାକୁ ସର୍ବସାଧାରଣରେ ପ୍ରକାଶ କରିଛନ୍ତି। ତେଣୁ ସେମାନଙ୍କ ପିଟିଶନକୁ ଖାରଜ କରାଯାଉ ବୋଲି ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଖଣ୍ଡପୀଠକୁ କହିଥିଲେ। ବେଣୁଗୋପାଳ ତାଙ୍କ ଯୁକ୍ତି ଉପସ୍ଥାପନ କରିସାରିବା ପରେ ଜଷ୍ଟିସ୍ କେ.ଏମ୍. ଜୋସେଫ୍ କହିଥିଲେ, ସରକାରୀ ଗୋପନୀୟତା ଆଇନ ଉପରେ ସୂଚନା ଅଧିକାର ଆଇନ ପ୍ରସ୍ତାବ ବିସ୍ତାର କରିଛି।

ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠରେ ବେଣୁଗୋପାଳ କହିଥିଲେ, ପ୍ରତିରକ୍ଷା ମନ୍ତ୍ରଣାଳୟର ଦସ୍ତାବିଜ ଅଦାଲତରେ ଦାଖଲ କରିବା ଅଧିକାର ସରକାରୀ ଗୋପନୀୟତା ଆଇନ ଦେଇନାହିଁ। ଉକ୍ତ ଦସ୍ତାବିଜ ଉପରେ କେବଳ ସରକାରଙ୍କର ବିଶେଷାଧିକାର ରହିଛି। ଆବେଦନକାରୀ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଗୋପନୀୟ ଦସ୍ତାବିଜର ଫଟୋ କପି କୋର୍ଟରେ ଉପସ୍ଥାପନ କରିଛନ୍ତି।


# ଆଝାରଙ୍କୁ ମାଗିଲେ ସୁଷମା ସ୍ୱରାଜ

**ନୂଆଦିଲ୍ଲୀ,୧୪।୩**

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଶାନ୍ତି ଚାହୁଁଥିଲେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ମାସୁଦ ଆଝାରଙ୍କୁ ଭାରତକୁ ହସ୍ତାନ୍ତର କରନ୍ତୁ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଆହ୍ୱାନ ଦେଇଛନ୍ତି। ଏଠାରେ ଏକ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ସୁଷମା କହିଥିଲେ, ଯଦି ଇମ୍ରାନ ଜଣେ ବଡ଼ ରାଷ୍ଟ୍ରନେତା ଏବଂ ଭାରତ ସହ ସୁସମ୍ପର୍କ ଚାହୁଁଆନ୍ତି ତେବେ ଆଝାରଙ୍କୁ ହସ୍ତାନ୍ତର କରି ସେ ନିଜ ମହାନତାର ପ୍ରମାଣ ଦିଅନ୍ତୁ।

ପୁଲ୍‌ୱାମା ଆକ୍ରମଣ ପରେ ଭାରତୀୟ ବାୟୁସେନା ବାଲାକୋଟରେ କେବଳ ଜେଇଏମ୍ ଶିବିରକୁ ଟାର୍ଗେଟ କରି ଆକ୍ରମଣ କରିଥିଲା। ପରଦିନ ଜେଇଏମ୍ ତରଫରୁ ପାକିସ୍ତାନ ବାୟୁସେନା ଭାରତୀୟ ସାମରିକ ଘାଟିକୁ ଆକ୍ରମଣ କରିଥିଲା କ'ଣ ପାଇଁ ବୋଲି ସୁଷମା ପ୍ରଶ୍ନ କରିଛନ୍ତି। ପଡୋଶୀ

**ଜେଇଏମ୍ ମୁଖ୍ୟଙ୍କୁ ହସ୍ତାନ୍ତର କରି ରାଷ୍ଟ୍ରନୀତିଜ୍ଞର ପ୍ରମାଣ ଦିଅନ୍ତୁ ଇମ୍ରାନ**




ଦେଶ କେବଳ ଆତଙ୍କବାଦୀଙ୍କୁ ନିଜ ମାଟିରେ ଆଶ୍ରୟ ଦେଇନାହିଁ, ସେମାନଙ୍କୁ ପାଣି ଯୋଗାଉଛି ଏବଂ ଭାରତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ସେମାନଙ୍କ ତରଫରୁ ପାକିସ୍ତାନ ସେନା ପ୍ରତିଜବାବ ଦେଉଛି ବୋଲି ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି। ଯେପର୍ଯ୍ୟନ୍ତ ଇସ୍‌ଲାମାବାଦ ଆତଙ୍କବାଦୀ ସଂଗଠନଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିଛି, ସେ ପର୍ଯ୍ୟନ୍ତ ଆଲୋଚନା ସମ୍ଭବ ନୁହେଁ ବୋଲି ସୁଷମା ସ୍ପଷ୍ଟ କରିଦେଇଛନ୍ତି। ଆତଙ୍କବାଦ ଓ ଆଲୋଚନା ଏକାଠି ସମ୍ଭବ ନୁହେଁ ବୋଲି ସେ ଜଣାଇଦେଇଛନ୍ତି।

ଜେଇଏମ୍ ମୁଖ୍ୟ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ତାଲିକାଭୁକ୍ତ କରିବା ଲାଗି ଭାରତର ଉଦ୍ୟମକୁ ପାକିସ୍ତାନର ବନ୍ଧୁ ଚାଇନା ଚତୁର୍ଥ ଥର ପାଇଁ ଅଟକାଇଛି। ଏହା ଦୁଃଖଦାୟକ ବୋଲି ଭାରତ କହିଛି। ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ତାଲିକାଭୁକ୍ତ କରିବା ଲାଗି ଭାରତର ଉଦ୍ୟମକୁ ୧୦ଟି ରାଷ୍ଟ୍ର ସମର୍ଥନ କରିଥିଲେ। ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ଆତ୍ମଘାତୀ ଆକ୍ରମଣ ପାଇଁ ଜେଇଏମ୍ ନିଜକୁ ଦାୟୀ କରିବା ପରେ ଆଝାରଙ୍କୁ କଳା ତାଲିକାଭୁକ୍ତ କରିବା ପାଇଁ ଫ୍ରାନ୍ସ, ବ୍ରିଟେନ ଓ ଆମେରିକା ୟୁଏନ୍‌ଏସ୍‌ସିରେ ଆବେଦନ କରିଥିଲେ।

## ଏନ୍‌ସି ନେତାଙ୍କୁ ଆତଙ୍କବାଦୀଙ୍କ ଗୁଳି

**ଶ୍ରୀନଗର,୧୪।୩(ପି.ଟି.)**

ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲା ଥାଜିୱାରାରେ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ମହମ୍ମଦ ଇସ୍‌ମାଇଲ୍ ୱାନିଙ୍କୁ ଗୁରୁବାର ଆତଙ୍କବାଦୀମାନେ ଗୁଳିମାଡ଼ କରିଛନ୍ତି। ଆକ୍ରମଣରେ ଗୁରୁତର ଇସ୍‌ମାଇଲ୍‌ଙ୍କୁ ଶ୍ରୀନଗରସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନ୍‌ସି ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲା ତାଙ୍କ ଆରୋଗ୍ୟ କାମନା କରିଛନ୍ତି। ଆକ୍ରମଣ ପରେ ଅନନ୍ତନାଗ ରାସ୍ତା ଜନଶୂନ୍ୟ ହୋଇଯାଇଛି।



## ୫୦% ଭୋଟ ଯାଞ୍ଚ ଲାଗି ଆବେଦନ

# ସୁପ୍ରିମକୋର୍ଟ ଗଲେ ୨୧ ଦଳ

**ନୂଆଦିଲ୍ଲୀ,୧୪।୩**–ଲୋକ ସଭା ନିର୍ବାଚନ ଫଳାଫଳ ଘୋଷଣା ପୂର୍ବରୁ ୫୦ ପ୍ରତିଶତ ଭୋଟର ପେପର ଟ୍ରେଲ୍ ଯାଞ୍ଚ ଲାଗି ୨୧ ବିରୋଧୀ ଦଳ ଗୁରୁବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଶୁକ୍ରବାର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଉକ୍ତ ଆବେଦନର ଶୁଣାଣି କରିବେ। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ଟିଡିପି ଅଧ୍ୟକ୍ଷ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ସମେତ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲା, ଏଲ୍‌ଜେଡିର ଶରଦ ଯାଦବ, ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ପ୍ରମୁଖ ଆବେଦନ କରିଛନ୍ତି।

## ଫୁର୍‌ସତ

# ବଢ଼ିବ ଉତ୍ତରମେରୁ ତାପମାତ୍ରା

**ନାଇରୋବି:** ୨୦୧୫ ପ୍ୟାରିସ ଜଳବାୟୁ ପରିବର୍ତ୍ତନ ରାଜିନାମା ସତ୍ତ୍ୱେ ୨୦୫୦ ସୁଦ୍ଧା ଉତ୍ତରମେରୁ ଅଞ୍ଚଳର ତାପାମାତ୍ରା ୩ରୁ ୫ ଡିଗ୍ରୀକୁ ଏବଂ ୨୦୮୦ ସୁଦ୍ଧା ଏହା ୫ରୁ ୯ଡିଗ୍ରୀକୁ ବୃଦ୍ଧିପାଇବ। ଏହାଦ୍ୱାରା ବିଶ୍ୱବ୍ୟାପୀ ସମୁଦ୍ରର ଜଳପତ୍ତନ ବୃଦ୍ଧିପାଇବା ସହିତ ଉପକୂଳ ଅଞ୍ଚଳ ଜଳମଗ୍ନ ହୋଇ ଧ୍ୱଂସାତ୍ମକ ପରିସ୍ଥିତି ସୃଷ୍ଟିହେବ ବୋଲି ଜାତିସଂଘ ପରିବେଶ ବିଭାଗ ପକ୍ଷରୁ ଗୁରୁବାର ସତର୍କ କରିଦିଆଯାଇଛି। ମେରୁ ଅଞ୍ଚଳରେ ଦ୍ରୁତବେଗରେ ବରଫ ତରଳିବା ଦ୍ୱାରା ୨୦୧୫ ପ୍ୟାରିସ ରାଜିନାମା ପ୍ରୟାସ ବାଧାପ୍ରାପ୍ତ ହେବ। ଏହାଦ୍ୱାରା ବିଶ୍ୱ ତାପନ ସୀମା ୨ଡିଗ୍ରୀ ସେଲ୍‌ସିୟସ୍



ମଧ୍ୟରେ ରଖାଯିବାକୁ ଯେଉଁ ପ୍ରୟାସ କରାଯାଉଥିଲା ତାହା ଫଳପ୍ରଦ ହେବନାହିଁ ବୋଲି 'ଗ୍ଲୋବାଲ୍ ଲିଙ୍କେଜେସ୍-ଏ ଗ୍ରାଫିକ୍ ଲୁକ୍ ଆଟ୍ ଦି ଚେଞ୍ଜିଙ୍ଗ୍ ଆର୍କଟିକ୍' ଶୀର୍ଷକ ରିପୋର୍ଟରେ ଚେତାବନୀ ଦିଆଯାଇଛି।

ତାପମାତ୍ରା ବୃଦ୍ଧି ପାଇବା ଫଳରେ ୨୦୫୦ ସୁଦ୍ଧା ୪୦ଲକ୍ଷ ଲୋକ ବାସହରା ହେବେ ଏବଂ ଏବଂ ଉତ୍ତରମେରୁ ଅଞ୍ଚଳର ୭୦% ଭିତ୍ତିଭୂମି ନଷ୍ଟ ହୋଇଯିବ।

# ନୋବେଲ ଶାନ୍ତି ପାଇବେ ସ୍ୱିଡେନ୍ ସମାଜସେବୀ

**କୋପେନ୍‌ହାଗେନ୍:** ଚଳିତବର୍ଷ ନୋବେଲ ଶାନ୍ତି ପାଇଁ ସ୍ୱିଡେନ୍‌ର ୧୬ବର୍ଷ ବୟସ୍କା ସମାଜସେବୀ ଗ୍ରେଟା ଥୁନ୍‌ବର୍ଗ ମନୋନୀତ ହୋଇଛନ୍ତି। ଜଳବାୟୁ ପରିବର୍ତ୍ତନ ବିରୋଧରେ ତାଙ୍କର ଶାଣିତ ସ୍ୱର ପାଇଁ ସେ ନୋବେଲ ଶାନ୍ତି ପାଇବା ସମ୍ଭାବନା ଅଛି। ନରୱେର ଡେପୁଟି ଆଣ୍ଡ୍ରେ ଓଭଷ୍ଟିଗାର୍ଡଙ୍କ କହିବାନୁଯାୟୀ, ସେ ଏବଂ ସୋସିଆଲିଷ୍ଟ ଲେଫ୍ଟ ପାର୍ଟିର ଅନ୍ୟ ଦୁଇ ପାର୍ଲାମେଣ୍ଟାରିଆନ୍ ଥୁନ୍‌ବର୍ଗଙ୍କୁ ମନୋନୀତ କରିଛନ୍ତି। କାରଣ ବିଶ୍ୱରେ ଯୁଦ୍ଧ ଓ ବିବାଦ ପାଇଁ ଜଳବାୟୁ ପରିବର୍ତ୍ତନ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଏବଂ ଏଥିପାଇଁ ସେ ଯେଉଁ ଗଣ ଆନ୍ଦୋଳନ ଆରମ୍ଭ କରିଛନ୍ତି ଏହା ଶାନ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖେ। ଗତବର୍ଷ ଥୁନ୍‌ବର୍ଗ ପ୍ରତି ଶୁକ୍ରବାର ସ୍କୁଲ ଯିବା ବନ୍ଦ କରି ସ୍ୱିଡେନ୍ ସଂସଦ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। ଜଳବାୟୁ ପରିବର୍ତ୍ତନ ବିରୋଧରେ ଫଳପ୍ରଦ ପ୍ରତିକାର ପାଇଁ ସେ ଦାବି କରିଥିଲେ। ପୋଲାଣ୍ଡ ଓ ଡାଭୋସ



ଫୋରମ୍‌ରେ ହୋଇଥିବା ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ଓଜସ୍ୱିନୀ ଭାଷଣ ଦେବା ପରେ ତମାମ୍ ବିଶ୍ୱର ତରୁଣପିଢ଼ିଙ୍କ ପାଇଁ ସେ ପାଲଟିଯାଇଥିଲେ ଉଦାହରଣ। ସେହିଦିନଠାରୁ ସେ ତାଙ୍କର ଉଦ୍ୟମ ଜାରି ରଖିଛନ୍ତି।


ପାକିସ୍ତାନୀ ସାମାଜିକ କର୍ମୀ ମଲାଲା ୟୁସଫ୍‌ଜାଇ ୨୦୧୪ରେ ମାତ୍ର ୧୭ବର୍ଷ ବୟସରେ ସର୍ବକନିଷ୍ଠ ନୋବେଲ ଶାନ୍ତି ବିଜୟିନୀ ହେବାର ଗୌରବ ଅର୍ଜନ କରିଥିଲେ। ଚଳିତବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇଁ ୩୦୪ ପ୍ରାର୍ଥୀ ରହିଛନ୍ତି। ତନ୍ମଧ୍ୟରେ ୨୧୯ ବ୍ୟକ୍ତିବିଶେଷ ରହିଥିବା ବେଳେ ୮୫ଟି ସଂଗଠନ ରହିଥିବା ନରୱେ ନୋବେଲ କମିଟି ପକ୍ଷରୁ କୁହାଯାଇଛି। ପ୍ରତିବର୍ଷ ନୋବେଲ୍ ପୁରସ୍କାର ପ୍ରତିଷ୍ଠାତା ଆଲ୍‌ଫ୍ରେଡ ନୋବେଲଙ୍କ ମୃତ୍ୟୁବାର୍ଷିକୀ ଡିସେମ୍ବର ୧୦ରେ ନୋବେଲ ପୁରସ୍କାର ପ୍ରଦାନ କରାଯାଏ। ୨୦୧୮ ନୋବେଲ ଶାନ୍ତି ପୁରସ୍କାର କଙ୍ଗୋ ସମାଜସେବୀ ଡେନିସ୍ ମୁକ୍‌ୱେଜ୍ ଏବଂ ଇରାକ୍‌ର ନାଦିଆ ମୁରାଦଙ୍କୁ ପ୍ରଦାନ କରାଯାଇଥିଲା। ଯୌନହିଂସାକୁ ଯୁଦ୍ଧ ଓ ସଶସ୍ତ୍ର ବିପ୍ଳବର ଅସ୍ତ୍ର ଭାବେ ବ୍ୟବହାର କରାଯାଉଥିବାରୁ ଏହାର ବିଲୋପ ପାଇଁ ସେମାନେ ସଂଗ୍ରାମ ଜାରି ରଖିଥିଲେ ବୋଲି ନୋବେଲ କମିଟି ପକ୍ଷରୁ କୁହାଯାଇଛି।

## ଇତିହାସର ଆଇନାରେ

### ମାର୍ଚ୍ଚ ୧୫ର ପ୍ରମୁଖ ଘଟଣା

୧୯୯୦ ମାର୍ଚ୍ଚ ୧୫ରେ ସୋଭିଏଟ୍ ସଂଘର ପ୍ରଥମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ ମିଖାଇଲ୍ ଗୋର୍ବାଚୋଭ୍। ୧୯୩୧ ମାର୍ଚ୍ଚ ୨ରେ ଜନ୍ମଗ୍ରହଣ କରିଥିବା ଗୋର୍ବାଚୋଭ୍ ସୋଭିଏଟ୍ ସଂଘର ଅଷ୍ଟମ ତଥା ଶେଷନେତା ଭାବରେ ବିବେଚିତ। ସେ ୧୯୮୫ରୁ ୧୯୯୧ ମଧ୍ୟରେ ଗଭର୍ନିଂ କମ୍ୟୁନିଷ୍ଟ ପାର୍ଟିର ଜେନେରାଲ ସେକ୍ରେଟାରି ଏବଂ ୧୯୯୦ରୁ ୧୯୯୧ରେ ସୋଭିଏଟ୍ ସଂଘର ରାଷ୍ଟ୍ରପତି ଥିଲେ।

୨୦୧୧ ମାର୍ଚ୍ଚ ୧୫ରେ ସିରିଆରେ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା। ସିରିଆ ରାଷ୍ଟ୍ରପତି ବାଶର ଅଲ୍-ଆସଦଙ୍କ ବହିଷ୍କାର ଦାବିରେ ଦେଶର ଜନସାଧାରଣଙ୍କ ଦ୍ୱାରା ଏକ ସଶସ୍ତ୍ର ବିପ୍ଳବ ଆରମ୍ଭ ହୋଇଥିଲା। ସିରିଆ ସରକାରଙ୍କୁ କେତେକ ବିଦେଶୀ ମିତ୍ରରାଷ୍ଟ୍ର ସମର୍ଥନ କରିଥିବା ବେଳେ ଆଉ କେତେକ ବିଦେଶୀ ରାଷ୍ଟ୍ର ଉଭୟ ସିରିଆ ସରକାର ଏବଂ ଦେଶର ଜନସାଧାରଣଙ୍କୁ ସଶସ୍ତ୍ର ସଂଗ୍ରାମରୁ ବିରତ ରହିବା ପାଇଁ ପରାମର୍ଶ ଦେଇଥିଲେ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୦ | ୨୩.୭ |
| ଚାନ୍ଦବାଲି | ୩୪.୨ | ୨୫.୮ |
| କଟକ | ୩୫.୦ | ୨୩.୮ |
| ପାରାଦ୍ୱୀପ | ୩୧.୧ | ୨୫.୫ |
| ଭୁବନେଶ୍ୱର | ୩୬.୭ | ୨୫.୨ |
| ଗୋପାଳପୁର | ୩୪.୩ | ୨୩.୮ |
| ପୁରୀ | ୩୧.୦ | ୨୫.୬ |
| ଅନୁଗୋଳ | ୩୭.୧ | ୨୦.୦ |
| ବାରିପଦା | ୩୪.୬ | ୨୫.୨ |
| ଝାରସୁଗୁଡ଼ା | ୩୬.୬ | ୨୩.୦ |
| କେନ୍ଦୁଝର | ୩୩.୦ | ୨୧.୩ |
| ସମ୍ବଲପୁର | ୩୭.୨ | ୨୩.୪ |
| ସୁନ୍ଦରଗଡ଼ | ୩୪.୦ | ୧୬.୫ |
| ହୀରାକୁଦ | ୩୫.୭ | ୨୪.୩ |
| ତାଳଚେର | ୩୯.୪ | ୨୧.୫ |
| ଭବାନୀପାଟଣା | ୩୮.୦ | ୨୩.୫ |
| ବଲାଙ୍ଗୀର | ୩୮.୦ | ୨୨.୦ |
| କୋରାପୁଟ | ୩୫.୬ | ୧୭.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୨୧.୫ |
| ମାଲକାନଗିରି | ୩୮.୫ | ୧୮.୫ |
| ସୋନପୁର | ୩୮.୦ | ୧୮.୨ |
| ଦାରିଙ୍ଗିବାଡ଼ି | ୩୩.୦ | ୧୮.୫ |

ଡିଗ୍ରୀ ସେଲ୍‌ସିୟସ୍

# ମହିଳା ବିଶ୍ୱ ସମିଟ୍‌ରେ ଯୋଗଦେବେ ପ୍ରିୟଙ୍କା

**ଲସ୍ ଏଞ୍ଜେଲସ୍:** 'ୱମେନ୍ ଇନ୍ ଦି ୱାର୍ଲଡ ସମିଟ୍-୨୦୧୯'ରେ ବିଶିଷ୍ଟ ମହିଳା ବକ୍ତା ତାଲିକାରେ ସ୍ଥାନ ପାଇଛନ୍ତି ଭାରତୀୟ ଫିଲ୍ମ ତାରକା ପ୍ରିୟଙ୍କା ଚୋପ୍ରା। ୩୬ବର୍ଷ ବୟସ୍କା ଅଭିନେତ୍ରୀ ଜଣେ ସମାଜସେବୀ ଓ ଉଦ୍ୟୋଗୀ ଭାବେ ତାଙ୍କ କ୍ୟାରିୟର ବିଷୟରେ ବର୍ଣ୍ଣନା କରିବେ। 'ୱମେନ୍ ଇନ୍ ଦି ୱାର୍ଲଡ'ର ପ୍ରତିଷ୍ଠାତା ଟିନା ବ୍ରାଉନ୍‌ଙ୍କ ଦ୍ୱାରା ଏପରି ଏକ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବାବେଳେ ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧି ହାସଲ କରିଥିବା ମହିଳାମାନେ ନିଜସ୍ୱ ଅନୁଭୂତି ବିଷୟ ବର୍ଣ୍ଣନା କରିବେ।

ଲିଙ୍କନ ସେଣ୍ଟରଠାରେ ଉକ୍ତ ଅନୁଷ୍ଠାନର ଦଶମ ବାର୍ଷିକ ଉତ୍ସବ ପାଳିତ ହେବାକୁ ଯାଉଛି। ଏପ୍ରିଲ ୧୦ରୁ ୧୨ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଏହି ଉତ୍ସବରେ ଉଡାଖବରକୁ ବିରୋଧ କରିବା, '# ମିଟୁ' ଆନ୍ଦୋଳନକୁ ଆଗେଇ ନେବା ଏବଂ ସାମ୍ବାଦିକତାର ସୁରକ୍ଷା କରିବା ଭଳି ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯିବ। ୨୦୦୯ରେ ଆରମ୍ଭ ହୋଇଥିବା 'ୱମେନ୍ ଇନ୍ ଦି ୱାର୍ଲଡ ସମିଟ୍' ଅଭିଯାନରେ ସାମିଲ ଅଛନ୍ତି ଆମେରିକୀୟ କୂଟନୀତିଜ୍ଞ ତଥା ଲେଖିକା ହିଲାରି କ୍ଲିଣ୍ଟନ୍, ନାଇଜେରୀୟ ଔପନ୍ୟାସିକା ଚିମାମନ୍ଦା ଗୋଜି ଆଡିଚି ଏବଂ ପୂର୍ବତନ ପ୍ଲାନ୍‌ଡ ପ୍ୟାରେଣ୍ଟହୁଡ୍ ପ୍ରେସିଡେଣ୍ଟ ସିସାଇଲ୍ ରିଚାର୍ଡସ।





ଟିକେଟ ପାଇବା ପାଇଁ ନବୀନ ନିବାସଠାରେ ଅପେକ୍ଷାକରିଥିବା ଆଶାୟୀ ମହିଳା ପ୍ରାର୍ଥୀ।



ଆଶାୟୀ ଏମ୍‌ପି ଓ ବିଧାୟକମାନେ।



କନ୍ଧମାଳ ଜିଲା ଟିକାବାଲିରୁ ଆସି ଟିକେଟ ଅପେକ୍ଷାରେ ଥିବା ନେତ୍ରୀ ଓ ନେତା।

## ସଂକ୍ଷେପରେ

### ଆଜି ରାହୁଲଙ୍କ ବରଗଡ଼ ଗସ୍ତ



**ବରଗଡ଼ ଅଫିସ୍,୧୪।୩:** ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ବରଗଡ଼ ଜିଲା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ସେ ଅପରାହ୍ନ ପ୍ରାୟ ୧ଟାରେ ବରଗଡ଼ ସହର ଉପକଣ୍ଠ ନୂଆ ସରସରା ପଡ଼ିଆରେ ନିର୍ମିତ ଅସ୍ଥାୟୀ ମଞ୍ଚକୁ ପହଞ୍ଚି ଜନସାଧାରଣଙ୍କୁ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ରାହୁଲଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦଳୀୟ ନେତୃବୃନ୍ଦ ସଫଳ କରିବାରେ ଲାଗି ପଡ଼ିଥିବାବେଳେ ପୋଲିସ ପ୍ରଶାସନ ମଧ୍ୟ ରାହୁଲଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି। ସୂଚନା ଅନୁଯାୟୀ, ରାହୁଲ ନୂଆଦିଲ୍ଲୀରୁ ବାହାରି ମଧାହ୍ନ ପ୍ରାୟ ୧୨ଟାରେ ରାୟପୁରରେ ଏକ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟକ୍ରମରେ ଯୋଗଦେବେ। ପରେ ସେ ହେଲିକପ୍ଟର ଯୋଗେ ଆସି ଅପରାହ୍ନ ପ୍ରାୟ ୧ଟା ସୁଦ୍ଧା ବରଗଡ଼ ସହର ଉପକଣ୍ଠ ନୂଆ ସରସରା ପଡ଼ିଆର ଅସ୍ଥାୟୀ ହେଲିପ୍ୟାଡ୍‌ରେ ପହଞ୍ଚିବେ। ସେଠାରେ ନିର୍ମିତ ମଞ୍ଚରେ ସେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବା ପରେ ଅପରାହ୍ନ ପ୍ରାୟ ୨ଟା ୧୫ମିନିଟ୍‌ରେ ରାୟପୁର ଅଭିମୁଖେ ଯିବା କାର୍ଯ୍ୟକ୍ରମ ରହିଛି। ରାହୁଲଙ୍କ ଗସ୍ତ ପୂର୍ବରୁ ଗୁରୁବାର ସୁଦ୍ଧା ଏଆଇସିସି ସମ୍ପାଦକ ଶେକ୍ ମସ୍ତାନ ଅଲ୍ଲୀ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ଏମ୍‌ପି ଶରତ ପଟ୍ଟନାୟକ ପ୍ରମୁଖ ବରଗଡ଼ ପହଞ୍ଚି ସାରିଥିବାବେଳେ ସ୍ଥାନୀୟ କଂଗ୍ରେସ କର୍ମୀମାନେ ସହରରେ ଏକ ବାଇକ୍ ରାଲି କରିଥିଲେ।




# କିନ୍ନରଙ୍କ ପାଇଁ ଉଦାହରଣ ସାଜିବେ କାଜଲ

## ଓଡ଼ିଶାରେ ପ୍ରଥମଥର ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇବେ

**ଭୁବନେଶ୍ୱର,୧୪।୩(ବ୍ୟୁରୋ)**

ଓଡ଼ିଶାରେ ପ୍ରଥମଥର ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇବେ ଜଣେ କିନ୍ନର। ଯାଜପୁର ଜିଲାର କାଜଲ କିନ୍ନର ୨୦୧୯ ସାଧାରଣ ନିର୍ବାଚନରେ ପ୍ରାର୍ଥୀ ହେବେ। ପୂର୍ବରୁ ସାମାଜିକ କର୍ମୀ ଭାବେ ସ୍ଥାନୀୟ ଅଞ୍ଚଳରେ ଲୋକପ୍ରିୟତା ହାସଲ କରିଥିବା କାଜଲ ବହୁଜନ ସମାଜ ପାର୍ଟି(ବିଏସ୍‌ପି) ପକ୍ଷରୁ କୋରେଇ ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢ଼ିବେ। କିନ୍ନର ସମ୍ପ୍ରଦାୟ ପାଇଁ ସେ ଉଦାହରଣ ସୃଷ୍ଟି କରିବା ସହ ସମାଜର ବିକାଶ ପ୍ରକ୍ରିୟାରେ ସହାଭାଗୀ ହେବେ ବୋଲି ଓଡ଼ିଶା କିନ୍ନର ମହାସଂଘ ସଭାପତି ମୀରା ପରିଡ଼ା କହିଛନ୍ତି। ସେହିଭଳି କିନ୍ନରମାନେ କିଭଳି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ, ସେ ଦିଗରେ କାର୍ଯ୍ୟ କରିବେ ବୋଲି କାଜଲ କିନ୍ନର କହିଛନ୍ତି। ଏଥିପାଇଁ ଓଡ଼ିଶା କିନ୍ନର ମହାସଂଘ ତରଫରୁ ଗୁରୁବାର ଭୁବନେଶ୍ୱରସ୍ଥିତ ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କିନ୍ନର ମହାସଂଘ ସଭାପତି ମୀରା ପରିଡ଼ାଙ୍କ ସହ ଉପସଭାପତି ସ୍ୱିଟି କିନ୍ନର, ସମ୍ପାଦକ ସାଧନା କିନ୍ନର, କାର୍ଯ୍ୟକାରୀ ସମ୍ପାଦକ ମେଘନା ସାହୁ, ମାଧୁରୀ କିନ୍ନର ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ରାଜନୈତିକ ଦଳର ଏହି ପଦକ୍ଷେପକୁ ଓଡ଼ିଶା କିନ୍ନର ମହାସଂଘ ସ୍ୱାଗତ କରିଥିବା ବେଳେ ଓଡ଼ିଶାର ସମସ୍ତ ରାଜନୈତିକ ଦଳ କିନ୍ନରମାନଙ୍କ ସପକ୍ଷରେ ଆସିବା ଦରକାର ବୋଲି ମୀରା କହିଥିଲେ।

# ସବୁ ଦଳର ଚିନ୍ତା ବଢ଼ାଇଲେଣି ଯୁବ ଆଶାୟୀ

**ପୁରୀ ଅଫିସ,୧୪।୩**

**ପୁରୀ ନିର୍ବାଚନମଣ୍ଡଳୀ**

ସାଧାରଣ ନିର୍ବାଚନକୁ ନେଇ ଜୋର୍ ଧରିଲାଣି ପ୍ରସ୍ତୁତି। ସବୁ ଦଳରେ ଏବେ ଟିକେଟକୁ ନେଇ ଚାଲିଛି ଅଙ୍କକଷା। କିଏ ପାଇବ ଦଳୀୟ ଟିକେଟ, କିଏ ପଡିବେ ବାଦ୍ ରାଜନୀତିର ଏହି ଅଙ୍କ ସବୁ ଦଳର ମୁଖିଆଙ୍କୁ ଅଡୁଆରେ ପକାଇଛି। ସେମିତି ପ୍ରମୁଖ ନେତୃବୃନ୍ଦଙ୍କ ଦଳଡିଆଁ ବି ଆରମ୍ଭ ହୋଇଯାଇଛି। ହେଲେ ପୁରୀ ନିର୍ବାଚନମଣ୍ଡଳୀରେ ସବୁ ଦଳରେ ଚିନ୍ତା ବଢ଼ାଇଲେଣି କିଛି ଯୁବ ଆଶାୟୀ। ପ୍ରମୁଖ ରାଜନୈତିକ ଦଳ ବିଜେଡି, କଂଗ୍ରେସ ଏବଂ ଭାଜପାରେ ଯୁବ ଆଶାୟୀ ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ନିର୍ବାଚନ ଯେତେ ପାଖେଇ ଆସୁଛି ଏମାନେ ସେତେ ସକ୍ରିୟ ହେଉଥିବା ଚର୍ଚ୍ଚା ହେଉଛି। ଦଳ ଯଦି ଅଣଦେଖା କରେ ତେବେ ଏମାନଙ୍କ ମଧ୍ୟରୁ କେହି କେହି ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ମଧ କହିଲେଣି, ଯାହା ଏବେ ପ୍ରତି ଦଳକୁ ଅଡୁଆରେ ପକାଇଥିବା ଚର୍ଚ୍ଚା ହେଉଛି। ଏହି ତାଲିକା ମଧ୍ୟରେ ବିଜେଡିର ଶୁଭାଶିଷ ଖୁଣ୍ଟିଆ, କଂଗ୍ରେସର ସ୍ୱାଧୀନ କୁମାର ପଣ୍ଡା ଏବଂ ଭାଜପାର ଶାଶ୍ୱତ ମହାପାତ୍ର, ଭବାନୀ ଦାସମହାପାତ୍ର ରହିଛନ୍ତି।

ବିଜେଡିରୁ ଏଥର ଟିକେଟ ପାଇବା ନେଇ ନିଶ୍ଚିତ ଅଛନ୍ତି ମହେଶ୍ୱର ମହାନ୍ତି। ଲଗାତର ୫ଥର ବିଧାୟକ ହୋଇ ଜିତିଆସିଥିବା ମହେଶ୍ୱରଙ୍କ ପାଇଁ ଏଥର କିନ୍ତୁ ସହଜ ନୁହେଁ ବୋଲି ଚର୍ଚ୍ଚା ହେଲାଣି। ଗୋଟିଏ ପଟେ ପରିବର୍ତ୍ତନର ହାୱା ଏବଂ ଅନ୍ୟପଟେ ଦଳୀୟ କନ୍ଦଳ ତାଙ୍କ ପାଇଁ ପ୍ରତିବନ୍ଧକ ସାଜିପାରେ ବୋଲି କୁହାଯାଉଛି। ସେହିପରି ପୁରୀ ଜିଲା ବିଜେଡିରେ ଫାଟ ମଧ ବଢ଼ିବାରେ ଲାଗିଛି। ଏଥର ମହେଶ୍ୱରଙ୍କ ଟିକେଟ ଉପରେ ବି ଆଖି ପଡିଲାଣି। ଅନେକ ଦଳୀୟ କର୍ମୀ ଏବଂ ନେତୃବୃନ୍ଦ ନୂଆମୁହଁ ଖୋଜୁଥିବା ବେଳେ ଯୁବନେତା ଶୁଭାଶିଷ ଖୁଣ୍ଟିଆ ଆଗକୁ ବାହାରିଛନ୍ତି। ବିଜୁ ପଟ୍ଟନାୟକ ଜୟନ୍ତୀରେ ଜିଲା ବିଜେଡି ପୃଥକ୍ ଭାବେ ସିଂହଦ୍ୱାରରେ ଦୀପଦାନ କରିଥିଲା। ଏଥିରୁ ଦଳୀୟ କନ୍ଦଳ ପଦାରେ ପଡ଼ିଥିଲା। ଶୁଭାଶିଷ କହିଛନ୍ତି, ମୁଖ୍ୟମନ୍ତ୍ରୀ ଯୁବଗୋଷ୍ଠୀକୁ ଆଗକୁ ବଢ଼ାଇବା ଲାଗି ଚାହୁଁଛନ୍ତି। ରାଜ୍ୟ ବିଜୁ ଜନତା ଦଳର ସମ୍ପାଦକ, ଜୀବନବିନ୍ଦୁର ଜିଲା ସଂଯୋଜକ ଏବଂ ଖଣ୍ଡପଡ଼ା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହିଛି। ସରକାରଙ୍କ ଲୋକାଭିମୁଖୀ ଯୋଜନା ଲୋକଙ୍କ ପାଖରେ କିପରି ପହଞ୍ଚି ପାରିବ ସେନେଇ କାମ କରୁଛି। ତେଣୁ ଆଗାମୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଆଶା ରଖିଛି।

ସେହିପରି କଂଗ୍ରେସରୁ ଯୁବ ଆଶାୟୀ ସ୍ୱାଧୀନ ପଣ୍ଡା ଉଭା ହୋଇଛନ୍ତି। କଂଗ୍ରେସର ଆଗଧାଡ଼ିର ନେତା ତଥା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ଅନୁଗତ ଭାବେ ଜଣାଶୁଣା ସ୍ୱାଧୀନ ବିଭିନ୍ନ ସମୟରେ ପୁରୀ ସହରର ବିକାଶ ପାଇଁ ସ୍ୱର ଉଠାଇଛନ୍ତି। ବିଗତ ଦିନରେ ବେଦାନ୍ତ ବିରୋଧୀ ସଂଘର୍ଷ ସମିତି, ଭୂ-ସମ୍ପତ୍ତି ସୁରକ୍ଷା ପରିଷଦ, ମଧୁର ଜଳ, ଚିଟ୍‌ଫଣ୍ଡ, ଶ୍ରୀମନ୍ଦିର ପ୍ରସଙ୍ଗ, ସ୍ୱର୍ଗଦ୍ୱାର ଜମି ଦୁର୍ନୀତି ଭଳି ଏକାଧିକ ପ୍ରସଙ୍ଗରେ ସହରବାସୀଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନ କରିଛନ୍ତି। ଯଦି ଦଳ ତାଙ୍କୁ ଅଣଦେଖା କରେ ତେବେ ସେ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି କହିଛନ୍ତି। ଏଥିପାଇଁ ସେ ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଦେଇଥିବା ସୂଚନା ଦେଇଛନ୍ତି।

ଛାତ୍ର ଜୀବନରୁ ରାଜନୀତି ସହ ରହିଥିବା ଶାଶ୍ୱତ ବର୍ତ୍ତମାନ ଭାଜପା ଜିଲା ଯୁବମୋର୍ଚ୍ଚାର ଉପସଭାପତି ଅଛନ୍ତି। ପୂର୍ବରୁ ଭାଜପା ନଗର ଯୁବମୋର୍ଚ୍ଚା ସଭାପତି ରହିଥିଲେ। ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ ସେ ଆଗାମୀ ନିର୍ବାଚନ ପାଇଁ ଆଶାୟୀ ଅଛନ୍ତି। ଦଳ ଯଦି ତାଙ୍କୁ ସୁଯୋଗ ଦିଏ ତେବେ ସେ ଅଧିକ ଖୁସି ହେବେ। ଯଦି ଅନ୍ୟ କାହାକୁ ପୁରୀରୁ ପ୍ରାର୍ଥୀ କରାଯାଏ, ତେବେ ତାଙ୍କ ପ୍ରତି ସହଯୋଗ ରହିବ ବୋଲି କହିଛନ୍ତି ଶାଶ୍ୱତ। ସେହିପରି ଭବାନୀ କହିଛନ୍ତି, ମୁଁ ସମ୍ପୂର୍ଣ୍ଣ ଭାବେ ଆଶାୟୀ ରହିଛି। ଯଦି ବି ଦଳ ପ୍ରାର୍ଥୀ ହେବା ପାଇଁ ସୁଯୋଗ ନ ଦିଏ, ତେବେ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ସ୍ୱାର୍ଥ ନିମନ୍ତେ ଦଳ ଯେଉଁ ଉପଦେଶ ଦେବ, ତାହାକୁ ମାନିନେବି। ପ୍ରତ୍ୟେକ ଦଳରେ ଏବେ ନୂଆ ନୂଆ ଯୁବ ଆଶାୟୀ ବାହାରିବା ଚର୍ଚ୍ଚାର ବିଷୟ ହୋଇଛି। ପୂର୍ବରୁ ନୀରବ ଥିବା ଏହି ଯୁବ ଆଶାୟୀମାନେ ହଠାତ୍ ସକ୍ରିୟ ହେବା ପଛର କାରଣକୁ ନେଇ ପ୍ରତ୍ୟେକ ଦଳ ଭିତରେ ଚାଲିଛି ଆଲୋଚନା। କେହି କେହି ଏହା ଦଳୀୟ କନ୍ଦଳର ଫଳ ବୋଲି କହୁଥିବା ବେଳେ ଆଉ କେହି ଏହାକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି।











## ୱାନ୍ ବାର୍ ୱାନ୍ ଭୋଟ: ସୋମବାର ଚୂଡ଼ାନ୍ତ ଶୁଣାଣି

**କଟକ ଅଫିସ, ୧୪।୩**

ୱାନ୍ ବାର୍ ୱାନ୍ ଭୋଟ ଉପରେ ହାଇକୋର୍ଟରେ ସୋମବାର ହେବ ଚୂଡ଼ାନ୍ତ ଶୁଣାଣି। ଗୁରୁବାର କଟକ ବାର୍ ଆସୋସିଏଶନ ପକ୍ଷରୁ ଆଡଭୋକେଟ ମିଳନ କାନୁନଗୋ ଓ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଆଡଭୋକେଟ ଜଗନ୍ନାଥ ପଟ୍ଟନାୟକ ଯୁକ୍ତି ରଖିଥିଲେ। ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ କୁହାଯାଇଥିଲା ଯେ, କେତେଗୁଡ଼ିଏ ବାର୍ ଆସୋସିଏଶନ ନିର୍ବାଚନ ୨୦୧୮ ମେ' ୧୨ ତାରିଖ ପରେ ଅନୁଷ୍ଠିତ ହୋଇଯାଇଛି। ତେଣୁ କେତୋଟି ବାର୍ ଆସୋସିଏଶନର ନିର୍ବାଚନ ଶେଷ ହୋଇଛି ଆଉ କେତୋଟିର ନିର୍ବାଚନ ହୋଇନାହିଁ ତା'ର ବିସ୍ତୃତ ବିବରଣୀ ପରିଷଦ ପକ୍ଷରୁ ଶୁକ୍ରବାର ସତ୍ୟପାଠ ଆକାରରେ କୋର୍ଟରେ ଦାଖଲ କରାଯିବ। ଏହାପରେ ମାମଲାର ଚୂଡ଼ାନ୍ତ ଶୁଣାଣି ସୋମବାର କରାଯିବାକୁ ଦିନ ଧାର୍ଯ୍ୟ ହୋଇଛି। ସୂଚନାଥାଉ କି, ରାଜ୍ୟର ସମସ୍ତ ବାର୍‌ରେ ଏକକାଳୀନ ନିର୍ବାଚନ କରିବା ପାଇଁ ବ୍ୟବସ୍ଥା ହୋଇଥିଲା। ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଏ ନେଇ ରିଜୋଲ୍ୟୁଶନ ଆଗତ କରାଯାଇଥିଲା। ମାତ୍ର ଦୁଇ ପର୍ଯ୍ୟାୟରେ ଭୋଟ କରାଯିବାକୁ ପରବର୍ତ୍ତୀ ଅବସ୍ଥାରେ ନିଷ୍ପତ୍ତି ନିଆଯିବାରୁ ଏହାକୁ କଟକ ବାର୍ ଆସୋସିଏଶନ ପକ୍ଷରୁ ଚ୍ୟାଲେଞ୍ଜ କରାଯାଇଥିଲା। ଏହାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ଆଇନଜୀବୀ ପରିଷଦ ଓ ଭାରତୀୟ ଆଇନଜୀବୀ ପରିଷଦକୁ ଜବାବ ଦାଖଲ ନିମନ୍ତେ ନୋଟିସ ଜାରି କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ପାୟଲ
ପରିବାରବର୍ଗ


ଶ୍ରଦ୍ଧାଞ୍ଜଳି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# classified


real estate


to-let

### SALE

30’ road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

Sthitiban plots available at Dashpur, Bhubaneswar near Biotech Park, 30’ road adjacent 200’ wide road. 9439614880. D-65365

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100’ ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Xavier University ନିକଟରେ ରାସ୍ତାଥାଇ ପ୍ଲଟ 4,50,000/- ଦିଆଯାଉଅଛି। Sasmita-9853150290. D-65383

Twincityର middlepoint (Phulnakhara)ରେ ନିର୍ମିତ Grandbazar NH-5ରୁ walkable distanceରେ ଘରବାରି plot କିଣନ୍ତୁ। Abhaya-8144647993. D-65381

Gharabadi yellowzone plot near AIIMS Hospital, immediate possession. 9938670164, 6370907396. D-66027

2/3 BHK flat near Infocity, Chandrasekharpur, Contact: 9337737185, 9439197755. D-49288

Ready to move 3 BHK Flat near Budheswari Temple, Cuttack Road, Contact: 9439197755, 9337737185. D-49289

**Gharabari plot with 30’ road & compoundwall at Brahmanajharilo Cuttack 68,000 sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No. brokers please. 7809525452.** D-65857

ଘରବାରି ପ୍ଲଟ ବାଉଣ୍ଡାରିୱାଲ, ଇଲେକ୍ଟ୍ରିସିଟି ସୁବିଧାଥାଇ ବାଲିଅନ୍ତା, ପାହାଳ, ନଖରା, DPS, Dadhichi, କୋରଡ଼କଣ୍ଟା ଓ ରଙ୍ଗବଜାରଠାରେ ବିକ୍ରିହେବ: 8249870448. D-65391

Small office space in Esplanade-1, Rasulgarh, Rent: Rs. 25,000/-, Contact: 9338556528, 9337737185. D-49290

**First floor 3bed, dining, drawing, kitchen, parkings, Rs. 15000/- for lease office, guest house near Cuttack road. 8847882402, 8763862809.** D-11653

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଗଛରେ ପିଟିଲା ପିକଅପ୍ ଭ୍ୟାନ୍, ୨ ମୃତ

**ବୌଦ୍ଧ,୧୪।୩(ସ୍ୱ.ପ୍ର):** ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅନ୍ତର୍ଗତ ଲୋକାପଡାଠାରେ ବୁଧବାର ରାତିରେ ଏକ ଡିଜେ ବୋଝେଇ ପିକଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉପରକଟା ଗ୍ରାମର ସୁନୀଲ ମଲିକ (୧୭), କରଞ୍ଜକଟା ଗ୍ରାମର ଲିପୁନ ରାଜହଂସ (୧୫)। ଏହି ଦୁର୍ଘଟଣାରେ ଡିଜେ ମାଲିକଙ୍କ ସମେତ ୪ ଜଣ ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

## ବିଜେଡିରୁ ବଳଭଦ୍ରଙ୍କ...

ହୋଇଥିଲି। ନେତୃତ୍ୱ ଏବଂ ତାଙ୍କ ମଧରେ ଦୂରତା ବଢ଼ିଯାଇଛି। କିଛି ବ୍ୟକ୍ତିବିଶେଷ ନେତୃତ୍ୱକୁ ବିଭ୍ରାନ୍ତି କରିବା ସହ ତାଙ୍କ ସଫଳତା ସମ୍ପର୍କରେ ଜଣାଉ ନ ଥିବା ଭଳି ସାଂଘାତିକ ଅଭିଯୋଗ କରିଛନ୍ତି ବଳଭଦ୍ର। ସେହିପରି ଦଳୀୟ କାର୍ଯ୍ୟକ୍ରମ ଏବଂ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରୁ ତାଙ୍କୁ ଦୂରେଇ ରଖାଯାଉଛି। ଏମିତି କି ଦଳୀୟ କାର୍ଯ୍ୟକ୍ରମ ସମ୍ପର୍କରେ ତାଙ୍କୁ ଶେଷ ମୁହୂର୍ତ୍ତରେ ଜଣାଯାଇଥିଲା। ଏହା ଦ୍ୱାରା ସେ ବହୁ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଭାଗ ନେବାରେ ବଞ୍ଚିତ ହୋଇଛନ୍ତି। ଚଳିତ ସାଧାରଣ ନିର୍ବାଚନ ପୂର୍ବରୁ ତାଙ୍କ ସହିତ ଧୋକା ହୋଇଥିବା ବଳଭଦ୍ର ମତ ରଖିଛନ୍ତି। ଦଳ ଭିତରେ ଅଲୋଡା ହୋଇଯାଇ ଥିବାରୁ ସେ ଦଳରେ ରହିବାକୁ ଚାହୁଁ ନାହାନ୍ତି। ନବୀନ ପଟ୍ଟନାୟକଙ୍କ ପ୍ରତି ବ୍ୟକ୍ତିଗତ ଭାବେ କୌଣସି ଅସନ୍ତୋଷ ନ ଥିବା ବଳଭଦ୍ର ନିଜ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ବଳଭଦ୍ର ମାଝି ବିଜେଡି ଛାଡିବା ପରେ କେଉଁ ଦଳକୁ ଯିବେ, ସେ ନେଇ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି। ନବରଙ୍ଗପୁରରେ ପ୍ରଦୀପ ମାଝି କଂଗ୍ରେସ ପ୍ରାର୍ଥୀ ଭାବେ ଲଢ଼ିବା ଏକପ୍ରକାର ନିଶ୍ଚିତ। ସେହିପରି ଗତଥର ଭାଜପାରୁ ପର୍ଶୁରାମ ମାଝି ସେହି ସ୍ଥାନରୁ ଏମ୍ପି ପ୍ରାର୍ଥୀ ହୋଇଥିଲେ। ଭାଜପା ପକ୍ଷରୁ ବଳଭଦ୍ରଙ୍କୁ ଡାକରା ଆସୁଛି ନା ସେ ଅନ୍ୟ କେଉଁ ରାଜନୈତିକ ଶକ୍ତି ହାତ ଧରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର। ବିଜେଡିର ଶୀର୍ଷ ନେତୃତ୍ୱରୁ ମିଳିଥିବା ଖବର ଅନୁଯାୟୀ ମନ୍ତ୍ରୀ ରମେଶ ମାଝି ନବରଙ୍ଗପୁର ଲୋକ ସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇପାରନ୍ତି। ତେଣୁ ବଳଭଦ୍ରଙ୍କୁ ସମୟକ୍ରମେ ଅଣଦେଖା କରାଯାଇଥିବା ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ସେହିପରି ରମେଶଙ୍କ ପ୍ରାର୍ଥିତ୍ୱକୁ ବଳଭଦ୍ର ସ୍ୱାଗତ କରିଛନ୍ତି। ନିଜ ଇସ୍ତଫାପତ୍ରରେ ବିଗତ ୫ ବର୍ଷରେ ନବରଙ୍ଗପୁରରେ ହୋଇଥିବା କେତେକ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସେ ଉଲ୍ଲେଖ କରିଛନ୍ତି।

## କେରଳରେ କଡ଼ା...

୧୪ ଜଣ ସିପିଆଇଏମ୍ ଚିହ୍ନରେ ଲଢ଼ିବେ। ଅନ୍ୟ ୨ ଜଣ ଏଲ୍‌ଡିଏଫ୍ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇବେ। ଅବଶିଷ୍ଟ ୪ ଆସନ ସିପିଆଇକୁ ଛାଡ଼ି ଦିଆଯାଇଛି। ଅନୁରୂପ ଭାବେ ବାମ ସାମ୍ମୁଖ୍ୟର ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିବାରେ ଲାଗିଛନ୍ତି। ହେଲେ ଭାଜପା ଏବଂ କଂଗ୍ରେସ ଏଯାଏ ସେମାନଙ୍କ ପ୍ରାର୍ଥୀ ଚୂଡ଼ାନ୍ତ କରିପାରି ନାହାନ୍ତି। ସିପିଆଇଏମ୍ ସମ୍ପାଦକ କୋଡିୟେରି ବାଲାକ୍ରିଷ୍ଣନ୍ କହିଛନ୍ତି, ବିଜୟନ୍ ସରକାରଙ୍କ ଉତ୍ତମ ପ୍ରଦର୍ଶନ ଏବଂ କେରଳ ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାତରଅନ୍ତର ନୀତିକୁ ନେଇ ରାଜ୍ୟବାସୀ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ୨୦୦୪ ସାଧାରଣ ନିର୍ବାଚନ ଭଳି ଏଥର ମଧ୍ୟ ଭୋଟର ବାମ ଦଳଗୁଡ଼ିକୁ ୨୦ରୁ ୧୮ ଆସନରେ ବିଜୟୀ କରାଇବେ। ଏଲ୍‌ଡିଏଫ୍ ଆବାହକ ତଥା ପୂର୍ବତନ ଏମ୍ପି ଏ. ବିଜୟରାଘବନ୍ କହିଛନ୍ତି, ସାବରିମାଲା ମନ୍ଦିରରେ ସବୁ ବୟସର ମହିଳାଙ୍କ ପ୍ରବେଶ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେବ। ଏହି ପ୍ରସଙ୍ଗରେ ଗତବର୍ଷ ସୁପ୍ରିମକୋର୍ଟଙ୍କ ରାୟକୁ ବିଜୟନ୍ ସରକାର ଯେପରି ଅନୁପାଳନ ଓ ପରିଚାଳନା କଲେ ତାହା ପ୍ରଚାରରେ ସ୍ଥାନ ପାଇବ। ଭାଜପା ରାଜ୍ୟ ସଭାପତି ପିଏସ୍ ଶ୍ରୀଧରନ୍ ପିଲାଇ କହିଛନ୍ତି, ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଉପାୟରେ ଦଳ ନିର୍ବାଚନ ଲଢ଼ି ସଫଳତା ହାସଲ କରିବ। ହେଲେ ପ୍ରାର୍ଥୀ ଘୋଷଣା ନ କରିବାର କାରଣ ସମ୍ପର୍କରେ ସେ କିଛି ମତ ଦେଇନାହାନ୍ତି। କଂଗ୍ରେସ ମୁଖପାତ୍ର ଜ୍ୟୋଥି ଚମକାଲା କହିଛନ୍ତି, ୟୁଡିଏଫ୍ ରାଜ୍ୟ କିମ୍ବା କେନ୍ଦ୍ରରେ କ୍ଷମତାରେ ନାହିଁ। ତେଣୁ ସରକାର ବିରୋଧୀ ହାୱାକୁ ନେଇ ଏହି ସାମ୍ମୁଖ୍ୟ ନିର୍ବାଚନ ଲଢ଼ିବ। ଖୁବ୍‌ଶୀଘ୍ର ୟୁଡିଏଫ୍‌ର ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

୨୦୧୪ ସାଧାରଣ ନିର୍ବାଚନରେ ସାରା ଦେଶରେ ସିପିଆଇଏମ୍ ୯ଟି ଆସନରେ ବିଜୟୀ ହୋଇଥିଲା, ଯହିଁରୁ କେବଳ ୫ଟି କେରଳର ହୋଇଥିବାବେଳେ ପଶ୍ଚିମବଙ୍ଗ ଓ ତ୍ରିପୁରାରୁ ୨ଟି ଲେଖାଏ ଆସନରେ ସଫଳତା ମିଳିଥିଲା। ତେବେ ସିପିଆଇଏମ୍ ନେତୃତ୍ୱାଧୀନ ଏଲ୍‌ଡିଏଫ୍ ଷୋଡ଼ଶ ଲୋକ ସଭାକୁ ୮ ଏମ୍ପିଙ୍କୁ ପଠାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଓ ଅନ୍ୟ ୨ ଜଣ ବାମଦଳ ସମର୍ଥିତ ସ୍ୱାଧୀନ। କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ଗତଥର ରାଜ୍ୟରେ ୧୨ ଆସନ ଦଖଲ କରିଥିଲା। ସେହିପରି ୧୪୦ ଆସନ ବିଶିଷ୍ଟ କେରଳ ବିଧାନସଭାର ନିର୍ବାଚନ ୨୦୧୬ ମେ ୧୬ରେ ଅନୁଷ୍ଠିତ ହୋଇଥିଲା। ବିଧାନସଭାର ୯୧ ଆସନ ଏଲ୍‌ଡିଏଫ୍ ଦଖଲ କରି ସରକାର ଗଢ଼ିଥିବାବେଳେ ୟୁଡିଏଫ୍‌କୁ ୪୭ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଭାଜପା କେବଳ ଖାତା ଖୋଲିବାରେ ସକ୍ଷମ ହୋଇଥିଲା। ଅନ୍ୟ ଗୋଟିଏ ଆସନ ଖାଲି ପଡ଼ିଛି। ତେବେ ଭଗବାନଙ୍କ ନିଜ ଦେଶ ଭାବେ ପରିଚିତ ଏହି ରାଜ୍ୟରେ ବିଧାନସଭା ନିର୍ବାଚନ ଓ ଲୋକ ସଭା ନିର୍ବାଚନର ମତଦାନ ଭିନ୍ନ ପ୍ରକାର ହୋଇଥାଏ।

### ପ୍ରଥମ ପୃଷ୍ଠାରୁ...

ଲୋକ ସଭା ନିର୍ବାଚନର ଫଳ ମେ ୨୩ରେ ପ୍ରକାଶ ପାଇବାକୁ ଥିବାବେଳେ ଏହି ଦିନ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍ ତାଙ୍କ ସରକାରଙ୍କ ତୃତୀୟ ବର୍ଷପୂର୍ତ୍ତି ପାଳନ କରିବେ। ଏଥିଲାଗି ସାଧାରଣ ନିର୍ବାଚନରେ ଏଲ୍‌ଡିଏଫ୍‌ର ବିପୁଳ ସଫଳତା ଏହି ଉତ୍ସବର ଉଲ୍ଲାସକୁ ବହୁଗୁଣିତ କରିବ ବୋଲି ବିଜୟନ୍ ଆଶା ବାନ୍ଧିଛନ୍ତି। ନିର୍ବାଚନ ଫଳ ସିପିଆଇଏମ୍ ସପକ୍ଷରେ ଗଲେ ଦଳରେ ବିଜୟନ୍ ସବୁଠୁ ପ୍ରଭାବଶାଳୀ ନେତା ଭାବେ ପରିଗଣିତ ହେବେ। ଅନ୍ୟଥା ପଶ୍ଚିମବଙ୍ଗ ଓ ତ୍ରିପୁରାରେ ବାମଦୁର୍ଗ ଭୁଶୁଡ଼ିବା ଭଳି ସ୍ଥିତି କେରଳରେ ମଧ୍ୟ ଦେଖିବାକୁ ମିଳିବ।

## ଜଳିଗଲା ବରଯାତ୍ରୀ...

ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ, ଘଟଗାଁ ଥାନା ଆଇଆଇସି ବନ୍ଦନା ପାତ୍ର, ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲିକ, ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡା ତୁରନ୍ତ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ସେତେବେଳକୁ ବସ୍ ସମ୍ପୂର୍ଣ୍ଣ ଜଳିଯାଇଥିଲା। ବସ୍ ମଧ୍ୟରେ ଥିବା ଉକ୍ତ ଯୁବକ ମଧ୍ୟ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଘଟଗାଁ ଥାନା ଆଇଆଇସି ବନ୍ଦନା ପାତ୍ର ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରିବାକୁ ବେହେରାସାହିବାସୀ ଦାବି କରିଛନ୍ତି।

## ଟିଟିଲାଗଡ଼ରେ ଶିଶୁ...

ଯାଇଥିବା ଦୁଇ ରେଳଧାରଣାର ମଝି ତଥା ଏକ ଅପନ୍ତରିଆ ସ୍ଥାନ। ସେଠାରୁ କିଛି ଦୂରରେ ପୂଜାର୍ଚ୍ଚନା କରାଯାଇଛି। ଉକ୍ତ ଅଞ୍ଚଳକୁ ଲୋକେ ପ୍ରାୟ ଯାଉ ନ ଥିବାରୁ କେଉଁ ଦିନ ଏହି ପୂଜାର୍ଚ୍ଚନା କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ସେଠାରେ ଥିବା ପୋଲ ତଳେ ଚାଉଳ, ଦର୍ପଣ, ସିନ୍ଦୂର, କଳସ, ନଡ଼ିଆ, ନୂଆ କପଡା, ଫୁଲ ଆଦି ଅନେକ ପୂଜା ସାମଗ୍ରୀ ପଡ଼ିଛି। ହୋମ କରାଯାଇଛି। ପୂଜା କରାଯାଇଥିବା ଏକ କଣ୍ଡେଇ ଉପରେ ରକ୍ତ ଢଳାଯାଇଥିବା ଅନୁମାନ କରାଯାଇଛି। ତେଣୁ ଶିଶୁଟିକୁ ବଳି ଦିଆଯାଇଥିବା ସନ୍ଦେହ ଦୃଢ଼ୀଭୂତ ହେଉଛି। ଘଟଣା ସମ୍ପର୍କରେ ବଲାଙ୍ଗୀର ଜିଆରପି ଥାନା ଅଧିକାରୀ ଦୁର୍ଗାଚରଣ ପ୍ରଧାନଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ଏ ସଂକ୍ରାନ୍ତରେ ସେ କିଛି ଜାଣି ନ ଥିବା କହିଛନ୍ତି। ତଥାପି ଘଟଣାର ତଦନ୍ତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ମୋଦି କେବଳ...

କ୍ଷମତାସୀନ ହେଲେ ମତ୍ସ୍ୟଜୀବୀଙ୍କ ପାଇଁ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଗଠନ କରିବ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ସେ ଯୁବକଂଗ୍ରେସ କର୍ମୀ ସୁହୈବଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ଗତବର୍ଷ ଫେବୃୟାରୀରେ ସୁହୈବଙ୍କୁ ସିପିଆଇଏମ୍ କର୍ମୀମାନେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା।

## ଆଝାର ବିଫଳତାରୁ...

କଳାଦିବସ। ୫୬ ଇଞ୍ଚ ଛାତିର ଆଲିଙ୍ଗନ କୂଟନୀତି ଏବଂ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କୁ ଗୁଜରାଟ ଡକାଇ ଦୋଳିରେ ଝୁଲାଇବା ମୋଦିଙ୍କ ବିଫଳତା। ଏଥିଯୋଗୁ ଉଭୟ ଚାଇନା ଓ ପାକିସ୍ତାନ ଭାରତକୁ ନାଲିଆଖି ଦେଖାଉଛନ୍ତି ବୋଲି ସୁର୍ଜେୱାଲା ଟୁଇଟ୍ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି, ଦୁର୍ବଳ ମୋଦି ଜିନ୍‌ପିଙ୍ଗ୍‌ଙ୍କୁ ଭୟ କରୁଛନ୍ତି। ଏଥିପାଇଁ ଆଝାରଙ୍କୁ ସୁରକ୍ଷା ଦେଇଥିବା ଚାଇନା ବିରୋଧରେ ମୋଦି ପଦୁଟିଏ ମଧ୍ୟ କହୁନାହାନ୍ତି। ନିର୍ମମ ହତ୍ୟା ପାଇଁ ଦାୟୀ ଜଣେ ଆତଙ୍କବାଦୀଙ୍କୁ ଭାଜପା ପୁଣିଥରେ ଛାଡ଼ି ଦେଇଛି ବୋଲି ରାହୁଲ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ୧୯୯୯ରେ କାନ୍ଦାହାର ବିମାନ ଅପହରଣ ପରେ ୧୭୬ ଯାତ୍ରୀଙ୍କ ମୁକ୍ତି ବଦଳରେ ଆଝାରଙ୍କ ସମେତ ୩ ଆତଙ୍କବାଦୀଙ୍କୁ ତତ୍କାଳୀନ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଛାଡ଼ିଦେଇଥିଲା।

ଅନ୍ୟପକ୍ଷରେ କଂଗ୍ରେସର ସମାଲୋଚନାକୁ ନେଇ ଜବାବ ରଖିଛି ଭାଜପା। ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି, କଂଗ୍ରେସ ଅଧ୍ୟକ୍ଷ ରାହୁଲ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଦେଇଥିବା ମନ୍ତବ୍ୟ ଉତ୍ସବ ପାଳନ କରିବା ସଦୃଶ। ୨୦୦୯ରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଅମଳରେ ଆଝାର ପ୍ରସଙ୍ଗରେ ଚାଇନା କଣ୍ଟା ସାଜିଥିବାବେଳେ ରାହୁଲ କାହିଁକି ଚୁପ୍ ରହିଥିଲେ ବୋଲି ରବିଶଙ୍କର ପ୍ରଶ୍ନ କରିଛନ୍ତି। ସେହିପରି ଭାଜପା ପ୍ରଚାର କମିଟି ଅଧ୍ୟକ୍ଷ ଅରୁଣ ଜେଟ୍‌ଲୀ କହିଛନ୍ତି, ଚାଇନାକୁ ୟୁଏନ୍‌ଏସ୍‌ସିରେ ସ୍ଥାୟୀ ସଦସ୍ୟତା ଦେବାରେ ରାହୁଲଙ୍କ ଅଣଜେଜେବାପା ନେହେରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଉଭୟ କଶ୍ମୀର ଓ ଚାଇନା ପ୍ରସଙ୍ଗରେ ମୂଳ ଭୁଲ୍ ଜଣେ ବ୍ୟକ୍ତିଙ୍କ ଦ୍ୱାରା ହୋଇଥିଲା ବୋଲି ୧୯୫୫ ଅଗଷ୍ଟ ୨ରେ ମୁଖ୍ୟମନ୍ତ୍ରୀମାନଙ୍କୁ ନେହେରୁ ଲେଖିଥିବା ଏକ ପତ୍ରର ଅବତାରଣା କରି ଜେଟ୍‌ଲୀ କହିଛନ୍ତି।

## ଲୁଟି ନେଲେ ପାନ...

ବାଇକରେ ଆସିଥିବା ୮ ଦୁର୍ବୃତ୍ତ ଉକ୍ତ ଭ୍ୟାନକୁ ଅଟକାଇଥିଲେ। ସେମାନେ ଡ୍ରାଇଭର ସଞ୍ଜୟଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ଭୟଭୀତ କରିବା ସହ ମାଡ଼ ମାରିଥିଲେ। ପରେ ସଞ୍ଜୟ ଓ ଅନ୍ୟ ଦୁଇଜଣଙ୍କୁ ଭ୍ୟାନରୁ ଓହ୍ଲାଇ ବାଇକ୍‌ରେ ପ୍ରାୟ ୧ କି.ମି ଦୂର ନେଇ କାଳକଣ୍ଟପୁରରେ ଛାଡି ଦେଇଥିଲେ। ମସଲା ବୋଝେଇ ଭ୍ୟାନକୁ ଦୁର୍ବୃତ୍ତ ଆସିକା ପଟକୁ ନେଇ ଯାଇଥିଲେ। ସଞ୍ଜୟଙ୍କ ଅଭିଯୋଗକ୍ରମେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି।

# ଟିକା ନେଇ ଶିଶୁ ମୃତ୍ୟୁ ଅଭିଯୋଗ

**ବନ୍ତଲା, ୧୪।୩ (ଡି.ଏନ.ଏ.):** ଅନୁଗୋଳ ବ୍ଲକ ବନ୍ତଲା ଥାନା ଡୁମୁଣି ଗାଁରେ ଟିକା ନେବା ପରେ ବୁଧବାର ଜଣେ ଦେଢ ମାସର ଶିଶୁ ପୁତ୍ରର ମୃତ୍ୟୁ ଘଟିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଗ୍ରାମର ହରିଜନସାହିର ଧୀରେନ ଗୋଛାୟତ ଓ ସସ୍ମିତା ଗୋଛାୟତଙ୍କ ଦେଢ ମାସର ଶିଶୁକୁ ଧନୁଷ୍ଟଙ୍କାର, ଲହରାକାଶ ଟିକା ଦିଆଯାଇଥିଲା। ବିଳମ୍ବିତ ରାତିରେ ହଠାତ୍ ଶିଶୁଟି ଅସୁସ୍ଥ ହୋଇପଡିବା ସହ ନାକ ଓ ମୁହଁରୁ ରକ୍ତ ବାହାରିଥିଲା। ପରେ ସେ ନିସ୍ତେଜ ହୋଇଯାଇଥିଲା। ମା’ ସସ୍ମିତାଙ୍କ କହିବା ଅନୁଯାୟୀ ରାତି ପ୍ରାୟ ୧୧ ଟା ପର୍ଯ୍ୟନ୍ତ ଶିଶୁଟି ଚଳଚଞ୍ଚଳ ଥିବାବେଳେ ଖାଦ୍ୟ ମଧ ଖାଇଥିଲା। ରାତି ପ୍ରାୟ ୨ଟାରେ ଶିଶୁଟିର ମୃତ୍ୟୁ ଘଟିଥିଲା।


# ମନେ ପଡ଼ନ୍ତି

### ଦଶାହ ଉପଲକ୍ଷେ



**ସ୍ୱର୍ଗତ କାଶୀନାଥ ରଥ**
(୧୯୩୦-୨୦୧୯)
ବୀରରାମଚନ୍ଦ୍ରପୁର, ପୁରୀ
ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ।
ଧ-୧୧୭୫୨

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ମନୋରମା ନାୟକ**
(ଶିକ୍ଷୟିତ୍ରୀ)
ଆବିର୍ଭାବ: ୧୧।୧୧।୧୯୬୬
ତିରୋଧାନ: ୨୭।୦୩।୨୦୧୫
(ଫାଲ୍‌ଗୁନ ମାସ ଶୁକ୍ଳ ନବମୀ)
ରେମୁଆଁ, ତାଳଚେର
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ସ୍ୱାମୀ: ମୋହନ, ପୁତ୍ର: ମନୋରଞ୍ଜନ, ଝିଅ: ମୋନାଲିସା, ମା, ବାପା, ଶୋକସନ୍ତପ୍ତ ପରିବାରବର୍ଗ।
ଧ-୧୧୭୩୮

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସୁହାସିନୀ ତ୍ରିପାଠୀ**
ଆବିର୍ଭାବ: ୦୪।୦୪।୧୯୪୧
(ରାମ ନବମୀ)
ତିରୋଧାନ: ୨୫।୦୨।୧୯୮୮
(ଫଗୁ ନବମୀ)
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ଟୁଟୁ, କୁମୁନୁ, ରାମ, ନିତୁ, ବାବୁନା, ମାମୁନୀ, କୁଟୁ, ପ୍ରାଚୀ, ଲୁକି, ଫୁକି, ସାଇଭି ଏବଂ ନଇସ୍, ବନ୍ଧୁ ଓ ପରିବାରବର୍ଗ।
ଧ-୬୬୪୦୮

### ସ୍ମୃତି ସ୍ତମ୍ଭ
### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ ଡା: ପ୍ରଭୁ କଲ୍ୟାଣ ତ୍ରିପାଠୀ**
ଆବିର୍ଭାବ: ତା୨୧।୧୨।୧୯୭୨
ତିରୋଧାନ: ତା ୪।୩।୨୦୧୯
୨୩୨/A ଶହୀଦ୍ ନଗର, ଭୁବନେଶ୍ୱର
ଆଜି ଦ୍ୱାଦଶାହରେ ତୁମ୍ଭର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ସମସ୍ତ ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୧୧୭୫୪

### ପ୍ରଥମ ଶ୍ରାଦ୍ଧ ବାର୍ଷିକୀ



**✓ ଗୋପୀନାଥ ନନ୍ଦ**
ଅବସରପ୍ରାପ୍ତ ଯୁଗ୍ମ ଶାସନ ସଚିବ
ଜନ୍ମସ୍ଥାନ : ଖଣ୍ଡସାହୀ, ବାସସ୍ଥାନ : ୮୩, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର
ଜନ୍ମ - ୧୩.୧୨.୧୯୨୮
ସ୍ୱର୍ଗାରୋହଣ, -୨୪.୦୨.୨୦୧୮
ବିଗତ ବର୍ଷର ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରିଛୁ ତୁମର ଅନୁପସ୍ଥିତି। ତୁମେ ଥିଲ ଆମ ପ୍ରେରଣାର ଉତ୍ସ। ଶ୍ରୀ ଜଗନ୍ନାଥ ଓ ମା’ ବୁଦ୍ଧେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା, ତୁମ ଗଢ଼ା ସଂସାରକୁ ଖୁସିରେ ଭରିଦିଅ।
ପୁତ୍ର - ଦାମୋଦର, ପଦ୍ମନାଭ, ପୁତ୍ରବଧୂ- ମାମା ଓ ପିଙ୍କି, କନ୍ୟା- ଡାଃ ରୁକ୍ମଣୀ, ଇନ୍ଦ୍ରାଣୀ, କଲ୍ୟାଣୀ, ନାତି ନାତୁଣୀ ଏବଂ ପରିବାର ବର୍ଗ।
ଧ-୧୧୭୫୯

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଭାଗ୍ୟସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟିଥିଲେ ମଧ୍ୟ ଷଡ଼ାଷ୍ଟକ ଗୁରୁ ଅଭିଳଷିତ କାମରେ ସାମାନ୍ୟ ପ୍ରତିବନ୍ଧକ ସୃଷ୍ଟିକରିବେ। ଦୀର୍ଘ ଦିନର କ୍ରନିକ୍ ରୋଗପୀଡାଜନିତ ଅସୁସ୍ଥତା କ୍ରମଶଃ ଭଲ ଦିଗକୁ ଗତି କରିବ। ମାତ୍ର ଆର୍ଥିକ ଅଭିବୃଦ୍ଧି, ଯାତ୍ରା କେତେକାଂଶରେ ଶାନ୍ତି ପ୍ରଦାୟକ ହେବ। ପରିବହନ, ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱର ସମାଧାନ କରିପାରିବେ।

**ବୃଷ** ଶନିକ୍ଷେତ୍ରସ୍ଥ ରାଶ୍ୟାଧିପ ଶୁକ୍ର ଷଡ଼ାଷ୍ଟକ ସ୍ଥିତିରେ ଚନ୍ଦ୍ରଙ୍କଠାରୁ ରହି ପୁରୁଣା ରୋଗ ପୀଡ଼ା ଓ ସମସ୍ୟା ଭିତରେ ହିଁ ଗତି କରାଇବେ। ଫଳତଃ କାର୍ଯ୍ୟହାନି ସାଙ୍ଗକୁ ସ୍ୱାସ୍ଥ୍ୟର ଅବନତି ପରିଲକ୍ଷିତ ହେବା କାରଣରୁ ମାନସିକ ବ୍ୟସ୍ତତା ବୃଦ୍ଧି ପାଇବ। ଅର୍ଥ ସମ୍ପର୍କିତ ଅଭାବକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ।

**ମିଥୁନ** ଧନାଧିପ ଚନ୍ଦ୍ର ରାଶିରେ ରହି ପ୍ରତ୍ୟେକ ଦିଗରୁ ସଫଳତା ପ୍ରଦାନ କରିବେ। ନିଜର ଉଦାରତା ଓ ମିଷ୍ଟଭାଷୀ ଗୁଣରୁ କୌଣସି ସମୟ ଦୀର୍ଘସ୍ଥାୟୀ ହେବନାହିଁ। ହାତରୁ ଖର୍ଚ୍ଚ କରି ନିଜ କାମ ପଛକୁ ପକାଇ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଲୋଚନା, ଆନୁଷ୍ଠାନିକ କାମ, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ।

**କର୍କଟ** ଆକସ୍ମିକ ଭାବରେ ଦ୍ୱାଦଶ ଚନ୍ଦ୍ରଙ୍କ ପ୍ରଭାବରେ ଦୂରଯାତ୍ରା ଓ ବ୍ୟୟ ବହୁଳତା ଟେନ୍ସନର କାରଣ ହେବ। ତଥାପି ଅନ୍ୟାନ୍ୟ ଗ୍ରହ ସମ୍ପର୍କରୁ କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭରେ ସୌଭାଗ୍ୟ ପାଇ ଖୁସି ହେବେ। ପ୍ରତିବନ୍ଧକ ମଧ୍ୟରେ ଅଟକି ରହିଯାଇଥିବା କାମଗୁଡ଼ିକ ସହଜ ଓ ସୁବିଧାରେ ହେବ। ପାରିବାରିକ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ସିଂହ** ସମସ୍ୟା ରହିଥିଲେ ମଧ୍ୟ ଏକାଦଶସ୍ଥ ଚନ୍ଦ୍ର ଓ ରାଶ୍ୟାଧିପଙ୍କ ସ୍ନେହପୂର୍ଣ୍ଣ ଦୃଷ୍ଟି କାମକୁ ଅଗ୍ରଗାମୀ କରାଇବ। ଅବଶ୍ୟ ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ଆବଶ୍ୟକତା ପରିପୂର୍ଣ୍ଣ କରି ନ ପାରନ୍ତି। ରାଜନୀତି ସ୍ତରରେ, ସଭାସମିତିରେ, ଯାତ୍ରା, ବାଣିଜ୍ୟରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**କନ୍ୟା** ଭଲ ଓ ମନ୍ଦର ଛାଇ ଆଲୁଅ ଖେଳ ଭିତର ଦେଇ ଆଜିର ଦିନଟି ଅତିବାହିତ ହେବ। ହାତକୁ ନେଇଥିବା କାମଗୁଡ଼ିକ ସମ୍ପନ୍ନ କରିବାରେ ବିଳମ୍ବ ଘଟିପାରେ। କିନ୍ତୁ ଜମିଜମା କାରବାରରେ ଅର୍ଥ ଲାଭରୁ କିମ୍ବା କଳ୍ପନାର ବାହାରେ ଥିବା କୌଣସି କାର୍ଯ୍ୟ ହାସଲ ହେତୁ ଖୁସି ରହିବେ। ସଭାସମିତି, କଳା, ସାହିତ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି।

**ତୁଳା** କର୍ମାଧିପ ଭାଗ୍ୟସ୍ଥାନରେ ରହିଥିବାରୁ ଆଶା ପୂରଣ ଅବଶ୍ୟ ହେବ କିନ୍ତୁ ରାହୁଙ୍କ ପ୍ରଭାବରେ ସମସ୍ୟା ମଧ୍ୟଦେଇ। ଶାରୀରିକ ଦୁର୍ବଳତାଜନିତ ଯାତ୍ରା କାଳରେ କୌଣସି ଅପ୍ରୀତିକର ପରିସ୍ଥିତିରେ ସାମନା କରିବାକୁ ପଡିବ। ରପ୍ତାନି ବାଣିଜ୍ୟରେ ସମସ୍ୟା ରହିବ ନାହିଁ। ପରିସ୍ଥିତିର ପ୍ରଭାବରେ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବେ।

**ବିଛା** ଅଷ୍ଟମ ଚନ୍ଦ୍ର ହେତୁ ପ୍ରତ୍ୟେକ କାମରେ କିଛିଟା ଅଶାନ୍ତି ଓ ସମସ୍ୟାର ଝଲକ ଦେଖିବାକୁ ମିଳିପାରେ। ଫଳତଃ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଅଫିସ କାମରେ ସହକର୍ମୀଙ୍କ ଆଚରଣ ଅଥବା ଘଟିଯାଉଥିବା ଘଟଣାବଳୀ ଅସ୍ୱାଭାବିକ ମନେ ହୋଇପାରେ। ଅପରାହ୍ନରେ ବନ୍ଧୁମିଳନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାର ସୂଚନା ରହିଛି।

**ଧନୁ** ଦୈହିକ ଦୁର୍ବଳତା ବ୍ୟତୀତ ଅନ୍ୟ ପ୍ରତ୍ୟେକ ବିଷୟ ଭଲ ରହିବ। କିନ୍ତୁ ଶନିଙ୍କ ପ୍ରଭାବରୁ ସାଧାରଣ ବିଳମ୍ବ ଓ ସମସ୍ୟା ପ୍ରାଥମିକ ଅବସ୍ଥାରେ ଦେଖାଦେଇପାରେ। ସାମୟିକ ଭାବେ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଅଧିକାଂଶ ସମୟ ଭଲ ଲାଗିବ ନାହିଁ। ନିର୍ମାଣ, ଚୁକ୍ତିପତ୍ର, ମାଲିମକଦ୍ଦମା, ବ୍ୟବସାୟ, ଯାତ୍ରା ଓ ପାରିବାରିକ ସ୍ଥିତି ମୂଳା ନକ୍ଷତ୍ର ସକାଶେ ଭଲ ରହିବ ନାହିଁ।

**ମକର** କୌଣସି ଅଭାବ ନ ଥିଲେ ମଧ୍ୟ ନିଜର ମନ ଅନୁଯାୟୀ କେତେକ କାମରେ କେତୁଜନିତ ବାଧା ଉପୁଜିପାରେ। ପଡୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ମନରେ ଅସ୍ଥିରତା ସୃଷ୍ଟି କରିପାରନ୍ତି। ଅବଶ୍ୟ ଉପସ୍ଥିତବୁଦ୍ଧି ପ୍ରୟୋଗ କରି ନିଜ ଲୋକମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ଜମିଜମା ବିବାଦ, ପରିବହନ, ନିର୍ମାଣ, ରାଜନୀତିରେ ସୁଫଳ ପାଇବେ।

**କୁମ୍ଭ** ପ୍ରତିବନ୍ଧକ ସୃଷ୍ଟିକରୁଥିବା ବ୍ୟକ୍ତି ସମୟ ଚକ୍ରର ଘୂର୍ଣ୍ଣନ ମଧ୍ୟରେ ମିତ୍ରତାର ହାତ ବଢାଇବାର ଉପକ୍ରମ କରିବେ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଆକସ୍ମିକ ଦୂର ଯାତ୍ରା କରିବାକୁ ପଡିପାରେ। ସମସ୍ୟା ସୁଧାରିବାକୁ ଯାଇ ପରିବାର ଭିତରେ ସମର୍ଥନ ହାସଲ କରିବାରେ ଅସୁବିଧା ରହିବନାହିଁ। ଶତଭିଷା ନକ୍ଷତ୍ର ଭ୍ରମଣ ହେତୁକ କ୍ଳାନ୍ତି ଦେଖାଦେଇପାରେ।

**ମୀନ** ଚନ୍ଦ୍ରଙ୍କ ଶୁଭସଂସ୍ଥାନ ଓ ସୁଦୃଷ୍ଟି ପ୍ରଭାବରେ କର୍ମକ୍ଷେତ୍ରରେ ସାହାଯ୍ୟ, ସହଯୋଗ ପାଇ କାମ ହାସଲ କରିପାରିବେ। କିନ୍ତୁ ଏହା ସାଙ୍ଗକୁ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବା ହେତୁ ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟିହୋଇପାରେ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବାର ସୂଚନା ରହିଛି। ଆର୍ଥିକ ସ୍ଥିତିରେ ସୁଧାର ଆସିବା ସହ ଜମିଜମା, ଯାନ୍ତ୍ରିକ ଜିନିଷ କାରବାର ବହୁତ ଭଲରେ ଚାଲିବ।

ଆଜି ମୀନ ସଂକ୍ରାନ୍ତି, ଫାଲ୍‌ଗୁନ ଶୁକ୍ଳ ନବମୀ ଶୁକ୍ରବାର, ମାର୍ଚ୍ଚ ୧୫ ତାରିଖ, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, କନ୍ୟା ରାଶିର ଘାତଚନ୍ଦ୍ର, ଦିବା ଘ୭।୩୪ମି. ଗତେ ଘ୯।୫୬ମି. ମଧ୍ୟେ, ଘ୧୨।୧୯ମି. ଗତେ ଘ୨।୪୨ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ୪।୦୦ମି. ଗତେ ଘ୫।୫୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୨୬ମି. ଗତେ, ଘ୧୧।୫୬ମି. ମଧ୍ୟେ ରାହୁ କାଳ।

## ସଂକ୍ଷେପରେ

### ନନ୍ଦନକାନନର ନୂଆ ନିର୍ଦ୍ଦେଶକ

ବାରଙ୍ଗ,୧୪।୩(ଡି.ଏନ୍.ଏ.): ନନ୍ଦନକାନନ ପ୍ରାଣୀ ଉଦ୍ୟାନର ନୂଆ ନିର୍ଦ୍ଦେଶକ ଭାବେ ଶଶୀ ପଲ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହ ସେ ଅତିରିକ୍ତ ପ୍ରଧାନ ବନ ସଂରକ୍ଷକ(ବନ୍ୟପ୍ରାଣୀ) ଦାୟିତ୍ୱରେ ଅଛନ୍ତି। ପୂର୍ବରୁ ନନ୍ଦନକାନନ ନିର୍ଦ୍ଦେଶକ ଥିବା ଡ. ହରିଶଙ୍କର ଉପାଧ୍ୟାୟଙ୍କୁ ଜଙ୍ଗଲ ବିଭାଗ ଅଧୀନ କେନ୍ଦୁଲିପିକୁ ବଦଳି କରାଯାଇଛି। ସେ ମଧ୍ୟ ନିର୍ଦ୍ଦେଶକ ସହ ଅତିରିକ୍ତ ଦାୟିତ୍ୱରେ ରହିଥିଲେ। ପ୍ରାୟ ୧୦ମାସର ଦାୟିତ୍ୱ ପରେ ତାଙ୍କର ବଦଳି ହୋଇଛି। କିନ୍ତୁ ତାଙ୍କ ପୂର୍ବରୁ ଥିବା ସୁଦର୍ଶନ ପଣ୍ଡା ପ୍ରାୟ ୪ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସ୍ୱତନ୍ତ୍ର ଭାବେ ନନ୍ଦନକାନନ ନିର୍ଦ୍ଦେଶକ ପଦବୀରେ ରହିଥିଲେ। ଏହାପରଠୁ ନନ୍ଦନକାନନ ନିର୍ଦ୍ଦେଶକ ଦାୟିତ୍ୱରେ ଆସୁଥିବା ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱରେ ରଖାଯାଉଛି। ବୁଧବାର ନୂଆ ନିର୍ଦ୍ଦେଶକ ପଲ୍ ଦାୟିତ୍ୱ ଗ୍ରହଣ କରିବା ପରେ ଗୁରୁବାର ଅପରାହ୍ନରେ ନନ୍ଦନକାନନ ଆସିଥିଲେ। ପରିସରସ୍ଥ ଗେଷ୍ଟ ହାଉସ୍‌ରେ ବସି ଅନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରି ଫେରିଥିବା ଜଣାପଡ଼ିଛି। ଏହି ଆଲୋଚନାରେ ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ, ଏସିଏଫ୍ ଅଞ୍ଜନ କୁମାର ମହାନ୍ତି, ଏସିଏଫ୍ ଅମୂଲ୍ୟ କୁମାର ପରିଡ଼ାଙ୍କ ସହ ରେଞ୍ଜରମାନେ ଉପସ୍ଥିତ ଥିଲେ।

### କଂଗ୍ରେସରେ ଯଜ୍ଞେଶ୍ୱର



ଭୁବନେଶ୍ୱର, ୧୪।୩ (ବ୍ୟୁରୋ): ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ ଗୁରୁବାର କଂଗ୍ରେସରେ ଯୋଗ ଦେଇଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବରେ ଯଜ୍ଞେଶ୍ୱର ବିଧିବଦ୍ଧ ଭାବେ ନିଜ ସମର୍ଥକମାନଙ୍କ ସହ ଦଳରେ ସାମିଲ ହୋଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି)ସଭାପତି ନିରଞ୍ଜନ ପଟ୍ଟନାୟକ ଯଜ୍ଞେଶ୍ୱରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ଯଜ୍ଞେଶ୍ୱର କହିଛନ୍ତି, ସାରାଭାରତ ବର୍ଷରେ କଂଗ୍ରେସ ହିଁ କେବଳ ଗଣତନ୍ତ୍ରକୁ ସୁରକ୍ଷା ଦେଇପାରିବ। ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶାରେ ରାଜନୈତିକ ପରିବର୍ତ୍ତନ ସମ୍ଭବ ବୋଲି ଯଜ୍ଞେଶ୍ୱର କହିଛନ୍ତି। ଅନ୍ୟପଟେ ନିରଞ୍ଜନଙ୍କ ପୌରୋହିତ୍ୟରେ 'କଂଗ୍ରେସ' ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ନିରଞ୍ଜନ କହିଛନ୍ତି, ଭାରତବର୍ଷରେ ଏକମାତ୍ର ଦଳ କଂଗ୍ରେସ ଯିଏ ତଳେ ପଡିଥିବା ମଣିଷର କଥା ସବୁବେଳେ ଚିନ୍ତା କରିଆସିଛି। ଅନ୍ୟ ରାଜନୈତିକ ଦଳମାନେ କେବଳ ଭୋଟ ରାଜନୀତି କରୁଥିବା ବେଳେ କଂଗ୍ରେସ ଦଳ ଭାରତବାସୀଙ୍କ ସାମୂହିକ ବିକାଶକୁ ଗୁରୁତ୍ୱ ଦେଇଛି। 'କଂଗ୍ରେସ' ପୁସ୍ତକଟି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ ଅଲ୍ଲୀଙ୍କୁ ଉତ୍ସର୍ଗ କରାଯାଇଛି। ଅପରପକ୍ଷରେ ଜ୍ଞାନଦେବ ବେଉରାଙ୍କୁ ଗୁରୁବାର ପିସିସି ମୁଖପାତ୍ର ଭାବେ ନିଯୁକ୍ତି ଦିଆଯାଇଥିବା ଦଳ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

# ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପଙ୍କ ବିରୋଧରେ ଏତଲା

- ଭୋଟ ପାଇଁ ଲାଞ୍ଚ ଅଭିଯୋଗ
- ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିରୋଧୀଙ୍କ ଦାବି
- ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ଭାଜପା

ଭୁବନେଶ୍ୱର (ବ୍ୟୁରୋ)/ ସାଲେପୁର(ଡି.ଏନ୍.ଏ.), ୧୪।୩

ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ ରାଜ୍ୟରେ ରାଜନୈତିକ ଉଷ୍ମତା ବଢ଼ିଯାଇଛି। ଆଚରଣବିଧି ଉଲ୍ଲଂଘନ ନେଇ ରାଜ୍ୟର ପ୍ରମୁଖ ରାଜନୈତିକ ଦଳ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ ମଧ୍ୟ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଓଡ଼ିଶାର ୧୪୭ ବିଧାନସଭା ଏବଂ ୨୧ ଲୋକସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହାନ୍ତି। କିନ୍ତୁ ତାଙ୍କ ଦଳର ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା କଟକ ଜିଲା ସାଲେପୁର ବ୍ଲକର ମାଳ ପଞ୍ଚାୟତରେ ଗତ ବୁଧବାର ଅନୁଷ୍ଠିତ ବିଜେଡି ସମ୍ମିଳନୀରେ ସାଲେପୁର ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରିଛନ୍ତି। ସେ ଏହି ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀଭାବେ ବିଜେଡିରୁ ପ୍ରଶାନ୍ତ ବେହେରାଙ୍କ ନାମ ଘୋଷଣା କରିଛନ୍ତି। ଏଥିସହିତ ସାଲେପୁର ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀଙ୍କୁ ସର୍ବାଧିକ ଭୋଟରେ ଜିତାଉଥିବା ପଞ୍ଚାୟତକୁ ୩୫ ଲକ୍ଷ ଟଙ୍କା ଓ ସର୍ବାଧିକ ଭୋଟ ଦେଇ ଜିତାଉଥିବା ବୁଥ୍‌କୁ ୧୫ ଲକ୍ଷ ଟଙ୍କା ଦିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଘୋଷଣା କରିଥିବା ନେଇ ଅଭିଯୋଗ ହୋଇଛି। ଏହାକୁ ନେଇ ଉଭୟ କଂଗ୍ରେସ ଓ ଭାଜପା ମନ୍ତ୍ରୀ ଜେନାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ନେଇ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି। ଭାଜପା ଅଭିଯୋଗ କରିଛି ଯେ ନିର୍ବାଚନ ଆଦର୍ଶ ଆଚରଣବିଧି ଲାଗୁ ହେବା ପରେ ଶାସକ ଦଳର ମନ୍ତ୍ରୀ ଏଭଳି ଖୁଲମଖୁଲା ଲାଞ୍ଚ ଯାଚିବା ଧର୍ତ୍ତବ୍ୟ ଅପରାଧ । ଆଚରଣବିଧି ଉଲ୍ଲଂଘନ କରିଥିବାରୁ ପ୍ରତାପ ଜେନାଙ୍କୁ ଆଗାମୀ ୨୦୧୯ ନିର୍ବାଚନ ଲଢ଼ିବାକୁ ଅସିଦ୍ଧ ଘୋଷଣା କରାଯିବା ସହ ତାଙ୍କ ବିରୋଧରେ ଦୃଢ଼କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିନିଧି ଦଳ ଦାବିକରିଛି। ସମୀର କହିଛନ୍ତିଯେ, ମନ୍ତ୍ରୀ ପଦରେ ଥାଇ ଆଦର୍ଶ ନିର୍ବାଚନ ଆଚରଣ ବିଧି ଆଇନର ଧାରା ୧୭୧ (ଖ) ଏବଂ ୧୭୧ (ଗ) ଅନୁଯାୟୀ ଏହା ଧର୍ତ୍ତବ୍ୟ ଅପରାଧ । ପ୍ରତିନିଧି ଦଳ ମୁକ୍ତ, ଅବାଧ ଏବଂ ନିରପେକ୍ଷ କରିବାକୁ ସିଇଓଙ୍କ ନିକଟରେ ଦାବି କରିଛନ୍ତି।

ଆଦର୍ଶ ଆଚରଣବିଧି ଉଲ୍ଲଂଘନକୁ ନେଇ କଂଗ୍ରେସ ମଧ୍ୟ ମନ୍ତ୍ରୀ ଜେନାଙ୍କ ବିରୋଧରେ ନିର୍ବାଚନ କମିଶନ ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଛି। କଂଗ୍ରେସର ଏକ ପ୍ରତିନିଧି ଦଳ ଶୁକ୍ରବାର ସିଇଓଙ୍କୁ ସାକ୍ଷାତ କରି ମନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ କରିବ ବୋଲି ଜଣାପଡିଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ବିଜେଡି ଓ ଭାଜପା ଟଙ୍କାରେ ନିର୍ବାଚନ ପ୍ରଚାର କରିବେ। ଆମେ ଭଲ ପ୍ରାର୍ଥୀ ଦେଇ ଜନତାଙ୍କ ଆଶୀର୍ବାଦରେ ନିର୍ବାଚନ ଲଢ଼ିବୁ। ବିଜେଡି ବରିଷ୍ଠ ନେତା ପୁଷ୍ପେନ୍ଦ୍ର ସିଂଦେଓ କହିଛନ୍ତି ଯେ ବିରୋଧୀଙ୍କ କାର୍ଯ୍ୟ ହେଲା ଅଭିଯୋଗ କରିବା। ନିର୍ବାଚନ ବେଳେ ଏମିତି ଅନେକ ଅଭିଯୋଗ ଆସିବ, ଯାହାକି ଭିତ୍ତିହୀନ।

ଅନ୍ୟ ପକ୍ଷରେ ନିର୍ବାଚନ କଟକଣା ଲାଗିବା ପରେ ଭୋଟରଙ୍କୁ ଟଙ୍କା ପ୍ରଲୋଭନ ଦେଖାଇ ପ୍ରଲୋଭିତ କରିବା ଘଟଣାକୁ ସ୍ଥାନୀୟ କଟକ ଜିଲା ଭାଜପା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଗୁରୁବାର ମଧ୍ୟାହ୍ନରେ ସାଲେପୁର ଥାନାରେ ମନ୍ତ୍ରୀଙ୍କ ନାମରେ ଏତଲା ଦେଇଛନ୍ତି। ଏତଲାରେ ନିର୍ବାଚନ ଆଚରଣବିଧି ଆଇନ୍‌ର ୧୭୧(ବି), ୧୭୧(ସି) ଓ ୫୦୬କୁ ଉଲ୍ଲଙ୍ଘନ କରାଯାଇଥିବାରୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ତାଙ୍କୁ ଗିରଫ କରାଯିବାକୁ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ମନ୍ତ୍ରୀ ଜେନାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ସୂଚନାଯୋଗ୍ୟ, ମନ୍ତ୍ରୀଙ୍କ ଏହି ଘୋଷଣାର ଏକ ଅଡିଓ ଭାଇରାଲ ହୋଇଛି।



ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭାଜପା ନେତୃବୃନ୍ଦ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

# ବିଜେଡିକୁ ପେଟ୍ରୋଲ ପମ୍ପ, ଗ୍ୟାସ୍ ଏଜେନ୍ସି ଚିନ୍ତା

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ପ୍ରତିନିଧି ଦଳ

ଭୁବନେଶ୍ୱର,୧୪।୩(ବ୍ୟୁରୋ)

ଆସନ୍ତା ସାଧାରଣ ନିର୍ବାଚନରେ ପେଟ୍ରୋଲ ପମ୍ପ ଓ ଗ୍ୟାସ୍ ଏଜେନ୍ସିଗୁଡିକରେ ଭାଜପା ଟଙ୍କା କାରବାର କରିବା ନେଇ ବିଜେଡି ଆଶଙ୍କା କରିଛି। ସେଗୁଡିକ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ବିଜେଡି ଗୁରୁବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ହସ୍ତକ୍ଷେପ ଲୋଡିଛି। ବିଜେଡି ନେତା ଦେବାଶିଷ ସାମନ୍ତରାୟ, ପୁଷ୍ପେନ୍ଦ୍ର ସିଂଦେଓ, କଳିକେଶ ନାରାୟଣ ସିଂଦେଓ, ଉମାକାନ୍ତ ସାମନ୍ତରାୟ, ପ୍ରଣବ ବଳବନ୍ତ ରାୟ, ଏବଂ ସସ୍ମିତ ପାତ୍ର ପ୍ରମୁଖ ସିଇଓଙ୍କୁ ସାକ୍ଷାତ କରି ପେଟ୍ରୋଲ ପମ୍ପ ଓ ଗ୍ୟାସ୍ ଏଜେନ୍ସିଗୁଡିକୁ ଭିଡିଓଗ୍ରାଫି କରିବାକୁ ଦାବି କରିଛନ୍ତି।

ପେଟ୍ରୋଲିୟମ କମ୍ପାନୀ, ପେଟ୍ରୋଲ ପମ୍ପ ମାଲିକ ଓ ଗ୍ୟାସ୍ ଏଜେନ୍ସିଗୁଡିକୁ ଦଳୀୟ କାର୍ଯ୍ୟକ୍ରମରେ ନିୟୋଜିତ କରିବାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମସ୍ତଙ୍କୁ ପଛରେ ପକାଇଛନ୍ତି। ଓଡିଶାରେ ଏଭଳି ଏକ ନୂଆ ପରମ୍ପରା ସୃଷ୍ଟି କରିଛନ୍ତି। ଗତ ବିଜେପୁର ନିର୍ବାଚନ ବେଳେ ପେଟ୍ରୋଲ ପମ୍ପ ମାଲିକ ମ୍ୟାନେଜରମାନଙ୍କ ଠାରୁ ପୁଳାପୁଳା ଟଙ୍କା ଜବତ କରାଯାଇଥିଲା। ଧର୍ମେନ୍ଦ୍ରଙ୍କ ନିର୍ଦ୍ଦେଶରେ ଭାଜପା ନିର୍ବାଚନ ଖର୍ଚ୍ଚ ତୁଲାଇବା ଲାଗି ଏହି ଟଙ୍କା ମହଜୁଦ ରଖିଥିବା ବିଜେଡି ଅଭିଯୋଗ କରିଛି। ଆସନ୍ତା ନିର୍ବାଚନରେ ତାହାକୁ ବ୍ୟାପକ କରିବାକୁ ଯାଉଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାର ଉଲ୍ଲଂଘନ ହେଉଥିବାରୁ ବିଜେଡି ଏହା ବିରୋଧରେ ସ୍ୱର ଉଠାଇ ଆସୁଛି। ବିଜେପୁର ଉପନିର୍ବାଚନ ବେଳେ ବିଜେଡି ନିର୍ବାଚନ କମିଶନଙ୍କ ଦୃଷ୍ଟିଆକର୍ଷଣ କରିଥିଲା। ତେବେ ଏ ନେଇ କୌଣସି ପଦକ୍ଷେପ ନିଆଗଲା ନାହିଁ। ଚଳିତ ନିର୍ବାଚନରେ ଏହାର ପୁନରାବୃତ୍ତି ହେବାର ସମ୍ଭାବନା ରହିଛି। ରାଜ୍ୟବ୍ୟାପୀ ସବୁ ପେଟ୍ରୋଲ ପମ୍ପ ଓ ଗ୍ୟାସ୍ ଏଜେନ୍ସିଗୁଡ଼ିକରେ ଭିଡିଓ ନିରୀକ୍ଷଣ ବ୍ୟବସ୍ଥା କରିବାକୁ ବିଜେଡି ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

# ସମ୍ବିତ୍‌ଙ୍କୁ ନେଇ ବିଜେଡି ରଣନୀତି ଉପରେ ନଜର

ଭୁବନେଶ୍ୱର,୧୪।୩(ବ୍ୟୁରୋ)

ବରିଷ୍ଠ ନେତା ଦାମୋଦର ରାଉତ ଗୁରୁବାର ଭାଜପାରେ ଯୋଗଦେଇଛନ୍ତି। ତାଙ୍କ ପୁତ୍ର ସମ୍ବିତ୍ ରାଉତରାୟଙ୍କୁ ପାରାଦୀପ ବିଧାନସଭା ଟିକେଟ ଦେଇ ଦାମଙ୍କ ଭାଜପା ଯୋଗଦାନକୁ ରୋକିବାକୁ ଉଦ୍ୟମ କରାଯାଇଥିଲା। ହେଲେ ତାହା ଏବେ ଫସର ଫାଟିଛି। କିଛିଦିନ ତଳୁ ଦାମଙ୍କ ଭାଜପାରେ ଯୋଗଦାନ ନେଇ ଚର୍ଚ୍ଚା ଜୋର ଧରିଥିଲା। ଏମିତି କି ପୁତ୍ର ସମ୍ବିତ ଏବଂ କନ୍ୟାଙ୍କୁ ରାଜନୈତିକ ଥଇଥାନ କରାଯିବାର ବାର୍ତ୍ତା ମଧ୍ୟ ପ୍ରଦାନ କରାଯାଇଥିଲା। ହେଲେ ଦାମ ନିଜର ନିଷ୍ପତ୍ତି ପରିବର୍ତ୍ତନ କରି ନ ଥିଲେ। ତେଣୁ ବର୍ତ୍ତମାନ ସମ୍ବିତଙ୍କୁ ବିଜେଡି ନେଇ କେଉଁ ରଣନୀତି ଆପଣାଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

ପୂର୍ବ ନିର୍ଦ୍ଧାରିତ ଯୋଜନାନୁଯାୟୀ ଦାମ ବୁଧବାର ସନ୍ଧ୍ୟାରେ ଭାଜପାରେ ମିଶିବାର କାର୍ଯ୍ୟକ୍ରମ ଥିଲା। ହେଲେ ସ୍ତ୍ରୀ ଅସୁସ୍ଥ ଥିବାରୁ ଶେଷ ମୁହୂର୍ତ୍ତରେ ତାଙ୍କ ଦିଲ୍ଲୀ ଗସ୍ତ ବାତିଲ କରାଯାଇଥିଲା। ଏହା ପରେ ଗୁରୁବାର ପୂର୍ବାହ୍ନରୁ ଦାମଙ୍କ ପୁତ୍ର ସମ୍ବିତଙ୍କୁ ନବୀନ ନିବାସରୁ ଡକରା ଆସିଥିଲା। ସମ୍ବିତ ସେଠାରେ ଦଳର ଶୀର୍ଷ ନେତୃତ୍ୱଙ୍କୁ ଭେଟିଥିବା ଜଣାପଡିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ରଖି ସମ୍ବିତ କହିଛନ୍ତି ଯେ, ବାପା ରାଜନୀତିରେ ସାଲିସ କରିବେ ନାହିଁ। ସେ ବାପ ହିସାବରେ ଯାହା କହିଛନ୍ତି, ତାହା ଗଣମାଧ୍ୟମରେ ପ୍ରକାଶ କରିବାକୁ ମୁଁ ବାଧ୍ୟ ନୁହେଁ। ପାରାଦୀପରୁ ପ୍ରାର୍ଥୀ ହେବା ନେଇ କୌଣସି ସୂଚନା ମିଳିନାହିଁ। ବିଜେଡିରେ ଅଛି ଏବଂ କାର୍ଯ୍ୟ କରୁଛି। ବାପା ଜଣେ ରାଜନୈତିକ ବ୍ୟକ୍ତି, ତାଙ୍କର ନିଷ୍ପତ୍ତି ନେବାର ଅଧିକାର ରହିଛି। ସେ(ଦାମ ରାଉତ) କେଉଁଥିରେ ଯୋଗ ଦେଲେ ସେ ନେଇ ତାଙ୍କର କୌଣସି ପ୍ରତିକ୍ରିୟା ଦେବାର ନାହିଁ ବୋଲି ସମ୍ବିତ କହିଛନ୍ତି। ସମ୍ବିତଙ୍କ ଏପରି ପଦକ୍ଷେପ ଉପରେ ଦାମ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି। ଦାମ କହିଛନ୍ତି ଯେ, ପୁଅ ପ୍ରାପ୍ତବୟସ୍କ। ତା'ର ନିଷ୍ପତ୍ତି ନେବାର ଅଧିକାର ରହିଛି। ମୁଁ କାହା ସଙ୍ଗେ ସାଲିସ କରିବି ନାହିଁ। ମୋର ଏକମାତ୍ର ଲକ୍ଷ୍ୟ ବିଜେଡି ଏବଂ ନବୀନ ପଟ୍ଟନାୟକଙ୍କୁ କ୍ଷମତାଚ୍ୟୁତ କରିବା। ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ନବୀନ ପଟ୍ଟନାୟକଙ୍କ ବିରୋଧରେ ଲଢେଇ ଜାରିରଖିବି।

# ଉତ୍ତର, ଆଭ୍ୟନ୍ତରୀଣ ଓଡ଼ିଶାରେ ଘୂର୍ଣ୍ଣିଝଡ଼ ସମ୍ଭାବନା


ଭୁବନେଶ୍ୱର,୧୪।୩(ବ୍ୟୁରୋ)

ଆସନ୍ତା ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ଘଡଘଡି ସହ ଝଡବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଉତ୍ତର ଓଡିଶାର ଅଧିକାଂଶ ଜିଲା ସମେତ ଅନୁଗୋଳ, ବୌଦ୍ଧ, ସୋନପୁର, ସମ୍ବଲପୁର, ଦେବଗଡ, କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ନୟାଗଡ, ଖୋର୍ଦ୍ଧା ଏବଂ ଦକ୍ଷିଣ ଓଡିଶାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖି ଜନିତ ଝଡବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ସତର୍କତା ଅବଲମ୍ବନ କରିବାକୁ ପାଣିପାଗ ବିଭାଗ ପକ୍ଷରୁ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି। ଛତିଶଗଡ ଏବଂ ଓଡିଶା ଉପରେ ଏକ ଟ୍ରାପଲାଇନ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୧୭ ତାରିଖ ଯାଏ ପାଗ ମେଘୁଆ ରହିବା ସହ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଗୋଟିଏ ପଟେ ଝଡବର୍ଷା ସମ୍ଭାବନା ଥିବା ବେଳେ ଅନ୍ୟ ପକ୍ଷରେ ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡିଶାର କେତେକ ସ୍ଥାନରେ ତାତି ବୃଦ୍ଧି ପାଇଛି। ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ତାଳଚେରରେ ସର୍ବାଧିକ ତାପମାତ୍ରା ୩୯.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଥିବା ବେଳେ ଭବାନୀପାଟଣା ୩୮, ବଲାଙ୍ଗୀର ୩୮, ମାଲକାନଗିରି ୩୮.୫, ସୋନପୁର ୩୮, ଅନୁଗୋଳ ୩୭.୧, ଝାରସୁଗୁଡା ୩୬.୬ ଏବଂ ସମ୍ବଲପୁରରେ ସର୍ବାଧିକ ତାପମାତ୍ରା ୩୭.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ବିରୂପାରେ ବୁଡ଼ିଗଲେ ୨ ଛାତ୍ର

**ଜଣଙ୍କ ମୃତଦେହ ଉଦ୍ଧାର**

ଡେରାବିଶ, ୧୪।୩ (ସ୍ୱ.ପ୍ର.): ଡେରାବିଶ ବ୍ଲକ ଦେଇ ପ୍ରବାହିତ ବିରୂପା ନଦୀର ଛୋଟିଠାରେ ନିର୍ମାଣାଧୀନ ବିଜୁ ସେତୁ ନିକଟରେ ଗୁରୁବାର ପୂର୍ବାହ୍ନରେ ଗାଧୋଉଥିବା ବେଳେ ୨ ଛାତ୍ର ବୁଡ଼ିଯାଇଥିଲେ। ବହୁ ଖୋଜାଖୋଜି ପରେ ଅପରାହ୍ନରେ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ରାତି ସାଢ଼େ ୭ଟା ସୁଦ୍ଧା ଅନ୍ୟଜଣଙ୍କର ପତ୍ତା ମିଳି ନ ଥିଲା। ମୃତକ ଜଣକ ହେଲେ ଛୋଟି ଗ୍ରାମର ପ୍ରକାଶ ଦାସଙ୍କ ପୁଅ ଆକାଶ (୧୮)। ପ୍ରକାଶ ଯେ, ଆକାଶ ଓ ତାଙ୍କ ସାଙ୍ଗ ସେହି ଗ୍ରାମର ସନ୍ତୋଷ ପ୍ରଧାନଙ୍କ ପୁଅ ଦିବ୍ୟଜ୍ୟୋତି (୧୬) ପୂର୍ବାହ୍ନ ସାଢ଼େ ୧୦ଟା ବେଳେ ବିରୂପା ନଦୀକୁ ଗାଧୋଇବାକୁ ଯାଇଥିଲେ। ଉଭୟେ ପହଁରି ଘାଟ ପାରି ହୋଇ କିଛି ଦୂରକୁ ଚାଲି ଯିବା ପରେ ଗଭୀର ସ୍ରୋତ ଥିବାରୁ ସେମାନେ ବୁଡ଼ି ଯାଇଥିଲେ। ନଦୀ କୂଳରେ ଗାଧୋଉ ଥିବା ଅନ୍ୟ କେତେଜଣ ସେମାନେ ବୁଡ଼ି ଯାଉଥିବା ଦେଖି ଚିତ୍କାର କରିଥିଲେ। ସଙ୍ଗେ ସଙ୍ଗେ ନଦୀକୂଳରେ ଶତାଧିକ ଲୋକ ରୁଣ୍ଡ ହୋଇଯିବା ସହ ଖବରପାଇ ଡେରାବିଶ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୀର୍ଘ ସମୟ ଖୋଜାଖୋଜି କରିବା ପରେ ଛୋଟି ଘାଟଠାରୁ ୫୦ମିଟର ଦୂରରୁ ଆକାଶଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।




ପ୍ରଥମ ପୃଷ୍ଠାରୁ

### ପଦ୍ମ ଧରିଲେ...

ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ତାଙ୍କୁ ଫୁଲତୋଡା ଦେଇ ଦଳକୁ ସ୍ୱାଗତ କରିଛନ୍ତି। ଅନ୍ୟପଟେ ଦଳର ରାଜ୍ୟ ପ୍ରଭାରୀ ଅରୁଣ ସିଂ ଏବଂ ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂ ଦେଓ ମଧ୍ୟ ଏହି ଅବସରରେ ଦାମଙ୍କୁ ସ୍ୱାଗତ ଜଣାଇଛନ୍ତି। ଦଳର ମିଶ୍ରଣ ପର୍ବରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଉପସ୍ଥିତ ନ ଥିଲେ। ମିଶ୍ରଣ ପର୍ବ ପରେ ଦାମ ଶାହଙ୍କ ବାସଭବନ ଯାଇ ସେଠାରେ ତାଙ୍କୁ ଭେଟିଛନ୍ତି। ଦଳରେ ସାମିଲ ହେବାପରେ ଦାମ ଶାସକ ବିଜେଡି ଉପରେ ବର୍ଷିଛନ୍ତି। ସେ କହିଛନ୍ତି ଯେ, ଦୀର୍ଘଦିନ ଧରି ମାନସିକ ତର୍ଜମା କରିବାପରେ ଭାଜପାରେ ଯୋଗଦେବାକୁ ଚିନ୍ତା କଲି। ୩୫ବର୍ଷ ହେଲା ବିଧାୟକ ଏବଂ ମନ୍ତ୍ରୀଭାବେ କାର୍ଯ୍ୟ କରିଛି। ରାଜ୍ୟ ସରକାରଙ୍କ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ୨୦ଟି ବିଭାଗରେ ମନ୍ତ୍ରୀ ରହିଛି। ବିଜୁବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତିକୁ ଆସିଥିଲି। ୨୦ବର୍ଷ ବିଜୁବାବୁଙ୍କ ସହଯୋଗୀ ଭାବେ କାମ କରିଥିଲି। ନବୀନ ପଟ୍ଟନାୟକଙ୍କ ପ୍ରକୃତି ବିଜୁବାବୁଙ୍କ ଠିକ୍ ବିପରୀତ। ନବୀନ ଓଡିଶା ଲୋକଙ୍କୁ ଭଲ ପାଆନ୍ତି ନାହିଁ। ୨୨ବର୍ଷ ପରେ ମଧ୍ୟ ସେ ଓଡିଆ କହିପାରୁ ନାହାନ୍ତି। ସେ ଦୁର୍ନୀତିକୁ ପ୍ରଶ୍ରୟ ଦେବା ସହ ଦୁର୍ନୀତିଗ୍ରସ୍ତଙ୍କୁ ସୁରକ୍ଷା ଦିଅନ୍ତି। ଚାରା ଘୋଟାଲା ନେଇ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଅଭିଯୋଗ କରିଥିଲି। ସେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ମୋତେ କାଢିଦେଲେ। ଚାଷୀଙ୍କୁ ହଇରାଣ କରାଯାଉଛି, ଫଳରେ ସେମାନେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ଓଡିଶାରେ ମହିଳା ସୁରକ୍ଷିତ ନୁହନ୍ତି। ଜଣେ ସ୍ୱାଭିମାନୀ ମଣିଷ ଭାବେ କିଭଳି ଏସବୁକୁ ବରଦାସ୍ତ କରିଥାଆନ୍ତି। ଗତ ୬ରୁ ୭ମାସ ହେବ ସାରା ରାଜ୍ୟରେ ବୁଲୁଛି। ଲୋକଙ୍କୁ ନବୀନଙ୍କ କଳା ଶାସନ ବିଷୟରେ ଅବଗତ କରାଉଛି। ପୁଣି ଯଦି ଲୋକେ ନବୀନଙ୍କୁ ସମର୍ଥନ କରନ୍ତି ତେବେ ଓଡିଶା ବୁଡିଯିବ। ବିଜେଡିର ୩୭ଜଣ ନେତା ସିବିଆଇ ନଜରରେ ରହିଛନ୍ତି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଛି। ରାଜ୍ୟରେ ଭାଜପା ସରକାର ଶାସନ କ୍ଷମତାକୁ ଆସିବା ଦରକାର। ଭାଜପାକୁ ଶାସନ କ୍ଷମତାରେ ବସାଇବା ପାଇଁ ସେ ଆପ୍ରାଣ ଉଦ୍ୟମ କରିବେ ବୋଲି କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ବିଜୁବାବୁଙ୍କ ଲକ୍ଷ୍ୟକୁ ପୂରଣ କରିବା ଏବଂ ଦୀର୍ଘବର୍ଷ ଧରି ତାଙ୍କ ନୀତି, ଆଦର୍ଶରେ ଚାଲୁଥିବା କେତେଜଣ ନେତାଙ୍କ ମଧ୍ୟରୁ ସବୁଠୁ ସକ୍ରିୟ ହେଉଛନ୍ତି ଦାମ ରାଉତ। କିଛି ମାସ ତଳୁ ରାଜ୍ୟ ସରକାରଙ୍କ କେତେଗୁଡିଏ ଦୁର୍ନୀତି ସମ୍ବଳିତ ପ୍ରସଙ୍ଗ ଉଠାଇ ଦଳରୁ ଦୂରେଇ ଥିଲେ। ଦଳର ସର୍ବୋଚ୍ଚ ନେତାଙ୍କ ନେତୃତ୍ୱକୁ ସ୍ୱୀକାର କରି ଓଡିଶାରେ ଭାଜପାକୁ ମଜଭୁତ କରିବା ପାଇଁ ସେ ଆଗ୍ରହ ପ୍ରକାଶ କରିଛନ୍ତି। ତାଙ୍କୁ ଭାଜପାକୁ ସ୍ୱାଗତ କରୁଛୁ ବୋଲି ଧର୍ମେନ୍ଦ୍ର କହିଛନ୍ତି।



ସବୁ ଜୀବ (ପ୍ରାଣୀ ଓ ମନୁଷ୍ୟ) ପ୍ରତି କରୁଣା ରହିବା ଭଲ କଥା। କିନ୍ତୁ ତୁମେ ଯଦି ତୁମ କରୁଣାର ଦାସ ହୋଇପଡ– ତେବେ ତାହା ଆଦୌ ଭଲ କଥା ନୁହେଁ। କାହାର ବା କିଛିର ଦାସ ହେବ ନାହିଁ – ଏକମାତ୍ର ଭଗବାନଙ୍କ ବ୍ୟତୀତ। ଏପରି କି ତାଙ୍କର ସର୍ବାପେକ୍ଷା ଜ୍ୟୋତିର୍ମୟ ପ୍ରତିନିଧିଙ୍କର ବି ଦାସ ହେବ ନାହିଁ।

–ଶ୍ରୀଅରବିନ୍ଦ

# ନିରାପତ୍ତା ଆଗ

ଭାରତ ତା'ର ସମସ୍ତ ବୋଇଂ ୭୩୭ମାକ୍ସ୍‌୮ ବିମାନକୁ ଉଡ଼ାଣ ଅନୁପଯୋଗୀ ଘୋଷଣା କରିଦେଇଛି ଏବଂ ତାହା ତତ୍କାଳ କାର୍ଯ୍ୟକାରୀ ହୋଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ମଙ୍ଗଳବାର ରାତିରେ ଆବଶ୍ୟକ ନବୀକରଣ ଓ ସୁରକ୍ଷା ବ୍ୟବସ୍ଥା କରାଯିବା ପର୍ଯ୍ୟନ୍ତ ସମସ୍ତ ବୋଇଂ ମାକ୍ସ୍‌୮ ବିମାନର ଉଡ଼ାଣ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛି। ଶେଷରେ ଆମେରିକା ମଧ୍ୟ ଏହି ଜେଟ୍‌ବିମାନର ଉଡ଼ାଣକୁ ବନ୍ଦ ରଖିଥିବା ଗୁରୁବାର ଘୋଷଣା କରିଛି। ରାଜନୈତିକ ଓ ଅନ୍ତର୍ଜାତୀୟ ଚାପରେ ଟ୍ରମ୍ପ ପ୍ରଶାସନ ଏପରି ନିଷ୍ପତ୍ତି ନେଇଥିବା କୁହାଯାଉଛି। ଏହା ପୂର୍ବରୁ ଫ୍ରାନ୍ସ, ବ୍ରିଟେନ୍, ଜର୍ମାନୀ, ମାଲେସିଆ, ଓମାନ ଓ ଅନ୍ୟ ପ୍ରାୟ ୧୦ଟି ଦେଶ ଏହି ବିମାନର ଚଳାଚଳକୁ ବାତିଲ କରିସାରିଛନ୍ତି। ପାଞ୍ଚମାସ ଭିତରେ ଏକ ବୋଇଙ୍ଗ୍ ୭୩୭ମାକ୍ସ୍‌୮ ବିମାନର ଦ୍ୱିତୀୟ ଥର ଦୁର୍ଘଟଣା ଘଟିବା ପରେ ପ୍ରବଳ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ରବିବାର ଇଥିଓପିଆନ୍ ଏୟାରଲାଇନ୍ସର ଏକ ନୂତନ ୭୩୭ମାକ୍ସ୍‌୮ ବିମାନ ଆଦିସ୍ ଆବାବାରୁ ନାଇରୋବି ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁ ଏଥିରେ ସମସ୍ତ ୧୫୭ ଜଣ ଆରୋହୀଙ୍କର ମୃତ୍ୟୁ ଘଟିଥିଲା। ଏହା ପୂର୍ବରୁ ଗତ ଅକ୍ଟୋବର ମାସରେ ଇଣ୍ଡୋନେସିଆରେ ଏକ ଲାୟନ ଏୟାର୍‌ଜେଟ୍ (ସମାନ ଗଢ଼ଣର ବିମାନ) ଜାକର୍ତ୍ତାରୁ ଉଡ଼ାଣର ଅଳ୍ପ ସମୟ ଭିତରେ ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁ ୧୮୯ ଜଣ ଲୋକଙ୍କର ମୃତ୍ୟୁ ଘଟିଥିଲା। ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଥିବା ବିମାନଟି ମାତ୍ର ଚାରିମାସରୁ କମ୍ ଦିନର ପୁରୁଣା। ସେଥିପାଇଁ ଏହି ବିମାନରେ ଆବଶ୍ୟକ ନିରାପତ୍ତା ବ୍ୟବସ୍ଥା ନ ଥିବା ଓ ଗଢ଼ଣରେ ତ୍ରୁଟି ଥିବା ସନ୍ଦେହ କରି ଚାଇନା, ତୁର୍କୀ, ଇଣ୍ଡୋନେସିଆ, ବ୍ରାଜିଲ, ମେକ୍ସିକୋ, ଅଷ୍ଟ୍ରେଲିଆ, ସିଙ୍ଗାପୁର, ଦକ୍ଷିଣ କୋରିଆ ଓ ନର୍‌ୱେ ପ୍ରଭୃତି ରାଷ୍ଟ୍ର ବୋଇଂ ମାକ୍ସ୍‌୮ର ଉଡ଼ାଣକୁ ବନ୍ଦ କରିଛନ୍ତି। ମାଲେସିଆ ଆମେରିକା ଏରୋସ୍ପେସ୍ କମ୍ପାନୀରୁ ଏହି ବିମାନ କିଣିବା ପାଇଁ ବରାଦ ଦେଇଥିବା ବେଳେ ବୁଧବାର ତାହାକୁ ପ୍ରତ୍ୟାହାର କରିନେଇଛି। ବର୍ତ୍ତମାନ ସାରା ବିଶ୍ୱରେ ୩୫୦ଟି ମାକ୍ସ୍‌୮ ବିମାନ ପ୍ରଚଳିତ ଥିବା ବେଳେ ୫୦୦୦ରୁ ଊର୍ଦ୍ଧ୍ୱ ବିମାନ ପାଇଁ ବରାଦ ଦିଆଯାଇଥିଲା।

ସାରା ବିଶ୍ୱରେ ପ୍ରତିକ୍ରିୟା ପ୍ରକାଶ ପାଇବା ଯୋଗୁ ବୋଇଂର ଶେୟାର ହ୍ରାସ ପାଇଛି ଏବଂ ଏହାର ବଜାର ଦର ହ୍ରାସ ପାଇଛି। ଫଳରେ ଏହାର କୋଟି କୋଟି ଟଙ୍କା କ୍ଷତି ଘଟିଛି। ସ୍ପାଇସ୍‌ଜେଟ ହେଉଛି ଏକମାତ୍ର ଭାରତୀୟ ଏୟାର୍‌ଲାଇନ୍ ଯାହାର ୧୨ଟି ବୋଇଂ ୭୩୭ମାକ୍ସ୍‌୮ ବିମାନ ଅଛି। ଜେଟ୍ ଏୟାର୍‌ୱେଜ୍‌ର ମଧ୍ୟ ଏପରି ୫ଟି ବିମାନ ଅଛି। କିନ୍ତୁ ଏୟାର୍‌ଲାଇନର କ୍ଷତି ଯୋଗୁ ଏଗୁଡ଼ିକର ଉଡ଼ାଣ ବନ୍ଦ ରହିଥିଲା। ବେସାମରିକ ବିମାନ ଚଳାଚଳ ବିଭାଗ ବୋଇଂ ୭୩୭ମାକ୍ସ୍‌୮ର ଉଡ଼ାଣକୁ ନିଷିଦ୍ଧ କରିବା ପରେ ବୁଧବାର ସ୍ପାଇସ୍‌ଜେଟର ଶେୟାର ତଳକୁ ଖସିଯାଇଛି। ଉଭୟ ଏକ୍ସଚେଞ୍ଜରେ ସ୍ପାଇସ୍‌ଜେଟର ଅର୍ଥଲଗାଣର ପ୍ରମାଣପତ୍ର (ସ୍କ୍ରିପ୍) ଦିନକ ଭିତରେ ୮ ପ୍ରତିଶତ ହ୍ରାସ ପାଇଥିବା ବେଳେ ଏହା କ୍ଷତିର ପରିମାଣ କୌଣସି ପ୍ରକାରେ ୨ ପ୍ରତିଶତରୁ କିଛି ଅଧିକ କମାଇ ବିଏସ୍‌ଇରେ ଶେୟାର ମୂଲ୍ୟ ୮୭୭.୧୫ ରଖିବାରେ ସଫଳ ହୋଇଛି। ଗୁରୁବାର ସ୍ପାଇସ୍‌ଜେଟର ଅଂଶଧନ ୨.୫ ପ୍ରତିଶତ ଭରଣା ହୋଇପାରିଛି। ଇତିମଧ୍ୟରେ ମାକ୍ସ ବିମାନଗୁଡ଼ିକୁ ନିରାପଦ ବୋଲି ପ୍ରମାଣ କରିବାକୁ ବିଶ୍ୱର ବୃହତ୍ତମ ବିମାନ ନିର୍ମାତା ବୋଇଂ ଉପରେ ପ୍ରବଳ ଚାପ ପଡୁଛି। କମ୍ପାନୀ ତା'ର ୱେବ୍‌ସାଇଟ୍‌ରେ ବିମାନର ସୁରକ୍ଷା ମାନଦଣ୍ଡ ଉପରେ ଗୁରୁତ୍ୱ ଦେଉଛି ବୋଲି ପ୍ରକାଶ କରିଛି। କିନ୍ତୁ ନିରାପତ୍ତା ପ୍ରତି ଗୁରୁତ୍ୱ ଦେଉଛି ବୋଲି ନିଜେ ଖାଲି କଥାରେ କହିଦେଲେ ତାହା ଗ୍ରହଣୀୟ ହୋଇପାରିବ ନାହିଁ।

ଭାରତ ସମେତ ବିଭିନ୍ନ ଦେଶ ବୋଇଂ ୭୩୭ମାକ୍ସ ସିରିଜ୍ ବିମାନଗୁଡ଼ିକର ଉଡ଼ାଣକୁ ନିଷିଦ୍ଧ କରିବା ଦ୍ୱାରା ଅନ୍ତର୍ଜାତୀୟ ଗମନାଗମନ ଓ ପର୍ଯ୍ୟଟନ ବ୍ୟାହତ ହେବ, ଭାରତ ଯାହାର ଏକ ବଡ଼ ଲାଭାର୍ଥୀ ଥିଲା। ଏହାଦ୍ୱାରା ବିମାନ କମ୍ପାନୀଗୁଡ଼ିକର ବ୍ୟାପକ ଆର୍ଥିକ କ୍ଷତି ହେବା ସହ ବିଭିନ୍ନ ଦେଶର କର୍ପୋରେଟ୍ ଓ ପର୍ଯ୍ୟଟନ ସମ୍ଭାବନା ମଧ୍ୟ ପ୍ରଭାବିତ ହେବ। ଏହା ଅନ୍ୟ ବିମାନଗୁଡ଼ିକ ଉପରେ ସାମୟିକ ଚାପ ପକାଇବ। ତଥାପି ଯାତ୍ରୀ ନିରାପତ୍ତା ଦୃଷ୍ଟିରୁ ଏହା ଏକ ଯଥାର୍ଥ ନିଷ୍ପତ୍ତି। ଗତ ଛଅମାସ ଭିତରେ ଘଟିଥିବା ଦୁଇଟି ବୋଇଙ୍ଗ୍ ବିମାନ ଦୁର୍ଘଟଣାର କାରଣ ଅଦ୍ୟାବଧି ଜଣାପଡ଼ି ନ ଥିବା ବେଳେ କମ୍ପାନୀ ଏହାର ବିମାନ ଉପରେ ଜନସାଧାରଣଙ୍କର ରହିଆସିଥିବା ବିଶ୍ୱାସକୁ ପୁଣି ଫେରାଇ ଆଣିବା ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉଚିତ। ଇଥିଓପିଆନ ଏୟାର୍‌ଲାଇନ୍ସ ଗୁରୁବାର କହିଛି ଯେ, ଏହା ଦୁର୍ଘଟଣାଗ୍ରସ୍ତ ବିମାନର ବ୍ଲାକ୍‌ବକ୍ସକୁ ବିଶ୍ଳେଷଣ ପାଇଁ ପ୍ୟାରିସ୍ ପଠାଇଛି। ଦୁର୍ଘଟଣାର କାରଣ ସମ୍ବନ୍ଧରେ ବ୍ଲାକ୍‌ବକ୍ସ କିଛି ସୂଚନା ଦେଇପାରେ। କିନ୍ତୁ ଦୁଇଟି ଦୁର୍ଘଟଣାର କାରଣ ଜାଣିବା ପାଇଁ ଏକ ବହୁସଂସ୍ଥୀୟ ତଦନ୍ତ ହେବା ଉଚିତ। ଯାତ୍ରୀମାନଙ୍କ ନିରାପତ୍ତା ମୁଖ୍ୟ ବୋଲି ବୋଇଂ କମ୍ପାନୀ ବିବୃତି ଦେଇଥିବା ବେଳେ ଆମେ ଆଶା କରୁଛୁ କମ୍ପାନୀ ସେ ଦିଗରେ କାର୍ଯ୍ୟ କରିବ। ବିମାନ ଶିଳ୍ପରେ ଯାତ୍ରୀମାନଙ୍କ ନିରାପତ୍ତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଆଉ କିଛି ବି ନୁହେଁ। ଦୁର୍ଘଟଣା ଆଡ଼କୁ ଟାଣି ନେଉଥିବା ଯାନ୍ତ୍ରିକ ତ୍ରୁଟିର କାରଣ ଖୋଜିବା ପାଇଁ ଏହାର ବିମାନ ବିଜ୍ଞାନ, ଡିଜାଇନ, ସଫ୍ଟୱେର ପ୍ରଭୃତିର ତନଖି କରିବା କମ୍ପାନୀର ଦାୟିତ୍ୱ। ତା'ଛଡ଼ା ନିରାପତ୍ତା ଉପରେ ପ୍ରଭାବ ପକାଉଥିବା ଅନ୍ୟ ଜିନିଷ ମଧ୍ୟ ସମାନଭାବେ ଗୁରୁତ୍ୱପୂର୍ଣ୍ଣ। ସେଗୁଡ଼ିକ ମଧ୍ୟରେ ରହିଛି ବିମାନ ବନ୍ଦରର ଭିତ୍ତିଭୂମି, ପାଇଲଟ୍ ଓ ଏଟିସି (ଏୟାର ଟ୍ରାଫିକ୍ କଣ୍ଟ୍ରୋଲର)ମାନଙ୍କ ତାଲିମ, ସଫ୍ଟୱେର ସିଙ୍କ୍ରୋନାଇଜେଶନ ଏବଂ ସର୍ବୋପରି ପାଇଲଟ୍ ଓ ବିମାନ କର୍ମଚାରୀମାନଙ୍କ ପାଇଁ ଚାପମୁକ୍ତ ପରିବେଶ। ନିରାପତ୍ତା ଆଗ, ଆଉ ସବୁ ପଛ।

## ଆଜିର ଅର୍ଥନୀତି

# ସଡ଼କ ନିରାପତ୍ତା



ଶିବରାମ ଶତପଥୀ

ସଭ୍ୟତା ଓ ବିଜ୍ଞାନର ଅଗ୍ରଗତି ସହିତ ଦ୍ରୁତଗାମୀ ଯାନବାହନ ସଂଖ୍ୟା ବଢ଼ି ଚାଲେ। ସଡ଼କ ଦୁର୍ଘଟଣା ଯେ ଚାଳକର ଅସାବଧାନତାରୁ ଘଟେ ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। ଏଥିପାଇଁ ରାସ୍ତାଘାଟ ଓ ଯାନ୍ତ୍ରିକ ତ୍ରୁଟି ମଧ୍ୟ ସମପରିମାଣରେ ଦାୟୀ। ବେଗ ହିଁ ଉନ୍ନତିର ଲକ୍ଷଣ। ଅତଏବ ଯାନବାହନଗୁଡିକ ସଡ଼କରେ ଗଲାବେଳେ କ୍ଷିପ୍ରଗତି ଅବଲମ୍ବନ କରିବେ ଏଥିରେ ଦ୍ୱିରୁକ୍ତି ନାହିଁ। କିନ୍ତୁ ଗତି ସହିତ ଯାନ ଓ ରାସ୍ତା ଉନ୍ନତମାନର ହେବା ଆବଶ୍ୟକ। ଦୁର୍ଘଟଣା ଯୋଗୁ ପ୍ରତିଦିନ ମୂଲ୍ୟବାନ ଧନଜୀବନ ନଷ୍ଟ ହେବା ସହିତ ଅନେକେ ଚିରଦିନ ପାଇଁ ବିକଳାଙ୍ଗ ହୋଇ ଆଜୀବନ ଦୁଃଖ ଭୋଗ କରନ୍ତି।

ସଡ଼କ ଦୁର୍ଘଟଣାର ତ୍ରିବିଧ କାରଣ ହେଲା ରାସ୍ତାଦୋଷ, ଯାନର ଯାନ୍ତ୍ରିକ ତ୍ରୁଟି ଓ ଚାଳକର ଅସାବଧାନତା। ରାସ୍ତାଘାଟ ନିର୍ମାଣ ହେଲା ବେଳେ ସୁପର ଏଲିଭେଶନ ଠିକ୍ ଭାବେ ଦିଆ ନ ଯିବା, ନିର୍ମିତ ରାସ୍ତାର ଉଚିତ ରକ୍ଷଣାବେକ୍ଷଣ ଅଭାବରୁ ତା'ର ଅବସ୍ଥା ଶୋଚନୀୟ ହେବା ତଥା ରାସ୍ତାର ଉଭୟ ପାର୍ଶ୍ୱରେ ଜଳ ଜମି ରହିବାରୁ ରାସ୍ତାର ମୂଳଦୁଆ (ସବ୍‌ଗ୍ରେଡ୍) ଦୁର୍ବଳ ହୋଇ ଖାଲଖମା ସୃଷ୍ଟି ହେବା ଆଦି ରାସ୍ତାଦୋଷର ଅନ୍ତର୍ଭୁକ୍ତ।

କୌଟିଲ୍ୟ ଅର୍ଥଶାସ୍ତ୍ରରେ ଲେଖିଛନ୍ତି, ରାସ୍ତାର ଉପରିଭାଗ କମଠ ପୃଷ୍ଠ ପରି ହେବା ଉଚିତ, ଯାହାଦ୍ୱାରା ବୃଷ୍ଟି ଜଳ ରାସ୍ତା ଉପରେ ଜମି ନ ରହି ପାର୍ଶ୍ୱକୁ ଗଡିଯିବ। ରାସ୍ତାର ଏକମାତ୍ର ଶତ୍ରୁ ହେଉଛି ଜଳ। ଜଳ ସବ୍‌ଗ୍ରେଡ୍‌କୁ ସ୍ରବିଲେ ତାକୁ ଦୁର୍ବଳ କରିଦିଏ। ପରିଣାମତଃ ତା'ର ଧାରଣ ଶକ୍ତି (ଲୋଡ ବିୟରିଂ କାପାସିଟି) ହ୍ରାସ ପାଏ ଓ ରାସ୍ତାରେ ଗଭୀର ଗର୍ତ୍ତ ସୃଷ୍ଟି ହୁଏ। ଏ ଗର୍ତ୍ତଗୁଡିକୁ ମରାମତି କରି ତୁରନ୍ତ ବନ୍ଦ କରା ନ ଗଲେ ତା'ଦେଇ ଜଳ ପଶି ସଡକକୁ ଅଧିକ ଦୁର୍ବଳ କରିବାର ରାସ୍ତା ପ୍ରଶସ୍ତ କରେ। ସଡ଼କର ପାର୍ଶ୍ୱକୁ କେବଳ ଜଳ ବହିଯିବା ଯଥେଷ୍ଟ ନୁହେଁ। ଜଳ ନିମ୍ନକୁ ନ ବହି ପାର୍ଶ୍ୱରେ ଆବଦ୍ଧ ରହିଲେ ପରିସ୍ରବଣ ଯୋଗୁ ମୂଳଦୁଆକୁ ଦୁର୍ବଳ କରେ। ପୁନଶ୍ଚ ଦ୍ରୁତଗାମୀ ଗାଡି ବକ୍ର ପଥ ଦେଇ ଗତି କଲାବେଳେ ଯଦି ରାସ୍ତାରେ ଠିକ୍ ସୁପର ଏଲିଭେଶନ (ରାସ୍ତାର ବାହାର ଧାର ଭିତର ଧାରଠାରୁ ଉଚ୍ଚ ହେବା) ଦିଆଯାଇ ନ ଥାଏ ତେବେ ଗାଡି ଓଲଟି ଯିବାର ସମ୍ଭାବନାକୁ ଏଡାଇ ହେବ ନାହିଁ। ଆମ ଦେଶରେ ଦୁର୍ଭାଗ୍ୟବଶତଃ ଇଞ୍ଜିନିୟର ଓ ଠିକାଦାରମାନେ ଏପରି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକୁ ମିସ୍ତ୍ରି ହାତରେ ଛାଡି ଦିଅନ୍ତି, ଯେହେତୁ ଏଗୁଡିକ ସେମାନଙ୍କ ପାଇଁ ସାଧାରଣ କଥା।

ରାସ୍ତା ନିର୍ମାଣ ବେଳେ ମୂଳଦୁଆ ତଳର ମାଟି ଭିତରେ ଯଦି ପଥପାର୍ଶ୍ୱ ଗଛର ମୂଳ ଆଦି ରହିଯାଏ, ତେବେ ତାହା କାଳକ୍ରମେ ପଚିଶଢି ସେ ସ୍ଥାନରେ ଶୂନ୍ୟସ୍ଥାନ ସୃଷ୍ଟି କରେ। ତାହା ପୂର୍ଣ୍ଣ କରିବା ପାଇଁ ଉପରିସ୍ଥ ସଡ଼କ ସେ ସ୍ଥାନରେ ଦବିଯାଇ ରାସ୍ତାକୁ ବନ୍ଧୁର କରିଦିଏ। ଦ୍ୱିତୀୟତଃ ଭିତ୍ତିନିମ୍ନସ୍ଥ ମୃତ୍ତିକା ଯଦି କୃଷ୍ଣକାର୍ପାସ ବା ଚିକିଟା ମାଟି ଥାଏ, ତେବେ ଅନ୍ୟୂନ ଅଧାମିଟର ଗଭୀରର ମାଟି ଅପସାରଣ କରାଯାଇ ସେ ସ୍ଥାନରେ ବାଲି ବା କଙ୍କର ଭର୍ତ୍ତି କରାଯାଏ। ଏପରି ନ ହେଲେ ଗ୍ରୀଷ୍ମଋତୁରେ ଲାଜକୁଳି ଲତା ପରି ସେ ମାଟି ସଙ୍କୁଚିତ ହେବା ହେତୁ ସେ ସ୍ଥାନରେ ରାସ୍ତା ଧସିଯାଇ ପୃଷ୍ଠରେ ବନ୍ଧୁରତା ସୃଷ୍ଟି କରେ। ଏ ଲେଖକ ଦେଖିଛି ଆମେରିକାରେ ଯେଉଁ ସ୍ଥାନ ସାମୁଦ୍ରିକ ଚିକିଟା ମାଟି ବିଶିଷ୍ଟ ସେଠାରେ ଏ ପ୍ରକାର ବାଲି ଭର୍ତ୍ତି କରିବା ପ୍ରକ୍ରିୟା ବ୍ୟୟବହୁଳ ହୋଇଥିବାରୁ ଏହାକୁ ଉପେକ୍ଷା କରାଯାଇଥାଏ। ଫଳତଃ ଶୀତଋତୁରେ ସଡକ ଉପରେ ଗଭୀର ଫାଟ ଦେଖାଯାଏ। ଅବଶ୍ୟ ସେଠାରେ ସଡ଼କ ତୁରନ୍ତ ରକ୍ଷଣାବେକ୍ଷଣ କରାଯାଉଥିବାରୁ ବିଟୁମେନ (ପିଚୁ) ଗ୍ରାଉଟିଙ୍ଗ ଦ୍ୱାରା ଫାଟଗୁଡିକ ତତକ୍ଷଣାତ୍ ବନ୍ଦ କରାଯାଏ।


ବସ୍ ଓ ଟ୍ରକ୍‌ଗୁଡିକର ଫିଟ୍‌ନେସ୍ ଯଦି ନିୟମିତ ବ୍ୟବଧାନରେ ଯାଞ୍ଚ କରାଯାଉଥାନ୍ତା, ତେବେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୁର୍ଘଟଣା ହେବା ବହୁ ପରିମାଣରେ କମିଯାଇପାରନ୍ତା। ଯେତେଦିନ ଯାଏ ଗାଡି ଚାଲିଛି ସେତେଦିନ ଯାଏ ସାଧାରଣ ଧୁଆପୋଛା ବ୍ୟତୀତ ଆଉ କିଛି ଯାଞ୍ଚ କରିବାର ଆବଶ୍ୟକତା ଉପଲବ୍ଧି କରାଯାଏ ନାହିଁ। ଗାଡିର ଚକ ପରିବର୍ତ୍ତନ (ରୋଟେଶନ), ଇଞ୍ଜିନ ଓ ବ୍ରେକ୍‌ର ଅବସ୍ଥା, ବ୍ୟାଟେରି କୁଲିଙ୍ଗ ସିଷ୍ଟମ୍, ଟାୟାର, ଟ୍ୟୁବ୍, ସସ୍‌ପେନ୍ସନ ଆଦି କମ୍ପାନୀର ସ୍ୱୀକୃତିପ୍ରାପ୍ତ ମେକାନିକ ଦ୍ୱାରା ଚେକ୍ କରାଇବା ବ୍ୟୟସାପେକ୍ଷ, ତେଣୁ କରାଯାଏ ନାହିଁ। ଫଳତଃ କେତେବେଳେ ଗାଡିର ବ୍ରେକ୍ ଫେଲ୍ ହେବ ବା ଗାଡିକୁ ଗୋଟେ ପାର୍ଶ୍ୱକୁ ଟାଣିନେବ କି ଚକ ଫାଟିଯିବ ତା'ର କିଛି ଠିକଣା ନ ଥାଏ। ଏଥିଯୋଗୁ ନିଜ ଗାଡି ଦୁର୍ଘଟଣାଗ୍ରସ୍ତ ହେବା ସହିତ ଅନ୍ୟଗାଡି ଓ ପଥଚାରୀଙ୍କୁ ମଧ୍ୟ କ୍ଷତି ପହଞ୍ଚାଏ। ପନ୍ଦରବର୍ଷ ଚଳାଇବା ପରେ ଗାଡିକୁ ରାସ୍ତା ପାଇଁ ଅନୁପଯୁକ୍ତ ଦର୍ଶାଇ ରେଜିଷ୍ଟ୍ରେଶନ ରଦ୍ଦ କରିବା ଦ୍ୱାରା ମଧ୍ୟ ଦୁର୍ଘଟଣାକୁ ଏଡାଇ ହେବ। ଅଧିକନ୍ତୁ, ନିର୍ଦ୍ଧାରିତ ପରିମାଣଠାରୁ ଅଧିକ ଦୂଷିତ ବାଷ୍ପ ଗାଡିରୁ ନିର୍ଗତ ହେଲେ ପରିବେଶ ପ୍ରଦୂଷିତ ହେବା ସହିତ ଅନୁଗମନ କରୁଥିବା ଗାଡିର ଚାଳକ ଓ ଲୋକଙ୍କ ଦୃଷ୍ଟି ବ୍ୟାହତ ହୋଇ ଦୁର୍ଘଟଣା ଘଟାଇଥାଏ। ସଡକ ପରିବହନ ଅଧିକାରୀଙ୍କ କାର୍ଯ୍ୟ କେବଳ ଦ୍ୱିଚକ୍ର ଯାନ ଆରୋହୀଙ୍କ ଶିରସ୍ତ୍ରାଣ ଓ ଗାଡି ଚାଳକଙ୍କ ସିଟ୍ ବେଲ୍ଟ ଚେକ୍‌ରେ ସୀମିତ ନୁହେଁ, ତା' ସହିତ ଉଲ୍ଲିଖିତ ବିଷୟଗୁଡିକ ପ୍ରତି ଦୃଷ୍ଟି ଦେଲେ ଦୁର୍ଘଟଣା କମ୍ କରି ହୁଅନ୍ତା।

ଦୁର୍ଘଟଣାର ତୃତୀୟ ଏବଂ ମୁଖ୍ୟ କାରଣ ହେଉଛି ଚାଳକର ଅସାବଧାନତା। କଥାରେ ଅଛି ନାଚି ନ ଜାଣିଲେ ଅଗଣାର ଦୋଷ। ଏ ଦୃଷ୍ଟିରୁ ବିଚାର କଲେ, ରାସ୍ତାର ଅବସ୍ଥା ଶୋଚନୀୟ ଥିଲେ ମଧ୍ୟ ପ୍ରତ୍ୟେକ ଚାଳକ ଯଦି ଶୀଘ୍ର ଯିବାର ପ୍ରତିଦ୍ୱନ୍ଦ୍ୱିତା ନ କରି ସାବଧାନତା ଅବଲମ୍ବନ କରନ୍ତି ତେବେ ଦୁର୍ଘଟଣା ଅନେକ ପରିମାଣରେ ହ୍ରାସ ପାଇପାରନ୍ତା। ଗାଡିକୁ କ୍ଷିପ୍ର ଗତିରେ ଚଳାଇ ଗନ୍ତବ୍ୟ ସ୍ଥାନରେ ଶୀଘ୍ର ପହଞ୍ଚିବା ନିଶା, ଆବଶ୍ୟକ ବିଶ୍ରାମ ଅଭାବରୁ ଚାଳକ ସଳଖ ସଡକରେ ଗାଡି ଚଳାଉ ଚଳାଉ ଢୁଳେଇ ପଡିବା, ଅନ୍ୟ ଅଗ୍ରଗାମୀ ଗାଡି ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା, ମଦ୍ୟପାନ କରି ଗାଡି ଚଳାଇବା ଆଦି ପରିହାର୍ଯ୍ୟ କାରଣରୁ ଭୟାବହ ଦୁର୍ଘଟଣାରେ ଧନଜୀବନ ନଷ୍ଟ ହେବାର ନଜୀର ଅଛି। ମାନସିକ ଉତ୍ତେଜନା ବା ଅବସାଦଗ୍ରସ୍ତ ଅବସ୍ଥାରେ ଅଥବା ଶାରୀରିକ ବା ମାନସିକ ଅସୁସ୍ଥତା ସମୟରେ ଗାଡି ଚଳାଇବା ଯୋଗୁ ମଧ୍ୟ ଦୁର୍ଘଟଣା ଘଟିଥାଏ। ଚାଳକର ଦୃଷ୍ଟିଶକ୍ତି ହ୍ରାସ ଯୋଗୁ ଅଥବା କୁହୁଡି ବା ଅନ୍ଧକାର ହେତୁ ସଡ଼କ ସମ୍ୟକ୍ ପରିଦୃଷ୍ଟ ନ ହେଲେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଧନଜୀବନର ପ୍ରଭୂତ କ୍ଷତି ଘଟିଥାଏ। ବେଳେ ବେଳେ ରାସ୍ତାରେ ଗୋରୁ, କୁକୁଡା, କୁକୁର ଆଦିଙ୍କ ଅବାଧ ବିଚରଣ ହେତୁ ଦୁର୍ଘଟଣା ଘଟିଥାଏ। ବାରଣ ଥିବା ସତ୍ତ୍ୱେ ଚାଳକ ମୋବାଇଲରେ କଥା ହେବା ହେତୁ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଥାଏ।

ରାସ୍ତାକଡ଼ରେ ସ୍ଥାନେ ସ୍ଥାନେ ବେଗ ନିର୍ଦ୍ଧାରକ ଫଳକ ଥିଲେ ଚାଳକ ସତର୍କତା ଅବଲମ୍ବନ କରେ। ଯେଉଁ ଦେଶର ରାସ୍ତାଗୁଡିକରେ ମାଇଲ ସ୍ତମ୍ଭ ବି ଲଗାଯାଇ ନ ଥାଏ ସେଠାରେ ବେଗ ନିର୍ଦ୍ଧାରକ ଫଳକ ଆଶା କରିବା ଶଶା ଶିରରେ ଶୃଙ୍ଗ ଆଶା କରିବା ସଦୃଶ। ଆମେରିକାର କ୍ଷେତ୍ରଫଳ ଆମ ଦେଶର ପ୍ରାୟ ଚାରିଗୁଣ। ରାଜପଥରେ ଯିବାକୁ ହେଲେ ଗାଡିର ବେଗ ଘଣ୍ଟା ପ୍ରତି ଅନ୍ୟୂନ ଶହେ କିଲୋମିଟର ରଖିବାକୁ ହୁଏ। ଗାଡିଗୁଡିକ ଏତେ ଶୀଘ୍ରଗାମୀ ହେବା ସତ୍ତ୍ୱେ ରାସ୍ତାର ନିୟମ ମାନି ଚାଲୁଥିବାରୁ ଦୁର୍ଘଟଣା କ୍ୱଚିତ୍ ସଂଘଟିତ ହୁଏ। ଚାଳକ ରାସ୍ତାର ନିୟମ ମାନୁଛି ତ, ମଦ୍ୟପାନ କରି ଗାଡି ଚଳାଉ ନାହିଁ ତ, ନିର୍ଦ୍ଧାରିତ ବେଗ ଅତିକ୍ରମ କରୁନାହିଁ ତ, ଶିଶୁକୁ ପଛ ସିଟ୍‌ରେ ଠିକ୍ ଭାବେ ବାନ୍ଧି ବସାଯାଇଛି ତ, ଚାଳକ ଓ ସହଯାତ୍ରୀ ସିଟ୍ ବେଲ୍ଟ ବାନ୍ଧିଛନ୍ତି ତ– ଏସବୁ ଯାଞ୍ଚ କରିବା ପାଇଁ ପୋଲିସ କ୍ଷିପ୍ରଗାମୀ ଗାଡି ଧରି ସ୍ଥାନେ ସ୍ଥାନେ ଲୁଚି ରହିଥାନ୍ତି। ସେ ରାଷ୍ଟ୍ରପତିଙ୍କ ପୁଅ ବା ଝିଅ ହେଲେ ମଧ୍ୟ ନିୟମ ଉଲ୍ଲଂଘନ କଲେ ଚାଳକକୁ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଏ। ସେଠାରେ ପୋଲିସ ରାଜନେତାଙ୍କ ନିୟନ୍ତ୍ରଣ–ବହିର୍ଭୂତ। ଆମ ଦେଶରେ ସେପରି ବ୍ୟବସ୍ଥା ଥିଲେ ଓ ଚାଳକମାନେ ନିୟମ ମାନି ଚାଲୁଥିଲେ ସଡକ ଦୁର୍ଘଟଣା ପ୍ରାୟ ଶତକଡା ନବେ କମିଯାଇଥାନ୍ତା।

ବି–୧୮, ପଦ୍ମପାଣି ବିହାର,ଶୈଳଶ୍ରୀ ବିହାର,
ଭୁବନେଶ୍ୱର, ମୋ–୯୪୩୭୦୧୭୨୦୨

# ନାଚି ନ ଜାଣି ଅଗଣା ଦୋଷ



ରଞ୍ଜନ ସାହୁ

ଦୋଷ ଦେବା ଲୋକଙ୍କର ଏକ ପ୍ରବୃତ୍ତି। ସମ୍ପ୍ରତି ଦେଖାଯାଏ ଯେ, ସରକାରଙ୍କ କାର୍ଯ୍ୟାବଳୀ ଉପରେ ଲୋକମାନେ ବହୁଳଭାବେ ଦୋଷାରୋପ କରିଚାଲିଛନ୍ତି। ସରକାରଙ୍କୁ ଦୋଷ ଦେଲେ ନିଜର ନାଗରିକୋଚିତ ଧର୍ମ ପାଳନ ହେଲା ବୋଲି ନିଶ୍ଚିନ୍ତରେ ନିଦ୍ରା ଯାଉଛନ୍ତି। ଯଦି ପୋଲଟିଏ ଭୁଶୁଡ଼ି ପଡ଼ିଲା, ସେଥିପାଇଁ ସରକାର ଦୋଷୀ ବୋଲି ଅନେକେ କହନ୍ତି। ତଦନୁରୂପ କୁହାଯାଏ: ଗୁଟ୍‌ଖା ଖାଇବା ବନ୍ଦ ହେଲାନାହିଁ– ସରକାରଙ୍କର ଦୋଷ। ପଲିଥିନ ବ୍ୟବହାରକୁ ପ୍ରତିରୋଧ କରିହେଲାନାହିଁ– ସରକାରଙ୍କର ଦୋଷ। ମନ୍ଦିରରେ ଫାଟ ଦିଶିଲା– ସରକାରଙ୍କର ଦୋଷ। ଜନହିତୈଷୀ ଯୋଜନାଗୁଡ଼ିକ ସଫଳ ହେଉନାହିଁ– ସରକାରଙ୍କର କୋହଳ ନୀତିର ଦୋଷ। ଅଫିସ୍‌ଗୁଡ଼ିକରେ ସୁଚାରୁରୂପେ କାର୍ଯ୍ୟ ଚାଲୁନାହିଁ, ଲାଞ୍ଚ ବିନା କାମ ହେଉନାହିଁ– ଦୋଷ ସରକାରଙ୍କର। ଡାକ୍ତରଖାନାରେ ରୋଗୀ ସେବା ଯଥୋଚିତ ହେଉନାହିଁ– ଦୋଷ ସବୁ ସରକାରଙ୍କର। ଶିକ୍ଷାୟତନଗୁଡ଼ିକରେ ପାଠପଢ଼ା ଆଦୌ ହେଉନାହିଁ– ଏଥିସକାଶେ ସରକାରଙ୍କର ନୀତି ଦୋଷଯୁକ୍ତ। ବାହାଘର ଭୋଜିରେ ଭେଜାଲ ଖାଦ୍ୟ ଖାଇ ଲୋକେ ମଲେ– ସରକାର ଦୋଷୀ। ରାସ୍ତାରେ ବେପରୁଆ ଗାଡ଼ି ଚଳାଇ ଅନେକେ ମୃତାହତ ହେଉଛନ୍ତି– ସରକାର ପୂରା ଦୋଷୀ। ବୃଦ୍ଧ ବରିଷ୍ଠ ନାଗରିକଙ୍କୁ ସନ୍ତାନମାନେ ଉପେକ୍ଷା କରୁଛନ୍ତି– ଦୋଷ ସରକାରଙ୍କର। ଚାଷୀମାନଙ୍କ ଉଦ୍ଦେଶ୍ୟରେ ଆସିଥିବା ଋଣ ଅଣଚାଷୀମାନେ ହଡ଼ପ କରିନେଉଛନ୍ତି– ସରକାରୀ ଶାସନରେ ଅବ୍ୟବସ୍ଥା। ରାସ୍ତାଘାଟ ନିୟମିତ ପରିଷ୍କାର ପରିଚ୍ଛନ୍ନ ହେଉନାହିଁ– ସରକାରଙ୍କର ଅବହେଳା। ରାତିରେ ମଶା ପ୍ରବଳ କାମୁଡୁଛନ୍ତି– ବୁଝୁନାହାନ୍ତି ସରକାର। ବାୟୁମଣ୍ଡଳ ପ୍ରଦୂଷିତ– ସରକାର ଉଦାସୀନ। ଏ ବର୍ଷ ଭଲ ମୌସୁମୀ ବର୍ଷା ହେଲା ନାହିଁ– ସରକାରଙ୍କର ଅପାରଗତା। ବର୍ଷା ଅଭାବରୁ ମରୁଡ଼ି ଦେଖାଦେଲା– ସରକାରଙ୍କର ଅପରିଣାମଦର୍ଶିତା। ନାରୀମାନଙ୍କୁ ଅଧିକ ଆଇନଗତ ସ୍ୱାଧୀନତା ଦେବା ହେତୁ ସେମାନେ ଉଚ୍ଛୃଙ୍ଖଳ ହେଉଛନ୍ତି– ସରକାରଙ୍କର ଅବିମୃଶ୍ୟକାରିତା। ପ୍ରେମୀଯୁଗଳଙ୍କ ପାଇଁ ସୁନ୍ଦର, ସୁରକ୍ଷିତ, ନିର୍ଜ୍ଜନ ପାର୍କଟିଏ ନ ଥିବାରୁ ଅସହିଷ୍ଣୁମାନେ ହୀନସ୍ତା କରୁଛନ୍ତି– ସରକାରଙ୍କର ନାହିଁ ସହଯୋଗିତା।

ଉପରୋକ୍ତ ଦୃଷ୍ଟାନ୍ତଗୁଡ଼ିକୁ ଅନୁଧ୍ୟାନ କଲେ ଉପଲବ୍ଧି ହୁଏ ଯେ ସରକାରଙ୍କ ଛଡ଼ା ନାଗରିକମାନଙ୍କର ଦେଶ ପ୍ରତି ତାଙ୍କର କୌଣସି କର୍ତ୍ତବ୍ୟ ନାହିଁ। ସବୁ କର୍ତ୍ତବ୍ୟ ଶାସକର। ଆମେ ସତରେ ଭାବୁ ଯିଏ ସରକାର ଗଢ଼େ ସବୁ ଦୋଷ ତାହାର। ଏହା କିନ୍ତୁ ଏକ ଅମୂଳକ ଚିନ୍ତାଧାରା। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସରକାର ବୋଇଲେ ପ୍ରତ୍ୟେକ ଜନତାଙ୍କୁ ବୁଝାଏ। ଏ କଥା କେବେ ବୁଝିବେ ସାଧାରଣ ପ୍ରଜା? ସରକାରର ସେମିତି କିଛି ଭିନ୍ନ ସଂଜ୍ଞା ବହନକାରୀ ଅର୍ଥ ନାହିଁ। ଦେଶ ପାଇଁ ସମସ୍ତେ ଦାୟିତ୍ୱବାନ୍ ହେବା ବିଧେୟ। ଏଠାରେ ସମସ୍ତେ ଉତ୍ତରଦାୟୀ। ସରକାରଙ୍କର ଯେତିକି କର୍ତ୍ତବ୍ୟ ପ୍ରଜାଙ୍କର ମଧ୍ୟ ସେତିକି ।

ଏ ସମ୍ପର୍କରେ ଉପଦେଶ ସମ୍ବଳିତ କଥନିକାଟିଏ ଆଲୋଚନା କଲେ ସ୍ପଷ୍ଟ ହେବ ପ୍ରସଙ୍ଗଟି। ଊଣାଧିକେ ଅନେକେ ଜାଣିଥିବେ ପୁରାକାଳରେ ଗୋଟିଏ ସମୃଦ୍ଧିଶାଳୀ ଭୂଭାଗ ଭାରତବର୍ଷରେ ସର୍ବବିଦିତ ଥିଲା। ସେଠାର ରାଜାଙ୍କର ପ୍ରଜାନୁରକ୍ତି ଯେତିକି ଥିଲା ପ୍ରଜାଙ୍କର ସେତିକି ରାଜଭକ୍ତି ଥିଲା। ସେଠାରେ ସମସ୍ତ ପ୍ରକାରର ଉନ୍ନତିମୂଳକ କାର୍ଯ୍ୟ ନିର୍ବିରୋଧରେ, ନିରାଡ଼ମ୍ବର ଓ ନିଷ୍ପାପର ଭାବେ ସମ୍ପାଦିତ ହେଉଥିଲା। ସାଧାରଣ ଜନତା ଏଥିପାଇଁ ଶ୍ରଦ୍ଧାଶୀଳଭାବେ ପ୍ରଗାଢ଼ ସହଯୋଗ କରୁଥିଲେ। ଏକଦା କେତେଜଣ ପରିବ୍ରାଜକ ସେ ଜନପଦରେ ଆସି ପହଞ୍ଚିଲେ। ଚତୁର୍ଦ୍ଦିଗ ପରିକ୍ରମା କରି ଶେଷରେ ସେମାନେ ଗୋଟିଏ ବୃକ୍ଷଛାୟା ତଳକୁ ଯାଇ ଥକ୍କା ମେଣ୍ଟାଇଲେ। ପୂର୍ବରୁ ସେଠାରେ ତିନିଚାରିଜଣ ଅଧିବାସୀ ଉପବିଷ୍ଟ ହୋଇ ଗପସପରେ ମଗ୍ନ ଥିଲେ। ଆଗନ୍ତୁକମାନେ ଗ୍ରାମବାସୀଙ୍କୁ ଉଦ୍ଦେଶ୍ୟ କରି କହିଲେ, ରାଜ୍ୟଟି ବେଶ୍ ଉନ୍ନତ, ପରିଷ୍କୃତ ଓ ସମ୍ଭ୍ରାନ୍ତ। ହେଲେ ଗୋଟିଏ ଜିନିଷ ଊଣା ଅଛି ଏଠି। ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନଙ୍କ ନିମିତ୍ତ ଏଠାରେ ଆବଶ୍ୟକ ଆଶ୍ରୟସ୍ଥଳୀଟିଏ ନାହିଁ। ଏଥିପାଇଁ ପ୍ରକୃତରେ ଶାସକ ସମ୍ପୂର୍ଣ୍ଣ ଦାୟୀ।

ହଠାତ୍ ଅଧିବାସୀଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ବିନମ୍ର ଗଳାରେ କହିଲେ, ମହାଭାଗ! ଆପଣଙ୍କର ଅନୁମାନ ଭିତ୍ତିହୀନ। ରାଜାଙ୍କର ଏଥିରେ ଦୋଷ ନାହିଁ। କାରଣଟି ହେଲା– ଆମେ ସମସ୍ତେ ନାଗରିକ ପଣ କରିଛୁ; ବିଦେଶାଗତ ଅଭ୍ୟାଗତମାନେ ହେଲେ ଆମ ସମସ୍ତଙ୍କର ଅତିଥି। ସେମାନଙ୍କୁ ଉତ୍ତମ ପରିଚର୍ଯ୍ୟା କରିବା ସମସ୍ତଙ୍କର ନୈତିକ କର୍ତ୍ତବ୍ୟ। ଆପଣମାନେ କୃପାକରି ଆଜି ମୋ ଘରେ ଆଶ୍ରୟ ନିଅନ୍ତୁ। ମୁଁ ଯଥାସାଧ୍ୟ ଆତିଥେୟତା ପ୍ରଦାନ କରି ନିଜକୁ ଧନ୍ୟ ମନେକରିବି। ସତ କହିବାକୁ ଗଲେ, ଆମ୍ଭମାନଙ୍କର ଏହି ଭଦ୍ରଜନୋଚିତ ପ୍ରବୃତ୍ତି ଯୋଗୁ ଏଠାରେ ଆଶ୍ରୟ ପାଇଁ ଆଶ୍ରୟସ୍ଥଳଟିଏ ନିର୍ମାଣ କରିବାର ପ୍ରୟୋଜନୀୟତା ପଡ଼ିନାହିଁ। ନଚେତ୍ ଏହି ସାମାନ୍ୟ ଅତିଥି ନିବାସଟିଏ ପାଇଁ ଆମର ରାଜା କାର୍ପଣ୍ୟ କରି ନ ଥା'ନ୍ତେ।

ଲୋକଟିର ବିନୟୀ ଆମନ୍ତ୍ରଣ ଓ ସାଧୁବାକ୍ୟପୂର୍ଣ୍ଣ ନମ୍ରତାରେ ସମସ୍ତେ କୃତଜ୍ଞତା ପ୍ରକାଶ କଲେ। ପଥଚାରୀମାନେ ତାଙ୍କୁ ମହତ୍ତ୍ୱପୂର୍ଣ୍ଣ ଆଖିରେ ଚାହିଁଲେ ଘଡ଼ିଏ। ଏଭଳି ଅମାୟିକ, ଭଦ୍ର, ସରଳ ମଣିଷ ବର୍ତ୍ତମାନ ସମାଜରେ କାହାନ୍ତି? ସ୍ୱାର୍ଥାନ୍ଧ, ସୁବିଧାବାଦୀ, ଆତ୍ମକୈନ୍ଦ୍ରିକଙ୍କ ସଂଖ୍ୟା ବର୍ତ୍ତମାନ ଅଗଣନ। ବିନା ପରିଶ୍ରମରେ, ବିନା ସାଧନାରେ, ବିନା ପ୍ରଚେଷ୍ଟାରେ ସବୁ କାର୍ଯ୍ୟ ସୁଚାରୁରୂପେ ହେଉ ବୋଲି ପ୍ରାୟ ଚାହୁଁଛନ୍ତି ସେମାନେ। ତାହା ସମ୍ପୂର୍ଣ୍ଣ ସମ୍ଭବପର ହେଉ ନ ଥିବାରୁ ଶାସକଙ୍କୁ ଦୋଷ ଦେବା ଭଳି ମାନସିକତା ଉଦୟ ହେଉଛି ସେମାନଙ୍କର। ଲାଗୁଛି ଯେମିତି, ନିଜେ ସରକାର ଗଢ଼ିଥିଲେ ନିର୍ଭୁଲ କାର୍ଯ୍ୟଗୁଡ଼ାଏ କରିପକାଇ ଥାଆନ୍ତେ ଓ ପାରଙ୍ଗମତା ଦର୍ଶାଇ ଗୁପ୍ତଯୁଗ ସମ ସୁବର୍ଣ୍ଣଯୁଗଟିଏ ପ୍ରତିଷ୍ଠା କରିପକାଇ ଥାଆନ୍ତେ!!

ଏଲ୍.ପି–୮୬, ଲକ୍ଷ୍ମୀସାଗର ବିଡିଏ କଲୋନୀ,
ଭୁବନେଶ୍ୱର, ମୋ–୯୮୬୧୦୬୦୮୦୩

## ଏଇ ଭାରତରେ

ଭିକ୍ଷାବୃତ୍ତି ବିରୋଧରେ ୧୭ହଜାର କିଲୋମିଟର ପଦଯାତ୍ରା କରିସାରିଲେଣି ଜଣେ ଯୁବକ। ଏହି ବ୍ୟକ୍ତି ହେଉଛନ୍ତି ଚେନ୍ନାଇର ବାସିନ୍ଦା। ଭିକ୍ଷାବୃତ୍ତି କରୁଥିବା ଲୋକଙ୍କୁ ଭିକ୍ଷା ନ ଦେବା ଲାଗି ସେ ଲୋକମାନଙ୍କୁ ସଚେତନ କରାଉଛନ୍ତି। ଏହି ବ୍ୟକ୍ତି ହେଉଛନ୍ତି ୨୯ବର୍ଷ ବୟସ୍କ ମେକାନିକାଲ ଇଞ୍ଜିନିୟର ଆଶିଷ ଶର୍ମା। ଇତିମଧ୍ୟରେ ସେ ୧୬ହଜାର ୫୦୩ କିଲୋମିଟର ପଥ ପାଦରେ ଚାଲିସାରିଲେଣି। ୨୦୧୭ ଅଗଷ୍ଟ ୨୨ରେ ସେ ଜମ୍ମୁରୁ ପଦଯାତ୍ରା ଆରମ୍ଭ କରିଥିଲେ। ଏହାମଧ୍ୟରେ ସେ ୨୯ ରାଜ୍ୟ ଏବଂ ୭ଟି କେନ୍ଦ୍ରଶାସିତ ଅଞ୍ଚଳରେ ପଦଯାତ୍ରା କରିବା ସହିତ ୪,୯୦୦ ଗାଁରେ ଭିକ୍ଷାବୃତ୍ତି ବିରୋଧରେ ସଚେତନତା ବାର୍ତ୍ତା ପ୍ରଚାର କରିଛନ୍ତି। ସେ ଦୁଆଏଁ ନାମକ ଏକ ଆପ୍ ବିକଶିତ କରିଛନ୍ତି। ଏହି ଆପ୍ ସହାୟତାରେ ଭିକ୍ଷାବୃତ୍ତି କରୁଥିବା ବ୍ୟକ୍ତି ତଥା ଛୋଟପିଲାଙ୍କ ଥଇଥାନ ପାଇଁ ପୋଲିସ ତଥା ସରକାରୀ ପଦସ୍ଥ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇ ପାରିବ। ଆଶିଷଙ୍କର ଏହି ନିଆରା ଅଭିଯାନ ଅନ୍ୟମାନଙ୍କ ପାଇଁ ଆଦର୍ଶ କହିଲେ କିଛି ଭୁଲ ହେବନାହିଁ।

## ଚିରନ୍ତନୀ

ଅନନ୍ତ ଜୀବନ ସ୍ରୋତେ ବହିଯାଏ ସୀମାହୀନ ଦେଶେ,
ଅସୀମ ଜୀବନ ଉତ୍ସେ ଛନ୍ଦି ତା'ର ମିଶେ ଅବଶେଷେ।
ବିରାଟ ସେ ଚେତନାର ଉଦ୍ଦାମ ପ୍ଲାବନ
ବହି ଆଣେ ଅନନ୍ତ ଜୀବନ।

(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ମାର୍ଚ୍ଚ ୧୯୯୪**

- ପୁଞ୍ଜି ବିନିଯୋଗ କ୍ଷେତ୍ରରେ କ୍ଷତିପୂରଣ ଦେବା ପାଇଁ ଗ୍ୟାରେଣ୍ଟି ପ୍ରଦାନ କରିବା ତଥା ଯୁଦ୍ଧ, ଜରୁରିକାଳୀନ ପରିସ୍ଥିତି ଓ ସଂଘର୍ଷ ବେଳେ କ୍ଷତି ହୋଇଥିବା ପୁଞ୍ଜିଗୁଡ଼ିକୁ ପୁନଃ ଥଇଥାନ କରିବା ଉପରେ ଭାରତ ଓ ବ୍ରିଟେନ ମଧ୍ୟରେ ଏକ ଦ୍ୱିପାକ୍ଷିକ ରାଜିନାମା ସ୍ୱାକ୍ଷରିତ।
- ମହାରାଷ୍ଟ୍ରର ନାସିକଠାରୁ ୩୦ କି.ମି. ଦୂରବର୍ତ୍ତୀ କଦଭା ନଦୀ ପୋଲ ଉପରୁ ଏକ ଯାତ୍ରୀବାହୀ ବସ ନଦୀ ଗର୍ଭକୁ ଖସିପଡ଼ିବା ଫଳରେ ୬୪ ଯାତ୍ରୀଙ୍କ ମୃତ୍ୟୁ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | 3 | 4 | 1 | | C | | | | | | | | 2 |
| 4 | | C | A | | | | 1 | 8 | 3 | | 6 | | | 9 |
| | | | 8 | | | 3 | | E | | | | | | |
| 9 | 2 | | 7 | | | | A | | | D | 1 | | | |
| | 1 | | | 6 | 2 | | | | E | | | | | |
| | | | | | | 4 | B | 0 | | 8 | | | | |
| | | | 9 | | 0 | | C | | | | | D | | 1 |
| | | E | 2 | B | 8 | 1 | 7 | | | 9 | 0 | | | |
| A | | 2 | | | | | 8 | | | | | | | 0 |
| 3 | 8 | | 5 | | A | | | | | 6 | | | 7 | |
| | | 1 | | | 9 | | | C | | | | | | 4 |
| | 3 | | C | 7 | 6 | | | | | 2 | | | D | |
| | | 9 | | | | A | | | | | 5 | E | B | 3 |
| 2 | | | | | | 9 | 6 | | | | 7 | | 5 | |
| C | | | | A | 3 | | | B | | E | 9 | 0 | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 7 | B | 6 | 0 | C | 3 | 8 | 1 | 9 | D | A | 5 | E | 4 |
| 6 | 8 | 9 | D | 1 | 4 | 7 | 5 | 0 | 2 | E | C | B | A | 3 |
| 4 | 0 | C | 5 | 8 | E | 2 | A | D | 1 | 3 | B | 6 | 7 | 9 |
| 5 | A | 3 | 9 | B | 7 | E | C | 6 | 0 | 4 | 8 | D | 1 | 2 |
| E | 1 | D | 2 | 3 | A | 4 | B | 9 | 5 | 6 | 7 | 0 | C | 8 |
| 9 | 2 | 4 | 3 | C | 8 | B | 1 | E | 7 | 5 | 6 | A | 0 | D |
| 1 | C | A | E | 5 | B | 8 | D | 2 | 4 | 0 | 3 | 7 | 9 | 6 |
| 8 | 3 | 0 | 4 | D | 6 | A | 7 | 5 | B | C | 9 | 1 | 2 | E |
| B | E | 7 | 0 | A | 1 | 6 | 9 | 4 | 8 | 2 | D | 3 | 5 | C |
| D | 5 | 6 | 7 | 2 | 9 | 0 | 3 | C | A | 1 | E | 4 | 8 | B |
| 7 | D | 5 | C | 9 | 3 | 1 | 6 | B | E | 8 | 0 | 2 | 4 | A |
| A | 9 | E | 1 | 6 | 5 | D | 2 | 7 | C | B | 4 | 8 | 3 | 0 |
| C | 6 | 8 | A | 4 | 2 | 5 | 0 | 3 | D | 9 | 1 | E | B | 7 |
| 3 | 4 | 1 | B | 7 | 0 | C | E | 8 | 6 | A | 2 | 9 | D | 5 |
| 0 | B | 2 | 8 | E | D | 9 | 4 | A | 3 | 7 | 5 | C | 6 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଶାସନିକ ସ୍ଥାଣୁତା

ମହାଶୟ,

ଗଣମାଧ୍ୟମରୁ ପ୍ରାପ୍ତ ସୂଚନା ଅନୁସାରେ, ଭାରତରେ ରେଳ ବିଭାଗ ସମେତ ବିଭିନ୍ନ ବିଭାଗରେ ପାଖାପାଖି ୭୦ ଲକ୍ଷ ମଞ୍ଜୁରିପ୍ରାପ୍ତ ପଦବୀ ଖାଲିପଡିଛି। ଦେଶରେ ନିଯୁକ୍ତି ସଙ୍କୋଚନ ଯୋଗୁ ବେକାରି ହାର ବୃଦ୍ଧି ପାଇ ଗତ ୪୫ ବର୍ଷ ମଧ୍ୟରେ ସର୍ବାଧିକ ୬.୧ ପ୍ରତିଶତରେ ପହଞ୍ଚିଛି ୨୦୧୭–୧୮ ଆର୍ଥିକ ବର୍ଷରେ। ଏଭଳି ସ୍ଥିତିରେ ଏତେ ଅଧିକ ସଂଖ୍ୟକ ସରକାରୀ ପଦବୀ ଖାଲିପଡିବା କେନ୍ଦ୍ର ସରକାରଙ୍କ ପ୍ରଶାସନିକ ସ୍ଥାଣୁତାର ପରିଚୟ ଦେଉଛି। ଅନୁରୂପ ଭାବରେ ଓଡିଶାରେ ପାଖାପାଖି ଦେଢ଼ଲକ୍ଷ ସରକାରୀ ପଦବୀ ଖାଲିପଡିଛି। ଆମ ରାଜ୍ୟରେ ଶିକ୍ଷକ, ଡାକ୍ତରଙ୍କ ସମେତ ବିଭିନ୍ନ ବିଭାଗରେ କର୍ମଚାରୀ ମରୁଡ଼ି ଯୋଗୁ ଜନସାଧାରଣ ସର୍ବନିମ୍ନ ସେବା ପାଇବାରୁ ବଞ୍ଚିତ ହେଉଥିବା ବେଳେ ଏତେସଂଖ୍ୟକ ପଦବୀ ପୂରଣ ନ ହେବା ରାଜ୍ୟ ସରକାରଙ୍କ ପ୍ରଶାସନିକ ସ୍ଥାଣୁତାକୁ ପ୍ରମାଣିତ କରୁଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଟ୍ରାଇର ନୂଆ ନିୟମ ଓ ଉପଭୋକ୍ତା

ଟେଲିକମ୍ ରେଗୁଲେଟରି ଅଥରିଟି ଅଫ୍ ଇଣ୍ଡିଆ (ଟ୍ରାଇ)ର ଉପଭୋକ୍ତାଙ୍କ ନିମନ୍ତେ ଯେତିକି ଦେଖିବ ସେତିକି ପଇଠ କରିବ ବ୍ୟବସ୍ଥା ସ୍ୱାଗତଯୋଗ୍ୟ। ମାତ୍ର ଗ୍ରାମୀଣ ଓ ସହରୀ ଦର୍ଶକ ସେମାନଙ୍କର ମତାମତ କେବଳ ଅପରେଟରଙ୍କୁ ଲେଖିକରି ଦେବା, ଡିସ୍‌ପ୍ଲେ ଅନୁସାରେ ଚାନେଲ ମୂଲ୍ୟ, ପ୍ୟାକେଜ୍ ପରି ମୂଲ୍ୟାୟନ କରିବା ସମ୍ଭବପର ହୋଇ ନ ପାରେ। ମତାମତ ନ ଦେଲେ ସ୍ୱତଃ ଚାନେଲଗୁଡିକ ଉପଭୋଗ କରୁଥିବା କାରଣରୁ ଅଧିକ ବିଲ୍ ପଡିପାରେ। ଆମର କହିବାର କଥା ହେଲା 'ଟ୍ରାଇ' ତରଫରୁ ଏଥିନିମନ୍ତେ ପୂରଣ କରିଦେବା ଲାଗି ଫର୍ମ କେବଳ ଅପରେଟରଙ୍କ ଜରିଆରେ ଦେଲେ କାର୍ଯ୍ୟ ସୁଗମ ହୁଅନ୍ତା। କେବଳ ଅପରେଟର ଘର ଘର ବୁଲି ଉପଭୋକ୍ତାଙ୍କ ପସନ୍ଦ ଅନୁସାରେ ତଥ୍ୟ ଲେଖି ଆଣି ବିଲ୍ ବ୍ୟବସ୍ଥା କରିବା ଦରକାର।

ରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବନ୍ଦ କୋଠରିରୁ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

ହିଞ୍ଜିଳିକାଟୁ,୧୪।୩(ଡି.ଏନ୍.ଏ.)- ହିଞ୍ଜିଳି ଥାନା ରାଳବ ଗ୍ରାମର ଏକ ବନ୍ଦ ଘରୁ ଗୁରୁବାର ପୂର୍ବାହ୍ନରେ ପୋଲିସ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି। ମୃତକ ଉକ୍ତ ଗ୍ରାମର ଲାବଣ୍ୟ ରାଉତ(୩୮)। ଏ ନେଇ ଥାନାରେ ନଂ-୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଲାବଣ୍ୟଙ୍କ ସ୍ତ୍ରୀ ପାରିବାରିକ କଳହକୁ ନେଇ କିଛିଦିନ ହେଲା ପିଲାମାନଙ୍କୁ ନେଇ ବାପ ଘରେ ରହୁଛନ୍ତି। ଲାବଣ୍ୟ ଏକାକୀ ଗ୍ରାମରେ ରହୁଥିଲେ। ଗୁରୁବାର ସକାଳୁ ଲାବଣ୍ୟ ରହୁଥିବା ଘର ଭିତରୁ ଦୁର୍ଗନ୍ଧ ହେବାସହ ଦାଣ୍ଡ କବାଟ ଭିତରୁ ବନ୍ଦ ରହିଥିବାରୁ ଗ୍ରାମଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘରର ଦାଣ୍ଡ କବାଟ ଭାଙ୍ଗି କୋଠରି ଭିତରୁ ଲାବନ୍ୟଙ୍କ ଗଳିତ ମୃତଦେହ ଜବତ କରିଥିଲା।

### ସନ୍ଦେହଜନକ କାର୍ ଜବତ କଲା ପୋଲିସ



କୋଦଳା,୧୪।୩- କୋଦଳା ଥାନା ବେରୁଆଁବାଡ଼ି ଅଙ୍ଗନୱାଡି କେନ୍ଦ୍ର ନିକଟରେ କିଛିଦିନ ହେଲା ରହିଥିବା ଏକ କାର୍‌କୁ ପୋଲିସ ଗୁରୁବାର ହେପାଜତକୁ ନେଇଛି। କାର୍ (ନଂ.ଓଆର୍ ୦୨ ଏଇ ୧୨୨୧)କୁ କିଏ ଓ କାହିଁକି ଏଠାରେ ରଖିଛି, ସେ ନେଇ ଗ୍ରାମବାସୀଙ୍କ ସନ୍ଦେହ ହେବାରୁ ପୋଲିସକୁ ଜଣାଇଥିଲେ। ଥାନା ଅଧିକାରୀ ଦିଲୀପ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଲୋକନାଥ ବେହେରା ଓ ଅନ୍ୟ ପୋଲିସ ପହଞ୍ଚି ଉକ୍ତ କାରକୁ ଥାନା ପରିସରକୁ ନେଇ ତଦନ୍ତ ଚଳାଇଛନ୍ତି।

## ଗଞ୍ଜାମ ଜିଲା: ସାଧାରଣ ନିର୍ବାଚନ ପରିଚାଳନା ପ୍ରସ୍ତୁତି

# ଗଠନ ହେଲା ୩୯ ଫ୍ଲାଇଙ୍ଗ୍ ସ୍କ୍ୱାଡ୍

ଛତ୍ରପୁର,୧୪।୩(ଡି.ଏନ.ଏ)

ଗଞ୍ଜାମ ଜିଲାରେ ୨ ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ହେବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚାଲିଛି। ଗୁରୁବାର ଡିଆରଡିଏ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଏକ ବୈଠକରେ ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ଯୋଗଦେଇ ଅବାଧ, ନିରପେକ୍ଷ ନିର୍ବାଚନ ଉପରେ ଗୁରୁତ୍ୱାରୋପ କରିଥିଲେ।

ଜିଲାର ୧୩ ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପରିଚାଳନା ପାଇଁ ୩୯ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ ଗଠନ କରାଯାଇଛି । ପ୍ରତି ନିର୍ବାଚନମଣ୍ଡଳୀ ପାଇଁ ୩ଟି ଲେଖାଏ ଫ୍ଲାଇଙ୍ଗ ସ୍କ୍ୱାଡ ଗଠନ ହୋଇଛି । ଏଥିସହ ପ୍ରତି ନିର୍ବାଚନମଣ୍ଡଳୀ ପାଇଁ ୩ଟି ଲେଖାଏ ମୋଟ ୩୯ଟି ନଜର ରଖିବାକୁ ଟିମ୍ ଓ ଭିଡିଓ ତଦାରଖ ପାଇଁ ୩ ଟି ଲେଖାଏଁ ଟିମ୍, ପ୍ରତି ନିର୍ବାଚନମଣ୍ଡଳୀ ପାଇଁ ଗୋଟିଏ ଲେଖାଏ ଖର୍ଚ୍ଚ ମନିଟରିଂ ଟିମ୍ ଓ ଭିଡିଓ ଅନୁଧ୍ୟାନ ଆଦି ପାଇଁ ୧୦୦ରୁ ଉର୍ଦ୍ଧ୍ୱ ଟିମ୍ ଗଠନ ହୋଇଛି। ଏସବୁ ଟିମ୍ ଓ ସ୍କ୍ୱାଡରେ ଜଳସେଚନ ଓ ପଞ୍ଚାୟତ ଯନ୍ତ୍ରୀ, ସମବାୟ ବିଭାଗର ଅଧିକାରୀ, ସହକାରୀ କୃଷି ଅଧିକାରୀ ଓ ପୋଲିସ ଅଧିକାରୀମାନେ ରହିଛନ୍ତି। ପ୍ରସ୍ତୁତି ବୈଠକରେ ଖର୍ଚ୍ଚ ପର୍ଯ୍ୟବେକ୍ଷକ, ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ, ମିଡିଆ ମନିଟରିଂ କମିଟିର ନୋଡାଲ ଅଫିସର ଓ ସଭ୍ୟ , ଆକାଉଣ୍ଟିଙ୍ଗ ଟିମ୍, ମଦ ମନିଟରିଂ ଟିମ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ । ସ୍କ୍ୱାର୍ଡ ଓ ମନିଟରିଂ ଟିମ୍ ଦୈନିକ ରିପୋର୍ଟ ଜିଲାପାଳଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜନୈତିକ ଦଳର କାର୍ଯ୍ୟକ୍ରମ ଓ ପ୍ରାର୍ଥୀମାନଙ୍କ ଭୋଟ ପ୍ରଚାର ଆଦିର ଭିଡିଓ ରେକର୍ଡିଂ କରାଯିବ । ଜନସାଧାରଣ ଚାହିଁଲେ ୩୦୦ ଟଙ୍କା ଦେଇ ଉକ୍ତ ଭିଡିଓର ଡିଭିଡି ଓ ସିଡୀ ନେଇପାରିବେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ତହସିଲଦାର ନୀଳମାଧବ ଭୋଇ, ଅତିରିକ୍ତ ତହସିଲଦାର ଶରତ ପାତ୍ର, ଡିଆରଡିଏର ଅତିରିକ୍ତ ପିଡି (ଫାଇନାନ୍ସ) ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ଏନଆଇସିର ଜିଲା ଇନଫରମେଟିକ୍ ଅଫସର ସୁବାସ ମିଶ୍ର ଓ ଅତିରିକ୍ତ ଇନଫରମେଟିକ୍ ଅଫିସର ସିଦ୍ଧାର୍ଥ ନନ୍ଦ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ଡିଆରଡିଏ ଏପିଡି ସୂଚନା ଦେଉଛନ୍ତି।

## ଯୌତୁକ ନିର୍ଯାତନା ମାମଲା: ୭ ଦୋଷୀ ସାବ୍ୟସ୍ତ

ଛତ୍ରପୁର,୧୪।୩(ଡି.ଏନ.ଏ.)

ଛତ୍ରପୁର ସବଡିଭିଜନାଲ୍ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଜୟ ପ୍ରକାଶ ନାୟକ ଏକ ଯୌତୁକଜନିତ ନିର୍ଯାତନା ମାମଲାର ଶୁଣାଣି କରି ଗୁରୁବାର ୭ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଶ୍ୱଶୁର ଓ ମାମୁ ଶ୍ୱଶୁରଙ୍କ ପରିବାରର ଏହି ଅଭିଯୁକ୍ତମାନେ ଏକ ବର୍ଷ କାରାଦଣ୍ଡ ଭୋଗିବେ ବୋଲି ରାୟ ଦେଇଛନ୍ତି। ସେମାନେ ହେଲେ ଚମାଖଣ୍ଡି ଥାନା ଚମାଖଣ୍ଡି ଗାଁର ପି. ମୋହନ ରେଡ୍ଡୀ, ପି. ଜଗନ୍ନାଥ ରେଡ୍ଡୀ, ପି. ଗୁନାମ୍ମା, ଜି. ରେବତୀ, ପି. ବିଜୟଲକ୍ଷ୍ମୀ ରେଡ୍ଡୀ, ପି. ଭାଗ୍ୟବତୀ ଓ ପି. କମାମ୍ମା। ସେହିପରି ମାମଲାରେ ଅଭିଯୁକ୍ତ ଥିବା ସ୍ୱାମୀ ସି. ଚନ୍ଦ୍ର ରାଓ ରେଡ୍ଡୀଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ବିଚାରପତି ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ପ୍ରକାଶ ଯେ, ୨୦୧୬ ଫେବୃୟାରୀ ୨୩ରେ ଚନ୍ଦ୍ରଙ୍କ ସହ ଲଳିତାଙ୍କ ବିବାହ ହୋଇଥିଲା। ବିବାହ ପରେ ଲଳିତା ମାମୁ ଶ୍ୱଶୁର ଘରେ ରହୁଥିଲେ । ବିବାହ ପରଠାରୁ ଯୌତୁକ ପାଇଁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଭଦ୍ର ଲୋକଙ୍କ ଉପସ୍ଥିତିରେ ପୂର୍ବରୁ ଥରେ ବୁଝାମଣା ସମାଧାନ ମଧ୍ୟ ହୋଇଥିଲା । ତଥାପି ନିର୍ଯାତନା ନ କମିବାରୁ ଲଳିତା ଚମାଖଣ୍ଡି ଥାନାରେ ୨୦୧୬ ଅଗଷ୍ଟ ୧୯ରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୯୦/୧୬) ରୁଜୁ କରି ଚନ୍ଦ୍ର ଏବଂ ଅନ୍ୟମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାର ପରେ ରାୟ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ରାଜେଶ କୁମାର ମିଶ୍ର, ଏପିପି ସୌରି ପ୍ରସାଦ ବେହେରା, ଏପିପି କୃଷ୍ଣଚନ୍ଦ୍ର ବେହେରା ଏବଂ ମୁଦାଲାଙ୍କ ପକ୍ଷରୁ ଓକିଲ ସୂର୍ଯ୍ୟ ନାରାୟଣ ରେଡ୍ଡୀ ମାମଲା ପରିଚାଳନା କରୁଥିଲେ।

## ଗଞ୍ଜାମ ଜିଲାରେ ଲାଗୁ ହେଲା ୩୦ ଧାରା

ଛତ୍ରପୁର,୧୪।୩(ଡି.ଏନ.ଏ) ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଆଖି ଆଗରେ ରଖି ପୋଲିସ ଆକ୍ଟର ୩୦ଧାରା ଲାଗୁ କରାଯାଇଛି । ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଏହି ଧାରା ଲାଗୁ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଏ ନେଇ ପ୍ରଶାସନ ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି । ଧାରା ୩୦ ଅନୁସାରେ ସଭା କିମ୍ବା ରାଲି ପାଇଁ ୭୨ ଘଣ୍ଟା ପୂର୍ବରୁ ସ୍ଥାନୀୟ ଏସ୍‌ଡିପିଓ ଓ ଥାନା ଆଇଆଇସିଙ୍କଠାରୁ ଅନୁମତି ନେବାକୁ ପଡିବ । ସଭା ଆୟୋଜନ ପାଇଁ ସ୍ଥାନ, ସମୟ, ସଭାର ଉଦ୍ଦେଶ୍ୟ ତଥା ବକ୍ତାମାନଙ୍କ ବିବରଣୀ ଦେବାକୁ ପଡିବ । ସେହିପରି ରାଲି କେଉଁ ପଥ ଦେଇ ଯିବ, ଏବଂ କେତେଜଣ ଅଂଶ ଗ୍ରହଣ କରିବେ ସେ ସମ୍ପର୍କରେ ସବିଶେଷ ବିବରଣୀ ଦେବାକୁ ପଡିବ। ଏହି ଜୁନ୍ ୭ ପର୍ଯ୍ୟନ୍ତ ଏହି ଧାରା ବଳବତ୍ତର ରହିବ ବୋଲି ସୂଚନା ଦିଆଯାଇଛି।

## ଶାଗୁଆନ ଗଛ କାଟି ନେଲେ ଦୁର୍ବୃତ୍ତ

ବୁଗୁଡ଼ା,୧୪।୩(ଡି.ଏନ.ଏ.)

ବୁଗୁଡ଼ା ସହର ମଧ୍ୟରେ ମୁଖ୍ୟ ସଡ଼କ ପାର୍ଶ୍ୱରେ ଥିବା ପ୍ରାଣୀ ସମ୍ପଦ ଚିକିତ୍ସାଳୟ ହତା ମଧ୍ୟରୁ ମୂଲ୍ୟବାନ ଶାଗୁଆନ ଗଛ ରାତାରାତି କାଟି ନେଇଯିବା ନେଇ ପ୍ରାଣୀ ସମ୍ପଦ ଚିକିତ୍ସାଧିକାରୀ ଡ. ଲକ୍ଷ୍ମୀଧର ବେହେରା ବୁଗୁଡ଼ା ବନାଞ୍ଚଳ ଅଧିକାରୀ, ତହସିଲଦାର ଓ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ତାଙ୍କର ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଜଣାଇଛନ୍ତି। ମଙ୍ଗଳବାର ରାତିରେ ପ୍ରାଣୀ ସମ୍ପଦ ଚିକିତ୍ସାଳୟ ହତା ମଧ୍ୟରୁ କେହି ଦୁର୍ବୃତ୍ତ ଶାଗୁଆନ ଗଛ କାଟି ନେଇଯାଇଛନ୍ତି। ରାତାରାତି ଗଛ କାଟିନେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ସରକାରୀ କାର୍ଯ୍ୟାଳୟ ପରିସରରେ ବିଭାଗୀୟ ଅଧିକାରୀଙ୍କ ଅନୁମତି ନଥାଇ ଆହାର କେନ୍ଦ୍ର ପାଇଁ ପୁନାଦି ଖୋଳାଯିବା ଏବଂ ପରିସରରୁ ଶାଗୁଆନ ଗଛ କାଟିବା ନେଇ ବୁଗୁଡ଼ା ନଗର ଭାଜପା ପକ୍ଷରୁ ଦୃଢ଼ ପ୍ରତିବାଦ କରାଯିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନଗର ଭାଜପା ସଭାପତି ହର ପ୍ରସାଦ ଦାଶ ଦାବି କରିଛନ୍ତି। ଏ ସମ୍ପର୍କରେ ବୁଗୁଡ଼ା ବନାଞ୍ଚଳ ଅଧିକାରୀ ଦୁଃଶାସନ ନାୟକଙ୍କୁ ପଚାରିବାରେ ଆମେ ଅଭିଯୋଗ ପାଇଛୁ ଏବଂ ଏହାର ଆବଶ୍ୟକୀୟ ତଦନ୍ତ କରାଯିବ ବୋଲି ସେ କହିଥିଲେ। ପ୍ରକାଶ ଯେ, ବିଗତଦିନରେ ବୁଗୁଡ଼ା ଥାନା ହତା ମଧ୍ୟରୁ ମଧ୍ୟ ରାତିରେ ଶାଗୁଆନ ଗଛ କେହି ଦୁର୍ବୃତ୍ତ କାଟି ନେଇଥିଲେ।

## ଦେଶୀ ମଦ ଜବତ, ଜଣେ ଗିରଫ

ଶଙ୍କରାଖୋଲ, ୧୪।୩(ଡି.ଏନ୍.ଏ.) କନ୍ଧମାଳ ଜିଲା ଟିକାବାଲି ଥାନା ଟିକାବାଲି ଗ୍ରାମ ତେଙ୍ଗେଡ଼ାପଥର ଛକର ଭାଗିରଥୀ କହଁରକୁ ଦେଶୀ ମହୁଲି ମଦ ବିକ୍ରି କରିବା ଅଭିଯୋଗରେ ଟିକାବାଲି ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ନଂ.୨୭/୯ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଆଦିତ୍ୟ କୁମାର ସେଠୀ ପ୍ରକାଶ କରିଛନ୍ତି।

## ନେତାଙ୍କ ସରକାରୀ ହୋର୍ଡିଂ ହଟୁନାହିଁ

# ପ୍ରାର୍ଥିପତ୍ର ଦାଖଲ ସମୟରେ ହେବନି ବିଦ୍ୟୁତ୍ କାଟ

ଭଞ୍ଜନଗର,୧୪।୩(ଡି.ଏନ.ଏ.)

ସାଧାରଣ ନିର୍ବାଚନକୁ ଅବାଧ ଓ ମୁକ୍ତ କରିବା ପାଇଁ ପ୍ରତିଦିନ ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ବୈଠକ ହେଉଛି। ଗୁରୁବାର ମଧ୍ୟ ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ଏଥିରେ ନିର୍ବାଚନ ସହ ଜଡିତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ନିର୍ବାଚନ ପ୍ରସ୍ତୁତି ଅଗ୍ରଗତି ନେଇ ସମୀକ୍ଷା ହୋଇଥିଲା। ମାର୍ଚ୍ଚ ୧୯ରୁ ୨୬ ମଧ୍ୟରେ ଭଞ୍ଜନଗର ନିର୍ବାଚନମଣ୍ଡଳୀ ପାଇଁ ପୂର୍ବାହ୍ନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ ହେବ। ଏହି ସମୟ ମଧ୍ୟରେ ବିଦ୍ୟୁତ୍ କାଟ ନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ପଦକ୍ଷେପ ନେବାକୁ ସାଉଥ୍‌କୋ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ଭଞ୍ଜନଗର, ଆସିକା ଓ ସୋରଡା ନିର୍ବାଚନମଣ୍ଡଳୀର ଷ୍ଟ୍ରଙ୍ଗ୍‌ରୁମ୍ ହେଉଛି। ତେଣୁ ସେଠାରେ ଆବଶ୍ୟକ ପାଣି ମହଜୁଦ୍ ରଖିବା, କଲେଜ ନିକଟରେ ହେବାକୁ ଥିବା ହୋଟେଲର ଖାଦ୍ୟ ତାଲିକା ସ୍ଥିର କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଭଞ୍ଜନଗର ବିଡିଓ ଅନିଲ ସେଠୀ, ତହସିଲଦାର ଦୀନମଣି ନାୟକ, ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ପୂର୍ତ୍ତବିଭାଗ ନିର୍ବାହୀଯନ୍ତ୍ରୀ ରମେଶ ପ୍ରସାଦ ସ୍ୱାଇଁ, ଅତିରିକ୍ତ ଉପ ଜିଲାପାଳ ରାଜେନ୍ଦ୍ର ପଣ୍ଡା, ଆରଟିଓ ଏସ୍.ଏସ୍. ରୟ, ବିଏସ୍‌ଏନଏଲ ଏସ୍‌ଡିଓ ଜି.ଏସ୍. ମହାନ୍ତି, ସବ୍ ଟେଜ୍ରେରୀ ଅଫିସର ପ୍ରକାଶ ନାୟକ, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଦାମୋଦର ନାୟକ, ଆରଏମସି ସମ୍ପାଦକ ଦୀନବନ୍ଧୁ ଗୌଡ, ଏନଏସି ନିର୍ବାହୀ ଅଧିକାରୀ ଭଜରାମ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷେ ଆଦର୍ଶ ଆଚରଣବିଧି ଲାଗୁ ପରେ ଦଳୀୟ ନେତାଙ୍କ ଫଟୋ ସହ ସରକାରୀ ବିଜ୍ଞାପନ ସର୍ବସାଧାରଣରୁ ହଟୁନାହିଁ। ବେଲଗୁଣ୍ଠା ବ୍ଲକର ଅଧିକାଂଶ ସ୍ଥାନରେ କିଛି ନେତାଙ୍କ ସରକାରୀ ବିଜ୍ଞାପନ ପୋଷ୍ଟର ଏବେବି ଲାଗିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।



ଉପ ଜିଲାପାଳଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ଚାଲିଛି।

ରାଜ୍ୟସ୍ତରୀୟ
ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ
ହସ୍ତଶିଳ୍ପ ପ୍ରଦର୍ଶନୀ
(୧୩ ମାର୍ଚ୍ଚ ୨୦୧୯ ରୁ ୧୯ ମାର୍ଚ୍ଚ ୨୦୧୯)
ସ୍ଥାନ- ଆଦିବାସୀ ପ୍ରଦର୍ଶନୀ ପଡିଆ,
ୟୁନିଟ୍-୧, ଭୁବନେଶ୍ୱର
ବିଶେଷ ଆକର୍ଷଣ
• ସାଂସ୍କୃତିକ କାର୍ଯ୍ୟକ୍ରମ-
୧୫.୦୩.୨୦୧୯ : ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀ ପ୍ରଶାନ୍ତ ପାଢ଼ୀ
୧୬.୦୩.୨୦୧୯ : ସୌରଭ ନାୟକ, ପୁଷ୍ପା ଓ ଭଏସ୍ ଅଫ୍ ଓଡିଶା କଳାକାର
• ଖାଦ୍ୟପେୟ-
ପାନ୍ଥନିବାସ ଓ ଅନ୍ୟମାନଙ୍କ ଦ୍ୱାରା ଆୟୋଜିତ ଫୁଡ୍ ଷ୍ଟଲ୍
ଆୟୋଜକ-
ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଓଡିଶା, ଭୁବନେଶ୍ୱର
(ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡିଶା)

ଶହୀଦ ନଗର ଶାଖା
ପ୍ଲଟ୍ ନଂ.: ୧୦୪, ପ୍ରଥମ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
बैंक ऑफ़ बड़ौदा Bank of Baroda
ଦଖଲ ବିଜ୍ଞପ୍ତି
(ସ୍ଥାବର ସମ୍ପତ୍ତି ନିମନ୍ତେ)
(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)
ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ନିୟମ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ଅର୍ଥ ରାଶି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ସେମାନଙ୍କର ଋଣ ପରିଶୋଧ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ଉପରକଥିତ ନିୟମର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ ୨୦୦୨ ରୁଲ୍ ୮ ଅନୁସାରେ ନିମ୍ନ ଦର୍ଶିତ ତାରିଖରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ**କୁ ନେଇଛନ୍ତି । ତେଣୁ ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସେହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ପାଇଁ **ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ।
**ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| କ୍ରଃ ନଂ | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|
| ୧) | ଋଣଗ୍ରହୀତା: ମେସର୍ସ ସାଇନାଥ ଫେବ୍ରିକେୟାର ପ୍ରା. ଲିଃ., ବାହାଦଲପୁର, ଖଣ୍ଡଗିରି, ଖୋର୍ଦ୍ଧା-୭୫୧୦୧୯, ନିର୍ଦ୍ଦେଶକମାନେ: ୧) ବିପିନ ବିହାରୀ ମୁଖୀ, ୨) ବବିତା ମୁଖୀ, ୩) ସଙ୍ଗୀତା ମୁଖୀ, ୪) ନୃସିଂହ ନାରାୟଣ ଚୌଧୁରୀ, ସମସ୍ତଙ୍କ ଠିକଣା ସା: ବାହାଦଲପୁର, ଖଣ୍ଡଗିରି, ଖୋର୍ଦ୍ଧା-୭୫୧୦୧୯, / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସଞ୍ଜିବନୀ ଚୌଧୁରୀ, ପ୍ଲଟ୍ ନଂ.: ଏଚ୍‌ଡି-୭, ନୀଳାଦ୍ରି ନଗର, ଶିବ ମନ୍ଦିର ନିକଟ, ଜାଗମରା, ଭୁବନେଶ୍ୱର-୭୫୧୦୩୦ | ଶ୍ରୀମତୀ ସଞ୍ଜିବନୀ ଚୌଧୁରୀ, ଶ୍ରୀ ନୃସିଂହ ନାରାୟଣ ଚୌଧୁରୀଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୮୨/୨୮୫୨, ଖାତା ନଂ.: ୯୧୨, ସବ୍ ପ୍ଲଟ୍ ନଂ.: ଏଚ୍‌ଡି-୭(ଅଂଶ) ଏବଂ ୮, କ୍ଷେତ୍ର: ୦.୦୬୯ଡିସିମିଲି, ବିଲ୍ଟ ଅପ୍ ଏରିଆ: ୧୪୦୦.୮୮ ବର୍ଗଫୁଟ, ମୌଜା: ଡୁମଡୁମା, ଥାନା: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ସବ୍ ପ୍ଲଟ୍ ନଂ.: ଏଚ୍‌ଡି-୭ପି, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ଏଚ୍‌ଡି-୯, ପୂର୍ବ: ୨୦ଫୁଟ ଓସାରର କଂକ୍ରିଟ୍ ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ଏଚ୍‌ଡି-୭ପି | ୦୨.୦୧.୨୦୧୯ / ୧୧.୦୩.୨୦୧୯ | ୦୨.୦୧.୨୦୧୯ ସୁଦ୍ଧା ଟ.୫୦,୯୧,୩୦୮/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୪.୦୩.୨୦୧୯
ସ୍ୱା-କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା

CLASSIFIED DISPLAY

ଆଞ୍ଚିଲି | କିଲଏଡ଼ | ମାଛଆଖିଆ
ବିନା ଅପରେସନରେ ଚିକିତ୍ସା ପାଇଁ ଯୋଗାଯୋଗ କରନ୍ତୁ।
ଯୋଗାଯୋଗ ସମୟ: ସକାଳ ୮.୩୦ଘ.ରୁ ମଧ୍ୟାହ୍ନ ୧.୩୦ମି. ଏବଂ ସନ୍ଧ୍ୟା ୫.୦୦ଘ.ରୁ ରାତି ୯.୦୦ଘ. ପର୍ଯ୍ୟନ୍ତ
ASHOK HEALTH CARE
Jagamara, Bhubaneswar
Mob.: 9861038392, 7077163500

Life Care Emporium
Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS
Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

LISAS'IAS
2, Budha Nagar, Bhubaneswar - 751 006, Ph.No. : 9338222113, 9337594620
Website : www.lisasias.org, E-mail : lisascivils@lisasias.org
THE FIRST AND BEST INSTITUTE OF ODISHA FOR CIVIL SERVICES EXAMS.
IAS/OAS (PRELIM, MAIN & VIVA)
FOUNDATION COURSE FOR CIVIL SERVICES (FOR UNDER-GRADUATES)
ACHIEVEMENTS OF LISAS'IAS IN CIVIL SERVICES EXAMS.
• IAS-4 , IPS - 6, IRS - 5, IRAS -1, INDIAN POSTAL SERVICE - 1, I.Fo.S - 1, I.E.S. - 1
• 750 IN OAS EXAMS. WITH 4 TOPPERS & 3 LADY TOPPERS
SPECIAL FEATURES
• Guidance by Experienced Faculties
• Exam. Oriented Study Materials
• Regular Unit Tests and VSTs with Doubt Clarification Sessions
• Library with A/C Reading Room Facility
• Weekly Current Affairs & Monthly Magazine (LISAS CAREER IN FOCUS)
26 Years of Excellence

SPOKEN ENGLISH veta
ଆସନ୍ତୁ ଭଲ ଇଂଲିସ୍ କହିବା
Experts in spoken English
Patia 9337051526
Khandagiri 9338644666
Saheed Nagar 9338154139
Buxi Bazar 9778044550
Balasore 7735033550

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ କ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

ORANE INTERNATIONAL SCHOOL OF BEAUTY & WELLNESS
Celebrating Women's Month
ଓରେନ ବିଶ୍ୱସ୍ତରୀୟ ବିୟୁଟି ସ୍କୁଲ, ଭୁବନେଶ୍ୱର
FREE DEMO CLASS
ORANEଦ୍ୱାରା ମହିଳାମାନେ ଦୁନିଆ ସହିତ ଯୋଡ଼ିବା ପାଇଁ ଏକ ପ୍ରୟାସ, ମହିଳା ଦିବସ ଉପଲକ୍ଷେ 40% ପର୍ଯ୍ୟନ୍ତ କୋର୍ସ ଫି ରିହାତି । SELECTED COURSE* ସହିତ ଏକ SMART PHONE* ଉପହାର।
(Worth Rs.19,990/-)*
*Terms & Conditions apply
ଆଡ୍‌ଭାନ୍ସ ଡିପ୍ଲୋମା
ହେୟାର । ବ୍ୟୁଟି । ମେକ୍‌ଅପ୍
Limited Seats
For Admission Call:
73288-24255, 73288-24260
Plot No.- 5, 3rd Floor, Santosh Plaza, Janpath, Satya Nagar, BBSR

## ସଂକ୍ଷେପରେ

### ହାତିବାରୀ ଜଙ୍ଗଲରେ ପୋଲିସ-ମାଓବାଦୀ ଗୁଳି ବିନିମୟ

**ନନ୍ଦପୁର/କୋରାପୁଟ,୧୪।୩ (ଡି.ଏନ୍.ଏ./ସ୍ୱ.ପ୍ର.):** ଆନ୍ଧ୍ର ସୀମାନ୍ତ ତଥା କୋରାପୁଟ ଜିଲା ପାଡୁଆ ଥାନା ହାତିବାରୀ ଜଙ୍ଗଲରେ ବୁଧବାର ବିଳମ୍ବିତ ରାତିରେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ଘଟିଛି। ଜିଲା ପୋଲିସର ଡିଭିଏଫ୍ ଓ ଏସ୍ଓଜି ଯବାନମାନେ ଜଙ୍ଗଲରେ କୋମ୍ବିଂ ଅପରେସନ ଚଳାଇଥିବା ବେଳେ ମାଓବାଦୀମାନେ ସେମାନଙ୍କ ଉପରକୁ ଅର୍ତକିତ ଗୁଳି ଚଳାଇଥିଲେ। ନିରାପତ୍ତା ବାହିନୀର ପାଲଟା ଜବାବରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ସେଠାରୁ ଖସିଯାଇଥିଲେ। ନିରାପତ୍ତା ବାହିନୀର ଗୁଳିରେ କେତେ ଜଣ ମାଓବାଦୀ ଆହତ ହୋଇଥିବା ଅନୁମାନ କରାଯାଉଛି। ଗୁରୁବାର ମଧ୍ୟ ସର୍ଚ୍ଚ ଅପରେସନ ଚାଲିଥିବା ପାଡୁଆ ଥାନା ଅଧିକାରୀ ଗୁରୁଦେବ କର୍ମୀ ସୂଚନା ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ,କୋରାପୁଟ ଜିଲାର ଏହି ସୀମାନ୍ତରେ ମାଓବାଦୀମାନେ ଆନ୍ଧ୍ରର ୨ ବିଧାୟକଙ୍କୁ ଗୁଳିକରି ହତ୍ୟା କରିବା ପରଠାରୁ ଏହି ଅଞ୍ଚଳରେ ସେମାନଙ୍କର ନନ୍ଦପୁର ଏରିଆ କମିଟି ଓ କୋରାପୁଟ ଡିଭିଜନାଲ କମିଟି ସକ୍ରିୟ ରହିଛି। ଗତବର୍ଷ ହାତିବାରୀ ସରପଞ୍ଚ ଜଗନ୍ନାଥ ଖରାଙ୍କୁ ମାଓବାଦୀମାନେ ଘରୁ ଡାକିନେଇ ଗଳା କାଟି ହତ୍ୟା କରିଥିଲେ। ମାସକ ତଳେ ଏହି ହତ୍ୟାକାଣ୍ଡରେ ଜଡ଼ିତ ଥିବା ମାଓବାଦୀଙ୍କ ଜଣେ ସହଯୋଗୀଙ୍କୁ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଥିଲା।

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା
### ଢେଙ୍କାନାଳ ଆର୍‌ଟିଓଙ୍କୁ ଅନ୍ତରୀଣ ସୁରକ୍ଷା

**କଟକ ଅଫିସ, ୧୪।୩:** ଢେଙ୍କାନାଳ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ଦିବାକର ସିଂଙ୍କୁ ହାଇକୋର୍ଟରୁ ଅନ୍ତରୀଣ ସୁରକ୍ଷା ମିଳିଛି। ଆର୍‌ଟିଓ ସିଂଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ୨୦୧୮ ଡିସେମ୍ବର ୨୮ ତାରିଖରେ ଭିଜିଲାନ୍ସ ପକ୍ଷରୁ ଆର୍‌ଟିଓଙ୍କ ଘର, ଅଫିସ ସମେତ ମୋଟ ୪ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସ୍ଥାନଗୁଡ଼ିକ ମଧ୍ୟରେ ଭୁବନେଶ୍ୱର ଶାସ୍ତ୍ରୀନଗରଠାରେ ଥିବା ୪ ମହଲା କୋଠା, ଶାସ୍ତ୍ରୀନଗରଠାରେ ଥିବା ଆଉ ଏକ ୩ ମହଲା କୋଠା, ଖଣ୍ଡଗିରି ଜାଗମରାଠାରେ ଥିବା ୩ ମହଲା କୋଠା ଓ ବାଲେଶ୍ୱରଠାରେ ଏକ ମହଲା କୋଠା ରହିଥିଲା। ଉପରୋକ୍ତ ସ୍ଥାନଗୁଡ଼ିକୁ ଯାଞ୍ଚ କରାଯିବା ପରେ ୧ କୋଟି ୬୭ ଲକ୍ଷ ୪୧ହଜାର ୧୨୯ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଭିଜିଲାନ୍ସ ଠାବ କରିଥିଲା। ଭିଜିଲାନ୍ସର ସମ୍ଭାବ୍ୟ ଗିରଫଦାରିରୁ ବର୍ତ୍ତିବା ପାଇଁ ସିଂ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଅନ୍ତରୀଣ ସୁରକ୍ଷା ଦେବା ସମୟରେ ହାଇକୋର୍ଟ କେତେକ ସର୍ତ୍ତ ଲାଗୁ କରିଛନ୍ତି। ତଦନୁଯାୟୀ ସିଂ ୭ ଦିନ ମଧ୍ୟରେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ଉପସ୍ଥିତ ରହି ତାଙ୍କୁ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବେ। ସେହିପରି ଭିଜିଲାନ୍ସକୁ ମଧ ମାମଲା ସମ୍ପର୍କିତ କେସ୍ ଡାଏରୀ ଦାଖଲ କରିବା ପାଇଁ ବିଚାରପତି ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ଆଦେଶ ଦେଇଛନ୍ତି। ଆବେଦନକାରୀ ସିଂଙ୍କ ପକ୍ଷରୁ ଆଡଭୋକେଟ ବିଜ୍ଞାନ ଶର୍ମା ମାମଲା ପରିଚାଳନା କରୁଛନ୍ତି।

### ବାଇକ୍ ମୁହାଁମୁହିଁ ଧକ୍କା, ୨ ମୃତ
### କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ଟିକିରି,୧୪।୩(ଡି.ଏନ.ଏ):** ରାୟଗଡ଼ା ଜିଲା କାଶୀପୁର ବ୍ଲକ ଚମ୍ପାଯୋଡ଼ି ଗ୍ରାମ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ମୃତକମାନେ ହେଲେ ଟିକିରି ଥାନା ଅନ୍ତର୍ଗତ ସାନମାଟିକଣା ଗ୍ରାମର ଅରକ୍ଷିତ ନାଏକ, ଲିମାଡ଼ୋର ଗ୍ରାମର ଗୋବିନ୍ଦ ଲୋହରା। ପରେ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ତଦନ୍ତ ଚଳାଇଛି। ଅରକ୍ଷିତ ତାଙ୍କ ଜ୍ୱାଇଁ ଅନନ୍ତ ନାଏକ ବାଇକ(ଓଡ଼ି-୧୮ସି୮୪୬୩)ରେ କାଶୀପୁରରୁ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଗୋବିନ୍ଦ, ଲମ୍ବୁ ମାଝି, ବିପିନ ମାଝି ଏକ ବାଇକରେ ଆସୁଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଗୋବିନ୍ଦଙ୍କ ମୃତ୍ୟୁ ହୋଇଥିଲା। ଆହତ ହୋଇଥିବା ଅରକ୍ଷିତ,ବିପିନ,ଲମ୍ବୁ, ଅନନ୍ତଙ୍କୁ ଗୁରୁତର ଅବସ୍ଥାରେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଅରକ୍ଷିତଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଆହତଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଚୌଦ୍ୱାର ଜେଲରେ ପୋଲିସର ଚଢ଼ାଉ

**ଚୌଦ୍ୱାର, ୧୪।୩ (ଡି.ଏନ୍.ଏ.)**



ଚୌଦ୍ୱାର ଜେଲ ପରିସରରେ ପୋଲିସ ଫୋର୍ସ।

- କଏଦୀଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ଥିଲା
- ଭିଡିଓ ଭାଇରାଲ କରିଥିବା କଏଦୀଙ୍କ ମୃତ୍ୟୁ ଘଟିଥିଲା
- ଦେଢ ଘଣ୍ଟାର ଅପରେଶନ, କିଛି ମିଳିଲାନି

ଚୌଦ୍ୱାର ମଣ୍ଡଳ କାରାଗାର ଉପରେ ଗୁରୁବାର ଅଚାନକ ଚଢ଼ାଉ କରିଥିଲା କମିଶନରେଟ ପୋଲିସ। ପୂର୍ବାହ୍ନ ସାଢେ ୧୧ରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଦେଢ ଘଣ୍ଟା ଧରି ଚାଲିଥିଲା ଏହି ଅପରେଶନ। ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କ ନେତୃତ୍ୱରେ ପୋଲିସ ଟିମ୍ ଜେଲ୍‌ର ୫୦ରୁ ଊର୍ଦ୍ଧ୍ୱ ସେଲ୍, ୯୮୨ଜଣ କଏଦୀ ଓ ଜେଲ୍ ପରିସର ବିଭିନ୍ନ ସ୍ଥାନକୁ ତନ୍ନତନ୍ନ କରି ଯାଞ୍ଚ କରିଥିଲା। ଡିସିପି ଅଖିଳେଶ୍ୱର ସିଂଙ୍କ ସମେତ ଏଡିସିପି, ୮ ଥାନାର ଆଇଆଇସି ଓ ୬ ପ୍ଲାଟୁନ ଫୋର୍ସ ଏଥିରେ ସାମିଲ୍ ଥିଲେ। ତେବେ ଜେଲ୍‌ରେ ସେଭଳି କୌଣସି ଆପତ୍ତିଜନକ ସାମଗ୍ରୀ ମିଳି ନ ଥିବା ଚଢ଼ାଉ ପରେ କମିଶନର ମହାନ୍ତି ସୂଚନା ଦେଇଛନ୍ତି।

ଗତ କିଛିଦିନ ହେବ ବିଭିନ୍ନ ଘଟଣାକୁ ନେଇ ଚର୍ଚ୍ଚାରେ ରହିଛି ଚୌଦ୍ୱାର ସର୍କଲ ଜେଲ। ଗତ ୯ ତାରିଖରେ ସୁଭ୍ରାଂଶୁ ଶେଖର ଦାସ ନାମକ ଜଣେ ଆଜୀବନ କଏଦୀଙ୍କ ମୃତ୍ୟୁକୁ ନେଇ ଏବେ ବିବାଦ ଉପୁଜିଛି। ମୃତ୍ୟୁର କିଛିଦିନ ପୂର୍ବରୁ ସୁଭ୍ରାଂଶୁଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଯେଉଁଥିରେ ସେ ଜେଲ୍‌ରେ ଦିଆଯାଉଥିବା ନିର୍ଯାତନା ଓ ଅନ୍ୟ କେତେକ ଗୁପ୍ତ କଥା କହି ନ୍ୟାୟ ନିବେଦନ କରୁଥିବା ଦେଖାଯାଇଥିଲା। ଏହାପରେ ତାଙ୍କର ମୃତ୍ୟୁ ହେବା ଘଟଣା ରହସ୍ୟମୟ ହୋଇପଡିଥିଲା। ତେବେ ଭାଇରାଲ ଭିଡିଓକୁ ନେଇ ସୁଭ୍ରାଂଶୁଙ୍କୁ ଜେଲ୍ କର୍ମଚାରୀ ପିଟି ପିଟି ମାରିଦେଇଥିବା ଅଭିଯୋଗ ଆଣିଥିଲେ ପରିବାର ଲୋକେ। ଘଟଣାର ନିରପେକ୍ଷ ତଦନ୍ତ ଦାବି କରି ଚୌଦ୍ୱାର ଥାନାରେ ଏତଲା ମଧ୍ୟ ଦେଇଥିଲେ। ଏହାବାଦ୍ ଜେଲ ଭିତରେ ମୋବାଇଲ ଫୋନ୍ ବ୍ୟବହାର, ନିଶା କାରବାର, କଏଦୀଙ୍କୁ ଶାରୀରିକ ତଥା ମାନସିକ ନିର୍ଯାତନା ଦିଆଯାଉଥିବା ଭଳି ସଙ୍ଗିନ ଅଭିଯୋଗ ପୂର୍ବରୁ ବାରମ୍ବାର ହୋଇଆସୁଛି। ସେହିପରି ଜେଲ ଭିତରର ବେଆଇନ କାର୍ଯ୍ୟକଳାପର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏସବୁ ଘଟଣା ଜେଲ୍‌ର ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ହେଲେ ଜେଲ୍ କର୍ତ୍ତୃପକ୍ଷ ଏସବୁ ଅଭିଯୋଗକୁ ଖଣ୍ଡନ କରି ଆସୁଛନ୍ତି। ଏପରିସ୍ଥଳେ କମିଶନରେଟ ପୋଲିସର ଚଢ଼ାଉ ଓ ଜେଲ୍ ଭିତରକୁ କିଛି ନ ମିଳିବା ଘଟଣା ଅନେକ ପ୍ରଶ୍ନ ସାମ୍ନାକୁ ଆଣିଛି। କାରଣ ୨୦୧୪ରେ ଚୌଦ୍ୱାର ଜେଲରେ ଚଢାଉ କରାଯାଇ ବିଭିନ୍ନ କମ୍ପାନୀର ମୋବାଇଲ୍ ଫୋନ୍, ସିମ୍ କାର୍ଡ,ଏଲ୍ଇଡି ଟିଭି, ପରଫ୍ୟୁମ୍ ଓ ବିପୁଳ ଗୁଟ୍‌ଖା ଜବତ ହୋଇଥିଲା। ୨୦୧୬ରେ ଚଢ଼ାଉ ସମୟରେ ମଧ୍ୟ ଜେଲ୍‌ର ଥିବା ବିଭିନ୍ନ ସେଲ୍‌ରୁ ବହୁ ପରିମାଣର ନିଶା ସାମଗ୍ରୀ ଜବତ ହୋଇଥିଲା। ତେବେ ସୁଭ୍ରାଂଶୁ ଜେଲ୍ ଭିତର ଗୁମର ସମ୍ପର୍କରେ ଭିଡିଓ ଶୁଟିଂ କରି ତାହାକୁ ଭାଇରାଲ କରିବା ଓ ତାଙ୍କର ମୃତ୍ୟୁ ଘଟଣା ପରେ ଜେଲ୍ ଭିତରକୁ ମୋବାଇଲ୍ ଫୋନ୍ ଯାଉଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ଜେଲ୍ କର୍ତ୍ତୃପକ୍ଷ ଜେଲ୍ ଭିତରେ ଯାଞ୍ଚ କରି ଏଭଳି ଆପତ୍ତିଜନକ ସାମଗ୍ରୀକୁ ନେଇଯାଇଥିବା କୁହାଯାଉଛି। ଏ ସମ୍ପର୍କରେ ଜେଲ ଅଧୀକ୍ଷକ ରବୀନ୍ଦ୍ର ନାଥ ସ୍ୱାଇଁ କୁହନ୍ତି, ଏବେ ଜେଲ୍‌ରେ ସେଭଳି କୌଣସି ଅନିୟମିତତା ଓ ଅବ୍ୟବସ୍ଥା ହୋଇନାହିଁ। ଯାହାସବୁ ଘଟିଛି ତାହା ପୂର୍ବର ଘଟଣା। ମୋବାଇଲ ଭାଇରାଲ ଘଟଣା ମଧ୍ୟ ପୂର୍ବର। ଏହା କେବଳ ଅପପ୍ରଚାର ବୋଲି ସେ କ୍ଷୋଭର ସହ ପ୍ରକାଶ କରିଥିଲେ।

ପୋଲିସ କମିଶନର ମହାନ୍ତିଙ୍କ କହିବାନୁଯାୟୀ, ଜେଲ କର୍ତ୍ତୃପକ୍ଷ ନିୟମିତ ଭାବେ ଜେଲର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ଯାଞ୍ଚ କରୁଛନ୍ତି। ନିର୍ବାଚନ ସମୟରେ ବିଚାରାଧୀନ ଓ ଆଜୀବନ କଏଦୀମାନେ ଜେଲ୍ ଭିତରେ ରହି ଅପରାଧ ନିୟନ୍ତ୍ରଣ କରିବା ଆଶଙ୍କା ରହିଛି। ତେଣୁ ଏସବୁକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ପ୍ରତିଶୋଧକ ପଦକ୍ଷେପ ସ୍ୱରୂପ ଏହି ଚଢାଉ କରାଯାଇଥିଲା। ତେବେ କଏଦୀ ମୃତ୍ୟୁ ମାମଲାରେ ଜଣେ ଏସିପିକୁ ତଦନ୍ତ ଦାୟିତ୍ୱ ଦିଆଯାଇଛି ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହାନ୍ତି କହିଛନ୍ତି।

# ୭ ପରିବାରକୁ ନିଆଁପାଣିରୁ ବାସନ୍ଦ

**ପାପଡାହାଣ୍ଡି,୧୪।୩(ଡି.ଏନ.ଏ)**



ହ୍ୟାଣ୍ଡେଲ କଢାଯାଇଥିବା ନଳକୂପ ଆଗରେ ବାସନ୍ଦ ପରିବାର

- ସାହିର ନଳକୂପ ଭାଙ୍ଗିଦେଲେ ଗ୍ରାମବାସୀ
- ବାସନ୍ଦ ପରିବାର ଥାନାରେ ଦେଲେ ଏତଲା
- ୧.୫ କି.ମି ଦୂରରୁ ପରିବାର ଲୋକ ପାଣି ଆଣୁଛନ୍ତି

ଜଣେ ମହିଳା ଗାଁରୁ କୁଆଡେ ଚାଲିଯାଇଥିଲେ। ଗ୍ରାମର ଜଣେ ଯୁବକ ନେଇଯାଇଥିବା ଗ୍ରାମବାସୀ ଥାନାରେ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ଯୁବକ ଜଣକୁ ପୋଲିସ ଛାଡି ଦେଇଥିଲା। ଏହାକୁ ନେଇ ଗ୍ରାମବାସୀ ଉକ୍ତ ଯୁବକଙ୍କ ପରିବାର ସମେତ ୭ ପରିବାରକୁ ନିଆଁ ପାଣିରୁ ବାସନ୍ଦ କରିଛନ୍ତି। ଏଥିସହ ଉକ୍ତ ପରିବାର ବ୍ୟବହାର କରୁଥିବା ନଳକୂପକୁ ଗ୍ରାମବାସୀ ଭାଙ୍ଗିଦେଇଛନ୍ତି। ସମ୍ପୃକ୍ତ ଯୁବକଙ୍କ ପରିବାର ବର୍ତ୍ତମାନ ଭୟଭୀତ ଅବସ୍ଥାରେ ରହିଛନ୍ତି। ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ହାତୀବେଢା ପଞ୍ଚାୟତ ଢ଼େରକୁଗୁଡା ଗ୍ରାମରେ ଦେଖିବାକୁ ମିଳିଛି ଏହି ଘଟଣା।

ଗ୍ରାମର ଜଣେ ମହିଳା କେଉଁଆଡେ ଚାଲି ଯାଇଥିଲେ। ରଇନୁ ସାନ୍ତାଙ୍କ ନାତି ଭୁବୁନୁ ସାନ୍ତା ଉକ୍ତ ମହିଳାଙ୍କୁ କେଉଁଆଡେ ନେଇଯାଇଥିବା ଗ୍ରାମବାସୀ ସନ୍ଦେହ କରିଥିଲେ। ଏ ନେଇ ମହିଳାଙ୍କ ପରିବାର ପକ୍ଷରୁ ଫେବୃୟାରୀ ୧୭ ତାରିଖରେ ଡାବୁଗାଁ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଏତଲାକୁ ଭିତ୍ତି କରି ଫେବୃୟାରୀ ୨୨ ତାରିଖରେ ଉଭୟ ପରିବାରଙ୍କୁ ଡ଼କାଇଥିଲା। ମହିଳା ଜଣକ ଥାନାକୁ ଆସି ନିଜ ବାପାଙ୍କ ସହ ଝରିଗାଁ ବ୍ଲକ ବାରକୁମୁଲିରେ ରହୁଥିବା କହିଥିଲେ। ତେବେ ପ୍ରମାଣ ଅଭାବରୁ ରଇନୁଙ୍କୁ ପୋଲିସ ଛାଡି ଦେଇଥିଲା। ଏତିକିରେ ଗ୍ରାମବାସୀଙ୍କ ରାଗ ଶାନ୍ତ ପଡ଼ିନଥିଲା। ରଇନୁଙ୍କ ପରିବାର ସହ ଅନ୍ୟ ୬ ଜଣ ପରିବାରଙ୍କୁ ନିଆଁ ପାଣିରୁ ଗ୍ରାମବାସୀ ବାସନ୍ଦ କରିଛନ୍ତି। ଅଙ୍ଗନଓ୍ୱାଡି, ସ୍କୁଲ ଓ ଶ୍ମଶାନରୁ ବାସନ୍ଦ କରିବାକୁ ଚେତାବନୀ ଦେଇଥିବା ରଇନୁ, ଭୀମ ସାନ୍ତା, ଲକିଚନ୍ଦ୍ର ସାନ୍ତା, ହୀରାମଣି ସାନ୍ତା, ବାଲମତି, ମଙ୍ଗଲ ଦେଈ, ତୁଳସା, ପ୍ରହ୍ଲାଦ, ଲକି ପ୍ରମୁଖ ଅଭିଯୋଗ କରିଛନ୍ତି। ବୁଧବାର ଗ୍ରାମବାସୀ ପୁଣି ସେଇ ସାହିକୁ ଯାଇ ନଳକୂପର ହ୍ୟାଣ୍ଡେଲ କାଢି ନେଇଛନ୍ତି। ଉକ୍ତ ପରିବାରର ସଦସ୍ୟ ୧.୫ କି ମି ଦୂର ଯାଇ ପାଣି ଆଣୁଥିବା କହିଛନ୍ତି। ସମସ୍ୟାର ଶୀଘ୍ର ସମାଧାନ ଲାଗି ସେମାନେ ନିବେଦନ କରିଛନ୍ତି। ଗ୍ରାମବାସୀ ନଳକୂପରୁ ହ୍ୟାଣ୍ଡେଲ କାଢି ନେଇଥିବା ଉକ୍ତ ପରିବାର ଲୋକ ଡାବୁଗାଁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଗୁରୁବାର ଗ୍ରାମବାସୀ ଓ ଅଭିଯୋଗକାରୀଙ୍କୁ ଥାନାକୁ ଆସିବାକୁ କହିଥିଲେ। ଗୁରୁବାର ଥାନାରେ ଗ୍ରାମବାସୀ ପହଞ୍ଚିଥିଲେ ମଧ୍ୟ ଅଭିଯୋଗକାରୀ ପହଞ୍ଚି ନଥିଲେ। ତେବେ ନଳକୂପ ମରାମତି ପାଇଁ ହ୍ୟାଣ୍ଡେଲ କଢାଯାଇଥିବା ଗ୍ରାମବାସୀ ପୋଲିସ ଆଗରେ କହିଛନ୍ତି। ଉଭୟ ପକ୍ଷରୁ ଶୁକ୍ରବାର ଥାନାକୁ ଡକାଯାଇଥିବା ପୋଲିସ କହିଛି। ଏ ସମ୍ପର୍କରେ ପାପଡାହାଣ୍ଡି ବିଡିଓ ରଞ୍ଜିତା ମଲ୍ଲିକଙ୍କୁ ପଚାରିବାରୁ ବର୍ତ୍ତମାନ ସେ ନିର୍ବାଚନ କାମରେ ବ୍ୟସ୍ତ ଥିବା କହିଥିଲେ।

# ଛାତ୍ରୀଙ୍କୁ ପ୍ରଧାନଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ

### ମାଡ଼ ମାରି ତାଲା ପକାଇଲେ ଉତ୍ତ୍ୟକ୍ତ ଲୋକେ

**ନିମାପଡ଼ା,୧୪।୩(ଡି.ଏନ୍.ଏ.)**

ନିମାପଡ଼ା,୧୪।୩(ଡି.ଏନ୍.ଏ.): ଗୁରୁ ନାଁରେ ଲାଗିଛି କଳଙ୍କ। ନିମାପଡ଼ା ଥାନା ଅଞ୍ଚଳରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରଧାନଶିକ୍ଷକ ଅସଦାଚରଣ କରିଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣା ପଦାକୁ ଆସିବା ପରେ ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତ ପ୍ରଧାନଶିକ୍ଷକଙ୍କୁ ମାଡ଼ ମାରି ସ୍କୁଲ ଘରେ ତାଲା ପକାଇ ଦେଇଥିଲେ। ଖବରପାଇ ଚାରିଛକ ଫାଣ୍ଡି ପୋଲିସ ତାଙ୍କୁ ଉଦ୍ଧାର କରି ନିମାପଡ଼ା ପୋଲିସକୁ ହସ୍ତାନ୍ତର କରିଥିଲା। ନିମାପଡ଼ା ପୋଲିସ ତାଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଗୁରୁବାର ମଧ୍ୟାହ୍ନରେ ପ୍ରଧାନଶିକ୍ଷକ ସମ୍ପୃକ୍ତା ଛାତ୍ରୀଙ୍କୁ ସ୍କୁଲ ପାଇଖାନା ଘରକୁ ଡାକିନେଇ ଅସଦାଚରଣ କରିଥିଲେ। ଛାତ୍ରୀଙ୍କ ସାଙ୍ଗ ଏହା ଦେଖି ତାଙ୍କ ଘରେ ଜଣାଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ଘଟଣା ସମ୍ପର୍କରେ ବାହାରେ ପ୍ରକାଶ ନ କରିବାକୁ ପ୍ରଧାନଶିକ୍ଷକ ଧମକ ଦେଇଥିବା ସହ ଆଗରୁ ବହୁ ଥର ସମ୍ପୃକ୍ତା ଛାତ୍ରୀଙ୍କୁ ଅସଦାଚରଣ କରିଥିବା ତାଙ୍କ ମା’ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ନିମାପଡ଼ା ଆଇଆଇସି ଜନାର୍ଦ୍ଦନ ପାଢୀ କୁହନ୍ତି, ଅଭିଯୋଗର ତଦନ୍ତ ଚାଲିଛି। ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା କୁହନ୍ତି, ଅଭିଯୋଗର ତଦନ୍ତ ପାଇଁ ସିଆରସିସିଙ୍କୁ ନିର୍ଦ୍ଦେଶ ଦେଇଛି। ଶୁକ୍ରବାର ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ସ୍କୁଲରେ ପହଞ୍ଚି ତଦନ୍ତ କରି ରିପୋର୍ଟ ଦେବେ। ଏ ନେଇ ଥାନାରେ ୮୭/୧୯ ପୋକସୋ ଆକ୍ଟରେ ମାମଲା ରୁଜୁ ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ମରଣ, ପିତା ତିଉଣ,**
**ନ ମିଳେ ଋଣ;**
**ଆଗେ ଦୁଃଖ ପଛେ ସୁଖ।**

ଉପରୋକ୍ତ ବର୍ଣ୍ଣିତ ଅବସ୍ଥା ଭୁକ୍ତଭୋଗୀ ବ୍ୟକ୍ତି ପକ୍ଷେ ସହ୍ୟ କରିବା ଅତୀବ କଷ୍ଟକର ବା ଦୁଃଖଦାୟୀ ହୋଇଥାଏ। ପରନ୍ତୁ ଏହା ପଛରେ ଲୁଚି ରହିଥିବା ପ୍ରକୃତ ବାସ୍ତବତା ପରିଶେଷରେ ଉକ୍ତ ବ୍ୟକ୍ତି ଲାଗି ହିତକର ସାବ୍ୟସ୍ତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝିଅକୁ ମାରି ବୋହୂକୁ ଶିଖାନ୍ତି।**

ଝିଅକୁ ଦଣ୍ଡଦେବା ଛଳରେ ବୋହୂକୁ ଶିକ୍ଷାଦେବା। ଅନେକ କ୍ଷେତ୍ରରେ ବୋହୂର ଦୈନନ୍ଦିନ ଚଳଣିକୁ ଶାଶୁଘର ଲୋକେ ନାପସନ୍ଦ କରିଥାନ୍ତି। ତା’ର ହାବଭାବ ତଥା ଚାଲିଚଳଣକୁ ନେଇ ଦେଖେଇ ଶିଖେଇ ନାନାକଥା କହିଥାନ୍ତି। କାଳେ ମୁହଁ ଉପରେ କହିଦେଲେ କଥାଟା ଖରାପ ହୋଇଯିବ ସେଲାଗି କଥାକୁ ସିଧା ନ କହି ଅନ୍ୟ ନାଁରେ ବାଆଁରେଇ କହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ପୁରୀ ବିଜେଡିରେ ବଢୁଛି ଗୋଷ୍ଠୀ କନ୍ଦଳ
# ଟିକେଟକୁ ନେଇ ଚାଲିଛି ଛକାପଞ୍ଝା

**ପୁରୀ ଅଫିସ,୧୪।୩**

**ଦଳ ଯାହା ସ୍ଥିର କରିବ ମୁଁ ସ୍ୱୀକାର କରିବି: ମହେଶ୍ୱର**

ପୁରୀ ବିଧାନସଭା ଆସନ ଟିକେଟକୁ ନେଇ ବିଜେଡିରେ ଚାଲିଛି ଛକାପଞ୍ଝା। ଦୀର୍ଘ ୨୦ବର୍ଷ ଧରି ଏହି ଆସନରୁ ମହେଶ୍ୱର ମହାନ୍ତି କ୍ରମାଗତ ଭାବେ ବିଜୟଲାଭ କରିଆସୁଛନ୍ତି। ଚଳିତବର୍ଷ ଏହି ଆସନ ଲାଗି ବିଜେଡିରେ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଟିକେଟ ପାଇବା ଆଶାରେ କେତେଜଣ ଯୁବ ପ୍ରାର୍ଥୀ ନବୀନ ନିବାସ ଦୌଡୁଛନ୍ତି। ତୃତୀୟ ମହଲାକୁ ବାରମ୍ବାର ଯାଉଥିବା ଜଣାପଡିଛି। ପୂର୍ବରୁ ମହେଶ୍ୱର ବିରୋଧୀଙ୍କ ଟାର୍ଗେଟରେ ରହିଥିବା ବେଳେ ଏବେ ଦଳୀୟ କନ୍ଦଳର ଶିକାର ହୋଇଛନ୍ତି। ଦଳ ଭିତରେ ମହେଶ୍ୱରଙ୍କ ବିରୋଧରେ ବଢୁଛି ଅସନ୍ତୋଷ। ଗତ ୫ ତାରିଖରେ ବିଜେଡି ପକ୍ଷରୁ ଦୁଇ ଗୋଷ୍ଠୀ ପୃଥକ୍ ଭାବେ ବିଜୁ ଜୟନ୍ତୀ ପାଳନ କରିଥିବା ନେଇ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। ଗତ କିଛିଦିନ ଧରି ପୁରୀ ସହରର ବିଭିନ୍ନ ସ୍ଥାନରେ ମହେଶ୍ୱର ହଟାଅ, ପୁରୀ ବଞ୍ଚାଅ ଲେଖାଯାଇଥିବା ପୋଷ୍ଟର ଲାଗିଛି। ସହରର ବିଭିନ୍ନ ପ୍ରସଙ୍ଗରେ ମହେଶ୍ୱରଙ୍କ ବିଫଳତାକୁ ସେଥିରେ ଦର୍ଶାଯାଇଛି। ପୂର୍ବରୁ ମହେଶ୍ୱରଙ୍କ ସାଥିରେ ରହି କାର୍ଯ୍ୟ କରୁଥିବା ଜଣେ ଯୁବନେତା ବର୍ତ୍ତମାନ ବିଧାନସଭା ଟିକେଟ ଦୌଡ଼ରେ ରହିଛନ୍ତି। ପୌରସଂସ୍ଥାର ଜଣେ ପ୍ରଭାବଶାଳୀ ବିଜେଡି ନେତା ମଧ୍ୟ ଟିକେଟ ଲବିରେ ଥିବା ସହରରେ ଚର୍ଚ୍ଚା ହେଉଛି। ଅନ୍ୟପଟେ କଂଗ୍ରେସ ଓ ଭାଜପା ଚଳିତ ବର୍ଷ ନୂତନ ପ୍ରାର୍ଥୀ ଛିଡ଼ା କରୁଥିବାରୁ ମହେଶ୍ୱରଙ୍କ ଲାଗି କୌଣସି ସମସ୍ୟା ହେବ ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରିଛନ୍ତି।

ଏ ସମ୍ପର୍କରେ ମହେଶ୍ୱର କୁହନ୍ତି, ପୁରୀ ସହରର ଦ୍ରୁତ ବିକାଶ ହୋଇଛି। କିଏ ଟିକେଟ ପାଇବ ନ ପାଇବ ତାହା ଦଳର ନେତା ନବୀନ ପଟ୍ଟନାୟକ ସ୍ଥିର କରିବେ। ଯଦି ଦଳ ଏହି ଆସନରୁ ନୂତନ ପ୍ରାର୍ଥୀ ଦେବାକୁ ସ୍ଥିର କରିବ, ସେଥିରେ ମୁଁ ହସ୍ତକ୍ଷେପ କରିବି ନାହିଁ। ଟିକେଟ ଲାଗି କିଏ ନବୀନ ନିବାସରେ ଡେରା ପକାଇଛନ୍ତି, ସେଥିରେ ମୋର କିଛି ଯାଏ ଆସେ ନାହିଁ। ଦଳ ଯାହା ସ୍ଥିର କରିବ, ମୁଁ ତାହାକୁ ସ୍ୱୀକାର କରିବି ବୋଲି ମହେଶ୍ୱର କହିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ। ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

DANCE CLASS
Ollywood Choreographer Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact: 9438668573

LOAN
ଟଙ୍କା ନେଉନୁ - ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

MAHADEV FINANCE
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ
୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

## ସଂକ୍ଷେପରେ

### ମଦ ଜବତ, ଜଣେ କୋର୍ଟଚାଲାଣ

**ଗୋପାଳପୁର,୧୪।୩:** ଗୋପାଳପୁର ଥାନା ପୋଲିସ ଚୋରା ମଦ କାରବାର ହେଉଥିବା ସ୍ଥାନରେ ଚଢ଼ାଉ କରି ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ କରାପଲ୍ଲୀର ବିଶ୍ୱନାଥ ରେଡ୍ଡୀ। କରାପଲ୍ଲୀରେ ଦୀର୍ଘଦିନ ହେଲା ଚୋରା ଦେଶୀ ମଦ ବିକ୍ରି ଚାଲିଥିବା ଖବରପାଇ ବୁଧବାର ରାତିରେ ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା। ବିଶ୍ୱନାଥଙ୍କ ପାଖରୁ ପୋଲିସ ୧୦୦ଟି ଦେଶୀ ମଦ ପାଉଚ ଜବତ କରିବା ସହ ତାଙ୍କୁ କାବୁ କରିଥିଲା। ଏ ନେଇ ନଂ.୨୯/୧୯ରେ ଏକ ମାମଲା ରୁଜୁ କରାଯାଇଛି।

### ଥାନା ପରିଦର୍ଶନ କଲେ ଏସ୍‌ପି



**ଆର.ଉଦୟଗିରି,୧୪।୩(ଡି.ଏନ.ଏ.):** ଗଜପତି ଏସ୍‌ପି ସାରା ଶର୍ମା ବୁଧବାର ଆର.ଉଦୟଗିରି ଥାନା ପରିଦର୍ଶନ କରିଥିଲେ। ସାଧାରଣ ନିର୍ବାଚନ ଯେଭଳି ଶାନ୍ତିଶୃଙ୍ଖଳାରେ ହେବ ସେ ନେଇ ଏସଡିପିଓ ଅଶୋକ କୁମାର ମହାନ୍ତି, ଥାନାଧିକାରୀ କୁଳମଣି ସେଠୀ, ପୂର୍ବତନ ଏସଡିପିଓ ଅନିଲ କୁମାର ପ୍ରଧାନଙ୍କ ସହ ଆଲୋଚନା କରିଥିଲେ। ନିର୍ବାଚନ ସମୟରେ ଯେଭଳି କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜିବ ସେଥିପ୍ରତି ଧ୍ୟାନ ଦେବାକୁ କର୍ମଚାରୀଙ୍କୁ ସଚେତନ କରିଥିଲେ। ଏଥିସହ ଅଞ୍ଚଳରେ ଗଞ୍ଜେଇ, ଚୋରାମଦ କରାବାର ରୋକିବା ଆମର ପ୍ରଥମ ଲକ୍ଷ୍ୟ ବୋଲି ଏସ୍‌ପି ପ୍ରକାଶ କରିଥିଲେ। ଆର.ଉଦୟଗିରି ପରେ ଏସ୍‌ପି ରାମଗିରି, ମୋହନା ଓ ଅଡ଼ବା ଥାନା ପରିଦର୍ଶନ କରିଥିଲେ।

### ପାଟପୁର ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ



**ଦିଗପହଣ୍ଡି,୧୪।୩(ଡି.ଏନ.ଏ.):** ପାଟପୁର ପୋଲିସ ପକ୍ଷରୁ ଗୁରୁବାର ରାମଚନ୍ଦ୍ରପୁର, ଏରେଣ୍ଡ୍ରା ଓ ଖଳିଙ୍ଗୀ ପ୍ରଭୃତି ଗ୍ରାମ ମାନଙ୍କରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏଙ୍କ ନିର୍ଦ୍ଦେଶକ୍ରମେ ଆଇଆଇସି ରମେଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ପକ୍ଷରୁ ଗ୍ରାମ୍ୟ ରାସ୍ତାରେ ମାର୍ଚ୍ଚ କରାଯାଇଥିଲା। ଆଗାମୀ ସାଧାରଣ ନିର୍ବାଚନ କିପରି ଶୃଙ୍ଖଳିତ ହେବ ଏବଂ ନିର୍ବାଚନୀ ହିଂସାକୁ କିଭଳି ମୁକାବିଲା କରାଯାଇପାରିବ ସେଥିନିମନ୍ତେ ପୋଲିସ ପକ୍ଷରୁ ବ୍ୟାପକ ସତର୍କତା ଅବଲମ୍ବନ କରାଯାଇଛି। ଗ୍ରାମଗୁଡ଼ିକରେ ପ୍ରାକ୍ ନିର୍ବାଚନୀ ହିଂସା ଓ ଗଣ୍ଡଗୋଳ ଉପରେ ତୀକ୍ଷ୍ଣ ନଜର ରଖାଯାଇ ଅପରାଧିମାନଙ୍କ ତାଲିକା ପ୍ରସ୍ତୁତ ସହ ସେମାନଙ୍କ ଗତିବିଧି ଉପରେ ନଜର ରଖାଯାଇଥିବା ଆଇଆଇସି କହିଛନ୍ତି।

### ଆର୍ମି ସହାୟତା ପାଣ୍ଠିକୁ ଅର୍ଥ ପ୍ରଦାନ

**ବେଗୁନିଆପଡା,୧୪।୩(ଡି.ଏନ୍.ଏ.):** ପୁଲୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ସ୍ମୃତିରେ ସୁମଣ୍ଡଳ ଗ୍ରାମ ପଞ୍ଚାୟତ ଓ ବିଜୁ ଯୁବ ବାହିନୀ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ୩୩ଶହ ଟଙ୍କା ସଂଗ୍ରହ କରାଯାଇ ଆର୍ମି ପାଣ୍ଠିକୁ ପ୍ରଦାନ କରାଯାଇଥିଲା।

# କାର୍ଡ ପାଇଲେନି ୨୦୦ ନିର୍ମାଣ ଶ୍ରମିକ

**ହିଞ୍ଜିଳିକାଟୁ,୧୪।୩(ଡି.ଏନ୍.ଏ.)**

- ଏଜେଣ୍ଟଙ୍କ ଭୂମିକା ସନ୍ଦେହ ଘେରରେ
- ନିର୍ବାଚନ ପରେ ପଦକ୍ଷେପ ନିଆଯିବ:ବିଡିଓ

ହିଞ୍ଜିଳିକାଟୁ ବ୍ଲକ ଶିକିରି ପଞ୍ଚାୟତର ୨ଶହରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପାଇବାରୁ ବଞ୍ଚିତ ହୋଇଛନ୍ତି। ଗତ ସୋମବାର ପରିଚୟ ପତ୍ର ସମ୍ପର୍କରେ ଅନୁସନ୍ଧାନ ପାଇଁ କେତେଜଣ ଶ୍ରମିକ ଛତ୍ରପୁର ଜିଲା ଶ୍ରମ ଅଧିକାରୀଙ୍କ ଅଫିସକୁ ଯାଇଥିଲେ। ତେବେ ସେଠାରେ ଅଫିସର କେତେଜଣ କର୍ମଚାରୀ ଏଠାରେ କିଛି କାମ ନାହିଁ ବୋଲି କହି ସେମାନଙ୍କୁ ଘଉଡ଼ାଇ ଦେଇଥିଲେ। ଫଳରେ ଗୁରୁବାର ଶିକିରି ଗ୍ରାମର ନିର୍ମାଣ ଶ୍ରମିକ କୁନି ପ୍ରଧାନ, ସୁକାନ୍ତି ପ୍ରଧାନ, ଝୁନୁ ପ୍ରଧାନ, ଅନିତା ପ୍ରଧାନ, ଝୁନୁ ନାୟକ, ସନ୍ତୋଷିନୀ ନାୟକ, ଉଲି ପ୍ରଧାନ, ଝୁନୁ ସାହୁ, ବିଚିତ୍ର ପ୍ରଧାନ, ଶଙ୍କର ସାମଲ ପ୍ରମୁଖଙ୍କ ସହ ବହୁ ଶ୍ରମିକ ବ୍ଲକ ଅଫିସରେ ନିର୍ମାଣ ଶ୍ରମିକ ପରିଚୟ କାର୍ଡ ପାଇଁ



କାର୍ଡ ପାଇଁ ବ୍ଲକ କାର୍ଯ୍ୟାଳୟକୁ ଆସିଥିବା ଶ୍ରମିକମାନେ।

ଦାବି କରିଛନ୍ତି। ସେମାନେ ବିଡ଼ିଓ ପ୍ରସନ୍ନ କୁମାର ପାତ୍ରଙ୍କ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଖବରରୁ ଜଣା ପଡ଼ିଛି ଯେ, ନିର୍ମାଣ ଶ୍ରମିକଙ୍କ ପଞ୍ଜିକରଣ ପାଇଁ ଗୋଟିଏ ଶ୍ରମିକ ସଙ୍ଗଠନର ଏଜେଣ୍ଟଙ୍କ ଦ୍ୱାରା ଶିକିରି ଗ୍ରାମର ପ୍ରାୟ ୨ଶହ ଶ୍ରମିକ ୨ବର୍ଷ ତଳେ କାର୍ଡ଼ ପାଇଁ ଆବେଦନ କରିଥିଲେ। ଏଜେଣ୍ଟ ଜଣକ ପ୍ରତି ଶ୍ରମିକଙ୍କ ଠାରୁ ୨ଶହ ଟଙ୍କା ଲେଖାଏଁ ନେଇଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ତେବେ ଉକ୍ତ ଏଜେଣ୍ଟ ୨ବର୍ଷ ହେଲା ଶ୍ରମିକଙ୍କୁ କାର୍ଡ଼ ଦେଉନାହାନ୍ତି।

ଏନେଇ ଜିଲା ଅଫିସ ସହ ଯୋଗାଯୋଗ କରିବାରୁ ଯେଉଁମାନଙ୍କ କାର୍ଡ଼ ହୋଇଥିବ ସେମାନଙ୍କୁ ଶୀଘ୍ର କାର୍ଡ ବଣ୍ଟନ କରାଯିବ। ଯେଉଁମାନଙ୍କ କାର୍ଡ ହୋଇନାହିଁ ନିର୍ବାଚନ ପରେ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ବିଡ଼ିଓ ପାତ୍ର କହିଛନ୍ତି। ଅନ୍ୟପକ୍ଷରେ ଦାରୁଭଦ୍ରା ଓ ଦୟାପଲୀ ପଞ୍ଚାୟତରେ ମଧ ବହୁ ନିର୍ମାଣ ଶ୍ରମିକ ପରିଚୟପତ୍ରରୁ ବଞ୍ଚିତ ଥିବା ଜଣାପଡିଛି।

# ଗଞ୍ଜେଇ ଜବତ, ୬ ଗିରଫ



ଗଞ୍ଜେଇ ଗାଡି ସହ ଗିରଫ ୨ ଯୁବକ।

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧୪।୩**

କନ୍ଧମାଳ ଜିଲାରେ ଗଞ୍ଜେଇ ଚୋରା ଚାଲାଣ ବଳବତର ରହିଛି। ଏଥିରେ ଖାଲି ଜିଲାର ନୁହେଁ ଆନ୍ତରାଜ୍ୟ ଗଞ୍ଜେଇ ଚୋର ସକ୍ରିୟ ଥିବା ଗୁରୁବାର ସ୍ପଷ୍ଟ ହୋଇଛି। ଫୁଲବାଣୀ ଅବକାରୀ ବିଭାଗ ଓ ଫିରିଙ୍ଗିଆ ପୋଲିସ ଭିନ୍ନ ଘଟଣାରେ ମୋଟ ୫୮ କେଜି ୩୦୦ ଗ୍ରାମ ଗଞ୍ଜେଇ ସହ ଗୋଟିଏ କାର ଏବଂ ବୋଲେରୋ ଜବତ କରିଛି। ଏହି ଘଟଣାରେ ୬ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

କଟ୍ରିଙ୍ଗିଆରୁ ଏକ କାର(ଓଡି ୨୨ଏମ ୦୭୭୪)ରେ ଗଞ୍ଜେଇ ବୋଝେଇ ହୋଇ ଫୁଲବାଣୀ ଆଡକୁ ଆସୁଥିବା ଅବକାରୀ ବିଭାଗକୁ ଖବର ମିଳିଥିଲା। ଅବକାରୀ କର୍ମଚାରୀ ଡୁଡିପାଙ୍କୁ ନବୋଦୟ ବିଦ୍ୟାଳୟ ପାଖ ପୋଲ ଉପରେ ଗାଡିକୁ ଅଟକାଇ ଯାଞ୍ଚ କରିବା ବେଳେ ସେଥିରୁ ୨୩ କେଜି ଗଞ୍ଜେଇ ମିଳିଥିଲା। ଗଞ୍ଜେଇ ଭଦ୍ରକ ଯାଉଥିବା ଗାଡିରେ ଥିବା ୪ ଜଣ ଯୁବକ ସ୍ୱୀକାର କରିଥିଲେ। ସେମାନେ ହେଲେ ଭଦ୍ରକ ଜିଲା ନାଇକାଣୀଡିହି ଥାନା ରାଇପୁରର ତପନ ବେହେରା ଓ କମଳାକାନ୍ତ ବାରିକ, କଂସାରିପୁରର ଦୟାନିଧି ନାୟକ, ମୟୂରଭଞ୍ଜ ଜିଲା କରଞ୍ଜିଆର ପ୍ରଦୀପ ପାତ୍ର। ଏ ନେଇ ନଂ.୪୯/୧୮-୧୯ରେ ମାମଲା ରୁଜୁ ହୋଇଥିବା ଅବକାରୀ ଇନ୍ସପେକ୍ଟର ପ୍ରବୀଣ ପ୍ରଧାନ ସୂଚନା ଦେଇଛନ୍ତି।

ସେହିପରି ଫିରିଙ୍ଗିଆ ପୋଲିସ ମଣିପଦର ଛକଠାରୁ ଅଳ୍ପ ଦୂର ଏକ ନିଛାଟିଆ ସ୍ଥାନରେ ଏକ ବୋଲୋରୋ(ଓଆର ୦୫ଏଡବ୍ଲ୍ୟୁ ୦୭୪୨)କୁ ଅଟକାଇ ଯାଞ୍ଚ ଆରମ୍ଭ କରିଥିଲା। ସେଥିରୁ ଗଞ୍ଜେଇ ମିଳିବା ପରେ ଗାଡିରେ ଥିବା ଯୁବକଙ୍କୁ ପଚାରା ଉଚରା କରିବାରୁ ଏହା କଟକ ଯାଉଥିବା ଜଣା ପଡିଥିଲା। ଜବତ ଗଞ୍ଜେଇ ପରିମାଣ ୩୫ କିଲୋ ୩୦୦ ଗ୍ରାମ। ଏହି ଘଟଣାରେ କଟକର ବସନ୍ତ କୁମାର ରାଉତ ଓ ବିରଞ୍ଚି ଜେନାଙ୍କୁ ଗିରଫ କରାଯାଇଥିବା ଥାନାଧିକାରୀ ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ ସୂଚନା ଦେଇଛନ୍ତି।

# ଏମ୍‌ପି ଟିକେଟ ପାଇଁ ଦାବି ଜୋରଧରିଲା




ଅମିରଚାନ୍ଦ ନାୟକଙ୍କୁ ବିଜେଡି ଦଳୀୟ ଟିକେଟ ପ୍ରଦାନ ଏକାଠି ହୋଇଥିବା ଅଞ୍ଚଳବାସୀ।

**ଦାରିଙ୍ଗବାଡ଼ି,୧୪।୩(ଡି.ଏନ.ଏ)**

**ଦାରିଙ୍ଗବାଡ଼ି ଅଞ୍ଚଳ**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଦୁର୍ଗମ ତାଜୁଙ୍ଗିଆ ପଞ୍ଚାୟତର ଅମିରଚାନ୍ଦ ନାୟକଙ୍କୁ ବିଜେଡି ପକ୍ଷରୁ ଏମ୍‌ପି ଟିକେଟ ପ୍ରଦାନ ପାଇଁ ଦାବି ଜୋର ଧରିଛି। ସ୍ଥାନୀୟ ଲୋକେ ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏନେଇ ନିବେଦନ କରିଛନ୍ତି। ବୁଧବାର ବ୍ରାହ୍ମଣୀଗାଁ ସମେତ ବ୍ଲକର ୨୫ ପଞ୍ଚାୟତର ବହୁ ଲୋକ ବ୍ଲକ ଉପାଧ୍ୟକ୍ଷ ରମାକାନ୍ତ ବଳିଆର ସିଂ ଏବଂ ବ୍ରାହ୍ମଣୀଗାଁ ଶାନ୍ତି କମିଟିର ସମ୍ପାଦକ ବିକ୍ରମ ବସ୍ତ୍ରରାୟଙ୍କ ନେତୃତ୍ୱରେ ଦାରିଙ୍ଗବାଡ଼ି ପଥପାର୍ଶ୍ୱ ସେବାକେନ୍ଦ୍ରରେ ଏକତ୍ରିତ ହୋଇ ହାତରେ ପ୍ଲାକାର୍ଡ଼ ଧରି ଏହି ଦାବି କରିବା ସହ ସାଧାରଣ ଲୋକଙ୍କୁ ସଚେତନ କରିଛନ୍ତି। ପରେ ଅଞ୍ଚଳରୁ ଏକ ଟିମ୍ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିବା ପାଇଁ ଭୁବନେଶ୍ୱର ଯାଇଥିବା ବ୍ଲକ ଉପାଧ୍ୟକ୍ଷ ବଳିଆର ସିଂ କହିଛନ୍ତି। ବିଜେଡି ବ୍ଲକ ସଭାପତି ଦିଲିପ କୁମାର ପ୍ରଧାନ ମଧ୍ୟ ସେହି ସମାନେ ଦାବି କରିଥିବା କହିଛନ୍ତି।

## ୧୨ ଘରୋଇ ସ୍କୁଲକୁ ମିଳିନି ସ୍ୱୀକୃତି

**ଛତ୍ରପୁର,୧୪।୩(ଡି.ଏନ.ଏ)**

ଛତ୍ରପୁର ବ୍ଲକ ଓ ଏନଏସିରେ ଥିବା ୨୩ ଘରୋଇ ସ୍କୁଲ ମଧ୍ୟରୁ ୧୨ଟିକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱୀକୃତି ପ୍ରମାଣପତ୍ର ମିଳିନି। ୧୦ ସ୍କୁଲ ଏହି ପ୍ରମାଣପତ୍ର ପାଇଥିବା ବେଳେ ଆଇଆରଇର ଆଟମିକ ଏନର୍ଜି ସ୍କୁଲକୁ କେନ୍ଦ୍ରୀୟ ସ୍ୱୀକୃତି ରହିଛି। ଯୋଗଯୋଗ ବେଳେ ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ଅବିନାଶ ଶତପଥୀ କହିଛନ୍ତି, ପ୍ରମାଣପତ୍ର ପାଇଥିବା ୧୦ ସ୍କୁଲର ସ୍ୱୀକୃତି ୨୦୨୧-୨୨ ପର୍ଯ୍ୟନ୍ତ ରହିଛି। ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଏହି ସ୍କୁଲଗୁଡିକର ସ୍ଥିତି, ଶିକ୍ଷକ ଏବଂ ଅନ୍ୟାନ୍ୟ ଯାଞ୍ଚ କରାଯିବ। ନିୟମ ଅନୁସାରେ ସମସ୍ତ ବ୍ୟବସ୍ଥା ନ ଥିଲେ ସ୍ୱୀକୃତି ପ୍ରମାଣପତ୍ରକୁ ରଦ୍ଦ କରାଯାଇପାରିବ। ଅନ୍ୟପକ୍ଷରେ ସ୍ୱୀକୃତି ପ୍ରମାଣପତ୍ର ପାଇ ନ ଥିବା ୧୨ ଘରୋଇ ସ୍କୁଲର ଛାତ୍ରୀଛାତ୍ର ଚମାଖଣ୍ଡି ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାଁ ଲେଖାଇବାକୁ ଆବେଦନ କରିପାରିବେନି। ଏଥିସହ ବୃତ୍ତି ପରୀକ୍ଷା ଦେବାକୁ ମଧ ଆବେଦନ କରିପାରିବେନି ବୋଲି ଜଣାପଡିଛି।

# ଭଞ୍ଜନଗର କଲେଜକୁ ବିଶ୍ୱବ୍ୟାଙ୍କ ସହାୟତା ଦେବ



ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ।

**ଭଞ୍ଜନଗର,୧୪।୩(ଡି.ଏନ.ଏ.)**

**ତାଲିକାରେ ଗଞ୍ଜାମ ଜିଲାର ୫ କଲେଜ**

ରାଜ୍ୟ ସରକାର ଉଚ୍ଚ ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ୨୦୧୭ ମସିହାରୁ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି। ବିଶ୍ୱବ୍ୟାଙ୍କ ସହାୟତାରେ ରାଜ୍ୟର କଲେଜ ଓ ବିଶ୍ୱବିଦ୍ୟାଳୟ ଗୁଡିକର ଭିତ୍ତିଭୂମି ଉନ୍ନତୀକରଣ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୭୦ଟି କଲେଜ ଓ ୬ଟି ବିଶ୍ୱବିଦ୍ୟାଳୟର ଉନ୍ନତୀକରଣ ପାଇଁ ପଦକ୍ଷେପ ନିଆଯାଇଛି। ଏନେଇ ଆସିଥିବା ଅନୁଦାନ ମଧ୍ୟ ପର୍ଯ୍ୟାୟକ୍ରମେ ଖର୍ଚ୍ଚ ହେଉଛି। ଇତିମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ୭୦ଟି କଲେଜରେ ୧୦୭୦ କୋଟି ଟଙ୍କା ୪ବର୍ଷ ମଧ୍ୟରେ ଖର୍ଚ୍ଚ ହେବ। ସେଥିମଧ୍ୟରେ ଗଞ୍ଜାମ ଜିଲାର ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ବ୍ରହ୍ମପୁରର ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ମହାମାୟୀ ମହିଳା ମହାବିଦ୍ୟାଳୟ ଓ ଆସିକା ବିଜ୍ଞାନ ମହାବିଦ୍ୟାଳୟ ସମ୍ଭାବ୍ୟ ତାଲିକାରେ ଅଛି। କଲେଜ ଗୁଡିକ ଆସନ୍ତା ୩୧ ତାରିଖ ସୁଦ୍ଧା ଆବଶ୍ୟକତା ଓ ଆସିବାକୁ ଥିବା ଅନୁଦାନ କିଭଳି ଖର୍ଚ୍ଚ କରିବେ ସେନେଇ ଏକ ବ୍ୟୟ ଅଟକଳ ପ୍ରସ୍ତୁତ କରି ପଠାଇବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଆସିଛି। ଏନେଇ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ଶୁକ୍ରବାର ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନିଙ୍କ ସଭାପତିତ୍ୱ ଏକ ପ୍ରସ୍ତୁତି ବୈଠକ ହେବ। ଏଥିରେ ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପକ ମାନେ ଯୋଗଦେଇ ନିଜନିଜ ବିଭାଗର ଆବଶ୍ୟକତା ସମ୍ପର୍କରେ ଉପସ୍ଥାପନ କରିବେ। ଏହି ଖବର ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ପାଖରେ ପହଞ୍ଚିବା ପରେ ସେମାନେ ଖୁସିବ୍ୟକ୍ତ କରିଛନ୍ତି। କଲେଜରେ ଖାଲିଥିବା ଅଧ୍ୟାପକ ପଦବୀ ବର୍ତ୍ତମାନ ପ୍ରାୟ ପୂରଣ ହୋଇଯାଇଥିବା ବେଳେ ଆଗାମୀ ଦିନରେ କଲେଜର ଭିତ୍ତିଭୂମି ସୁଦୃଢ଼ ପାଇଁ ଅନୁଦାନ ଆସିଲେ କଲେଜ ଏକ ପୂର୍ଣ୍ଣାଙ୍ଗ କଲେଜ ହୋଇପାରିବ ବୋଲି କହିଛନ୍ତି।

## ବ୍ରାହ୍ମଣଦେବୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

**ଭଞ୍ଜନଗର,୧୪।୩(ଡି.ଏନ.ଏ.)**

ଭଞ୍ଜନଗର ସହର ଭେଜିପୁଟ ମା' ବ୍ରାହ୍ମଣଦେବୀ ମନ୍ଦିରରେ ୪ଦିନ ଧରି ଚାଲିଥିବା ପ୍ରତିଷ୍ଠା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ଦିବସରେ କଳସ ଶୋଭାଯାତ୍ରା, ଦେବୀଙ୍କ ସ୍ନାନ, ରତ୍ନଗର୍ଭ ପ୍ରତିଷ୍ଠା, ନଗରଭ୍ରମଣ, ମନ୍ଦିର ପ୍ରବେଶ, ପୂର୍ଣ୍ଣାହୁତି ଓ ନାମଯଜ୍ଞ ପ୍ରମୁଖ କାର୍ଯ୍ୟକ୍ରମ ହୋଇଥିଲା। ସଭାପତି ଚିଦାନନ୍ଦ ସ୍ୱାଇଁ, ଉପ ସଭାପତି ବିଶ୍ୱନାଥ ସ୍ୱାଇଁ, ସମ୍ପାଦକ ଅଭିମନ୍ୟୁ ବିଷୋୟୀ, ସହ ସମ୍ପାଦକ ଟୁକୁନା ସ୍ୱାଇଁ, କୋଷାଧ୍ୟକ୍ଷ ମନୋଜ ବେହେରା, ସଭ୍ୟ ବଂଶିଧର ସ୍ୱାଇଁ, ଗରିବ ଜେନା, ବଗୁ ନାୟକ, ବୃନ୍ଦାବନ



ଠାକୁରଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ପୋଲେଇ, ଗନ୍ଧି ପ୍ରଧାନ, ସୁଶାନ୍ତ ମଲିକ, ଅଶୋକ ସ୍ୱାଇଁ, ତରୁଣ ଗୌଡ, ସନ୍ତୋଷ ଗୌଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗଞ୍ଜାମ ବ୍ଲକ ଭାଜପାର ବିଜୟ ସଂକଳ୍ପ ଯାତ୍ରା

**ଗଞ୍ଜାମ,୧୪।୩(ଡି.ଏନ.ଏ.)**

ଆସନ୍ତା ଏପ୍ରିଲ ୧୧ରେ ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ। ଏଥିପାଇଁ ନିର୍ବାଚନ ପ୍ରଚାରରେ ଗଞ୍ଜାମ ବ୍ଲକ ଭାଜପା ଆଗରେ ଥିବା ଦେଖିବାକୁ ମିଳିଛି। କେନ୍ଦ୍ରରେ ମୋଦି ସରକାରଙ୍କ ସଫଳତା ଏବଂ ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀଙ୍କୁ ଜିତାଇବା ଲକ୍ଷ୍ୟ ନେଇ ପୁଇଁତୋଳା ଛକ ଠାରେ ଭାଜପାର ବିଜୟ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଛତ୍ରପୁର ନିର୍ବାଚନ ମଣ୍ଡଳୀ ପ୍ରଚାର କମିଟି ମୁଖ୍ୟ ତଥା ହୁମ୍ମା ମଣ୍ଡଳ ସଭାପତି କୀର୍ତ୍ତନ ଦାସଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏନ୍‌ଏସି ଅଧୀନ ଅଞ୍ଚଳଗୁଡ଼ିକରେ ପହଞ୍ଚି ରାଜ୍ୟରେ ପରିବର୍ତ୍ତନର ସମୟ ଆସିଛି ବୋଲି ପ୍ରଚାର କମିଟି ମୁଖ୍ୟ ଦାସ କହିଥିଲେ। ଏଥିସହ ସେ ରାଜ୍ୟ ସରକାରଙ୍କ ବିଫଳତା ମଧ୍ୟ ବଖାଣିଥିଲେ। ଏଥିରେ ଯୁବମୋର୍ଚ୍ଚା ସଭାପତି ଉମା ଶଙ୍କର ପଣ୍ଡା, ସନ୍ତୋଷପୁର ମଣ୍ଡଳ ଉପସଭାପତି ତପନ ବିଶ୍ୱାଳଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ରଣଘଣ୍ଟା ଯାତ୍ରାରେ ବଳି ପଡ଼ିବ ନାହିଁ

**ଭଞ୍ଜନଗର,୧୪।୩(ଡି.ଏନ୍.ଏ.)**

ଦୀର୍ଘବର୍ଷ ପରେ ତାରସିଂ ଥାନା ଅଞ୍ଚଳର ରଣଘଣ୍ଟା ଯାତ୍ରାରେ ବଳିପଡିବ ନାହିଁ। ଏନେଇ ପୋଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ପ୍ରକାଶ ଯେ, ଘୁମୁସର ଅଞ୍ଚଳର ତାରସିଂ ରଣଘଣ୍ଟା ଯାତ୍ରା ପ୍ରସିଦ୍ଧ। ପ୍ରତିବର୍ଷ ଚୈତ୍ରମାସ ଗୁରୁବାର ରାତିରେ ଅନୁଷ୍ଠିତ ଏହି ଯାତ୍ରାରେ ମାନସିକଧାରୀମାନେ ଶହଶହ ଛେଳି, ବୋଦା ମନ୍ଦିରରେ ବଳି ପକାଇଥାନ୍ତି। ଯାହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଭିନ୍ନଭିନ୍ନ ମତ ପ୍ରକାଶ ପାଉଥିଲା। ରାଜ୍ୟର ଅଧିକାଂଶ ସ୍ଥାନରେ ବଳିପ୍ରଥା ବନ୍ଦ ହୋଇଯାଇଛି। କିନ୍ତୁ ରଣଘଣ୍ଟା ଯାତ୍ରାରେ ତାହା ବନ୍ଦ ହୋଇନଥିଲା। ଚଳିତ ବର୍ଷ ଏହି ପୁରୁଣା ପ୍ରଥାକୁ ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯାଇଛି।

- ଦାରିଙ୍ଗବାଡିରେ ଭାଜପାର ବିଜୟ ସଂକଳ୍ପ ଅଭିଯାନ

# ପଥପ୍ରାନ୍ତ ନାଟକ ମାଧ୍ୟମରେ ପ୍ରଚାର

**ଦାରିଙ୍ଗବାଡି,୧୪।୩(ଡି.ଏନ.ଏ)**

ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଭାଜପା ପକ୍ଷରୁ ସାଧାରଣ ନିର୍ବାଚନ ପାଇଁ ପ୍ରଚାର ଜୋରଦାର କରାଯାଇଛି। ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀ ସମେତ କନ୍ଧମାଳ ଏମ୍‌ପି ପଦବୀ ଅକ୍ତିଆର କରିବାକୁ ଦଳ ପକ୍ଷରୁ ଜୋରଦାର ଉଦ୍ୟମ କରାଯାଉଛି। ଗୁରୁବାର ଦଳ ପକ୍ଷରୁ ବାଲିଗୁଡା ଥାନା ବୁଡାଗୁଡା ଏବଂ ତିଲେରୀ ପଞ୍ଚାୟତ ସମେତ ଦାରିଙ୍ଗବାଡି ଥାନା ଅଞ୍ଚଳ କିରିକୁଟି, ସିମନବାଡିଏବଂ ଗ୍ରୀନବାଡିରେ ବିଜୟ ସଂକଳ୍ପ ଅଭିଯାନର ଶୁଭାରମ୍ଭ ହୋଇଛି। ଏଥିରେ ମୋଦି ସରକାରଙ୍କ ସଫଳତା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିବାବେଳେ ନବୀନ ସରକାରର ବିଫଳତା ସମ୍ପର୍କରେ ପଥପ୍ରାନ୍ତ ନାଟକ ମାଧ୍ୟମରେ କଳାକାରମାନେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଚଳିତ ସାଧାରଣ ନିର୍ବାଚନରେ ଭାଜପାକୁ ଭୋଟ ଦେବାକୁ ଲୋକଙ୍କୁ ନିବେଦନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମଣ୍ଡଳ ସଭାପତି ଅରୁଣ ପ୍ରଧାନ ପରିଚାଳନା କରୁଥିବାବେଳେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅର୍ଚ୍ଚନା ପ୍ରଧାନ, ଜିଲା ଜନଜାତି ମୋର୍ଚ୍ଚା ସଭାପତି ବସନ୍ତ ପ୍ରଧାନ, ଜିଲା ଉପସଭାପତି ମାନଗୋବିନ୍ଦ ପ୍ରଧାନ, ବିଷ୍ଣୁ ଚରଣ ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ, ବିକାଶ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସଂଘମିତ୍ରା ପ୍ରଧାନ, ଜିଲା ସ୍ୱଚ୍ଛ ଭାରତ ସଂଯୋଜକ ଯାଜୁ ପ୍ରଧାନ, ମାୟାବନ୍ଧୁ ପ୍ରଧାନ, ମଣ୍ଡଳ ସାଧାରଣ ସମ୍ପାଦକ ପ୍ରଭାକର ସାହୁ, ବିରଞ୍ଚିନାରାୟଣ ସାହୁ, ନଟବର ପ୍ରାଧାନ, ମୋହନ ପ୍ରଧାନ, ଶ୍ରୀଚନ୍ଦ୍ର ଦଣ୍ଡସେନା ପ୍ରମୁଖ ଯୋଗଦେଇଥିଲେ।



ଭାଜପା ସଂକଳ୍ପ ଅଭିଯାନରେ ସାମିଲ ନେତା ଓ କର୍ମୀମାନେ।

# ଜଳ, ପରିମଳ କର୍ମଚାରୀଙ୍କ ଆତ୍ମାହୁତି ଧମକ

**ଫୁଲବାଣୀ ଅଫିସ, ୧୪।୩**

ସ୍ୱଚ୍ଛ ଓଡିଶା ଗଠନ ପାଇଁ ଦୀର୍ଘ ୧୭ ବର୍ଷ ଧରି ଜିଲା ଜଳ ଓ ପରିମଳ ମିଶନ ଅଧୀନରେ କାର୍ଯ୍ୟ କରି ଆସୁଥିଲୁ। ଏବେ ସରକାର ଆମକୁ ଛଟେଇ କରିଛନ୍ତି। ସରକାର ପୁନର୍ବିଚାର କରି ଆମକୁ ପୁଣି ପୂର୍ବ ସ୍ଥାନରେ ଅବସ୍ଥାନ ନ କଲେ ଆମେ ସମୂହ ଆତ୍ମାହୂତି ଦେବୁ ବୋଲି ଜଳ ଓ ପରିମଳ ଅଧିକାରୀ ଗୁରୁବାର ଫୁଲବାଣୀ ପ୍ରେସ୍ କ୍ଲବରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

୨୦୦୩ରୁ ଆମେମାନେ ଜଳ ଓ ପରିମଳ ମିଶନ ଅଧୀନରେ ଜିଲା ପ୍ରକଳ୍ପ ସଂଯୋଜକ, ବ୍ଲକ ସଂଯୋଜକ ଭାବେ ରାଜ୍ୟରେ ୭୪୪ ଜଣ କାମ କରି ଆସୁଛୁ।




ଖବରଦାତା ସମ୍ମିଳନୀରେ କର୍ମଚାରୀ।

ରାଜ୍ୟ ସରକାରଙ୍କ ବିଭାଗୀୟ ନିର୍ଦ୍ଦେଶିକା ଚଳିତ ମାସ ଶେଷ ପରେ କାର୍ଯ୍ୟରୁ ବହିଷ୍କୃତ କରାଯିବାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ବର୍ତ୍ତମାନ ରାଜ୍ୟର ୮ ଜିଲା ଯଥା ଦେବଗଡ, ବାଲେଶ୍ୱର, ଝାରସୁଗୁଡା, ସୋନପୁର, ସମ୍ବଲପୁର, କନ୍ଧମାଳ, ଢେଙ୍କାନାଳ ଓ ଗଞ୍ଜାମ ବାହ୍ୟ ମଳମୁକ୍ତ ଜିଲା ଭାବେ ଘୋଷିତ ହୋଇଥିବା ବେଳେ ସମଗ୍ର ରାଜ୍ୟରେ ପ୍ରଗତି ୮୩.୨୮ ପ୍ରତିଶତ ହୋଇଛି। ଜାତୀୟସ୍ତରରେ ୧୦ ଜିଲାକୁ ପୁରସ୍କୃତ କରାଯାଇଥିବା ବେଳେ ଓଡିଶାର କନ୍ଧମାଳ ଜିଲା ଏହି ସୌଭାଗ୍ୟ ଲାଭ କରିଛି। ପରିମଳ କାର୍ଯ୍ୟକୁ ଆମେ ସୁଚାରୁ ରୂପେ ତୁଲାଇ ଆସିଛୁ। ଏବେ ଆମକୁ ଛଟେଇ କରି ଦିଆଯିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ସରକାରଙ୍କ ଏଭଳି କାର୍ଯ୍ୟକୁ ଆମେ ବିରୋଧ କରୁଛୁ। ଯଦି ସରକାର ଆମ କଥା ବିଚାରକୁ ନ ନିଅନ୍ତି ତାହେଲେ ଆମେ ଆତ୍ମାହୂତି ଦେବୁ। ଏଥିପାଇଁ ସରକାର ଦାୟୀ ରହିବେ ବୋଲି ଜିଲାସ୍ତରୀୟ ପରାମର୍ଶଦାତା ପ୍ରଶାନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶ୍ରଦ୍ଧାଞ୍ଜଳୀ ନାୟକ, ଦୀପା ଦାସ ଓ ନମିତା ନାୟକ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ନୀତିକୁ କଡା ସମାଲୋଚନା କରିଥିଲେ।

## ସଂକ୍ଷେପରେ

### ଭାଜପା ନେତାଙ୍କୁ ଜାମିନ

ବ୍ରହ୍ମପୁର ଅଫିସ୍,୧୪।୩: ଭାଜପା ରାଜ୍ୟ ସମ୍ପାଦକ ବିଭୂତି ଜେନାଙ୍କୁ ଏକ ପୁରୁଣା ମାମଲାରେ ଜାମିନ୍ ପ୍ରଦାନ କରିଛନ୍ତି ଏସ୍‌ଡିଜେଏମ୍ ସରୋଜିନୀ ସାହୁ। ୨୦୧୭ରେ ଜଣେ ନାବାଳକଙ୍କୁ ଆକ୍ରମଣ ଘଟଣାରେ ବିଭୂତିଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଗୁରୁବାର ବିଭୂତି ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ୧୫ହଜାର ଟଙ୍କା ଏବଂ ଜଣେ ଜାମିନଦାରଙ୍କ ମାଧ୍ୟମରେ ତାଙ୍କୁ ଜାମିନ୍ ଦିଆଯାଇଛି ।

### ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦାୟିତ୍ୱ ଗ୍ରହଣ



ବ୍ରହ୍ମପୁର ଅଫିସ୍,୧୪।୩: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଡ. ସବିତା ରାଣୀ ଦାସ ନୂତନ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରାଙ୍କ ଠାରୁ ସେ ଦାୟିତ୍ୱ ନେଇଥିଲେ । ଡ. ଦାସ ପୂର୍ବରୁ ଶିକୁଳା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରିଥିଲେ । ସେ ଓଇଏସ୍(୨)କୁ ପଦୋନ୍ନତି ପାଇ ଏହି ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଯୋଗ ଦେଇଛନ୍ତି । ନଭେମ୍ବର ୧୮ରୁ ଏହି ପଦବୀ ଖାଲିପଡ଼ିଥିଲା । ଦାୟିତ୍ୱ ଗ୍ରହଣ ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ ।

### ସ୍ୱପ୍ନେଶ୍ୱର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ହୁମ୍ମା ଚାମ୍ପିୟନ

ଛତ୍ରପୁର,୧୪।୩(ଡି.ଏନ.ଏ): ଛତ୍ରପୁର ବ୍ଲକ ପୁରୁଣା ଛତ୍ରପୁର ଗାଁରେ ଚାଲିଥିବା ବାବା ସ୍ୱପ୍ନେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ହୁମ୍ମା ଟିମ୍ ଚାମ୍ପିୟନ ହୋଇଛି । ଗୁରୁବାର ନୀଳାଦ୍ରିପୁର ଓ ହୁମ୍ମା ଟିମ୍ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ହୋଇଥିଲା। ହୁମ୍ମା ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ବିନିମୟରେ ୧୩୦ ରନ୍ ସଂଗ୍ରହ କରିଥିଲା। ଏହି ରନ୍‌ର ପିଛା କରି ନୀଳାଦ୍ରିପୁର ଟିମ୍ ମାତ୍ର ୪୨ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ହୁମ୍ମା ଟିମ୍ ୮୮ ରନ୍‌ରେ ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାଗୀରଥି ବେହେରା, ଉଷାରାଣୀ ବେହେରା, ବାଦଲ ବେହେରା, ଟି. କ୍ରିଷ୍ଣାରେଡ୍ଡୀ, କେ. ସାଦନ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ହୁମ୍ମା ଦଳର ଲକି ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ ଅଫ ଦି ସିରିଜ ଭାବେ ନୀଳାଦ୍ରିପୁରର କୁନାଲଙ୍କୁ ପୁରସ୍କୃତ କରାଯାଇଥିଲା। କମଳ କୁମାର ବେହେରା, ଏନ୍.ଦିଲୁସୁ ରେଡ୍ଡୀ, କିରଣ କୁମାର ସେଠୀ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିବା ବେଳେ ଜି. ବାସୁଦେବ ରାଓ, ପଦ୍ମନାଭ ରେଡ୍ଡୀ ପ୍ରମୁଖ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ।

## ବ୍ରହ୍ମପୁର ଲୋକ ସଭା କ୍ଷେତ୍ର

# ସପ୍ତମ ଥର ପାଇଁ ଲଢ଼ିବେ ଭାଜପା ପ୍ରାର୍ଥୀ

ବ୍ରହ୍ମପୁର ଅଫିସ,୧୪।୩

ସାଧାରଣ ନିର୍ବାଚନ ଖୁବ ନିକଟତର ହୋଇଛି। ବିଜେଡି ଓ କଂଗ୍ରେସରୁ କାହାକୁ ବ୍ରହ୍ମପୁର ଲୋକ ସଭା କ୍ଷେତ୍ର ପାଇଁ ଟିକେଟ ମିଳିବ ତାହା ଅସ୍ପଷ୍ଟ ରହିଛି। ତେବେ ଭାଜପାରୁ ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ପ୍ରାର୍ଥୀ ହେବାର ସମ୍ଭାବନା ରହିଛି। ଗତ ବୁଧବାର ସେ ନିର୍ବାଚନୀ କାର୍ଯ୍ୟାଳୟ ବ୍ରହ୍ମପୁରରେ ଖୋଲିଥିବାରୁ ଟିକେଟ ତାଙ୍କୁ ମିଳିବ ବୋଲି କର୍ମୀମାନେ ଚର୍ଚ୍ଚା କରୁଛନ୍ତି। ୧୯୫୧-୫୨ରୁ ୨୦୧୪ ସୁଦ୍ଧା ୧୬ଥର ଲୋକ ସଭା ନିର୍ବାଚନ ହୋଇଛି। ଏହି ସମୟରେ ୬ଟି ନିର୍ବାଚନରେ ଭାଜପା ପ୍ରାର୍ଥୀମାନେ ପ୍ରତିଦ୍ୱନ୍ଦିତା କରିଛନ୍ତି। ସପ୍ତମଥର ପାଇଁ ୨୦୧୯ ନିର୍ବାଚନରେ ଭୃଗୁଙ୍କୁ ଟିକେଟ୍ ମିଳିବା ସମ୍ଭାବନା ରହିଛି ।

ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଏବଂ ବ୍ରହ୍ମପୁର ନିକଟ ଆଙ୍କୁଶପୁରରେ ଜନ୍ମିତ ବିପିନ ବିହାରୀ ରଥ ୧୯୯୧ ନିର୍ବାଚନରେ ପ୍ରଥମ କରି ପଦ୍ମ ଫୁଲ ଚିହ୍ନରେ ବ୍ରହ୍ମପୁର ଲୋକ ସଭା ନିର୍ବାଚନ ଲଢ଼ିଥିଲେ। ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର ସମେତ ୭ ବିଧାନସଭା କ୍ଷେତ୍ରରୁ ମାତ୍ର ୩୨ ହଜାର ୯୮୮ ଭୋଟ ପାଇ ପରାସ୍ତ ହୋଇଥିଲେ। ପରବର୍ତ୍ତୀ ୧୯୯୬ ନିର୍ବାଚନରେ ଭାଜପାରୁ କେହି ପ୍ରତିଦ୍ୱନ୍ଦିତା କରି ନ ଥିଲେ । ୧୯୮୯ ଓ ୧୯୯୧ ନିର୍ବାଚନରେ କଂଗ୍ରେସରୁ ଲଢ଼ି ଦୁଇଥର ଏମ୍‌ପି ହୋଇଥିବା ପାରଳା ରାଜା ଗୋପୀନାଥ ଗଜପତିଙ୍କୁ ୧୯୯୬ ନିର୍ବାଚନରେ କଂଗ୍ରେସ ଟିକେଟ ନ ମିଳିବାରୁ ସେ ଦଳରୁ ଇସ୍ତଫା ଦେଇଥିଲେ। ୧୯୯୮ ନିର୍ବାଚନରେ ସେ ଭାଜପାରୁ ପ୍ରାର୍ଥୀ ହୋଇ କଂଗ୍ରେସର ଜୟନ୍ତୀ ପଟ୍ଟନାୟକଙ୍କ ସହ ଲଢ଼ିଥିଲେ। ୨ ଲକ୍ଷ ୩୫ ହଜାର ୮୦୪ ଭୋଟ ପାଇଥିଲେ ମଧ୍ୟ ଗୋପୀନାଥ ପରାଜିତ ହୋଇଥିଲେ ।

ବିଜେଡି ସହ ଭାଜପାର ଗଠବନ୍ଧନ ଥିବାରୁ ୧୯୯୯ ନିର୍ବାଚନରେ ଅନାଦି ସାହୁ ଭାଜପାରୁ ଟିକେଟ ପାଇଥିଲେ। ମେଣ୍ଟ ନୀତି ପ୍ରକାରେ ବ୍ରହ୍ମପୁର ଲୋକ ସଭା ଆସନରେ ବିଜେଡି ପ୍ରାର୍ଥୀ ଦେଇ ନ ଥିଲା। ସେ ବିଜେଡି ସହଯୋଗରେ ୩ ଲକ୍ଷ ୧୦ ହଜାର ୭୦୪ ଭୋଟ ପାଇ ନିର୍ବାଚିତ ହୋଇଥିଲେ। କଂଗ୍ରେସ ପ୍ରାର୍ଥୀ ଜୟନ୍ତୀ ପଟ୍ଟନାୟକଙ୍କୁ ଅନାଦି ପରାସ୍ତ କରିଥିଲେ। ୨୦୦୪ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁଙ୍କ ସହ ପ୍ରତିଦ୍ୱନ୍ଦିତା କରି ଭାଜପା ପ୍ରାର୍ଥୀ ଅନାଦି ପରାସ୍ତ ହୋଇଥିଲେ। ୨୦୦୯ ନିର୍ବାଚନ ବେଳକୁ ମେଣ୍ଟ ରାଜନୀତି ଅବସାନ ଘଟିଥିଲା। କଂଗ୍ରେସରୁ ଦ୍ୱିତୀୟ ଥର ପାଇଁ ଚନ୍ଦ୍ରଶେଖର ପ୍ରାର୍ଥୀ ହୋଇଥିଲେ। ବିଜେଡି ପ୍ରାର୍ଥୀ ସିଦ୍ଧାନ୍ତ ମହାପାତ୍ର ନିର୍ବାଚିତ ହେଲେ । ଭାଜପାରୁ ଲଢ଼ିଥିବା ଭରତ ପାଇକ ମାତ୍ର ୭୮,୯୨୯ ଭୋଟ ପାଇ ପରାସ୍ତ ହୋଇଥିଲେ। ପରବର୍ତ୍ତୀ ୨୦୧୪ ନିର୍ବାଚନରେ ଭାଜପା ପ୍ରାର୍ଥୀ ରାମଚନ୍ଦ୍ର ପଣ୍ଡା ସର୍ବାଧିକ ଦେଢ଼ ଲକ୍ଷାଧିକ ଭୋଟ ପାଇଥିଲେ। ତେବେ ବିଜେଡି ପ୍ରାର୍ଥୀ ସିଦ୍ଧାନ୍ତ କଂଗ୍ରେସର ଚନ୍ଦ୍ରଶେଖର ଓ ଭାଜପାର ରାମ ପଣ୍ଡାଙ୍କୁ ପରାସ୍ତ କରି ଦ୍ୱିତୀୟଥର ଲୋକ ସଭାକୁ ନିର୍ବାଚିତ ହୋଇଥିଲେ ।

ଚଳିତ ସପ୍ତଦଶ ଲୋକ ସଭା ନିର୍ବାଚନ ରୋଚକ ହେବ। ମୋଦି ସରକାର ୫ ବର୍ଷ ଧରି ଶାସନରେ ଥିବା ବେଳେ ଓଡ଼ିଶାରେ ପରିବର୍ତ୍ତନ ରାଜନୀତି ପାଇଁ ଭାଜପା ରଣନୀତି ପ୍ରସ୍ତୁତ କରିଛି। ଏଭଳି ସ୍ଥିତିରେ ଆସନ ସଂଖ୍ୟା ବୃଦ୍ଧି ନିମନ୍ତେ ଭାଜପା ସମସ୍ତ ଶକ୍ତି ଖଟାଉଛି । ତେଣୁ ଏହି ଅଞ୍ଚଳର ହୋଇ ନ ଥିଲେ ମଧ୍ୟ ନୂଆ ମୁହଁ ବକ୍ସିପାତ୍ରଙ୍କୁ ପ୍ରୋଜେକ୍ଟ କରିଛି ଭାଜପା। ତେଣୁ ବ୍ରହ୍ମପୁର ଲୋକ ସଭା ଆସନରେ ସପ୍ତମ ଥର ପାଇଁ ଭାଜପା ପ୍ରାର୍ଥୀ ଲଢ଼େଇ ପାଇଁ ପ୍ରସ୍ତୁତ ହୋଇଛି ।

**■ ୧୬ଥରରୁ ଥରେ ମାତ୍ର ଜିତିଛି ଭାଜପା**

**■ ଭୃଗୁଙ୍କୁ ମିଳିପାରେ ଦଳୀୟ ଟିକେଟ**

## ଡକାୟତ ଗ୍ୟାଙ୍ଗଙ୍କୁ କାବୁକଲା ପୋଲିସ

# ୫ଗିରଫ, ବୋମା, ବନ୍ଧୁକ, ମାରଣାସ୍ତ୍ର ଜବତ



ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀଙ୍କ ସହ ଅଭିଯୁକ୍ତ ।

ବ୍ରହ୍ମପୁର ଅଫିସ୍,୧୪।୩

ଡକାୟତି ଯୋଜନା କରୁଥିବା ବେଳେ ବୁଧବାର ବିଳମ୍ବିତ ରାତିରେ ଏକ ଗ୍ୟାଙ୍ଗକୁ କାବୁ କରିଛି ଗୋସାଇଁନୂଆଗାଁ ପୋଲିସ। ଏଥିରେ ୫ଜଣ ଡକାୟତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଫାଷ୍ଟଗେଟର ଭବାନୀ ଶଙ୍କର ପାଢୀ(୨୬), ଉତ୍କଳ ସିନେମା ହଲ୍ ରୋଡର ସୁଜିତ କୁମାର ସାହୁ(୨୧), ଆଙ୍କୁଶପୁରର ପ୍ରଶାନ୍ତ କୁମାର ସାହୁ(୨୮), ଶରତ ସାହୁ(୨୬) ଏବଂ ସୁଶାନ୍ତ ସାହୁ(୩୦) । ପୋଲିସ ଏମାନଙ୍କଠାରୁ ଗୋଟିଏ ପିସ୍ତଲ, ଦୁଇ ରାଉଣ୍ଡ ଅଫୁଟା ଗୁଳି, ଦୁଇଟି ଅଫୁଟା ବୋମା, ୩ ଖଣ୍ଡା, ଗୋଟିଏ ମୋବାଇଲ୍ ଫୋନ୍ ଏବଂ ୪୮୦ଟଙ୍କା ଜବତ କରିଛି ।

ଗୋସାଇଁନୂଆଗାଁ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଟାଉନ୍ ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି କହିଥିଲେ, ବୁଧବାର ରାତି ପ୍ରାୟ ୨ଟା ବେଳେ ଏହି ଗ୍ୟାଙ୍ଗ ହଳଦିଆପଦର ଫ୍ଲାଏଓଭର୍ ତଳେ ଡକାୟତି ଯୋଜନା କରୁଥିବା ସୂଚନା ମିଳିଥିଲା। ଏସ୍‌ଆଇ ଜ୍ୟୋତି ରଞ୍ଜନ ବେହେରା, କନଷ୍ଟେବଳ ପି.କେ. ନାୟକ, ହେମା ଚନ୍ଦ୍ର ବେହେରା, କେ.ଦଳବେହେରା, ପିଏମ୍ ପ୍ରଧାନ ଏବଂ ଏ.କେ. ପଟ୍ଟନାୟକ ସେହି ସମୟରେ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଡକାୟତମାନେ ଏକାଠି ବସି କଥା ହେଉଥିବା ଦେଖି ସେଠାରେ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ସେମାନେ ସେଠାରୁ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ସେମାନଙ୍କୁ ଧରିଥିଲା। ଅଭିଯୁକ୍ତମାନେ ଏକ ବିଦେଶୀ ମଦ ଦୋକାନରେ ଡକାୟତି ଯୋଜନା କରୁଥିବା ପୋଲିସ ପଚରାଉଚରା ବେଳେ ଜାଣିବାକୁ ପାଇଥିଲା । ଘଟଣାସ୍ଥଳରୁ ହିଁ ବୋମା, ବନ୍ଧୁକ ଏବଂ ମାରଣାସ୍ତ୍ର ଜବତ ହୋଇଛି ବୋଲି ଏସ୍‌ଡିପିଓ ପତି ପ୍ରକାଶ କରିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ଗୋସାଇଁନୂଆଗାଁ ଥାନା ଆଇଆଇସି ସୁମିତ ସୋରେନ୍ ଉପସ୍ଥିତ ଥିଲେ ।

### ଯୁକ୍ତ ୨ ପରୀକ୍ଷା ଶାନ୍ତିପୂର୍ଣ୍ଣ

ବ୍ରହ୍ମପୁର,୧୪।୩(ଡି.ଏନ.ଏ.)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା, ବିଜ୍ଞାନ ଓ ବାଣିଜ୍ୟ ଇନ୍‌ଫରମେଶନ ଟେକ୍ନୋଲୋଜି (ଆଇଟି), କମ୍ପ୍ୟୁଟର ସାଇନ୍ସ, ବିଜ୍ଞାନର ବାୟୋ-ଟେକ୍ନୋଲୋଜି ଓ ଇଲୋକ୍ଟ୍ରୋନିକ୍ସ ପରୀକ୍ଷା ଗୁରୁବାର ଦକ୍ଷିଣାଞ୍ଚଳର ଆଠଟି ଜିଲାରେ ଶୃଙ୍ଖଳିତଭାବେ ସମ୍ପନ୍ନ ହୋଇଛି। ମୁଖ୍ୟତଃ ସହରାଞ୍ଚଳ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଉପଯୁକ୍ତ ଚାରିଟି ବିଷୟର ପରୀକ୍ଷା ଥିଲା। ବ୍ରହ୍ମପୁର ସିଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହବ୍ ଅଧୀନରେ ଜଣେ ପରୀକ୍ଷାର୍ଥୀ କପି କରି ଧରାପଡିଥିବା ବେଳେ ଅନ୍ୟ କୌଣସି ଗୋଟିଏ ବି କେନ୍ଦ୍ରରୁ ଅନିୟମିତତାର ଖବର ମିଳିନାହିଁ।

ରାୟଗଡା ଜିଲା ଗୁଣପୁରସ୍ଥିତ ଥାୟାରାମ୍ମା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୧ ତାରିଖ ସୁଦ୍ଧା ସିସି କ୍ୟାମେରା ସଂଯୋଗ ହୋଇ ନ ଥିବା ସ୍କ୍ୱାର୍ଡ ସଦସ୍ୟମାନେ ପରୀକ୍ଷା କେନ୍ଦ୍ର ନିରୀକ୍ଷଣ ବେଳେ ଦେଖି ଜୋନ ଅଫିସକୁ ଜଣାଇଥିଲେ । ପରିଷଦ ପକ୍ଷରୁ ତୁରନ୍ତ ସିସି କ୍ୟାମେରା ଲଗାଇବାକୁ ସମ୍ପୃକ୍ତ ପରୀକ୍ଷା କେନ୍ଦ୍ର ତତ୍ତ୍ୱାବଧାରକଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ସୂଚନା ଦେଇଛନ୍ତି ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ସେଲ୍‌ଫି କର୍ଣ୍ଣର



ଜୟଦେବ



ସୀମାଞ୍ଚଳ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ମହିଳାଙ୍କୁ ଟଣାଓଟରା ଅଭିଯୋଗ, ୨ ଗିରଫ

ବ୍ରହ୍ମପୁର ଅଫିସ୍,୧୪।୩

ପ୍ରେମ ନଗର ମୁଖ୍ୟ ରାସ୍ତାରେ ବୁଧବାର ରାତିରେ ଜଣେ ମହିଳାଙ୍କୁ ଟଣାଓଟରା ସହ ମାଡ଼ ମାରିବା ଏବଂ ଉକ୍ତ ଅଞ୍ଚଳରେ ଉନ୍ମତ୍ତକାଣ୍ଡ ଘଟାଇବା ଅଭିଯୋଗରେ ବଡ଼ବଜାର ଥାନା ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ପ୍ରେମନଗରର ଲୋକନାଥ ସାହୁ(୨୨) ଏବଂ ପଞ୍ଚୁଦେଉଳ ସାହିର ମୁନା ସାହୁ(୨୪) । ବଡ଼ବଜାର ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉଭୟ ଅଭିଯୁକ୍ତ ରାତିରେ ମହିଳାଙ୍କୁ ଟଣାଓଟରା କରିଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଛି। ଏନେଇ ବଡ଼ବଜାର ଥାନାରେ ନଂ. ୪୧/୧୯ରେ ଦଫା ୩୪୧, ୩୨୩, ୩୫୪(ବି) ଏବଂ ୩୪ଆଇପିସିରେ ଏକ ମାମଲା ରୁଜୁକରି କୋର୍ଟ ଚାଲାଣ କରିଛି। ଏଏସ୍‌ଆଇ ଶିଶିର କୁମାର ଦାସ ମାମଲାର ତଦନ୍ତ କରୁଛନ୍ତି ।





ଗିରଫ ୨ ଅଭିଯୁକ୍ତ ।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବ୍ରହ୍ମପୁର ଅଫିସ୍,୧୪।୩

ଗଞ୍ଜାମ ଜିଲାସ୍ତରୀୟ ଦିବାରାତ୍ର ଟେନିସ୍‌ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରୟାଲ୍ ଷ୍ଟ୍ରାଇକର୍ସ ତରଫରୁ ସ୍ଥାନୀୟ ଖଲ୍ଲିକୋଟ କଲେଜ ପଡ଼ିଆରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ୍ ଏମ୍‌ସିସି ଏବଂ ରୟାଲ୍ ଷ୍ଟ୍ରାଇକର୍ ଜୁନିୟର୍ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ଏମ୍‌ସିସି ବ୍ୟାଟିଂକରି ୧୦ଓଭର୍‌ରେ ୮ ଉଇକେଟ୍ ହରାଇ ୮୭ରନ୍ କରିଥିଲେ। ଜବାବରେ ରୟାଲ୍ ଷ୍ଟ୍ରାଇକର୍ ଜୁନିୟର୍ ୬ଉଇକେଟ୍ ହରାଇ ୮୮ରନ୍ କରି ବିଜୟୀ ହୋଇଥିଲା। ବାବୁନାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ୍ ରେଗିଡ଼ି ରକ୍‌ଷ୍ଟାର୍ ଏବଂ ଗଞ୍ଜାମ ଏକାଦଶ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ରେଗିଡ଼ି ରକ୍‌ଷ୍ଟାର୍ ୧୦ଓଭର୍‌ରେ ୫ ଉଇକେଟ୍ ହରାଇ ୯୮ରନ୍ କରିଥିଲା। ଜବାବରେ ଗଞ୍ଜାମ ଏକାଦଶ ୨ ଉଇକେଟ୍ ହରାଇ ୯୯ରନ୍ କରି ବିଜୟୀ ହୋଇଥିଲା। ସିତୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଇଥିଲା। ଅତିଥି ଭାବେ ବିଜେଡ଼ି ନେତା ଆର୍. ମୁରଲୀ ମୋହନ, ସନ୍ତୋଷ ପାତ୍ର, ରବି ମିଶ୍ର, ପ୍ରକାଶ ପଣ୍ଡା, ଦୁଷ୍ମନ୍ତ ପାଢୀ, ମୁକୁନ୍ଦ ଗୌଡ଼, ଶ୍ରୀକାନ୍ତ ଏବଂ ଗଞ୍ଜାମ ଜିଲା ଟେନିସ୍‌ବଲ୍ କ୍ରିକେଟ ସଂଘ ସମ୍ପାଦକ ସଞ୍ଜୟ ବିଷୋୟୀ ଯୋଗ ଦେଇଥିଲେ। ୧୬ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗନେଇଛନ୍ତି ।



ଅତିଥିମାନେ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି ।

## ୧୪ ଦିନ ପରେ ମା' ବୁଢୀଠାକୁରାଣୀ ଯାତ୍ରା

# ଆଜିଠୁ ଆରମ୍ଭ ହେବ ଅସ୍ଥାୟୀ ପୀଠ ନିର୍ମାଣ କାର୍ଯ୍ୟ

ବ୍ରହ୍ମପୁର ଅଫିସ,୧୪।୩

ବ୍ରହ୍ମପୁରର ପ୍ରସିଦ୍ଧ ମା' ବୁଢୀଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ପାଇଁ ସୋମବାର ବିଳମ୍ବିତ ରାତିରେ ଶୁଭଖୁଣ୍ଟି ସ୍ଥାପିତ ହୋଇଛି । ଏହାପରେ ଯାତ୍ରାସ୍ଥଳ ତଥା ବ୍ରହ୍ମପୁର ବଡବଜାର ଅଞ୍ଚଳ ଦେଶୀବେହେରା ସାହିରେ ଆରମ୍ଭ ହୋଇଛି ପ୍ରସ୍ତୁତି ପର୍ବ । ପାରମ୍ପରିକ ଭାବେ ବୁଧବାର ରାତିରେ ମା'ଙ୍କ ଅସ୍ଥାୟୀ ମଣ୍ଡପ ନିର୍ମାଣ ପାଇଁ କାଠ ପହଞ୍ଚିଛି । ଛତ୍ରପୁର ପାଖ ଟାକିରିଆ ଅଞ୍ଚଳରୁ ୬୨ ଖଣ୍ଡ କାଠ ଆସିଥିବା ଯାତ୍ରା ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଶୁକ୍ରବାରରୁ ଅସ୍ଥାୟୀ ମଣ୍ଡପ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ନେଇ ସୂଚନା ମିଳିଛି। ଦୀର୍ଘ ୨ ବର୍ଷ ପରେ ଆସନ୍ତା ୨୯ରେ ମା' ଆସିବେ । ଏହାପରେ ଏକ ମାସ ଧରି ଦେଶୀବେହେରା ସାହିକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବ । ଏହାକୁ ନେଇ ଉତ୍ସବ ମୁଖର ହୋଇଉଠିଛି ଦେଶୀବେହେରା ସାହି । ଦୁଇବର୍ଷ ପରେ ମା'ଙ୍କ ଆଗମନକୁ ନେଇ ଦେଶୀବେହେରା ସାହିରେ ଆନନ୍ଦର ଲହରି ଖେଳି ଉଠିଛି । ମା'ଙ୍କ ଆଗମନ ପୂର୍ବରୁ ହିଁ ଅସ୍ଥାୟୀ ମଣ୍ଡପ ଆଗରେ ସ୍ଥାପିତ ଶୁଭଖୁଣ୍ଟି ପାଖରେ ମହିଳାଙ୍କ ଭିଡ ଜମୁଛି। ପ୍ରତ୍ୟେକ ଦିନ ସାହିର ମହିଳାମାନେ ଶୁଭଖୁଣ୍ଟି ନିକଟରେ କ୍ଷୀର,ଜଳାଭିଷେକ, ନୈବେଦ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ମା'ଙ୍କ ଯାତ୍ରା ପାଇଁ ଅନୁମତି ପ୍ରଦାନ ପାଇଁ ଆୟୋଜକଙ୍କ ପକ୍ଷରୁ ଜିଲା ପ୍ରଶାସନକୁ ଅବଗତ କରାଯାଇଛି । ଆସନ୍ତା ୧୮ରେ ଏନେଇ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରଶାସନିକ ବୈଠକ ବସିବ । ବୈଠକରେ ଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ମିଳିବା ସହ ଯାତ୍ରା ପ୍ରସ୍ତୁତି ନେଇ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ହେବ ବୋଲି ଯାତ୍ରା ସହଯୋଗୀ ସତ୍ୟନାରାୟଣ ନନ୍ଦ ସୂଚାଇଛନ୍ତି ।



ଜଣେ ମହିଳା ଶୁଭଖୁଣ୍ଟି ପାଖରେ ପୂଜାର୍ଚ୍ଚନା କରୁଛନ୍ତି ।

**୧୮ରେ ପ୍ରଶାସନିକ ପ୍ରସ୍ତୁତି ବୈଠକ**

# ବଢୁଛି ସସ୍‌ପେନ୍ସ


**ଦୀନେଶ ଦାସ**
ଓଡ଼ାପଡ଼ା, ୧୪।୩


ଢେଙ୍କାନାଳ ଜିଲାର ଅନ୍ୟତମ ପ୍ରମୁଖ ନିର୍ବାଚନମଣ୍ଡଳୀ ହେଉଛି ହିନ୍ଦୋଳ। ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ ଏହି ବିଧାନସଭା କ୍ଷେତ୍ରର ଆଶାୟୀମାନେ ଆରମ୍ଭ କରିଛନ୍ତି ଅଙ୍କକଷା। ସମସ୍ତଙ୍କ ଲାଗି ଏବେ ଟିକେଟ ହାତେଇବା ପ୍ରମୁଖ ପ୍ରସଙ୍ଗ ପାଲଟିଛି। ଆଶାୟୀଙ୍କ ସଂଖ୍ୟା ଦଳୀୟ ମୁଖିଆଙ୍କ ମୁଣ୍ଡବ୍ୟଥା ବଢ଼ାଇଥିବାବେଳେ କିଏ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବ କିଏ ବାଦ୍ ପଡ଼ିବ ତାକୁ ନେଇ ସସ୍‌ପେନ୍ସ ବଢ଼ିବାରେ ଲାଗିଛି।

ବିଜୁ ଜନତା ଦଳ (ବିଜେଡି) ପ୍ରତିଷ୍ଠା ହେବା ଦିନଠାରୁ ଏହି ଆସନକୁ ଦଖଲରେ ରଖି ଆସିଛି। ଚଳିତ ନିର୍ବାଚନରେ ମଧ୍ୟ ଗଡ଼ରକ୍ଷା କରିବାକୁ ରଣକୌଶଳ ପ୍ରସ୍ତୁତ କରୁଛି ଦଳ। ହେଲେ ଗତ ନିର୍ବାଚନଠାରୁ ଏବେ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି। ବିଧାୟିକା ସୀମାରାଣୀ ନାୟକଙ୍କ ସମେତ ଟିକେଟ ଦୌଡ଼ରେ ଡଜନେରୁ ଊର୍ଦ୍ଧ୍ୱ ଆଶାୟୀ ଅଛନ୍ତି। ସୀମାରାଣୀ ଦ୍ୱିତୀୟ ଥର ଟିକେଟ ପାଇବାକୁ ଆଶା ରଖିଥିବାବେଳେ ଏହା ସେତେଟା ସହଜ ହେବନାହିଁ ବୋଲି ତାଙ୍କ ନିକଟତମ ମହଲରୁ ଶୁଣିବାକୁ ମିଳୁଛି। ଏ ନେଇ ବିଧାୟିକା କୁହନ୍ତି, ସବୁ ଦୃଷ୍ଟିକୋଣରୁ ନିର୍ବାଚନ ଲାଗି ସେ ପ୍ରସ୍ତୁତ ଅଛନ୍ତି। ବିଜେଡି ସଭାପତିଙ୍କ ନିଷ୍ପତ୍ତି ଏବଂ ନିର୍ଦ୍ଦେଶ ଅନୁଯାୟୀ ସେ କାର୍ଯ୍ୟ କରିବେ। ଟିକେଟକୁ ନେଇ ଦ୍ୱନ୍ଦ୍ୱ ଛିଣ୍ଡୁ ନ ଥିବାବେଳେ ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରାଙ୍କ ନାମ ଚର୍ଚ୍ଚାର ପରିସରକୁ ଆସିଛି। ସେ ବିଜେଡି ଟିକେଟରୁ ପୁଣିଥରେ ଭାଗ୍ୟ ପରୀକ୍ଷା କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଅଞ୍ଜଳି ୨୦୦୦ରୁ କ୍ରମାଗତ ୩ଥର ବିଜେଡିରୁ ଲଢ଼ି ବିଜୟୀ ହେବା ସହ କ୍ୟାବିନେଟ ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ୨୦୧୨ ମିଡ୍‌ନାଇଟ ଅପରେଶନରେ ସନ୍ଦେହ ବଳୟକୁ ଆସିଥିବା ଅଞ୍ଜଳିଙ୍କୁ ୨୦୧୪ରେ ବିଜେଡି ଟିକେଟ ମିଳି ନ ଥିଲା। ସେ ସ୍ୱାଧୀନ ଭାବେ ଲଢ଼ି ମାତ୍ର ୧୨, ୩୦୪ ଖଣ୍ଡ ଭୋଟ ପାଇ ୪ର୍ଥ ସ୍ଥାନରେ ରହିଥିଲେ। ଏହା ପରେ ସେ ପୁଣି ବିଜେଡିରୁ ଟିକେଟ ପାଇବାକୁ ଲବି ଆରମ୍ଭ କରିଛନ୍ତି। ଏଥିରେ ବିଫଳ ହେଲେ ସେ ଅନ୍ୟ କୌଣସି ଦଳରେ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ତେବେ ଅନ୍ୟ ଦଳରୁ ଲଢ଼ିବାକୁ ସିଧାସଳଖ ମନା କରିଛନ୍ତି ଅଞ୍ଜଳି। ଅଞ୍ଜଳି କୁହନ୍ତି, ସେ ବିଜେଡି ଟିକେଟ ଲାଗି ଆବେଦନ କରିଛନ୍ତି। ଟିକେଟ ମିଳିଲେ ସେ ନିର୍ବାଚନ ଲଢ଼ିବେ, ଯଦି ନ ମିଳେ ତା' ହେଲେ ଅନ୍ୟ କୌଣସି ଦଳରୁ କିମ୍ବା ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାର ପ୍ରଶ୍ନ ଉଠୁନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ସେହିପରି ପୂର୍ବତନ ଜିଲା ପରିଷଦ ସଭାନେତ୍ରୀ ରେବତୀ ବେହେରା, ଆଇନଜୀବୀ କବିତାଞ୍ଜଳି ବେହେରା, ନମିତା ନାଏକ ମଧ୍ୟ ବିଜେଡି ଟିକେଟ ଲାଗି ଜୋରସୋର୍ ଲବିରେ ଅଛନ୍ତି। ୨୦୦୯ ବିଧାନସଭା ନିର୍ବାଚନରେ ରେବତୀ କଂଗ୍ରେସରୁ ପ୍ରାର୍ଥୀ ହୋଇ ୪୫,୨୫୨ ଭୋଟ ପାଇ ୨ୟ ସ୍ଥାନରେ ଏବଂ ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ନମିତା ୩୦,୯୭୮ ଭୋଟ୍ ପାଇ ୩ୟ ସ୍ଥାନରେ ରହିଥିଲେ। ଉଭୟେ କଂଗ୍ରେସ ଦଳରୁ ଆସି ବିଜେଡିରେ ମିଶିଛନ୍ତି। କବିତାଞ୍ଜଳି ୨୦୦୪ରୁ ବିଜେଡିରେ ଅଛନ୍ତି। ନିଜ ନିଜର ସଙ୍ଗଠନକୁ ନେଇ ସମସ୍ତେ ବିଜେଡି ଟିକେଟ ପାଇବା ଲାଗି ଆଶାବାଦୀ। ସେହିପରି ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ତ୍ରିନାଥ ନାୟକଙ୍କ ଝିଅ ତଥା ଅଞ୍ଜଳି ବେହେରାଙ୍କ ଭଉଣୀ ସସ୍ମିତା ନାୟକ, ପୂର୍ବତନ କଂଗ୍ରେସ ବିଧାୟକ ରବିନାରାୟଣ ନାଏକ, ଢେଙ୍କାନାଳର ପୂର୍ବତନ ନଗରପାଳ ଇନ୍ଦ୍ରମଣି ବେହେରା, କୈଳାସ ନାଏକ ମଧ୍ୟ ଏହି ଦୌଡ଼ରେ ସାମିଲ ହୋଇଛନ୍ତି।

ଭାଜପା ପକ୍ଷରୁ ଜିଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରାଙ୍କ ନାମ ସୁନିଶ୍ଚିତ ମନେକରାଯାଉଛି। ଏ ନେଇ ସେ କହୁନ୍ତି, ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ସାଙ୍ଗଠନିକ କାର୍ଯ୍ୟ, ଲୋକସମ୍ପର୍କ ଏବଂ ଲୋକ ସମସ୍ୟାକୁ ନେଇ ସେ କାର୍ଯ୍ୟ କରୁଛନ୍ତି। ପଞ୍ଚାୟତ ନିର୍ବାଚନରେ ଜିଲା ପରିଷଦ ଭୋଟରେ ବିଜେଡିଠାରୁ ଭାଜପା ୭୦୦୦ରୁ ଊର୍ଦ୍ଧ୍ୱ ଭୋଟ ପାଇଛି। ଟିକେଟ ପାଇବା ଲାଗି ସେ ଶତପ୍ରତିଶତ ଆଶାବାଦୀ ଅଛନ୍ତି। ଚଳିତ ବିଧାନସଭା ନିର୍ବାଚନରେ ହିନ୍ଦୋଳ ବିଧାନସଭା କ୍ଷେତ୍ରରୁ ଭାଜପା ବିଜୟୀ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।ସେହିପରି କଂଗ୍ରେସରୁ ପୂର୍ବତନ ଜିଲା ପରିଷଦ ସଭ୍ୟା ମମତାଞ୍ଜଳି ବେହେରା, ବାମଦେବ ନାଏକ, ଦିବାକର ନାଏକ ଆଶାୟୀ ଅଛନ୍ତି। ଏ ନେଇ ମମତାଞ୍ଜଳି କୁହନ୍ତି, ଟିକେଟ ପାଇବା ଲାଗି ସେ ଆବେଦନ କରିଛନ୍ତି। ତାଙ୍କ ସହ ଆଉ ୨ଜଣ ମଧ୍ୟ ଆଶାୟୀ ଅଛନ୍ତି। ହାଇକମାଣ୍ଡଙ୍କ ନିର୍ଦ୍ଦେଶ ଅନୁଯାୟୀ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି।




| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ସୀମାରାଣୀ ନାୟକ | ୮୪,୩୫୧ |
| ଭାଜପା | ଲକ୍ଷ୍ମୀଧର ବେହେରା | ୩୩,୮୫୨ |
| କଂଗ୍ରେସ | ନମିତା ନାଏକ | ୩୦,୯୭୮ |
| ସ୍ୱାଧୀନ | ଅଞ୍ଜଳି ବେହେରା | ୧୨,୩୦୪ |

## ନିର୍ବାଚନମଣ୍ଡଳୀ ରୂପରେଖ

ହିନ୍ଦୋଳ ବ୍ଲକ ଅଧୀନ ୩୬ ଏବଂ ଓଡ଼ାପଡ଼ା ବ୍ଲକ୍‌ର ୨୮ ପଞ୍ଚାୟତକୁ ନେଇ ହିନ୍ଦୋଳ ନିର୍ବାଚନମଣ୍ଡଳୀ ଗଠିତ। ଏହି ବିଧାନସଭା ଆସନ ଅନୁସୂଚିତ ଜାତିବର୍ଗ ଲାଗି ସଂରକ୍ଷିତ ରହିଛି।

## ଭୋଟର ସଂଖ୍ୟା

| | |
|---|---|
| ମୋଟ ଭୋଟର | ୨,୪୯,୬୪୧ |
| ପୁରୁଷ | ୧,୩୦,୬୯୪ |
| ମହିଳା | ୧,୧୮,୧୪୬ |
| ସର୍ଭିସ ଭୋଟର | ୭୭୯ |
| ଅନ୍ୟାନ୍ୟ | ୨୨ |


ସୀମାରାଣୀ ନାୟକ


ରେବତୀ ବେହେରା


ଅଞ୍ଜଳି ବେହେରା


ଲକ୍ଷ୍ମୀଧର ବେହେରା


ମମତାଞ୍ଜଳି ବେହେରା


ନମିତା ନାୟକ


କବିତାଞ୍ଜଳି ବେହେରା

# ରଣନୀତି ପ୍ରସ୍ତୁତିରେ ଲାଗିଛନ୍ତି ଆଶାୟୀ


**ମହେନ୍ଦ୍ର କୁମାର ସାହୁ**
କୁଆଁରମୁଣ୍ଡା, ୧୪।୩


ଭୌଗୋଳିକ ଦୃଷ୍ଟିକୋଣରୁ ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ସୁନ୍ଦରଗଡ଼ ଜିଲାର ସୀମାନ୍ତବର୍ତ୍ତୀ ଝାଡ଼ଖଣ୍ଡ ରାଜ୍ୟକୁ ଲାଗିଛି। ଏହି ନିର୍ବାଚନମଣ୍ଡଳୀ ବୀରମିତ୍ରପୁର ପୌରପାଳିକା ସମେତ କୁଆଁରମୁଣ୍ଡା, ନୂଆଗାଁ ଓ ବିଶ୍ରା ବ୍ଲକକୁ ନେଇ ଗଠିତ। ରାଉରକେଲା ଓ ରଘୁନାଥପାଲୀ ନିର୍ବାଚନମଣ୍ଡଳୀକୁ ଲାଗିଥିବାରୁ ଏହି ଆସନ ପାଇଁ ରାଉରକେଲା ନେତାଙ୍କ ହସ୍ତକ୍ଷେପ ରହିଛି। ଆଗାମୀ ନିର୍ବାଚନ ଲାଗି ସବୁଦଳରେ ଟିକେଟ ଆଶାୟୀଙ୍କ ଭିଡ ଲାଗିଛି। ସେଥିରୁ ବିଜେଡିରେ ଆଶାୟୀଙ୍କ ସଂଖ୍ୟା ସର୍ବାଧିକ ବୋଲି ଜଣାପଡ଼ିଛି।

ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଏବେ ବିଧାୟକ ଭାବେ ଜର୍ଜ ତିର୍କୀ ଅଛନ୍ତି। ୨୦୧୪ ନିର୍ବାଚନରେ ସେ ସମତାକ୍ରାନ୍ତି ଦଳରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ଜର୍ଜ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଶଙ୍କର ଓରାମଙ୍କୁ ୧୧ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ୩ୟ ସ୍ଥାନରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ଥିବାବେଳେ ୪ର୍ଥ ସ୍ଥାନରେ ଥିଲା ବିଜେଡି। ଜର୍ଜ ଏହି ନିର୍ବାଚନମଣ୍ଡଳୀରୁ ୪ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ହେଲେ ନିର୍ବାଚନମଣ୍ଡଳୀରେ ସେଭଳି କିଛି ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହୋଇନାହିଁ ବୋଲି ବିରୋଧୀମାନେ କହୁଛନ୍ତି। ବିଏସ୍‌ଏଲ୍ କମ୍ପାନୀଠାରୁ ଆରମ୍ଭ କରି ଆଧୁନିକ ମେଟାଲିକ୍ସ ସମେତ କେତେକ କଳକାରଖାନା ବନ୍ଦ ହୋଇପଡିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ବେକାରି ସମସ୍ୟା ବୃଦ୍ଧି ପାଉଛି ବୋଲି ସ୍ଥାନୀୟ ଲୋକେ ମତବ୍ୟକ୍ତ କରିଛନ୍ତି । ଜର୍ଜ ଗତ କିଛିଦିନ ତଳେ କଂଗ୍ରେସରେ ଯୋଗ ଦେଇଥିବାରୁ ତାଙ୍କୁ ଦଳ ସୁନ୍ଦରଗଡ଼ ଲୋକ ସଭା ପାଇଁ ଟିକେଟ୍ ଦେବାକୁ ଘୋଷଣା କରିଛି। ଏହି ପରିପ୍ରେକ୍ଷୀରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀରୁ କଂଗ୍ରେସର ସମ୍ଭାବ୍ୟ ପ୍ରାର୍ଥୀ କିଏ ହେବେ ତାହା ଜର୍ଜଙ୍କ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରୁଥିବା କଂଗ୍ରେସ ନେତାମାନେ ମତ ଦେଇଛନ୍ତି। ଏଠାରେ ଗତ ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ପୂର୍ବତନ ବିଧାୟକ ରେମିଶ କେର୍କେଟାଙ୍କ ପୁଅ ରାଜେଶ କେର୍କେଟା ମଧ୍ୟ ଆଶାୟୀ ଅଛନ୍ତି। ରାଜେଶ କହନ୍ତି, ଏହି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟାର ସମାଧାନ ଦାବିନେଇ ସେ ଲଗାତାର ଆନ୍ଦୋଳନ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ତାଙ୍କୁ ଦଳ ଟିକେଟ ଦେଲେ ସେ ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି। ଅନ୍ୟ ଆଶାୟୀଙ୍କ ମଧ୍ୟରେ ଜର୍ଜଙ୍କ ଅନୁଗତ କୁଆଁରମୁଣ୍ଡା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷା ସୁଷମା ନାଏକ, ସୁଲେମାନ କାଉଡିଆ, ପଟେଲ ବାର୍ଲା ଓ ସୁଶୀଲ କିଣ୍ଡୋ ନିଜ ନିଜ ସ୍ତରରେ ଟିକେଟ ପାଇଁ ଲବି ଆରମ୍ଭ କରୁଛନ୍ତି।

ସେହିପରି ଭାଜପା ଟିକେଟ୍ ପାଇଁ ରଘୁନାଥପାଲୀ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଶଙ୍କର ଓରାମ ଆଶାୟୀ ଅଛନ୍ତି । ଏବେ ଠୁ ସେ ନିର୍ବାଚନମଣ୍ଡଳୀରେ ପ୍ରଚାର କାର୍ଯ୍ୟ ଚାଲୁ ରଖିଛନ୍ତି। ଗତ ନିର୍ବାଚନରେ ୨ୟ ସ୍ଥାନରେ ଥିବାରୁ ତାଙ୍କୁ ଏଥର ପ୍ରାର୍ଥୀ କରାଗଲେ ଦଳ ବିଜୟ ଲାଭ କରିବ ବୋଲି ଶଙ୍କର କହିଛନ୍ତି। ଭାଜପା ଜିଲା ମହିଳା ସଭାନେତ୍ରୀ ପୂର୍ଣ୍ଣିମା କେର୍କେଟା ପ୍ରାର୍ଥୀ ଦୌଡରେ ଥିବା ଆଲୋଚନା ହେଉଛି।

ତେବେ ବିଜେଡି (ବିଜୁ ଜନତା ଦଳ) ସ୍ଥିତି ପୂର୍ବାପେକ୍ଷା ଭଲ ଅଛି ବୋଲି ଦଳୀୟ ନେତାମାନେ ଦାବି କରିଛନ୍ତି । ଗତ ପଞ୍ଚାୟତ ନିର୍ବାଚନରେ ଜର୍ଜଙ୍କ ଗଡ଼ କୁହାଯାଉଥିବା କୁଆଁରମୁଣ୍ଡା ଓ ନୂଆଗାଁ ବ୍ଲକରେ ବିଜେଡି ପ୍ରାର୍ଥୀମାନେ ବିଜୟ ଲାଭ କରିଥିଲେ। ଉଭୟ ପଞ୍ଚାୟତ ସମିତି ଓ ବୀରମିତ୍ରପୁର ପୌରପାଳିକା ବିଜେଡି ଦଖଲରେ ଅଛି। ସବୁଦୃଷ୍ଟିରୁ ବିଧାୟକ ସିଟ୍ ହାତେଇବା ପାଇଁ ବିଜେଡିର ସ୍ଥିତି ପୂର୍ବାପେକ୍ଷା ଅଧିକ ସୁଦୃଢ ଅଛି ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। ଏସବୁ ଦୃଷ୍ଟିରୁ ବିଜେଡି ପକ୍ଷରୁ ଅନେକ ନୂଆ ଚେହେରା ସାମ୍ନାକୁ ଆସିଛନ୍ତି। ବିଶେଷକରି କୁଆଁରମୁଣ୍ଡା ବ୍ଲକ ବିଜେଡି ସଭାପତି ତଥା ଡୁମେରଯୋର ସମିତି ସଭ୍ୟ ରାଜେନ୍ଦ୍ର କୁଜୁର ଆଗରେ ଅଛନ୍ତି। ସେ ତୃଣମୂଳସ୍ତରରେ ସଭା, ସମିତି ଆୟୋଜନ କରୁଛନ୍ତି। ବୁଥସ୍ତରୀୟ କମିଟି ଗଠନ କରି ବିଜେଡି ପ୍ରତି ଲୋକଙ୍କ ସହାନୁଭୂତି ବୃଦ୍ଧି କରିଚାଲିଛନ୍ତି। ସେ କହନ୍ତି, ଚଳିତ ନିର୍ବାଚନରେ ବୀରମିତ୍ରପୁରରୁ ବିଜେଡିକୁ ଜିତାଇବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତିକୁ ଜୋରଦାର କରାଯିବ। ଦଳ ନିର୍ମଳ ଭାବମୂର୍ତ୍ତି ଥିବା ଉଚ୍ଚ ଶିକ୍ଷିତ ଯୁବକଙ୍କୁ ପ୍ରାର୍ଥୀ କରାଇଲେ ନିର୍ବାଚନ ଜିଣିବା କଷ୍ଟକର ହେବ ନାହିଁ। ସେହିପରି ଅନ୍ୟତମ ଆଶାୟୀ ଭାବେ ସୁନ୍ଦରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କାଙ୍କ ନାମ ଚର୍ଚ୍ଚା ହେଉଛି। ଏ ନେଇ ତାଙ୍କୁ ଯୋଗାଯୋଗ କରାଯିବାରୁ ସେ ଟିକେଟ୍ ଦୌଡରେ ନ ଥିବା କହିଛନ୍ତି। ମାତ୍ର ଦଳ ଯଦି ତାଙ୍କୁ ଚାହେଁ ତେବେ ସେ ପ୍ରାର୍ଥୀ ହେବେ ବୋଲି କହିଛନ୍ତି। ଅନ୍ୟ ଆଶାୟୀଙ୍କ ମଧ୍ୟରେ ପୂର୍ବତନ ବିଧାୟକ ନିହାର ସୁରିନ, ନୂଆଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ମକଲୁ ଏକ୍କା ରହିଛନ୍ତି। ବହୁମୁଖୀ ସମବାୟ ସମିତିରେ ଚାକିରି କରୁଥିବା ଜନୈକ କର୍ମଚାରୀ ମଧ୍ୟ ବିଜେଡି ଟିକେଟ ଦୌଡରେ ଥିବା ପ୍ରଚାର ଚଳାଇଛନ୍ତି। ଜେଏମ୍‌ଏମ୍ ପକ୍ଷରୁ ସେବିଆନ ଆଇନ୍ଦ ମଧ୍ୟ ଏଥର ଦଳୀୟ ପ୍ରାର୍ଥୀ ହେବା ନେଇ ଆଲୋଚନା ଚାଲିଛି। କଂଗ୍ରେସ ଓ ଜେଏମ୍‌ଏମ୍ ମଧ୍ୟରେ ମେଣ୍ଟ ହୋଇଛି। ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ଯେଉଁ ଦଳ ଭାଗରେ ପଡିବ ସେହି ଦଳର ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ଆଲୋଚନା ହେଉଛି ।

## ମୋଟ ଭୋଟର ସଂଖ୍ୟା

୨,୧୩,୦୮୭


ମହିଳା–୧,୦୩,୯୪୮

ପୁରୁଷ–୧,୦୯,୧୩୯


ରାଜେନ୍ଦ୍ର କୁଜୁର


ରାଜେଶ କେର୍କେଟା


ଶଙ୍କର ଓରାମ




| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ସମତାକ୍ରାନ୍ତି | ଜର୍ଜ ତିର୍କୀ | ୪୬,୧୧୪ |
| ଭାଜପା | ଶଙ୍କର ଓରାମ | ୩୪,୧୬୭ |
| ଜେଏମ୍‌ଏମ୍ | ସେବିଆନ ଆଇନ୍ଦ | ୨୭,୮୪୯ |
| ବିଜେଡି | ମାଗଦାଲି କୋନଗାଡି | ୨୫,୧୫୮ |
| କଂଗ୍ରେସ | ରାଜେଶ କେର୍କେଟା | ୧୩,୦୦୬ |

# ଗଡ଼ ବଞ୍ଚାଇବାକୁ ଉଦ୍ୟମ


**ଅଜିତ୍ କୁମାର ବାରିକ**
ବୌଦ୍ଧ,୧୪।୩(ସ୍ୱ.ପ୍ର.)


୨୦୦୯ ମସିହା ସୀମା ନିର୍ଦ୍ଧାରଣ ପରେ ବୌଦ୍ଧ ନିର୍ବାଚନମଣ୍ଡଳୀ ହରଭଙ୍ଗା ବ୍ଲକର ୨୨ ପଞ୍ଚାୟତ, ବୌଦ୍ଧ ବ୍ଲକର ୧୧ ପଞ୍ଚାୟତ ଓ ବୌଦ୍ଧ ଏନ୍‌ଏସିକୁ ଗଠିତ ହୋଇଛି । ବୌଦ୍ଧ ହେଉଛି ଏକ କୃଷିପ୍ରଧାନ ଜିଲା । ଏହି ନିର୍ବାଚନମଣ୍ଡଳୀରେ ଜଳସେଚନ, ଶିକ୍ଷା, ଗମନାଗମନ, ପାନୀୟ ଜଳ ଓ ସ୍ୱାସ୍ଥ୍ୟ ଭଳି ପ୍ରମୁଖ ସମସ୍ୟା ରହିଛି । ବୌଦ୍ଧ ଦେଇ ମହାନଦୀ ବହିଯାଇଥିଲେ ମଧ୍ୟ ଏହି ନିର୍ବାଚନମଣ୍ଡଳୀରେ ପାନୀୟ ଜଳ ସମସ୍ୟା ମୁଣ୍ଡବ୍ୟଥାର କାରଣ ହୋଇ ସାଜିଛି।


ବର୍ତ୍ତମାନର ବିଧାୟକ ତଥା ବାଚସ୍ପତି ପ୍ରଦୀପ କୁମାର ଅମାତ ୨୦୦୪ରୁ ବିଜୟୀ ହୋଇଆସୁଛନ୍ତି । ତାଙ୍କୁ ଖଣି, ସ୍ୱାସ୍ଥ୍ୟ ଓ ଅର୍ଥମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳିଛି। ଦୁଇ ଦୁଇ ଥର ସେ ବାଚସ୍ପତି ପଦରେ ରହିଛନ୍ତି । ହେଲେ ବୌଦ୍ଧ ନିର୍ବାଚନମଣ୍ଡଳୀର ସେଭଳି କିଛି ଆଖିଦୃଶିଆ ଉନ୍ନତି ହୋଇପାରିନାହିଁ ବୋଲି ବିରୋଧୀମାନେ ଅଭିଯୋଗ କରିଛନ୍ତି। ଜିଲାର ବହୁ ପୁରାତନ ପଞ୍ଚାୟତ ମହାବିଦ୍ୟାଳୟ ଆଜି ପର୍ଯ୍ୟନ୍ତ ସରକାରୀ ମାନ୍ୟତା ପାଇନାହିଁ । ଆଦିବାସୀ ଅଧ୍ୟୁଷିତ ହରଭଙ୍ଗା ବ୍ଲକରେ ଶିକ୍ଷାର ଉନ୍ନତି ହୋଇ ପାରିନାହିଁ । ଏଠାରେ ମହିଳା ମହାବିଦ୍ୟାଳୟ ନାହିଁ । ହରଭଙ୍ଗା ବ୍ଲକ ଅଞ୍ଚଳରେ ଭଲ ରାସ୍ତାଟିଏ ନାହିଁ। ଫଳରେ ବିଭିନ୍ନ ଅଞ୍ଚଳକୁ ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଠିକ୍ ଭାବେ ପହଞ୍ଚି ପାରିନାହିଁ । ଚାଷଜମିକୁ ମଧ୍ୟ ଜଳସେଚନ ସୁବିଧା ନ ଥିବା ବିରୋଧୀମାନେ ଅଭିଯୋଗ କରିଛନ୍ତି । ଏପରି ସ୍ଥିତିକୁ ନେଇ ଦଳୀୟ ନେତାଙ୍କ ମଧ୍ୟରେ ବି ଅସନ୍ତୋଷ ରହିଛି । ଏ ନେଇ ହରଭଙ୍ଗା ବ୍ଲକର କେତେଜଣ ଟାଣୁଆ ବିଜେଡି ନେତା ଗୁପ୍ତ ବୈଠକ କରି ବିଧାୟକଙ୍କ ବିରୋଧରେ ଅସନ୍ତୋଷ ଜାହିର କରିଛନ୍ତି ।

୨୦୧୪ ନିବାଚନ ପୂର୍ବରୁ କଂଗ୍ରେସର ଟାଣୁଆ ନେତା ନବକୁମାର ମିଶ୍ର ବିଜେଡିରେ ମିଶିବା ଯୋଗୁ ବିଧାୟକ ଅମାତଙ୍କୁ ନିର୍ବାଚନ ବୈତରଣୀ ପାରହେବାକୁ ସୁବିଧା ହୋଇଥିଲା । ନବକୁମାର ବିଜେଡିରେ ନିଜର ସ୍ଥିତି ନେଇ ସନ୍ଦିହାନ ହୋଇପଡିବାରୁ ସେ ପୁଣି କଂଗ୍ରେସକୁ ଫେରିଛନ୍ତି । ଏହାପରେ ବରିଷ୍ଠ ଆଇନଜୀବୀ ଅକ୍ଷୟ କୁମାର ସାହୁ ବିଜେଡି ଟିକେଟ ପାଇଁ ଆଶାବାଦୀ ଥିବାରୁ ସେ ଅମାତଙ୍କ ରାସ୍ତାରେ କଣ୍ଟା ସାଜିଛନ୍ତି । ତଥାପି ବିଧାୟକ ଅମାତ ଟିକେଟ ପାଇବେ ବୋଲି ଆଶାବାଦୀ ଅଛନ୍ତି ବୋଲି କହିଛନ୍ତି । ଏ ନେଇ ବିଜୁ ଜନତା ଦଳ ଜୋନାଲ ସଭାପତି ଅଶୋକ କୁମାର ସାହୁ କୁହନ୍ତି, ବିଧାୟକ ଅମାତ ଜିଲା ପାଇଁ ବହୁ କାମ କରିଛନ୍ତି । ତେଣୁ ଦଳ ତାଙ୍କୁ ହିଁ ଟିକେଟ ଦେବ, ଏଥିରେ କିଛି ଦ୍ୱିମତ ନାହିଁ ।

ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ତା'ର ଶକ୍ତି ବୃଦ୍ଧି କରିଛି। ପ୍ରଥମ ଥର ପାଇଁ ୨ ଜିଲା ପରିଷଦ ଆସନ ହାତେଇବାରେ ଭାଜପା ସଫଳ ହୋଇଛି । କଂଗ୍ରେସର ଟାଣୁଆ ନେତା ସୁଶାନ୍ତ କୁମାର ପ୍ରଧାନ ୨୦୧୪ ନିର୍ବାଚନରେ ୪୩ ହଜାର ୪୭୦ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ । ଏବେ ସେ କଂଗ୍ରେସ ଛାଡି ଭାଜପାରେ ଯୋଗ ଦେଇଛନ୍ତି। ସେ ଟିକେଟ ପାଇଁ ଆଶାୟୀ ଅଛନ୍ତି । ଏଥିସହ ଜିଲା ସଭାପତି ସୌମିତ୍ରୀ ନାଏକ, ଚାଷୀ ନେତା ସୂର୍ଯ୍ୟନାରାୟଣ ମହାପାତ୍ର, ସାଧାରଣ ସମ୍ପାଦକ ବିପ୍ରଚରଣ ମହାନ୍ତି, ଜିଲା ପରିଷଦ ସଭ୍ୟ ଧନେଶ୍ୱର ଅମାତ, ପୂର୍ବତନ ଜିଲା ସଭାପତି ମନୋରଞ୍ଜନ ଦାସ, ମହିଳା ସଭାନେତ୍ରୀ ନମିତାରାଣୀ ଦାସ, ସୁଧାଂଶୁ ଡାଙ୍ଗ, ସରୋଜ ପ୍ରଧାନ ଟିକେଟ ଦୌଡରେ ଅଛନ୍ତି । ଏ ନେଇ ଜିଲା ଭାଜପା ସଭାପତି ସୌମିତ୍ରୀ ନାଏକ କୁହନ୍ତି, ଏଥର ଦଳ ଯୋଗ୍ୟ ପ୍ରାର୍ଥୀଙ୍କୁ ଟିକେଟ୍ ଦେବ । ଦଳ ଯାହାକୁ ପ୍ରାର୍ଥୀ କରିବ ତାଙ୍କ ପାଇଁ ସମସ୍ତେ କାମ କରିବେ ।

ସେହିପରି ବୌଦ୍ଧ ଜିଲାରେ କଂଗ୍ରେସର ସ୍ଥିତି ଦୁର୍ବଳ ଥିବାବେଳେ ଟାଣୁଆ ନେତା ନବକୁମାର ମିଶ୍ରଙ୍କ ଘରବାହୁଡା ଦଳ ପାଇଁ ଶୁଭଙ୍କର ହୋଇଛି । ୧୯୯୦ ମସିହାରୁ କଂଗ୍ରେସ ଏହି ଆସନରେ ପରାଜିତ ହୋଇଆସୁଛି । ଗୋଷ୍ଠୀ କନ୍ଦଳ ହିଁ ଦଳକୁ ଅଡୁଆରେ ପକାଇଛି । ଦଳ ଗତ ପଞ୍ଚାୟତ ନିର୍ବାଚନରେ କୌଣସି ଜିଲା ପରିଷଦ ଆସନ ହାତେଇପାରିନାହିଁ । ଏହା ପରେ ବି ଦଳ ଏଥର ଭଲ ପ୍ରଦର୍ଶନ କରିବ ବୋଲି ନେତା ଓ କର୍ମୀମାନେ ଆଶାବାଦୀ ଅଛନ୍ତି । ବରିଷ୍ଠ ନେତା ନବକୁମାର ମିଶ୍ର, ସୁଧୀର କର୍ଣ୍ଣ, ପୂର୍ବତନ ସଭାପତି ନାରାୟଣ ପରିଜା, ପିସିସି ସଦସ୍ୟ ରାୟ ସଞ୍ଜୀବ କୁମାର ଦେଓ, ଯାମିନୀ ମୁଖୀ, ମହିଳା ନେତ୍ରୀ ବିନ୍ଧ୍ୟାବିନୀ ସାହୁ, ଅଜିଜ ଖାଁ, ଚନ୍ଦ୍ରଶେଖର ପାଢୀ ଟିକେଟ ଦୌଡରେ ଅଛନ୍ତି । ଏ ନେଇ ଜିଲା କଂଗ୍ରେସ ସଭାପତି ସୁଧୀର କୁମାର ମହାକୁଡ କୁହନ୍ତି, ଦଳ ଏଥର ଉପଯୁକ୍ତ ପ୍ରାର୍ଥୀଙ୍କୁ ଟିକେଟ୍ ଦେବ । ଆମେ ଚାଷୀ ଓ ଶିକ୍ଷକ ସମସ୍ୟାକୁ ନେଇ ନିର୍ବାଚନ ମଇଦାନକୁ ଓହ୍ଲାଇବୁ। ଧାନର ସହାୟକ ମୂଲ୍ୟ ବୃଦ୍ଧି ଉପରେ ଦଳ ଗୁରୁତ୍ୱ ଆରୋପ କରିବ । ସିପିଆଇ ମଧ୍ୟ ନିଜର ସ୍ଥିତି ଜାହିର କରିଛି । ସିପିଆଇର ଯୁବନେତା ଅବକାଶ ସାହୁ ପଞ୍ଚାୟତ ନିର୍ବାଚନରେ ୯ନଂ. ଜିଲା ପରିଷଦ ଆସନରୁ ବିଜୟୀ ହୋଇଛନ୍ତି । ରାଜ୍ୟରେ କଂଗ୍ରେସ ଓ ସିପିଆଇ ମଧ୍ୟରେ ଆସନ ବୁଝାମଣା ହୋଇଥିବା ବେଳେ ବୌଦ୍ଧ ନିର୍ବାଚନମଣ୍ଡଳୀ କଂଗ୍ରେସ ନା ସିପିଆଇ ହାତକୁ ଯିବ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ । ତଥାପି ଯୁବନେତା ସାହୁ ଟିକେଟ୍ ପାଇବାକୁ ଆଶାବାଦୀ ଅଛନ୍ତି । ତାଙ୍କୁ ଟିକେଟ୍ ନ ମିଳିଲେ ମଧ୍ୟ ସେ ପ୍ରାର୍ଥୀ ହେବେ ବୋଲି କହିଛନ୍ତି। ଯଦି ମହିଳାମାନଙ୍କୁ ସୁଯୋଗ ଦେବା କଥା ବିଚାରକୁ ନିଆଯାଏ ତେବେ କଂଗ୍ରେସରୁ ବିନ୍ଧ୍ୟାବିନୀ ସାହୁ ଓ ଭାଜପାରୁ ନମିତାରାଣୀ ଦାସ ଟିକେଟ ଦୌଡରେ ଅଛନ୍ତି । ହେଲେ ବିଜେଡିରୁ ସେପରି କୌଣସି ନେତ୍ରୀ ଆଗକୁ ଆସିନାହାନ୍ତି ।


ପ୍ରଦୀପ କୁମାର ଅମାତ


ନବ କୁମାର ମିଶ୍ର


ସୌମିତ୍ରୀ ନାୟକ


ସୁଶାନ୍ତ ପ୍ରଧାନ

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ପ୍ରଦୀପ କୁମାର ଅମାତ | ୫୪,୬୧୮ |
| କଂଗ୍ରେସ | ସୁଶାନ୍ତ କୁମାର ପ୍ରଧାନ | ୪୩,୪୭୦ |
| ଭାଜପା | ସୂର୍ଯ୍ୟ ନାରାୟଣ ମହାପାତ୍ର | ୮,୫୯୭ |




## ୨୦୧୯ ଭୋଟର ସଂଖ୍ୟା

୧,୫୬,୦୩୩

ପୁରୁଷ – ୮୦,୧୫୦

ମହିଳା– ୭୫, ୮୭୮

ତୃତୀୟ ଲିଙ୍ଗ– ୫

# ଓଡ଼ିଶା ଚେସ୍‌ର ତରୁଣ ତାରକା (ଭାଗ-୨)

# ଯୁବ ପ୍ରତିଭା

**ଓଡ଼ିଶା ଚେସ୍‌ର ତରୁଣ ତାରକା ଦ୍ୱିତୀୟ ଭାଗରେ ସ୍ଥାନ ପାଇଥିବା ଯୁବ ଟାଇଟଲଧାରୀଙ୍କ ମଧ୍ୟରେ ରହିଛନ୍ତି ସିଦ୍ଧାନ୍ତ ମହାପାତ୍ର, ରାକେଶ କୁମାର ଜେନା, ଉତ୍କଳ ରଞ୍ଜନ ସାହୁ, ସାଇନା ସାଲୋନିକା, ସୌମ୍ୟରଞ୍ଜନ ମିଶ୍ର, ସଂକଳ୍ପ ବଳିୟାର ସିଂ ଓ ଋତୁମ୍ବରା ବିଧାରା ଏମାନେ ନିଜ ପ୍ରତିଭା ଦ୍ୱାରା ରାଜ୍ୟ ଚେସ୍‌କୁ ଋଦ୍ଧିମନ୍ତ କରିଛନ୍ତି...**


ସାଇନା
ସିଦ୍ଧାନ୍ତ
ରାକେଶ
ଉତ୍କଳ
ସୌମ୍ୟରଞ୍ଜନ
ରତୁମ୍ବରା
ସଂକଳ୍ପ

## ସିଦ୍ଧହସ୍ତ ସିଦ୍ଧାନ୍ତ

ସୁଖ ସୁବିଧା, ପ୍ରାଚୁର୍ଯ୍ୟ ବୈଭବ କେବଳ ଯେ ପ୍ରତିଭା ଅନ୍ୱେଷଣରେ ସହାୟକ ହୋଇ ଥାଏ ତା ନୁହେଁ, ଏସବୁରୁ ବଞ୍ଚିତ ଥାଇ ମଧ୍ୟ ଜଣେ ନିଜର ନିଷ୍ଠା, ଅଧ୍ୟବସାୟ, ତ୍ୟାଗ ବଳରେ ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇପାରେ। ତାଙ୍କର ଯାତ୍ରା ଥିଲା ବାସୁଦେବପୁରରୁ ଭିଏତ୍‌ନାମ। ତାଙ୍କର ସକାଳ ଆରମ୍ଭ ହୁଏ ଚେସ୍‌ରୁ, ସେ ହେଉଛନ୍ତି ରାଜ୍ୟ ଚେସ୍‌ର ମଉଡ଼ମଣି ଏବଂ ଅନେକ ଗ୍ରାଣ୍ଡମାଷ୍ଟରଙ୍କୁ ଧୂଳି ଚଟେଇବାରେ ସିଦ୍ଧହସ୍ତ ସିଦ୍ଧାନ୍ତ ମହାପାତ୍ର । ହର୍ଲିକ୍ସ ଚେସ୍ ବୋର୍ଡରୁ ଖେଳ ଆରମ୍ଭ କରିଥିବା ସିଦ୍ଧାନ୍ତ ଜାତୀୟ ୯ ବର୍ଷରୁ କମ୍ ପ୍ରତିଯୋଗିତାରେ ରୌପ୍ୟପଦକ ଜିତି ସଫଳତାର ପ୍ରଥମ ସ୍ୱାଦ ଚାଖିଥିଲେ। ସେତେବେଳେ କଟକସ୍ଥିତ ଏସ୍‌ଆର୍ ଚେସ୍ ସେଣ୍ଟରର ହଷ୍ଟେଲରେ ରହି ଦିନକୁ ୧୨ରୁ ୧୪ ଘଣ୍ଟା ସେ ଚେସ୍ ପ୍ରତି ସମର୍ପିତ ଥିଲେ । ଜାତୀୟ ସ୍ତରରେ ଦ୍ର ମାଷ୍ଟର ଭାବେ ପରିଚିତ ସିଦ୍ଧାନ୍ତ ବିଭିନ୍ନ ଟପ୍‌ସିଡ୍ ଖେଳାଳିଙ୍କ ସହ ପଏଣ୍ଟ ଭାଗ କରିବାରେ ବେଶ୍ ଧୁରନ୍ଧର । ୨୦୦୮ ଭିଏତ୍‌ନାମରେ ବିଶ୍ୱଯୁବ ଚେସ୍‌ରେ ବ୍ରୋଞ୍ଜ, ତେହେରାନ୍‌ଠାରେ ଏସୀୟ ଯୁବ ଜୁନିୟର ଚେସ୍‌ରେ ବ୍ରୋଞ୍ଜ, ୨୦୧୦ ରାଜ୍ୟଗୋଷ୍ଠୀ ଚେସ୍‌ର ୧୨ ବର୍ଷରୁ କମ୍ ବିଭାଗରେ ସ୍ୱର୍ଣ୍ଣ ଏବଂ ୨୦୦୮ ଏସୀୟ ସ୍କୁଲ ଚେସ୍ ୧୩ ବର୍ଷରୁ କମ୍ ବିଭାଗରେ ବ୍ରୋଞ୍ଜ ତାଙ୍କ ସଫଳତାର ଏକ ଏକ ଇସ୍ତାହାର। ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ପଦକ ହାସଲ କରି ଓଡ଼ିଶାର ଗ୍ରାମାଞ୍ଚଳରେ ଚେସ୍‌କୁ ଚମକାଇବାରେ ତାଙ୍କର ଅବଦାନ ଅବିସ୍ମରଣୀୟ। ୨୦୧୭ ଜୁଲାଇରେ ସେ ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ଲାଭ କରିଥିଲେ। ଜୁଲାଇ ୨୦୧୭ରେ ଶ୍ରେଷ୍ଠ ରେଟିଂ ୨୪୦୪ ରହିଥିଲା। ସିଦ୍ଧାନ୍ତ ନିଜ କ୍ୟାରିୟର ମଧ୍ୟରେ ଜିବ୍ରାଲ୍ଟର ଚେସ୍‌ରେ ପୂର୍ବତନ ବିଶ୍ୱ ଜୁନିୟର ଚାମ୍ପିୟନ ଟାରି ଆର୍ଯ୍ୟନ (୨୬୨୬)ଙ୍କୁ ହରାଇଥିବାବେଳେ ସର୍ବିୟା ଜିଏମ ଇଣ୍ଡଜିକ୍ (୨୬୩୦), ପୂର୍ବତନ ବିଶ୍ୱମହିଳା ଜୁନିୟର ଚାମ୍ପିୟନ ତଥା ରୁଷିଆ ଜିଏମ ଆଲେକଜାଣ୍ଡ୍ରା ଗୋର୍ୟାଚକିନା (୨୮୧୮)ଙ୍କ ସହ ମ୍ୟାଚ ଡ୍ର ରଖିଥିଲେ। ଏହା ବ୍ୟତୀତ ସେ ନରୱେ ଆଇଏମ୍ ହାଲ୍‌ଡୋରସେନ ବେଞ୍ଜାମିନ୍‌ଙ୍କୁ ମଧ୍ୟ ପରାସ୍ତ କରିଥିଲେ।

## ପୋଷ୍ଟର ବୟ ରାକେଶ

ରାକେଶଙ୍କ ଆବିର୍ଭାବ ରାଜ୍ୟ ଚେସ୍ ଜଗତରେ ଚେସ୍ ସିଲଟରେ ଖେଳ ଆରମ୍ଭ କରୁଥିବା କୁନି କୁନି ପିଲାଙ୍କ ଭିତରେ ଏକ ଆନ୍ଦୋଳନ ସୃଷ୍ଟି କରିଥିଲା। ଓଡ଼ିଶା ଚେସ୍‌ର ଏହି ଚର୍ଚ୍ଚିତ ଖେଳାଳିଙ୍କୁ ଅନୁସରଣକରି ଅନେକ ଅଭିଭାବକ ସେମାନଙ୍କର ପିଲାମାନଙ୍କୁ ଚେସ୍ ଚାଟଶାଳୀରେ କ୍ୟାରିୟର କରିବାକୁ ଆଗେଇ ଆସିଥିଲେ। ୨୦୦୮ରୁ ଚେସ୍‌କୁ ନିଜର ଜୀବିକା ଓ ଜୀବନ ଭାବେ ଗ୍ରହଣ କରିଥିବା ରାକେଶଙ୍କ ସଫଳତାର ଫର୍ଦ୍ଦ ବେଶ୍ ଲମ୍ବା। ୨୦୧୨ରେ ଟାଟାରେ ଅନୁଷ୍ଠିତ ୧୧ ବର୍ଷରୁ କମ୍ ଜାତୀୟ ଚେସ୍‌ରେ ଚାମ୍ପିୟନ ହୋଇ ସେ ନିଜ ଦକ୍ଷତାର ସର୍ବଶ୍ରେଷ୍ଠ ପ୍ରମାଣ ଦେଇଥିଲେ । ୯ ବର୍ଷରୁ କମ୍ ଜାତୀୟ ଚେସ୍‌ରେ ରୌପ୍ୟ ପଦକ, ୨୦୧୨ରେ ଶ୍ରୀଲଙ୍କାଠାରେ ୧୦ ବର୍ଷରୁ କମ୍ ଏସୀୟ ଯୁବଚେସ୍‌ରେ ରୌପ୍ୟ, ୧୨ ବର୍ଷରୁ କମ୍ ରାଜ୍ୟଗୋଷ୍ଠୀ ଚେସ୍‌ରେ ରୌପ୍ୟ ତଥା ସମସ୍ତ ସିନିୟର ଖେଳାଳିଙ୍କ ଉପସ୍ଥିତ ସତ୍ତ୍ୱେ ସେହି ବର୍ଷ ଟାଟା ଅନ୍ତର୍ଜାତୀୟ ରେଟିଂ ଚେସ୍‌ରେ ଚାମ୍ପିୟନ ହେବା ରାକେଶଙ୍କ କ୍ୟାରିୟରକୁ ବହୁ ଉଚ୍ଚକୁ ନେଇଥିଲା। ୨୦୧୨ରେ ଏସୀୟ ଯୁବ ଚେସ୍‌ରେ ଏକାଥରକେ ୫ ପଦକ ପାଇବା (୧୨ ବର୍ଷରୁ କମ୍‌ର ମୁଖ୍ୟ ବିଭାଗରେ ରୌପ୍ୟ, ଦଳଗତ ସ୍ୱର୍ଣ୍ଣ, ରାପିଡ୍‌ରେ ବ୍ୟକ୍ତିଗତ ବ୍ରୋଞ୍ଜ ଓ ଦଳଗତ ସ୍ୱର୍ଣ୍ଣ ଏବଂ ବ୍ଲିଜ୍‌ରେ ଦଳଗତ ସ୍ୱର୍ଣ୍ଣ) ରାକେଶଙ୍କୁ ଚେସ୍‌ର ସବୁ ଫର୍ମାଟରେ ଜଣେ ପରିପକ୍ୱ ଖେଳାଳିର ମର୍ଯ୍ୟାଦା ଦେଇଥିଲା। ଓଡ଼ିଶା ଚେସ୍‌ର ପୋଷ୍ଟର ବୟ କୁହାଯାଉଥିବା ରାକେଶଙ୍କୁ ବର୍ତ୍ତମାନ ଚେସ୍ ପଣ୍ଡିତ ଓ ସିନିୟର ଖେଳାଳିମାନେ ଆଗାମୀ ଦିନର ଓଡ଼ିଶାର ଚେସ୍ ଗ୍ରାଣ୍ଡମାଷ୍ଟର ଭାବରେ ବିବେଚନା କରୁଛନ୍ତି। ଦୀର୍ଘ ପାଞ୍ଚବର୍ଷ ହେବ ପ୍ରତ୍ୟେକ ଦିନ ସାତରୁ ଆଠଘଣ୍ଟା ଚେସ୍‌କୁ ଭରପୂର ଉପଭୋଗ କରୁଥିବା ଏହି ଦକ୍ଷ ଖେଳାଳି ଏତେ କମ୍ ବୟସରେ ଦକ୍ଷତା ଓ ସୃଜନଶୀଳତାର ଯେଉଁ ପ୍ରତିଭା ପ୍ରଦର୍ଶନ କରିଛନ୍ତି ତାହା କେବଳ ଯେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତକୁ ଦର୍ଶାଉଛି ତା' ନୁହେଁ ବରଂ ତରୁଣ ଖେଳାଳିମାନଙ୍କ ପାଇଁ ଆଦର୍ଶ ଉଦାହରଣ ସାଜିଛନ୍ତି । ୭ଟି ଅନ୍ତର୍ଜାତୀୟ ମାଷ୍ଟର ନର୍ମ ହାସଲକରି ଶେଷରେ ଅନ୍ତର୍ଜାତୀୟ ମାଷ୍ଟର ତାଲିକାରେ ନିଜକୁ ସାମିଲ କରିଛନ୍ତି । ୨୦୧୯ ଫେବୃୟାରୀରେ ତାଙ୍କର ସର୍ବୋଚ୍ଚ ରେଟିଂ ଥିଲା ୨୪୩୫। ରାକେଶ ୨୦୧୮ରେ ଜାତୀୟ ଜୁନିୟର ଚେସ୍ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ପାଇଥିଲେ। ୨୦୧୮ ଡିସେମ୍ବରରେ ଜାଦାର ଓପନରେ କ୍ରୋଏସିଆନ ଅଲିମ୍ପିଆଡ଼ ଟିମ୍‌ର ଅନ୍ୟତମ ସଦସ୍ୟ ମାର୍ଟିନୋଭିଚ୍ ସାସା (୨୫୫୪)ଙ୍କୁ ପରାସ୍ତ କରିଥିଲେ। ସେହିପରି ୨୦୧୯ ଫେବୃୟାରୀରେ ଏରୋଫ୍ଲଟ ଓପନ ଟାଇଟଲ ଜିତିଥିବା କୁଲାଓଟ୍ସ କାଇଡୋ (୨୫୫୫)ଙ୍କୁ ମଧ୍ୟ ସେ ୨୦୧୮-୧୯ ସ୍ୱିଡେନର ଷ୍ଟକ୍‌ହୋମଠାରେ ଅନୁଷ୍ଠିତ ରିଲଟନ ଚେସ୍‌ରେ ହରାଇଥିଲେ। ଜିଏମ ଦେବାଶିଷ ଦାସଙ୍କ ସହ ୩ ଥର ଖେଳି ମ୍ୟାଚକୁ ଡ୍ର ରଖିବାରେ ସଫଳ ହୋଇଥିଲେ।

## ଚତୁର ଉତ୍କଳ

ଓଡ଼ିଶାର ଅନ୍ୟତମ ଚର୍ଚ୍ଚିତ ଓ ଚତୁର ଖେଳାଳି ହେଲେ ରାଉରକେଲାର ଉତ୍କଳ ରଞ୍ଜନ ସାହୁ। ନୂଆ ଚେସ୍ ପିଢ଼ି ମଧ୍ୟରେ ୬ଷ୍ଠ ଖେଳାଳି ଭାବେ ୨୦୧୨ରେ ପ୍ରଥମ ଆଇଏମ୍ ନର୍ମ ହାସଲ କରିଥିବା ଉତ୍କଳ ୭ବର୍ଷ ପରେ ଓଡ଼ିଶାର ଶେଷ ଅନ୍ତର୍ଜାତୀୟ ମାଷ୍ଟର ହେବାକୁ ଯାଉଛନ୍ତି । ୨୦୧୬ରେ ଏସୀୟ ଯୁବଚେସ୍‌ରେ ରୌପ୍ୟ ଓ ୨୦୦୮ରେ ୧୩ ବର୍ଷରୁ କମ୍ ଚାମ୍ପିୟନ ହୋଇ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ୨୦୧୦ରେ ଚାଇନାରେ ଅନୁଷ୍ଠିତ ଏସୀୟ ୧୪ ବର୍ଷରୁ କମ୍ ବର୍ଗରେ ସ୍ୱର୍ଣ୍ଣ,ଏସୀୟ ୧୬ ବର୍ଷରୁ କମ୍ ବର୍ଗରେ ବ୍ରୋଞ୍ଜ, ତୁର୍କୀରେ ବିଶ୍ୱ ଯୁବ ଚେସ୍ ଅଲିମ୍ପିଆଡ୍‌ରେ ଭାରତର ପ୍ରତିନିଧିତ୍ୱ କରି ରୌପ୍ୟପଦକ ଜିତିବା ପଶ୍ଚିମ ଓଡ଼ିଶାର ଚେସ୍ ଭଣ୍ଡାରକୁ ଯେତେ ସମୃଦ୍ଧ କରି ନ ଥିଲା ତା'ଠାରୁ ଅଧିକ ଗୌରବମୟ ହୋଇଥିଲା ରାଜ୍ୟ ଚେସ୍ ସଂଘ। ଉତ୍କଳ ୨୦୧୨ରେ କଲିକତାଠାରେ ଜିଏମ୍ ଟିଭିଆକୋଭ (୨୬୬୩), ୨୦୧୫ରେ ଜିଏମ କ୍ଷୁପାକ୍ କିରିଲ(୨୫୫୦), ୨୦୧୭ରେ ଜିଏମ ଦେବାଶିଷ ଦାସ ଏବଂ ୨୦୧୮ରେ ଜିଏମ୍ ସ୍ୱପ୍ନିଲ ଧୋପଡ଼େ(୨୫୩୧)ଙ୍କୁ ହରାଇ ବଡ଼ ସଫଳତା ପାଇଥିଲେ।

## ପ୍ରଥମ ଫିଡେ ମାଷ୍ଟର

ସୌମ୍ୟରଞ୍ଜନ ମିଶ୍ର ଓଡ଼ିଶାର ପ୍ରଥମ ଫିଡେ ମାଷ୍ଟର । ୨୦୧୦ରେ ରାଜ୍ୟ ସିନିୟର ଚେସ୍ ଚାମ୍ପିୟନ ସୌମ୍ୟ ୨୦୦୮ରେ ବାଂଲାଦେଶର ଢାକାଠାରେ ଅନୁଷ୍ଠିତ ବାଂଲାଦେଶ ପ୍ରଥମ ଡିଭିଜନ ଲିଗ୍ ଚେସ୍‌ରେ ନାରାୟଣଗଞ୍ଜ ଦଳକୁ ଶ୍ରେଷ୍ଠ ପ୍ରଦର୍ଶନ ସହ ଚାମ୍ପିୟନ କରିଥିଲେ। ଜାତୀୟ ସ୍ତରରେ କେରଳରେ ଅନୁଷ୍ଠିତ ସର୍ବଭାରତୀୟ ରେଟିଂ ଚେସ୍‌ରେ ଚାମ୍ପିୟନ ହୋଇ ନିଜ ଦକ୍ଷତା ଦେଖାଇଥିବା ସୌମ୍ୟ ବର୍ତ୍ତମାନ ଓଡ଼ିଶା ଡାକ ବିଭାଗରେ କାର୍ଯ୍ୟରତ। ଶ୍ରୀଲଙ୍କାରେ ୨୦୦୪ରେ ଅନୁଷ୍ଠିତ ଏଥୁଗଲାପୁର ଅନ୍ତର୍ଜାତୀୟ ରେଟିଂ ଚେସ୍ ଯୁଗ୍ମ ରନର୍ସଅପ୍ ହୋଇଥିଲେ। ୩ ଥର ରାଜ୍ୟ ସିନିୟର ଓ ୧୧ଥର ବିଭିନ୍ନ ବୟସ ବର୍ଗରେ ରାଜ୍ୟ ଚେସ୍ ଚାମ୍ପିୟନ ହୋଇଥିବା ଏହି ତାରକା ଖେଳାଳି ୫ ଥର ସର୍ବଭାରତୀୟ ରେଟିଂ ଚେସ୍ ଚାମ୍ପିୟନ ହେବା ସହ ୨ ଥରେ ରାଜ୍ୟଗୋଷ୍ଠୀ ଚେସ୍ ଓ ଥରେ ଏସୀୟ ଯୁବ ଚେସ୍‌ରେ ଭାରତରୁ ପ୍ରତିନିଧିତ୍ୱ କରିଛନ୍ତି। ରାଜ୍ୟସ୍ତରରେ ୫୪ଥର ଚାମ୍ପିୟନ ହେବା ମଧ୍ୟ ତାଙ୍କ ପାଇଁ ଏକ ବିରଳ ରେକର୍ଡ । ଓଡ଼ିଶାର ଏକମାତ୍ର ଖେଳାଳିଭାବେ ସେ ରେଲୱେ, ପୋଷ୍ଟାଲ, ସିଭିଲ ସର୍ଭିସ ଚେସ୍ ଚାମ୍ପିୟନ ହେବାର ରେକର୍ଡ ବହନ କରୁଛନ୍ତି।

## ପ୍ରତିଭାବାନ୍ ସଂକଳ୍ପ

ଓଡ଼ିଶା ଚେସ୍‌ରେ ତାଙ୍କ ବିକଳ୍ପ ଖୋଜାଯିବା ପ୍ରାୟ ଅସମ୍ଭବ । ବହୁବାର (୨୦୦୭, ୨୦୧୧, ୨୦୧୩) ରାଜ୍ୟ ଚାମ୍ପିୟନ ସଂକଳ୍ପ ବଳିୟାର ସିଂ ୨୦୧୧ରେ ଫିଲିପାଇନ୍ସଠାରେ ଅନୁଷ୍ଠିତ ଏସୀୟ ଯୁବଚେସ୍‌ରେ ସ୍ୱର୍ଣ୍ଣ ଜିଣି ଓଡ଼ିଶା ଚେସ୍‌ର ଟେକ ରଖିଥିଲେ। ନାଗପୁରଠାରେ ଅନୁଷ୍ଠିତ ଜାତୀୟ ୭ ବର୍ଷରୁ କମ୍ ଶିଶୁ ଚେସ୍‌ରେ ବ୍ରୋଞ୍ଜ ପଦକ ହାସଲକରି ନିଜର ଚେସ୍ ଯାତ୍ରା ଆରମ୍ଭ କରିଥିବା ଏହି ପ୍ରତିଭାବାନ୍ ଖେଳାଳି ୨୦୧୨ରେ ରାଜ୍ୟର ୨ୟ ଖେଳାଳି ଭାବେ ସମ୍ମାନଜନକ ଫିଡେ ମାଷ୍ଟର ଟାଇଟଲ ଲାଭ କରିଥିଲେ । ବର୍ତ୍ତମାନ ଆଇଆଇଟି ଖଡ଼ଗପୁରରେ ଅଧ୍ୟୟନ କରୁଛନ୍ତି ।

## ସଫଳତା ପଥେ ଋତୁମ୍ବରା

ଯାତ୍ରା ତାଙ୍କର ପଳାଶୁଣୀରୁ ଫିଲିପାଇନ୍ସ। ଭୁବନେଶ୍ୱରର ପଳାଶୁଣୀରେ ରହୁଥିବା ଋତୁମ୍ବରା ୨୦୧୧ରେ ଫିଲିପାଇନ୍ସଠାରେ ଅନୁଷ୍ଠିତ ଏସୀୟ ଯୁବ ଚେସ୍‌ରେ ୧୦ ବର୍ଷରୁ କମ୍ ବାଳିକା ବିଭାଗରେ ସ୍ୱର୍ଣ୍ଣପଦକ ଜିଣି ଅନ୍ତର୍ଜାତୀୟ ସ୍ତରରେ ପାଦ ଥାପିଥିଲେ । ସମ୍ମାନଜନକ ମହିଳା 'ଫିଡେ ମାଷ୍ଟର ଟାଇଟଲ ହାସଲ କରିବାରେ ସେ ଥିଲେ ରାଜ୍ୟର ପ୍ରଥମ ମହିଳା ଖେଳାଳି। ୨୦୧୨ ମସିହାରେ ଏସୀୟ ସ୍କୁଲ ଚେସ୍‌ରେ ରୌପ୍ୟ ପଦକ ଓ ଜାତୀୟ ସ୍କୁଲ ଚେସ୍‌ରେ ରୌପ୍ୟ ପଦକ ଜିଣି ଓଡ଼ିଶା ଚେସ୍‌ର ଜଣେ ତରୁଣ ମହିଳା ଖେଳାଳି ଭାବେ ନିଜକୁ ପ୍ରତିଷ୍ଠିତ କରାଇପାରିଛନ୍ତି। ଜାତୀୟ ୧୯ବର୍ଷରୁ କମ୍ ବାଳିକାରେ ରୌପ୍ୟ (୨୦୧୬) ଓ ଜାତୀୟ ସ୍କୁଲ ଚେସ୍‌ରେ ସ୍ୱର୍ଣ୍ଣପଦକ (୨୦୧୮) ତଥା ବିଶ୍ୱ ଯୁବଚେସ୍‌ରେ ଭାଗନେଇ ସଫଳତା ପାଉଥିବା ଋତୁମ୍ବରା ବର୍ତ୍ତମାନ ଡିପିଏସ୍ କଳିଙ୍ଗାରେ ଅଧ୍ୟୟନରତ।

('ଓଡ଼ିଶା ଚେସ୍‌ର ତରୁଣ ତାରକା' ଭାଗ-୩ରେ ସ୍ୱାରକୀ ମହାନ୍ତି, ଅପରାଜିତା ଗୋଚ୍ଛିକାର, ଅନ୍ୱେଷା ମିଶ୍ର, ଆଦ୍ୟାଶା ମହାପାତ୍ର, ରୁଦ୍ରାକ୍ଷ ପରିଡ଼ା ପ୍ରଭୃତି ଖେଳାଳିଙ୍କ ସମ୍ପର୍କରେ ଉଲ୍ଲେଖ ରହିବ)।

-ସତ୍ୟରଞ୍ଜନ ପଟ୍ଟନାୟକ

## ସୁଲକ୍ଷଣା ସାଇନା

**କେ**ନ୍ଦୁଝରର ସୁଲଣ ଗ୍ରାମର ସୁଲକ୍ଷଣା ଝିଅ ସାଇନା । ସେଦିନ ଥିଲା ସୋମବାର ଡିସେମ୍ବର ୩୦ ତାରିଖ ୨୦୧୩ ମସିହା । ସକାଳୁ ସକାଳୁ କଅଁଳ ଖରାରେ ଭିଡ଼ ଜମିଯାଇଥିଲା ବିଜୁ ପଟ୍ଟନାୟକ ବିମାନବନ୍ଦରରେ । ଅତି ସୁସଜ୍ଜିତ ଖୋଲା ଜିପ୍, ଚେସ୍ ଖେଳାଳି, ଗଣମାଧ୍ୟମ ପ୍ରତିନିଧି, ଅଭିଭାବକ, କୋଚ, ଚେସ୍ ପ୍ରଶାସକ, ରାଜ୍ୟ କ୍ରୀଡ଼ା ବିଭାଗର କର୍ମକର୍ତ୍ତା ଓ ପରିବାରବର୍ଗ ସମସ୍ତେ ଅପେକ୍ଷା କରିଥିଲେ ଜଣେ ଚର୍ଚ୍ଚିତ ବିଶ୍ୱ ଚେସ୍ ଚାମ୍ପିୟନଙ୍କୁ ସ୍ୱାଗତ କରିବାପାଇଁ। ସେତେବେଳକୁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭ ଅଭିନନ୍ଦନ ମିଳିସାରିଥିଲା। ସେଠାରେ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ ଚୁଡ଼ା ପାଉଡର ଝିଅ ସାଇନା ସାଲୋନିକା। ସଫଳତା ଥିଲା ୟୁଏଇଠାରେ ୧୦ ବର୍ଷରୁ କମ୍ ବିଶ୍ୱ ଯୁବ ଚେସ୍‌ରେ ବିରଳ ବିଶ୍ୱ ଚେସ୍ ଚାମ୍ପିୟନ ହେବା। ଏହାଦ୍ୱାରା ସେ ଯେ କେବଳ ରାଜ୍ୟକୁ ଗର୍ବିତ କରିଥିଲେ ତା' ନୁହେଁ, ବରଂ ଓଡ଼ିଶାର ଚେସ୍ ମାନଚିତ୍ରକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ସହ ଭାରତର ଗୌରବ ମଧ୍ୟ ବଢ଼ାଇଥିଲେ । ଜନ୍ମ ୫ ଅଗଷ୍ଟ,୨୦୦୩, ବୟସ ୧୬। ଏତେ କୋମଳ ବୟସରେ କିନ୍ତୁ ସାଇନା ସାଉଁଟି ଆଣିଛନ୍ତି ଅନେକ ସଫଳତା। ତାଙ୍କପାଇଁ ନିଜର ପରିବାର, ଶୁଭେଚ୍ଛୁ ଓ ରାଜ୍ୟବାସୀ ଗୌରବାନ୍ୱିତ । ନିଜ ଲକ୍ଷ୍ୟପଥରେ ନିର୍ବିକାର ଭାବରେ ଆଗେଇ ଚାଲିଥିବା ଏହି ପ୍ରତିଭାମୟୀ ବାଳିକା ପୋତି ଚାଲିଛନ୍ତି ଗୋଟିଏ ପରେ ଗୋଟିଏ ସଫଳତାର ମାଇଲଖୁଣ୍ଟ । ୨୦୧୦ରେ ରାଜ୍ୟ ୭ ବର୍ଷରୁ କମ୍ ବାଳିକା ବିଭାଗରେ ଚାମ୍ପିୟନ ହୋଇ ନିଜର ଶୁଭ ଇନିଂସ ଆରମ୍ଭ କରିଥିଲେ ସାଇନା । ମାତ୍ର ୭ ବର୍ଷ ୧୦ ମାସରେ ରାଜ୍ୟର ସର୍ବକନିଷ୍ଠା ମହିଳା ଅନ୍ତର୍ଜାତୀୟ ଏଲୋ ରେଟେଡ୍ ଖେଳାଳି ହେବା, ପ୍ରଥମ ମହିଳା କାଣ୍ଡିଡେଟ୍ ମାଷ୍ଟର ହେବା, ଏସୀୟ ସ୍କୁଲ ଚେସ୍ ଟାଇଟଲ ହାସଲ କରିବା, ଜାତୀୟ ସ୍କୁଲ ଚେସ୍ ଚାମ୍ପିୟନ ହେବା ପ୍ରଭୃତି ତାଙ୍କୁ ରାଜ୍ୟର ସର୍ବକନିଷ୍ଠା ଚେସ୍ ଖେଳାଳି ଭାବେ ଅନେକ ରେକର୍ଡର ଅଧିକାରିଣୀ କରିଥିଲା । ବିଶ୍ୱ ଯୁବ ଚେସ୍‌ର ୮ ବର୍ଷରୁ କମ୍‌ରେ ବ୍ରୋଞ୍ଜ, ଏସିଆନ ସ୍କୁଲ ବ୍ଲିଜ୍‌ରେ ସ୍ୱର୍ଣ୍ଣ ପ୍ରଭୃତି ତାଙ୍କ ଆତ୍ମବିଶ୍ୱାସକୁ ଦୃଢ଼ କରିଛି। ତାଙ୍କର ଏହି ସଫଳତା ପାଇଁ କିଟ୍ ଅନ୍ତର୍ଜାତୀୟ ସ୍କୁଲରେ ମାଗଣାରେ ପଢ଼ିବା ସହ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପୁରସ୍କାର ଓ ସମ୍ମାନ ହାସଲ କରିବା ସାଇନା ଏବଂ ତାଙ୍କ ପରିବାରଙ୍କୁ ଯେତିକି ଗର୍ବିତ ନ କରିଛି ଓଡ଼ିଶା ଚେସ୍‌ର ଆଗାମୀ ପିଢ଼ିର ନୂଆ କୁନି କୁନି ଖେଳାଳଙ୍କୁ ଆଶାରେ ଆଲୋକ ଯୋଗାଇଛି । ୧୫ବର୍ଷରୁ କମ୍ ବାଳିକାରେ ବ୍ରୋଞ୍ଜ, ରାଜ୍ୟଗୋଷ୍ଠୀ ଚେସ୍‌ରେ ସ୍ୱର୍ଣ୍ଣ ଏବଂ ୧୩ ବର୍ଷରୁ କମ୍ ବିଭାଗରେ ରୌପ୍ୟପଦକ ଜିତି ସେ ସଫଳତାର ଫର୍ଦ୍ଦ ପରେ ଫର୍ଦ୍ଦ ଲେଉଟାଇ ଚାଲିଛନ୍ତି । ଓଡ଼ିଶା ଚେସ୍‌ର ଭବିଷ୍ୟତ କୁହାଯାଉଥିବା ସୁନା ଝିଅ ସାଇନା ନିଜର ଅନନ୍ୟ ପ୍ରତିଭା ପାଇଁ ୨୦୧୪ ନଭେମ୍ବର ୧୪ରେ ଶିଶୁଦିବସ ଅବସରରେ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କଠାରୁ 'ରାଷ୍ଟ୍ରୀୟ ବାଲ୍ ପୁରସ୍କାର' ପାଇଥିଲେ। ଏଥିପାଇଁ ବ୍ୟକ୍ତିଗତଭାବେ ସାଇନା ବେଶ୍ ଚର୍ଚ୍ଚାରେ ରହିଥିବାବେଳେ ରାଜ୍ୟ ଚେସ୍ ମହଲ ମଧ୍ୟ ଏହି ସୁନା ଝିଅଙ୍କ ପାଇଁ ଗର୍ବିତ ହୋଇଥିଲା।




# ଆସୁଛି ଆଇପିଏଲ୍

ଆସୁଛି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୨ତମ ସଂସ୍କରଣ। ବିଶ୍ୱର ସବୁଠାରୁ ଲୋକପ୍ରିୟ ଏହି ଟି୨୦ ଲିଗ୍ ପାଇଁ ସ୍ୱାଭାବିକ ଭାବେ କ୍ରିକେଟପ୍ରେମୀ ମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧିପାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ମାନସ ପ୍ରସୂତ କ୍ରିକେଟର ଏହି ସଂକ୍ଷିପ୍ତ ଫର୍ମାଟ ୨୦୦୭-୦୮ ସିଜନରୁ ଆରମ୍ଭ ହୋଇଥିଲା। ଏହାର ସଫଳତାକୁ ଦେଖି ଅନ୍ୟ ଦେଶଗୁଡ଼ିକ ଯଦିଓ ଏପରି ଟି୨୦ ଲିଗ୍ ଆରମ୍ଭ କରିଛନ୍ତି ତେବେ ଆଇପିଏଲ୍ ତୁଳନାରେ ସଫଳତା ପାଇନାହାନ୍ତି। ଅନୁଶାସନ, ଗ୍ଲାମର, ଅର୍ଥ, ବିଦେଶୀ ଖେଳାଳିଙ୍କ ଅଂଶଗ୍ରହଣ, ଫ୍ରାଞ୍ଚାଇଜ ଏବଂ ବିଜ୍ଞାପନ କମ୍ପାନୀଗୁଡ଼ିକର ସହଯୋଗ ମାଧ୍ୟମରେ ସଫଳତାର ପାହାଚ ଚଢ଼ି ଏହା ବିଶ୍ୱର ୧ନଂ ଲିଗ୍ ପରିଣତ ହୋଇଛି। ଏହାର ଚମକ ଆଗରେ ବାଂଲାଦେଶ ପ୍ରିମିୟର ଲିଗ୍, ପାକିସ୍ତାନ ସୁପର ଲିଗ୍, ଶ୍ରୀଲଙ୍କାନ୍ ପ୍ରିମିୟର ଲିଗ୍ ଏବଂ କାରବିୟାନ୍ ପ୍ରିମିୟର ଲିଗ୍ ଗୁଡ଼ିକ ଫିକା ପଡ଼ିଛି। ଖେଳାଳି ନିଲାମ ପ୍ରକ୍ରିୟାରେ ଅନିୟମିତତା, ଅନ୍ତର୍ଜାତୀୟ କ୍ରିକେଟ୍ କାର୍ଯ୍ୟସୂଚୀ ପ୍ରଭାବିତ ହେବା, ଅତ୍ୟଧିକ ଗ୍ଲାମର, ୮-୧୦ଟି ଟିମ୍ ମଧ୍ୟରେ ଲିଗ୍‌କୁ ସୀମିତ ରଖିବା, ନୂତନ ଫ୍ରାଞ୍ଚାଇଜମାନଙ୍କୁ ସୁଯୋଗ ନ ଦେବା ଏବଂ ମ୍ୟାଚ ଫିକ୍ସିଂ କଳଙ୍କ ପରି ଅନେକ ସମସ୍ୟା ଥିଲେ ମଧ୍ୟ ବିସିସିଆଇର କଡ଼ା ଆଭିମୁଖ୍ୟ ଏହାକୁ ବେଶ୍ ସଫଳ କରିପାରିଛି। ଏପରି ଏକ ଲିଗ୍ ଆୟୋଜନ ଯୋଗୁ ଅନେକ ଯୁବଖେଳାଳି ସୃଷ୍ଟି ହେଉଥିବା ବେଳେ ୩ ଫର୍ମାଟ ପାଇଁ ଖେଳାଳି ଚୟନ ପ୍ରକ୍ରିୟା ବେଶ୍ ସହଜ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ଲିଗ୍ ବିଶ୍ୱର ସବୁ ଦେଶର ଯୁବ ଏବଂ ଅଭିଜ୍ଞ ଖେଳାଳିମାନଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିବାକୁ ସକ୍ଷମ ହୋଇଛି।

ଆଇପିଏଲ୍‌ର ୧୨ତମ ସଂସ୍କରଣକୁ ସଫଳତାର ସହିତ ଆୟୋଜନ କରିବାକୁ ବିସିସିଆଇ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଫ୍ରାଞ୍ଚାଇଜମାନଙ୍କ ଦ୍ୱାରା ଖେଳାଳି ବିଡିଂ ପ୍ରକ୍ରିୟା ଜୟପୁରଠାରେ ୧୮ଡିସେମ୍ବର ୨୦୧୮ରେ ସମାପ୍ତ ହୋଇଥିବା ବେଳେ ଆଗାମୀ ଲିଗ୍ ୮ ଦଳ ବିଶିଷ୍ଟ ହେବ ବୋଲି ବିସିସିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ଲିଗ୍ ପ୍ରକୃତରେ ମାର୍ଚ୍ଚ ୨୯ରେ ଆରମ୍ଭହୋଇ ମେ' ୧୯ରେ ଶେଷ ହେବାର ଥିଲା। ମାତ୍ର ଦେଶରେ ଆଗାମୀ ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି ବିଭିନ୍ନ ରାଜ୍ୟ ଆସୋସିଏଶନଗୁଡ଼ିକ ନିରାପତ୍ତା ଦୃଷ୍ଟିରୁ ଏହାର ସଫଳ ଆୟୋଜନ ପାଇଁ ଅକ୍ଷମତା ପ୍ରକାଶ କରିବା ଦ୍ୱାରା ବିସିସିଆଇ ଏବଂ ଟେକ୍ନିକାଲ କମିଟି ଏହାର କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିଛି। ଫଳରେ ପ୍ରଥମ ଦୁଇ ସପ୍ତାହ ମ୍ୟାଚ ପାଇଁ ବିସିସିଆଇ ପକ୍ଷରୁ କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ପ୍ରତିଯୋଗିତା ମାର୍ଚ୍ଚ ୨୩ରୁ ଆରମ୍ଭ ହେବ। ଏହାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟସୂଚୀ ପରେ ପ୍ରକାଶିତ ହେବ। କାର୍ଯ୍ୟସୂଚୀ ଅନୁସାରେ ମାର୍ଚ୍ଚ ୨୩ରୁ ଏପ୍ରିଲ ୫ ମଧ୍ୟରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୫ଟି ଲେଖାଏ ଏବଂ ଅନ୍ୟ ୬ଟି ଦଳ ୪ଟି ଲେଖାଏ ମ୍ୟାଚ୍ ଖେଳିବେ। ସେହି ଅନୁସାରେ ଦିଲ୍ଲୀ ଏବଂ ବାଙ୍ଗାଲୋର ଦଳ ୩ଟି ଲେଖାଏ ଏବଂ ଅନ୍ୟ ଦଳଗୁଡ଼ିକ ୨ଟି ଲେଖାଏ ମ୍ୟାଚ୍ ହୋମ୍ ଭେନ୍ୟୁରେ ଖେଳିବେ। ଆଗାମୀ ସଂସ୍କରଣରେ ଭାଗନେବାକୁ ଯାଉଥିବା ୮ଦଳ ହେଲେ ଚେନ୍ନାଇ ସୁପର କିଙ୍ଗ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ମୁମ୍ବାଇ ଇଣ୍ଡିଆନ୍ସ, ଦିଲ୍ଲୀ କ୍ୟାପିଟାଲ୍ସ, କୋଲକାତା ନାଇଟ୍ ରାଇଡର୍ସ, ରାଜସ୍ଥାନ ରୟାଲ୍ସ, କିଙ୍ଗ୍ସ ଇଲେଭେନ୍ ପଞ୍ଜାବ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ୍।

୨୦୦୯ରେ ଦେଶରେ ସାଧାରଣ ନିର୍ବାଚନ ଦୃଷ୍ଟିରୁ ଆଇପିଏଲ୍‌ର ୨ୟ ସଂସ୍କରଣ ନିରାପତ୍ତା ଏବଂ ସୁରକ୍ଷା ଦୃଷ୍ଟିରୁ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହୋଇଥିଲା। ସେହିପରି ୨୦୧୪ରେ କିଛି ମ୍ୟାଚ୍ ୟୁଏଇରେ ଖେଳାଯାଇଥିଲା। ମାତ୍ର ଏଥର ସେପରି କିଛି ସମ୍ଭାବନା ନାହିଁ ବୋଲି ବିସିସିଆଇ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ଫ୍ରାଞ୍ଚାଇଜମାନେ ସେମାନଙ୍କର ହୋମ୍ ଭେନ୍ୟୁ ଘୋଷଣାକରି ସାରିଛନ୍ତି। ଚିନ୍ନାସ୍ୱାମୀ ଷ୍ଟାଡିୟମ(ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ଦର୍ଶକ ସଂଖ୍ୟା ୩୫୦୦୦), ଇଡେନ୍ ଗାର୍ଡେନ (କୋଲକାତା ନାଇଟ୍ ରାଇଡର୍ସ, ୬୮୦୦୦), ୱାଙ୍ଖେଡେ ଷ୍ଟାଡିୟମ (ମୁମ୍ବାଇ ଇଣ୍ଡିଆନ୍ସ, ୩୩୦୦୦), ଫିରୋଜ ଶାହ କୋଟ୍‌ଲା (ଦିଲ୍ଲୀ କ୍ୟାପିଟାଲ୍ସ, ୪୧୦୦୦), ରାଜୀବ ଗାନ୍ଧୀ ଇଣ୍ଟରନାଶନାଲ ଷ୍ଟାଡିୟମ (ସନ୍‌ରାଇଜର୍ସ ହାଇଦ୍ରାବାଦ, ୫୫୦୦୦), ସାୱାଇ ମାନସିଂ ଷ୍ଟାଡିୟମ (ରାଜସ୍ଥାନ ରୟାଲ୍ସ, ୨୫୦୦୦), କିଙ୍ଗ୍ସ ଏକାଦଶ ପଞ୍ଜାବ (ମୋହାଲି, ୨୬୦୦୦), ଚିଦାମ୍ବରମ ଷ୍ଟାଡିୟମ (ଚେନ୍ନାଇ ସୁପର କିଙ୍ଗ୍ସ. ୩୯୦୦୦)।

ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୩ଥର ୨୦୧୩, ୨୦୧୫ ଏବଂ ୨୦୧୭ ଚାମ୍ପିୟନ ହୋଇଥିବା ବେଳେ ସେମାନଙ୍କର ବିଜୟଧାରା ୫୭.୦୧ ପ୍ରତିଶତ ରହିଛି। ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଯୁବରାଜ ସିଂ, ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ୍ ବୁମ୍‌ରା, କୃନାଲ ପାଣ୍ଡ୍ୟା, କେରନ୍ ପୋଲାର୍ଡ, ବେନ୍ କଟିଂ, ଜେପି ଡୁମିନି, ପ୍ୟାଟ କୁମିନ୍ସ, ମୁସ୍ତାଫିଜୁର ରହମନଙ୍କ ପରି ଖେଳାଳ ଏହି ଦଳରେ ରହିଛନ୍ତି। ସେହିପରି ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର କିଙ୍ଗ୍ସ ୩ଥର ଚାମ୍ପିୟନ (୨୦୧୦, ୨୦୧୧, ୨୦୧୮) ଏବଂ ୪ଥର ରନର୍ସ ଅପ୍ ହୋଇଛି। ଏହାର ବିଜୟ ହାର ୬୧.୫୬ । ଦଳରେ ଅଲରାଉଣ୍ଡର ଭରପୂର ରହିଥିବା ବେଳେ ସେମାନଙ୍କ ମଧ୍ୟରେ ଫାଫ୍ ଡୁପ୍ଲେସି, ସେନ୍ ୱାଟସନ୍, ମିଚେଲ ସାଣ୍ଟନର, ଡାରେନ ବ୍ରାଭୋ, ସାମ୍ ବିଲିଙ୍ଗସ୍, ଇମ୍ରାନ ତାହିର, ସୁରେଶ ରାଇନା, ମୁରଲୀ ବିଜୟ, କେଦାର ଯାଦବ, ଡେଭିଡ୍ ୱିଲିଙ୍କ ପରି ଖେଳାଳି ରହିଛନ୍ତି। ଚେନ୍ନାଇ ଦର୍ଶକମାନଙ୍କର ସବୁଠାରୁ ପ୍ରିୟ ଦଳ ଭାବେ ଚର୍ଚ୍ଚାରେ ରହିଛି। ମାର୍ଚ୍ଚ ୨୩ରେ ବାଙ୍ଗାଲୋରଠାରେ ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ। ଲିଗ୍‌ର ଉଦ୍‌ଘାଟନୀ ଉତ୍ସବ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ସେଥିପାଇଁ ଖର୍ଚ୍ଚ ହେବାକୁ ଥିବା ୫କୋଟି ଟଙ୍କାକୁ ପୁଲୱାମା ଆତଙ୍କବାଦୀ ଆକ୍ରମଣର ଶିକାର ହୋଇଥିବା ଶହୀଦମାନଙ୍କୁ ଦେବାକୁ ଘୋଷଣା କରାଯାଇଛି।

ଇତିମଧ୍ୟରେ ବିସିସିଆଇ କାର୍ଯ୍ୟକାରୀ ସଭାପତି ସି.କେ. ଖାନ୍ନାଙ୍କର ବାରବାଟୀ ଷ୍ଟାଡିୟମ ପରିଦର୍ଶନ କ୍ରିକେଟପ୍ରେମୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି। ଭେନ୍ୟୁ ପାଇଁ ଚିନ୍ତାରେ ଥିବା ବିସିସିଆଇ ଯଦି କିଛି ମ୍ୟାଚ୍ ବାରବାଟୀରେ ଆୟୋଜନ କରିବାର ସୁଯୋଗ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)କୁ ଦିଏ ତେବେ ବହୁଦିନ ପରେ ଓଡ଼ିଆ ଦର୍ଶକ ଅତି ନିକଟରୁ ଆଇପିଏଲ୍ ମ୍ୟାଚ ଉପଭୋଗ କରିପାରିବେ।

-ନିର୍ମଳ କୁମାର ମିଶ୍ର

### ଫଳାଫଳ

| ସିଜନ | ଚାମ୍ପିୟନ | ରନର୍ସଅପ୍ |
|---|---|---|
| ୨୦୦୮ | ରାଜସ୍ଥାନ ରୟାଲ୍ସ | ଚେନ୍ନାଇ ସୁପରକିଙ୍ଗ୍ସ |
| ୨୦୦୯ | ଡେକାନ ଚାର୍ଜର୍ସ | ରୟାଲ ଚ୍ୟାଲେଞ୍ଜର୍ସ |
| ୨୦୧୦ | ଚେନ୍ନାଇ ସୁପରକିଙ୍ଗ୍ସ | ମୁମ୍ବାଇ ଇଣ୍ଡିଆନ୍ସ |
| ୨୦୧୧ | ଚେନ୍ନାଇ ସୁପରକିଙ୍ଗ୍ସ | ରୟାଲ ଚ୍ୟାଲେଞ୍ଜର୍ସ |
| ୨୦୧୨ | ନାଇଟ ରାଇଡର୍ସ | ଚେନ୍ନାଇ ସୁପରକିଙ୍ଗ୍ସ |
| ୨୦୧୩ | ମୁମ୍ବାଇ ଇଣ୍ଡିଆନ୍ସ | ଚେନ୍ନାଇ ସୁପରକିଙ୍ଗ୍ସ |
| ୨୦୧୪ | ନାଇଟ ରାଇଡର୍ସ | କିଙ୍ଗ୍ସ ଇଲେଭେନ ପଞ୍ଜାବ |
| ୨୦୧୫ | ମୁମ୍ବାଇ ଇଣ୍ଡିଆନ୍ସ | ଚେନ୍ନାଇ ସୁପରକିଙ୍ଗ୍ସ |
| ୨୦୧୬ | ସନ୍‌ରାଇଜର୍ସ ହାଇଦ୍ରାବାଦ | ରୟାଲ ଚ୍ୟାଲେଞ୍ଜର୍ସ |
| ୨୦୧୭ | ମୁମ୍ବାଇ ଇଣ୍ଡିଆନ୍ସ | ରାଇଜିଂ ପୁଣେ ସୁପରଜ୍ୟାଣ୍ଟ୍ସ |
| ୨୦୧୮ | ଚେନ୍ନାଇ ସୁପରକିଙ୍ଗ୍ସ | ସନ୍‌ରାଇଜର୍ସ ହାଇଦ୍ରାବାଦ |

## ଏକାଗ୍ରତା

ଥ୍ରି ଫିଫ୍ଟି ଏଇଟ୍ ସ୍କୋର ଚେଜ୍ କରି
କରିଥିଲା ଭୟଭୀତ
ଘରୋଇ ମାଟିରେ ଓ୍ୱାନ୍‌ଡେ ସିରିଜରେ
କଙ୍ଗାରୁ ମାରିଲା ନାତ
ଦିଲ୍ଲୀରେ ବି କଲା ହତ
ଟିମ୍ ଇଣ୍ଡିଆର ରଥୀ ମହାରଥୀ
ଟେକି ଦେଲେ ଅବା ହାତ।
ବ୍ୟାଟିଂ, ବୋଲିଂ, ଫିଲ୍ଡିଂରେ ଫେଲ୍
ଟିମ୍ ପାରିଲାନି ଖେଳି
କଙ୍ଗାରୁ ବାଣରେ ବିରାଟ ବାହିନୀ
ଗୋଟି ଗୋଟି ଗଲେ ଟଳି
ହ୍ୟାଣ୍ଡ୍ସକମ୍ବ, ଆଷ୍ଟର୍ନ ପାଳି
ଏକାଗ୍ରତା ଥିଲେ ଆମ ଭଳି ହୁଏ
ସେହି ଲୋକ ବାହୁବଳୀ।
ସୁଇସ୍ ଟେନିସ ଖେଳାଳି ରୋଜର
ଫେଡରର ମନ ଖୁସି



ଦୁବାଇରେ ଶହେତମ ଟାଇଟଲ
ଷ୍ଟିଫାନସ ଗଲା ଫସି
ଏକାଗ୍ରତା ଥିଲେ ବିଶି
ବିଜୟ ସହଜ ହୁଅଇ ବୟସ
ହଉ ଷାଠିଏ କି ଅଶୀ।

-ସୁବାସ ଚନ୍ଦ୍ର ପ୍ରଧାନ

| Dollar | Sensex | Nifty | Gold | Silver |
|---|---|---|---|---|
| 69.34 (20) | 37,754.89 (2.72) | 11,343.25 (1.55) | 33,370.00 (₹15) | 39,300.00 (₹410) |



କର୍ମଚାରୀଙ୍କ ଫେବୃୟାରୀ ମାସ ବେତନ ଶୁକ୍ରବାର ସୁଦ୍ଧା ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି ।

– ଅନୁପମ ଶ୍ରୀବାସ୍ତବ, ଅଧ୍ୟକ୍ଷ, ବିଏସ୍ଏନ୍ଏଲ୍



ଚଳିତ ବର୍ଷ ଦେଶର ରପ୍ତାନି ୩୩୦ ବିଲିୟନ ଡଲାର ଟପିବା ନେଇ ଆଶାବାଦୀ ।

– ଅନୁପ ୱାଧୱାନ, ବାଣିଜ୍ୟ ସଚିବ

## ସଂକ୍ଷେପରେ

### ପାଇକାରୀ ମୁଦ୍ରାସ୍ଫୀତି ୨.୯୩%କୁ ବୃଦ୍ଧି

ନୂଆଦିଲ୍ଲୀ,୧୪-୩: ଫେବୃୟାରୀରେ ଖୁଚୁରା ପରେ ପାଇକାରୀ ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇଛି। ଏହା ଗତବର୍ଷର ରେକର୍ଡ ଭାଙ୍ଗିଛି। ଖାଦ୍ୟପଦାର୍ଥ, ପନିପରିବା ତଥା ଇନ୍ଧନ ମୂଲ୍ୟ ବୃଦ୍ଧି ପାଇବା କାରଣରୁ ପାଇକାରୀ ମୁଦ୍ରାସ୍ଫୀତି ୨.୯୩%କୁ ବଢ଼ିଥିବା କୁହାଯାଉଛି। ଗୁରୁବାର ଜାରି ତଥ୍ୟ ଅନୁଯାୟୀ, ଜାନୁୟାରୀରେ ପାଇକାରୀ ମୁଦ୍ରାସ୍ଫୀତି ୨.୭୬% ରହିଥିଲା। ଗତବର୍ଷ ଏହି ସମୟରେ ଏହା ୨.୭୪% ଥିଲା। ଏଥିପୂର୍ବରୁ ଉପଭୋକ୍ତା ଆଧାରିତ ଖୁଚୁରା ମୁଦ୍ରାସ୍ଫୀତି ମଧ୍ୟ ଖାଦ୍ୟପଦାର୍ଥ ମୂଲ୍ୟବୃଦ୍ଧି କାରଣରୁ ଫେବୃୟାରୀରେ ୪ ମାସର ସର୍ବୋଚ୍ଚ ସ୍ତର ୨.୫୭%ରେ ପହଞ୍ଚିଯାଇଛି। ତଥ୍ୟ ଅନୁଯାୟୀ, ପ୍ରାଥମିକ ସାମଗ୍ରୀର ମୁଦ୍ରାସ୍ଫୀତି ହାର ଜାନୁୟାରୀରେ ୩.୫୪% ତୁଳନାରେ ଫେବୃୟାରୀରେ ବୃଦ୍ଧି ପାଇ ୪.୮୪%ରେ ପହଞ୍ଚିଛି। ଆଳୁ, ପିଆଜ, ଫଳ, କ୍ଷୀର ଭଳି ରୋଷେଇରେ ଆବଶ୍ୟକ ସାମଗ୍ରୀକୁ ପ୍ରାଥମିକ ସାମଗ୍ରୀ ଭାବେ ଗଣନା କରାଯାଏ। ଏହି ଅବଧିରେ ଇନ୍ଧନ ଏବଂ ବିଜୁଳିର ମୁଦ୍ରାସ୍ଫୀତି ୨.୨୩% ବଢ଼ିଛି। ଜାନୁୟାରୀରେ ଏହା ୧.୮୫% ଥିଲା।

### ୬୦% ହ୍ରାସ ପାଇଛି ଇରାନରୁ ଭାରତକୁ ତେଲ ଆମଦାନୀ




ନୂଆଦିଲ୍ଲୀ,୧୪-୩: ଆମେରିକା ସହ ହୋଇଥିବା କଟକଣା ହ୍ରାସ ଡିଲ୍ ଅନୁଯାୟୀ ଇରାନରୁ ଭାରତର ତୈଳ ଆମଦାନୀ ବର୍ଷକୁ ବର୍ଷ ହିସାବରେ ୬୦% ହ୍ରାସ ପାଇ ଦୈନିକ ୨ ଲକ୍ଷ ୬୦ ହଜାର ବ୍ୟାରେଲରେ ପହଞ୍ଚିଛି। ସୂଚନାଥାଉ କି, ଇରାନର ପରମାଣୁ ଚୁକ୍ତିରୁ ଆମେରିକା ଓହରିଯିବା ପରେ ଏହି ଗଲ୍ଫ ଦେଶ ବିରୋଧରେ କଟକଣା ଲାଗୁ କରାଯାଇଥିଲା। ତେବେ ଭାରତ ସମେତ ୮ ରାଷ୍ଟ୍ରକୁ ଡିଲ୍ ଅନୁଯାୟୀ ଆମେରିକା କଟକଣା ହ୍ରାସ କରିଥିଲା। ସେମାନଙ୍କୁ ୬ ମାସ ପାଇଁ ଇରାନରୁ ତେଲ କିଣିବାକୁ ଆମେରିକା ଅନୁମତି ଦେଇଥିଲା। ଭାରତ ମେ ପର୍ଯ୍ୟନ୍ତ ଇରାନରୁ ଦୈନିକ ୩ ଲକ୍ଷ ବ୍ୟାରେଲ ତେଲ କିଣିପାରିବ ବୋଲି ଆମେରିକା କହିଥିଲା। ତେବେ ଇରାନରୁ ଭାରତ ଧୀରେ ଧୀରେ ତେଲ କିଣିବା କମାଇବାରେ ଲାଗିଛି। ଜାନୁୟାରୀରେ ଏହା ଯେତିକି ତେଲ କିଣିଥିଲା ଫେବୃୟାରୀରେ ତା'ଠାରୁ ୪% କମ୍ ତେଲ କିଣିଛି।

### ବିରୋଧ ଯୋଗୁ ଓଏନ୍‌ଜିସିର ୯ ତୈଳ ଭଣ୍ଡାର ବିକ୍ରି ହେଲାନି



ନୂଆଦିଲ୍ଲୀ,୧୪-୩: ମୁମ୍ବାଇ ହାଇ ସମେତ ଓଏନ୍‌ଜିସିର ୯ ବୃହତ ତୈଳ ଭଣ୍ଡାରକୁ ଘରୋଇ କମ୍ପାନୀକୁ ବିକ୍ରି କରିଦେବା ଲାଗି କେନ୍ଦ୍ର ସରକାରଙ୍କ ଯୋଜନା ଅଧାରେ ରହିଗଲା। ସରକାରଙ୍କ ମଧ୍ୟରେ ବିରୋଧ ଯୋଗୁ ଏହା ସମ୍ଭବ ହୋଇପାରିଲା ନାହିଁ। ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାରଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଉଚ୍ଚସ୍ତରୀୟ କମିଟି ଓଏନ୍‌ଜିସିର ମୁମ୍ବାଇ ହାଇ, ବସାଇ ଇଷ୍ଟ,ଡି-୧,ହୀରା, ପାନ୍ନା, ଆସାମର ଗ୍ରେଟର ଜୋରାଜାନ ଓ ଗିଲେକି,ରାଜସ୍ଥାନର ବାଘେୱାଲା ଏବଂ ଗୁଜରାଟର କାଲୋଲ ସମେତ ୯ ତୈଳ ଓ ଗ୍ୟାସ୍ ଭଣ୍ଡାରକୁ ଘରୋଇ ଅଥବା ବିଦେଶୀ କମ୍ପାନୀଙ୍କ ହାତରେ ବିକ୍ରି କରିଦେବାକୁ ସୁପାରିସ କରିଥିଲେ। ଏହି ୯ ତୈଳ ଭଣ୍ଡାର ସମେତ ସମଗ୍ର ଉତ୍ପାଦନର ୫% ଅଂଶ ବୋଲାଉଥିବା ୧୪୯ କ୍ଷୁଦ୍ର ଭଣ୍ଡାରକୁ ମଧ୍ୟ ଘରୋଇ ହାତରେ ଟେକିଦେବାକୁ ସୁପାରିସ ହୋଇଥିଲା। ତେବେ ଓଏନ୍‌ଜିସି ଓ ସରକାରଙ୍କ ଏକ ଅଂଶବିଶେଷ ଏହି ପ୍ରସ୍ତାବକୁ ବିରୋଧ କରିଥିଲେ।

■ ବୋଇଂ ୭୩୭ ମ୍ୟାକ୍ସର ଉଡ଼ାଣ କଟକଣା

# ବିମାନ ଭଡ଼ା ୧୦୦% ବୃଦ୍ଧି

■ ହୋଲି ଓ ଖରାଦିନ ଛୁଟି ଯୋଗୁ ବିମାନ ଟିକେଟ ଚାହିଦା ବୃଦ୍ଧି

■ ବିମାନ ଯାତ୍ରା ବାତିଲ ଯୋଗୁ ଟିକେଟ ଚାହିଦା ବଢ଼ୁଛି



ନୂଆଦିଲ୍ଲୀ,୧୪-୩

କେନ୍ଦ୍ର ସରକାର ବୋଇଂ ୭୩୭ ମ୍ୟାକ୍ସ ବିମାନ ଉଡ଼ାଣ ଉପରେ କଟକଣା ଜାରି କରାଯିବା ସହିତ ଅନ୍ୟ କେତେକ କାରଣରୁ ବିମାନ ଭଡ଼ା ହୁହୁ ହୋଇ ବଢ଼ିବାରେ ଲାଗିଛି। କିଛି ରୁଟ୍‌ରେ ବିମାନ ଯାତ୍ରୀ ଭଡ଼ା ପ୍ରାୟ ୧୦୦% ବୃଦ୍ଧି ପାଇଥିବା ଦେଖାଯାଇଛି।

ଇଣ୍ଡିଗୋ ସହ ପ୍ରତିଷ୍ଠାତା ଏବଂ ସିଇଓ ଆଲୋକ ବାଜପେୟୀ କହିଛନ୍ତି ଯେ, ବିଭିନ୍ନ କାରଣରୁ ବହୁଳ ସଂଖ୍ୟାରେ ବିମାନ ଛିଡ଼ା ହେବାରୁ ଆସନ ସଂଖ୍ୟା କମିଛି। ଫଳରେ ଯାତ୍ରୀ ଭଡ଼ା ଅଚାନକ ବଢ଼ିବାରେ ଲାଗିଛି। ବୁଧବାର ଦିଲ୍ଲୀ-ମୁମ୍ବାଇ, ମୁମ୍ବାଇ-ଚେନ୍ନାଇ, ମୁମ୍ବାଇ-କୋଲକାତା ଏବଂ ମୁମ୍ବାଇ-ବେଙ୍ଗାଲୁରୁର ବିମାନ ଭଡ଼ା ଗତ ବର୍ଷ ତୁଳନାରେ ଦୁଇଗୁଣା ହୋଇଛି। ସେ କହିଛନ୍ତି ଯେ, ମୁମ୍ବାଇ-ଚେନ୍ନାଇର ସ୍ପଟ୍ ଭଡ଼ା ୨୬,୦୭୩ ଟଙ୍କାରେ ପହଞ୍ଚିଯାଇଛି, ଯାହାକି ଗତବର୍ଷର ଏହି ସମୟରେ ମାତ୍ର ୫,୩୬୯ ଟଙ୍କା ଥିଲା। ହୋଲି ପର୍ବ ନିକଟତର ହେଉଥିବା ବେଳେ ସ୍କୁଲଗୁଡ଼ିକରେ ଖରାଦିନ ଛୁଟି ଯୋଗୁ ଯାତ୍ରୀମାନେ ବର୍ତ୍ତମାନ ମହଙ୍ଗା ଟିକେଟ କିଣିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପକ୍ଷରେ ଯାତ୍ରା ଡଟ୍ କମ୍ ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ଯାତ୍ରାର ଠିକ୍ ପୂର୍ବରୁ ଟିକେଟ ନେବା କ୍ଷେତ୍ରରେ ବୁଧବାର ଭଡ଼ା ଦୁଇଗୁଣାରୁ ଅଧିକ ହୋଇଛି। ଗତ ବର୍ଷ ତୁଳନାରେ ଉକ୍ତ ରୁଟ୍‌ରେ ଗୁରୁବାର ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ତଥ୍ୟରୁ ଜଣାପଡିଛି ଯେ, ଗୁରୁବାର ମୁମ୍ବାଇ-ଚେନ୍ନାଇ ରୁଟ୍‌ରେ ଟିକେଟ ମୂଲ୍ୟ ବୃଦ୍ଧି ପାଇ ୨୦,୩୨୯ ଟଙ୍କା ହୋଇଛି। ଗତ ବର୍ଷ ଏହି ଦିନରେ ଯାତ୍ରାର ଠିକ୍ ପୂର୍ବରୁ ଟିକେଟ ଦାମ୍ ମାତ୍ର ୫,୬୭୧ ଟଙ୍କା ଥିଲା। ସେହିପରି ମୁମ୍ବାଇ-ଦିଲ୍ଲୀ ରୁଟ୍‌ରେ ଯାତ୍ରାର ଠିକ୍ ପୂର୍ବରୁ ଟିକେଟ ନେଲେ ୧୩,୪୯୫ ଟଙ୍କା ଦେବାକୁ ପଡିଛି, ଯାହା ଗତବର୍ଷର ଦରଠାରୁ ୧୩୭ ପ୍ରତିଶତ ଅଧିକ। ସୂଚନାଥାଉ କି, ଇଥିଓପିୟାନ ଏୟାରଲାଇନ୍ସରର ଏକ ୭୩୭ ମ୍ୟାକ୍ସ ୮ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ସମସ୍ତ ୧୫୭ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ବୋଇଂ ୭୩୭ ମ୍ୟାକ୍ସ ୮ ବିମାନର ଉଡ଼ାଣ ଉପରେ କଟକଣା ଲାଗୁ କରିଥିଲେ। ସ୍ପାଇସଜେଟ୍ ନିକଟରେ ଏଭଳି ୧୨ ବିମାନ ରହିଥିବାରୁ ଏହା ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କେବଳ ବୋଇଂ ବିମାନ ଯୋଗୁ ନୁହେଁ ଅନ୍ୟ କେତେକ କାରଣ ଯୋଗୁ ମଧ୍ୟ ବିମାନ ଭଡ଼ା ବଢ଼ିବାରେ ଲାଗିଛି। ବୁଧବାର ସ୍ପାଇସଜେଟ ୧୪ ବିମାନ ଉଡ଼ାଣକୁ ରଦ୍ଦ କରିଛି। ଗୁରୁବାର ସୁଦ୍ଧା ଏହା ୩୨ରେ ପହଞ୍ଚିଲାଣି। ଅନ୍ୟପକ୍ଷରେ ବକେୟା ପ୍ରଦାନରେ ବିଳମ୍ବ ହେତୁ ଜେଟ୍ ଏୟାରୱେଜର ୩୨ ବିମାନ ଛିଡ଼ା ହେଲାଣି। ଏହାଛଡ଼ା ଯନ୍ତ୍ରାଂଶ ଏବଂ ପାଇଲଟ ସମେତ ଅନ୍ୟାନ୍ୟ କେତେକ କାରଣ ଯୋଗୁ ପ୍ରାୟ ୫୦ ବିମାନର ଉଡ଼ିବା ବନ୍ଦ ହୋଇଛି। ବିମାନ ଅଭାବ କାରଣରୁ ଯାତ୍ରା ଉପରେ ଘୋର ପ୍ରଭାବ ପଡୁଛି। ହୋଲି ପର୍ବ ଯୋଗୁ ଟ୍ରେନ ଓ ବସରେ ଭିଡକୁ ଲକ୍ଷ୍ୟ କରି ଲୋକେ ବିମାନ ଉପରେ ଅଧିକ ଭରସା କରୁଥିବା ବେଳେ ଭଡ଼ା ବୃଦ୍ଧି ସେମାନଙ୍କ ମୁଣ୍ଡବ୍ୟଥା ବଢ଼ାଇ ଦେଇଛି। ବେସାମରିକ ବିମାନ ଚଳାଚଳ ସଚିବ ପ୍ରଦୀପ ସିଂ ଖାରୋଲା କହିଛନ୍ତି ଯେ, ବିକଟ ପରିସ୍ଥିତିର ଫାଇଦା ଉଠାଇ ବିମାନ କମ୍ପାନୀଗୁଡ଼ିକ ଯାତ୍ରୀଙ୍କୁ ନ ଲୁଟିବାକୁ ସେ ପରାମର୍ଶ ଦେଇଛନ୍ତି।

## ୪୨ ଲକ୍ଷ କୋଟିର ବିମାନ ବିକ୍ରି ଝୁଲିଲା

ନୂଆଦିଲ୍ଲୀ,୧୪-୩

ବୋଇଂ ୭୩୭ ମ୍ୟାକ୍ସ ବିମାନ କ୍ରମାଗତ ଦୁର୍ଘଟଣାର ଶିକାର ହେବା ପରେ ସାରା ବିଶ୍ୱରେ ଏହାକୁ ନେଇ ଭୟ ସୃଷ୍ଟି ହୋଇଛି। ଏହି ବିମାନ ଚଳାଚଳ ଉପରେ ଏବେ ସାରା ବିଶ୍ୱରେ କଟକଣା ଲାଗିଛି ଅଥବା ଲାଗୁଛି। ବୋଇଂ କମ୍ପାନୀର ଏହି ସ୍ୱତନ୍ତ୍ର ଧରଣର ବିମାନ କିଣିବା ଲାଗି ପୂର୍ବରୁ ଆଗ୍ରହ ଦେଖାଇଥିବା ଦେଶଗୁଡ଼ିକ ଏବେ ନିଜ ନିଷ୍ପତ୍ତିର ପୁନର୍ବିଚାର ଆରମ୍ଭ କରିଛନ୍ତି। ଫଳରେ କମ୍ପାନୀକୁ ମିଳିଥିବା ୪୨ ଲକ୍ଷ କୋଟି ଟଙ୍କାର ବିକ୍ରି ନିର୍ଦ୍ଦେଶ ଏବେ ଝୁଲିଗଲାଣି। କେହି ଏବେ ଏହି ବିମାନ କିଣିବାକୁ ଆଗଭର ହେଉ ନ ଥିବାରୁ ବୋଇଂର ଚିନ୍ତା ବଢ଼ିଯାଇଛି। ନିକଟରେ ଇଥିଓପିଆ ଏୟାରଲାଇନ୍ସର ବୋଇଂ ୭୩୭ ମ୍ୟାକ୍ସ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପରେ ସମସ୍ତଙ୍କ ଚେତା ପଶିଛି। ଅକ୍ଟୋବର ପରେ ଏହା ଦ୍ୱିତୀୟ ବିମାନ ଦୁର୍ଘଟଣା। ବୋଇଂ ୭୩୭ ମ୍ୟାକ୍ସ ବିମାନ ଦୁର୍ଘଟଣା ପରେ ବିୟତଜେଟ ଏଭିଏଶନ ନିଜ ନିଷ୍ପତ୍ତିର ପୁନର୍ବିଚାର କରିବ ବୋଲି କହିଛି। ଗତ ମାସରେ ଏହା ୨୫ ବିଲିୟନ ଡଲାର ମୂଲ୍ୟର ବିମାନ କିଣିବ ବୋଲି ଘୋଷଣା କରିଥିଲା।



## ତନିଷ୍କ ପକ୍ଷରୁ ଗ୍ରାଣ୍ଡ ଅଫର

ଭୁବନେଶ୍ୱର,୧୪-୩(ବ୍ୟୁରୋ)

ପ୍ରମୁଖ ଗହଣା ବ୍ରାଣ୍ଡ ତନିଷ୍କ ଏହାର ୨୧ତମ ବାର୍ଷିକ ଉତ୍ସବ ପାଳନ ଅବସରରେ 'ଗ୍ରାଣ୍ଡ ଉତ୍ସବ' ସମ୍ପର୍କରେ ଘୋଷଣା କରିଛି। ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ଶୋ'ରୁମରେ ଟାଇଟାନ କୋ.ଲିମିଟେଡର ଆରବିଏମ୍ ଅନିର୍ବାଣ ବାନାର୍ଜୀ, ଏବିଏମ୍ ସୁମୀତ ଘୋଷ ଏବଂ ଶୋ'ରୁମର ସ୍ୱତ୍ୱାଧିକାରୀ ମାନିକ ହଂସଙ୍କ ଉପସ୍ଥିତିରେ ଏହାର ଶୁଭାରମ୍ଭ ହୋଇଛି। ଏହି ଅଫର ଦ୍ୱାରା କମ୍ପାନୀ ସୁନା ଗହଣାର ଗଢା ମଜୁରି ଏବଂ ହୀରା ଗହଣାର ଗଢା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ପୁରୁଣା ସୁନା ଗହଣାର ଏକ୍ସଚେଞ୍ଜ ଉପରେ ୧୦୦% ମୂଲ୍ୟ କିମ୍ବା ପ୍ରତି କ୍ରୟ ଉପରେ ମାଗଣା ଗୋଲ୍ଡ କଏନ ପାଇବାର ସୁବିଧା ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ଉକ୍ତ ଅଫର ଚଳିତ ମାସ ୧୮ ତାରିଖ ପର୍ଯ୍ୟନ୍ତ ରହିବ। ତନିଷ୍କ ବର୍ତ୍ତମାନ ଗ୍ରାହକଙ୍କର ସବୁଠାରୁ ବିଶ୍ୱସନୀୟ ଜୁଏଲେରୀ ବ୍ରାଣ୍ଡ ଭାବେ ଉଭା ହୋଇଥିବା ଏହି ଅବସରରେ ଟାଇଟାନ କମ୍ପାନୀର ସହକାରୀ ଉପସଭାପତି ଦୀପିକା ସଭରୱାଲ କହିଛନ୍ତି। ଗହଣା ଡିଜାଇନରେ ଉନ୍ନତି ସହ ଗୁଣବତ୍ତା ପ୍ରଡକ୍ଟ ଏବଂ ଅଭିନବତା ଆଣିବା ଦିଗରେ ପ୍ରତିଶ୍ରୁତିବଦ୍ଧ ବୋଲି ସେ ସୂଚନା ଦେଇଛନ୍ତି।

### ମହିଳାଙ୍କ ସ୍ୱାସ୍ଥ୍ୟ ସଚେତନତା ଦିଗରେ ସେଲ୍‌ରେ ଯୋଗଦାନ

ନୂଆଦିଲ୍ଲୀ,୧୪-୩

ମହିଳାଙ୍କ ସ୍ୱାସ୍ଥ୍ୟ ତଥା ସ୍ୱଚ୍ଛତା ସଚେତନତା ଦିଗରେ ରାଷ୍ଟ୍ରାୟତ୍ତ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ(ସେଲ୍) ନିଜର ଯୋଗଦାନ ରଖିଛି। ହରିୟାଣାର ନୁହ ଜିଲା ପ୍ରଶାସନ ସହ ମିଳିତ ହୋଇ କମ୍ପାନୀ ମାସିକ ଧର୍ମ ସ୍ୱଚ୍ଛତା ପ୍ରବନ୍ଧନ କାର୍ଯ୍ୟକ୍ରମରେ ନିଜର ସହଯୋଗ ରଖିଛି। ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

## ହୋଣ୍ଡା ଟୁହ୍ୱିଲର୍ସ ଆଣିଲା ୪ ନୂଆ ଭାରିଆଣ୍ଟ



ଭୁବନେଶ୍ୱର, ୧୪-୩

ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ୨୦୧୯ ପାଇଁ ୪ ନୂଆ ଭାରିଆଣ୍ଟ ଉନ୍ମୋଚନ ହୋଇଛି। ଏହା ମଧ୍ୟରେ ୧୫୦ ସିସି ସିବି ୟୁନିକର୍ଣ୍ଣ, ସିବି ସାଇନ୍ (ଡ୍ରମ୍ ଭାରିଆଂଟ୍), ସିଡି ଡ୍ରିମ୍ ଡିଏକ୍ସ ଓ ନାଭ ସାମିଲ ରହିଛି। ୨୦୧୯ ସିବି ୟୁନିକର୍ଣ୍ଣ ମଡେଲରେ ଗ୍ରାହକ ଏବିଏସ୍, ଆରାମ, ଟ୍ୟୁବଲେସ୍ ଟାୟାର, ଷ୍ଟାଇଲିସ ମିଟର କନସୋଲ ଏବଂ ସିଲ୍ ଚେନ୍ ସୁବିଧା ପାଇପାରିବେ। ଏହି ମଡେଲର ଏକ୍ସଶୋ'ରୁମ୍ ଦିଲ୍ଲୀ ବଜାର ଦର ୭୮,୮୧୫ ଟଙ୍କା ରହିଛି। ସିବି ସାଇନ୍ ସିବିଏସ୍ ହେଉଛି ସ୍ମାର୍ଟ ଏବଂ ଷ୍ଟାଇଲିସ୍ ଫିଚର ସହ ଆସିଛି। ଏଥିରେ କମ୍ବି ବ୍ରେକ୍ ସହିତ ଇକ୍ୱିଲାଇଜର୍ ଭଳି ବୈଶିଷ୍ଟ୍ୟ ରହିଛି। ମଡେଲଟିର ଏକ୍ସଶୋ'ରୁମ୍ ଦିଲ୍ଲୀ ମୂଲ୍ୟ ୫୮,୩୩୮ ଟଙ୍କା ରହିଛି। ସେହିଭଳି ସିଡି୧୧୦ ଡ୍ରିମ୍ ଡିଏକ୍ସ ସିବିଏସ୍‌ରେ ମଧ୍ୟ କମ୍ବି ବ୍ରେକ୍ ସହିତ ଇକ୍ୱିଲାଇଜର୍ ରହିଛି। ଏଥିରେ ୫ ସ୍ପୋକ୍ ଆଲଏ ହ୍ୱିଲ, କ୍ରୋମ୍ ହ୍ୟାଣ୍ଡେଲ୍ ବାର୍ ଓ କ୍ୟାରିୟର୍, କାଉଲ ଓ ଟେଲ୍ କାଉଲ୍, କ୍ଲିୟର ୱିଙ୍କର ଓ ଗ୍ରାଫିକ୍ସ ରହିଛି। ଏହାର ବଜାର ଦର ୫୦,୦୨୮ ଟଙ୍କା ରହିଛି।ନୂଆ ନାଭିର ବଜାର ଦର ୪୭,୧୧୦ ଟଙ୍କା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ଆଇଡିବିଆଇକୁ ଘରୋଇ ବ୍ୟାଙ୍କର ମାନ୍ୟତା

ନୂଆଦିଲ୍ଲୀ,୧୪-୩

ଭାରତୀୟ ଜୀବନ ବୀମା ନିଗମ(ଏଲ୍ଆଇସି) ଦ୍ୱାରା ଅଧିକାଂଶ ଅଂଶଧନ କିଣାଯିବା ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଆଇଡିବିଆଇ ବ୍ୟାଙ୍କକୁ ଏକ ଘରୋଇ ବ୍ୟାଙ୍କ ଭାବେ ମାନ୍ୟତା ଦେଇଛି। ଚଳିତ ବର୍ଷ ଜାନୁୟାରୀ ସୁଦ୍ଧା ଆଇଡିବିଆଇ ବ୍ୟାଙ୍କର ୫୧% ଅଂଶଧନକୁ ଏଲ୍ଆଇସି କିଣିସାରିଛି। ଆର୍‌ବିଆଇ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଜାନୁୟାରୀ ୨୧ରୁ ଆଇଡିବିଆଇ ବ୍ୟାଙ୍କକୁ ଏକ ଘରୋଇ ତଥା ଋଣପ୍ରଦାନକାରୀ ବ୍ୟାଙ୍କ ଭାବେ ମନେ କରାଯିବ। ସୂଚନାଥାଉ କି, ଏହି ବ୍ୟାଙ୍କ ଗତ ବର୍ଷାଧିକ କାଳ ହେବ ଆର୍‌ବିଆଇର ପିସିଏ ଅଧୀନରେ ଥିଲା।

■ ଜେଟ୍ ଏୟାରୱେଜକୁ ଋଣ ପ୍ରଦାନ

## ନିଷ୍ପତ୍ତି ନେବେ ବ୍ୟାଙ୍କ ସମୂହ : ପିଏନ୍‌ବି

ନୂଆଦିଲ୍ଲୀ,୧୪-୩: ନଗଦ ସଙ୍କଟର ସମ୍ମୁଖୀନ ହୋଇଥିବା ଜେଟ୍ ଏୟାରୱେଜକୁ ଜରୁରିକାଳୀନ ପାଣ୍ଠି ଯୋଗାଣ ନେଇ ବ୍ୟାଙ୍କ ସମୂହ ମିଶି ନିଷ୍ପତ୍ତି ନେବେ ବୋଲି ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଗୁରୁବାର ସ୍ପଷ୍ଟ କରିଛି। ଜେଟ୍‌କୁ ପିଏନ୍‌ବି ୨୦୫୦ କୋଟି ଟଙ୍କାର ଋଣ ଦେବ ବୋଲି ମିଡିଆରେ ଚର୍ଚ୍ଚା ହେଉଥିବା ବେଳେ ବ୍ୟାଙ୍କ ପକ୍ଷରୁ ଏତାଦୃଶ ମନ୍ତବ୍ୟ ଘରୋଇ ଏୟାରଲାଇନ ପାଇଁ ମୁଣ୍ଡବ୍ୟଥା ବଢ଼ାଇବା ନିଶ୍ଚିତ ହୋଇଯାଇଛି। ଇତିପୂର୍ବେ ଜେଟ୍ ପକ୍ଷରୁ ଷ୍ଟକ୍ ମାର୍କେଟକୁ ପତ୍ର ଲେଖି କୁହାଯାଇଥିଲା ଯେ, ଏହା ପିଏନ୍‌ବିଠାରୁ କୌଣସି ଋଣ ପାଇନାହିଁ। ପିଏନ୍‌ବି ଏମ୍‌ଡି ତଥା ସିଇଓ ସୁନୀଲ ମେହେଟ୍ଟା କହିଛନ୍ତି ଯେ, ତାଙ୍କ ବ୍ୟାଙ୍କ ଜେଟ୍‌କୁ ଋଣ ଦେବା ନେଇ ବିଚାର କରୁଛି।

## ୩୫୦୦ କୋଟି ପ୍ରଦାନ ନେଇ ଉପାୟ ଜଣାଇବାକୁ ସିଂହଭ୍ରାତାଙ୍କୁ ନିର୍ଦ୍ଦେଶ

ରାନବାକ୍ସି-ଡାଏଚି ମାମଲା



ନୂଆଦିଲ୍ଲୀ,୧୪-୩

ରାନବାକ୍ସି-ଡାଏଚି ମାମଲାରେ ସିଙ୍ଗାପୁର ଟ୍ରିବ୍ୟୁନାଲ ଦ୍ୱାରା ୩୫୦୦ କୋଟି ଟଙ୍କା ଦାଖଲ ଲାଗି ଦିଆଯାଇଥିବା ରାୟକୁ କିପରି କାର୍ଯ୍ୟକାରୀ କରିବେ ଜଣାଇବା ଲାଗି ସୁପ୍ରିମକୋର୍ଟ ଗୁରୁବାର ରାନବାକ୍ସିର ପୂର୍ବତନ ପ୍ରମୋଟର ସିଂହଭ୍ରାତା ମାଲବିନ୍ଦର ସିଂହ ଓ ଶିବିନ୍ଦର ସିଂହଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସିଂହଭ୍ରାତା ଏଥିପାଇଁ ନିଜର ଆଇନ ଓ ଆର୍ଥିକ ପରାମର୍ଶଦାତାଙ୍କ ସହ ଆଲୋଚନା କରିପାରିବେ। ଆଲୋଚନା ପରେ ସେମାନେ ରାୟ ପାଳନ ନେଇ ଉଚିତ୍ ପଦକ୍ଷେପ ସମ୍ପର୍କରେ ଜଣାଇବାକୁ ଚିଫ ଜଷ୍ଟିସ ରଞ୍ଜନ ଗୋଗୋଇ, ଜଷ୍ଟିସ ଦୀପକ ଗୁପ୍ତା ଓ ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏହା କୌଣସି ବ୍ୟକ୍ତିବିଶେଷଙ୍କର ନୁହେଁ ବରଂ ଦେଶର ସମ୍ମାନର ପାଇଁ ଠିକ୍ ନୁହେଁ। ଆପଣ ଦୁଇ ଭାଇ ଫାର୍ମାକେୟାର ଉଦ୍ୟୋଗରେ ଅଗ୍ରଣୀ ଭାବେ ଖ୍ୟାତ। ସେମାନେ କୋର୍ଟକୁ ହାଜର ହୁଅନ୍ତୁ ଏହା ଶୋଭା ପାଉ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଆସନ୍ତା ୨୮ ତାରିଖରେ କୋର୍ଟରେ ହାଜର ହୋଇ ସିଂହଭ୍ରାତା ନିଜର ଯୋଜନା ଉପସ୍ଥାପନ କରିବାକୁ ସର୍ବୋଚ୍ଚ ଅଦାଲତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଶେଷଥର ପାଇଁ ସିଂହଭ୍ରାତା ଅଦାଲତକୁ ଆସିବେ ବୋଲି ଖଣ୍ଡପୀଠ ଆଶାପ୍ରକାଶ କରିଛନ୍ତି।

**THE ODISHA MINING CORPORATION LIMITED** OMC ODISHA NEW OPPORTUNITIES
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

**CORRIGENDUM**

Ref: - NIT No.05/OMC/C/CT/2019.

No.: CAD-1787: The Tender Call Notice No.05/OMC/C/CT/2019 published dtd.09.03.2019, in the SL. No.07 of the tender notice the name of the work may be read as Construction of activity centre near D-Type Quarters of OMC Colony at JK Road in the dist. of Jajpur instead of Construction of activity centre near D-Quarry of OMC Colony at JK Road in the dist. of Jajpur. All other criteria will remain same.

Sd./- Sr.Manager (Civil)
Kaliapani

30005/11/0210/1819

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019
www.aiimsbhubaneswar.edu.in

AIIMS/BBSR/EE (ELEC)/NPS/044/SE/297/2019 Dated: 14th Mar 2019

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for **"Supply, Installation, Testing and Commissioning of Network Power Switch-II, 400Amp, 3-Phase for Implementation of Dual Source of Power Supply to MOTs at Hospital Complex, AIIMS, Bhubaneswar".** Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.edu.in.**

Sd/-
Superintending Engineer
AIIMS, Bhubaneswar

GOVERNMENT OF ODISHA
**OFFICE OF THE EXECUTIVE ENGINEER MINOR IRRIGATION DIVISION, NAYAGARH**
Tel No. (06753)253277, e-Mail ID: eemidivisionnayagarh@gmail.com
No.621 Dated 12.03.2019

**1st Corrigendum to Bid Identification No- EEMIDN 11/ 2018-19**

No.: 1398-A: The Date of transparent Lottery of Bid Identification No. EEMIDN 11/ 2018-19 scheduled on 20.03.2019 at 3.00 P.M. is hereby postponed in connection with imposition of model code of conduct for ensuing General Election, 2019. The next date of transparent Lottery if required will be notified separately.
All other terms and conditions remain unchanged.

Sd./- Executive Engineer,
M.I.Division, Nayagarh

32260/11/0013/1819

क्षेत्रीय केंद्र/ Regional Centre
भा.कृ.अनु.प. - केन्द्रीय कंद फसल अनुसंधान संस्थान
**ICAR – Central Tuber Crops Research Institute**
(भारतीय कृषि अनुसंधान परिषद// Indian Council of Agricultural Research)
दुमुदुमा हाउसिंग बोर्ड पी.ओ/Dumuduma Housing Board P.O.
भुवनेश्वर, ओडिशा/ BHUBANESWAR - 751 019, ODISHA
टेलीफोन/Telephone: +91-674-2470528 Fax: +91-674-2470528; ई मेल/E-Mail: rcctcri@yahoo.co.in

**TENDER NOTICE No. 01/2019**

**TENDER-CUM-AUCTION**

Sealed tenders are invited for disposal/sale of mango fruits of different varieties planted at Regional centre of ICAR-CTCRI, Bhubaneswar campus through tender-cum-auction **(open auction, if quoted price is less than reserve price)**. The tender paper may be obtained from this Office from 10.00 AM to 1.00 PM on working days w.e.f. 18.03.2019 to 29.03.2019 by depositing Rs. 500.00 in cash or can be downloaded from CTCRI website (www.ctcri.org). Website downloaded tender paper should have tender paper cost in form of DD (drawn in favour of Regional Centre of CTCRI, Bhubaneswar). The last date of submission of tender along with EMD by DD of Rs.15,000.00 (Rupees fifteen thousand only) (drawn in favour of ICAR-UNIT, CTCRI, Thiruvananthapuram) is upto 5 PM on 29.03.2019 and the tender will be opened on 30.03.2019 at 11.00 AM in this Office.

*Sd./- HEAD*

नालको NALCO
National Aluminium Company Limited
(A Government of India Enterprise)
M & R Complex,
Damanjodi-763 008, Odisha, India
CIN : L27203OR1981GOI000920
A NAVRATNA COMPANY

**E-TENDER NOTICE**

Digitally signed online tenders through Central Public Procurement Portal are invited on two-part mode for the following works at NALCO, Damanjodi, Odisha.

**1- Tender Ref No: T&C/AR/03/R-1863**
**Name of the job :** Operation, Repair & Maintenance of RMP and Ash Pond Reclamation pumps at NALCO, Damanjodi.

**2- Tender Ref No: T&C/AR/03/R-1864**
**Name of the job :** Hiring of one mini truck for Mechanical department of Alumina Refinery, NALCO, Damanjodi.

**3- Tender Ref No: T&C/AR/03/R-1866**
**Name of the job :** Door to Door Garbage Collection & Disposal at designated place in township, CISF colony and Rehabilitation colonies at NALCO, Damanjodi.

**4- Tender Ref No: T&C/AR/03/R-1867**
**Name of the job :** Hiring of 02 numbers of 51 Seater Tata Star Bus of Latest Model. Ex Showroom Delivery For Transportation of School Children on Monthly Basis.
**DGM (T&C)-AR**

**5- Tender Ref No: AR/AMMP/209/3000005609**
**Name of the job :** Supply of BTPN Wagons at Alumina Refinery, NALCO, Damanjodi, Odisha.
**DGM (Materials)-AR**

For details visit **www.eprocure.gov.in** or **www.nalcoindia.com**.NB: Any updates/amendment/ extension of NIT will only be hosted in above websites.

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ଇନ୍ଦ୍ରଧନୁ ମାର୍କେଟ୍ କମ୍ପ୍ଲେକ୍ସ
ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-15,
ଫୋନ୍ ନଂ. 0674-2360189/2360542, ଫାକ୍ସ : 0674-2360990
ଇ-ମେଲ : rmbbsr@cewacor.nic.in | ୱେବ୍‌ସାଇଟ : www.cewacor.nic.in

**ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା ସଂ. 04/18-19**

ନିମ୍ନୋକ୍ତ କାର୍ଯ୍ୟ ପାଇଁ କେନ୍ଦ୍ରୀୟ ପଣ୍ୟାଗାର ନିଗମ ଠିକାଦାରଙ୍କ ଠାରୁ ଅନ୍‌ଲାଇନ୍ ଟେଣ୍ଡର ଆମନ୍ତ୍ରଣ କରୁଛି :

| କ୍ର. ସଂ. | କାର୍ଯ୍ୟର ନାମ | ଆକଳିତ ମୂଲ୍ୟ ଟଙ୍କାରେ | ଟେଣ୍ଡର ଅନ୍‌ଲାଇନ୍ ଦାଖଲ କରିବାର ଅନ୍ତିମ ତାରିଖ |
|---|---|---|---|
| 1 | କେନ୍ଦ୍ରୀୟ ପଣ୍ୟାଗାର-ଯାଜପୁର ରୋଡ୍ (ଓଡ଼ିଶା)ର ଉନ୍ନତିମୂଳକ କାର୍ଯ୍ୟ । | 41,95,586.75 | ତା. 15.04.2019 ରିଖ 15.00 ଘଟିକା ପର୍ଯ୍ୟନ୍ତ |

ବିସ୍ତୃତ ଟେଣ୍ଡରର ଚୁକ୍ତିର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆମନ୍ତ୍ରଣ ସୂଚନାର ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.tenderwizard.com/CWC କିମ୍ବା http://eprocure.gov.in/epublish/app ରେ ଦୃଶ୍ୟମାନ ଏବଂ ଡାଉନ୍‌ଲୋଡ୍ କରାଯାଇପାରିବ ।

ସ୍ୱା/- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

**ଦୁର୍ଗପତିଙ୍କ କାର୍ଯ୍ୟାଳୟ**
**ପଞ୍ଚମ ଭାରତ ସଂରକ୍ଷିତ ବାହିନୀ, ବୌଦ୍ଧ**

**ବିଜ୍ଞାପନ**

କନଷ୍ଟେବଳ: **୩୦୯ ବିଶ୍ୱକର୍ମା ପାଇକ**
ପିତା: ଶ୍ରୀ ଭାବକର ପାଇକ
ଗ୍ରାମ/ପୋଷ୍ଟ: ଓ.ଏମ୍.ପି. ଲାଇନ୍, କୋରାପୁଟ
ଥାନା: କୋରାପୁଟ
ଜିଲ୍ଲା: କୋରାପୁଟ
ପିନ୍: ୭୬୪୦୨୧

No.: 408-D: ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଆପଣ ୦୭ ଦିନ ସାମୂହିକ ଛୁଟି ତା୨୨।୦୩।୨୦୧୮ରିଖ ଅପରାହ୍ନ ଠାରୁ ତା୨୯।୦୩।୨୦୧୮ରିଖ ଅପରାହ୍ନ ପର୍ଯ୍ୟନ୍ତ ଯାଇଥିଲେ। ଉକ୍ତ ଛୁଟିର ନିୟମ ଅନୁଯାୟୀ ଆପଣ ତା୩୦।୦୩।୨୦୧୮ରିଖ ପୂର୍ବାହ୍ନ ସୁଦ୍ଧା ସରକାରୀ କାର୍ଯ୍ୟରେ ଯୋଗ ଦେବାର ଥିଲା, କିନ୍ତୁ ଆପଣ କାହାରିକୁ କିଛି ନ ଜଣାଇ ଉକ୍ତ ଦିନଠାରୁ ଆଜି ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟରୁ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ବାରମ୍ବାର ତଲବ କରିବା ସତ୍ତ୍ୱେ ନିଜ କାର୍ଯ୍ୟରେ ଯୋଗ ଦେଉ ନାହାନ୍ତି। ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି କି ଯେ ଆପଣ ଉଦ୍ଦେଶ୍ୟମୂଳକ ଭାବେ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗଦାନ କରୁନାହାନ୍ତି। ଏଣୁ ଏତାଦୃଶ୍ୟ କାର୍ଯ୍ୟ ଯୋଗୁଁ ଆପଣଙ୍କୁ ଯେଉଁ କାର୍ଯ୍ୟ ନିମନ୍ତେ ପୋଲିସ୍ ବିଭାଗରେ ନିଯୁକ୍ତି କରାଯାଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହୋଇ ପାରୁନାହିଁ। ଏଣୁ ଉକ୍ତ ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଏହି ସମ୍ବାଦ ପ୍ରକାଶନର ୦୭ଦିନ ମଧ୍ୟରେ ଯଦି ଆପଣ ନିଜ କାର୍ଯ୍ୟରେ ଯୋଗଦାନ ନ କରିବେ ତେବେ ଧରି ନିଆଯିବ ଯେ ଆପଣଙ୍କର ଏହି ବିଭାଗରେ ଚାକିରି କରିବାର କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ଆପଣଙ୍କର ଉକ୍ତ ବିନା ଅନୁମତିରେ ଗରହାଜିର ନିମନ୍ତେ ଆପଣଙ୍କ ବିରୁଦ୍ଧରେ ଏକତରଫା ଭାବେ ବିହିନ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିମ୍ନ ସ୍ୱାକ୍ଷରକାରୀ ବାଧ୍ୟ ହେବେ।

ଦୁର୍ଗପତି
(ପଞ୍ଚମ ଭାରତ ସଂରକ୍ଷିତ ବାହିନୀ, ବୌଦ୍ଧ)

12029/11/0067/1819

“ ଭାରତୀୟ ସୀମିତ ଓଭର ଟିମ୍‌ରେ ଭେଟେରାନ ମହେନ୍ଦ୍ର ସିଂ ଧୋନୀଙ୍କ ଗୁରୁତ୍ୱକୁ ହେୟଜ୍ଞାନ ମନେ କରିବା ଉଚିତ ନୁହେଁ।
– ମାଇକେଲ କ୍ଲାର୍କ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



“ ବିଶ୍ୱକପ୍ ଲାଗି ଫିଟ୍ ରଖିବା ପାଇଁ ଆଇପିଏଲ୍‌ରେ କାର୍ଯ୍ୟଭାରକୁ କିପରି ସମ୍ଭାଳିବେ ତାହା ଖେଳାଳିଙ୍କ ଉପରେ ନିର୍ଭର କରେ।
– ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ୩୦ରୁ ସେଭେନ-ଏ ସାଇଡ୍ ଫୁଟବଲ

କଟକ ଅଫିସ୍, ୧୪।୩- ଫୁଟବଲ କ୍ଲବ ଗ୍ୟାଲେକ୍ସି ପକ୍ଷରୁ ଆସନ୍ତା ୩୦ରୁ ଏପ୍ରିଲ ୭ ତାରିଖ ପର୍ଯ୍ୟନ୍ତ ଅଲ୍ ଓଡ଼ିଶା ସେଭେନ-ଏ ସାଇଡ ଫୁଟବଲ ଟୁର୍ନାମେଣ୍ଟ ଖେଳାଯିବ। ପ୍ୟାରିମୋହନ ସ୍କୁଲ ଗ୍ରାଉଣ୍ଡରେ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ କଟକ ଓ ଭୁବନେଶ୍ୱରର ୮ଟି ଦଳ ଅଂଶ ଗ୍ରହଣ କରିବେ ବୋଲି କ୍ଲବର ସମ୍ପାଦକ ସେଖ ହିମାୟତ ସୂଚନା ଦେଇଛନ୍ତି।

### ଭିଆର୍‌ଭି ସିଂଙ୍କ ଅବସର

ମୋହାଲି, ୧୪।୩- ବିକ୍ରମ ରାଜବୀର ସିଂ ତଥା କ୍ରିକେଟ ଜଗତରେ ଭିଆର୍‌ଭି ସିଂ ନାମରେ ପରିଚିତ ପୂର୍ବତନ ଭାରତୀୟ ଦ୍ରୁତ ବୋଲର ସମସ୍ତ ପ୍ରକାର କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ପଞ୍ଜାବର ଏହି ଉଦୀୟମାନ ଡାହାଣହାତୀ ବୋଲର ପିଠି ଯନ୍ତ୍ରଣାଜନିତ ସମସ୍ୟା ଲାଗି କ୍ରିକେଟରୁ ସନ୍ନ୍ୟାସ ନେବାକୁ ନିଷ୍ପତ୍ତି ନେଇଛନ୍ତି। ୩୪ ବର୍ଷୀୟ ଭିଆର୍‌ଭି ୨୦୦୬ରେ ଜାମସେଦପୁରଠାରେ ଇଂଲଣ୍ଡ ବିପକ୍ଷ ଦିନିକିଆ ମ୍ୟାଚ୍ ଖେଳି ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ସେହିବର୍ଷ ସେଣ୍ଟଜୋନ୍ସଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ସେ ପ୍ରଥମ ଟେଷ୍ଟ ଖେଳିବାର ସୌଭାଗ୍ୟ ପାଇଥିଲେ। ମୋଟ୍ ଉପରେ ଭାରତ ପକ୍ଷରୁ ସେ ୫ଟି ଟେଷ୍ଟ ଓ ୨ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ। କିନ୍ତୁ ଏଥିରେ ତାଙ୍କ ପ୍ରଦର୍ଶନ ପ୍ରଭାବଶୂନ୍ୟ ରହିଥିଲା। ୫ଟି ଟେଷ୍ଟରୁ ସେ ୮ଟି ଉଇକେଟ୍ ନେଇଥିବାବେଳେ ଦିନିକିଆରେ ଉଇକେଟ୍ ଖାତା ଖୋଲିପାରି ନ ଥିଲେ। ପ୍ରଥମଶ୍ରେଣୀ କ୍ରିକେଟରେ ସେ ୨୯ ମ୍ୟାଚ୍‌ରୁ ୧୨୧ ଉଇକେଟ୍ ଅକ୍ତିଆର କରିଛନ୍ତି। ଅବସର ପରେ କୋଚିଂରେ କ୍ୟାରିୟର କରିବାକୁ ଲକ୍ଷ୍ୟ ରଖିଥିବା ଭିଆର୍‌ଭି କହିଛନ୍ତି।

### କ୍ୱାର୍ଟରରେ ଲକ୍ଷ୍ୟ ସେନ

ନୂଆଦିଲ୍ଲୀ, ୧୪।୩(ପିଟି)- ଏସିଆନ୍ ଜୁନିୟର ଚାମ୍ପିୟନ ଲକ୍ଷ୍ୟ ସେନ ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଦକ୍ଷିଣ କୋରିଆର ହା ୟଙ୍ଗ୍ ଉଙ୍ଗ୍‌ଙ୍କୁ ସହଜରେ ପରାସ୍ତ କରିଛନ୍ତି। ବିଶ୍ୱର ୧୦୪ତମ ର୍‍ୟାଙ୍କ୍‌ପ୍ରାପ୍ତ ଲକ୍ଷ୍ୟ ୨୧-୧୪, ୨୧-୧୫ ଗେମ୍‌ରେ ମ୍ୟାଚ୍ ଜିତି ନେଇଛନ୍ତି। ବିଜୟ ଲାଗି ତାଙ୍କୁ ୪୬ ମିନିଟ୍ ସମୟ ଲାଗିଥିଲା।

# କମ୍ପାଉଣ୍ଡ ରାଉଣ୍ଡରେ ପଞ୍ଜାବକୁ ଡବଲ ସ୍ୱର୍ଣ୍ଣ

## ଜାତୀୟ ସିନିୟର ତୀରନ୍ଦାଜୀ

କଟକ ଅଫିସ, ୧୪।୩

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୩୯ତମ ସିନିୟର ଜାତୀୟ ତୀରନ୍ଦାଜୀ ଚାମ୍ପିୟନଶିପର କମ୍ପାଉଣ୍ଡ ରାଉଣ୍ଡ ପ୍ରତିଯୋଗିତା ଗୁରୁବାର ଶେଷ ହୋଇଛି। ପଞ୍ଜାବ ଦୁଇଟି ବିଭାଗରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ପୁରୁଷ ଦଳଗତ ଓ ମିକ୍ସଡ ଇଭେଣ୍ଟରେ ପଞ୍ଜାବ ଚାମ୍ପିୟନ ହୋଇଥିଲା। ଶନିବାରଠାରୁ ଚାମ୍ପିୟନଶିପର ଅନ୍ତିମ ତଥା ଇଣ୍ଡିଆନ ରାଉଣ୍ଡ ମୁକାବିଲା ଆରମ୍ଭ ହେବ।
ପୁରୁଷ ସିଙ୍ଗିଲ୍ସ ବିଭାଗରେ ଦିଲ୍ଲୀର ଅଭିଷେକ ବର୍ମା ସର୍ବାଧିକ ୭୦୬ ପଏଣ୍ଟ ସଂଗ୍ରହ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ପଞ୍ଜାବର ସଙ୍ଗମପ୍ରୀତ ସିଂ ବିସଲା ରୌପ୍ୟ ଓ ରଜତ ଚୌହ୍ୱାନ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ପୁରୁଷ ସିଙ୍ଗିଲ୍ସ ଅଲିମ୍ପିକ ରାଉଣ୍ଡରେ ରାଜସ୍ଥାନର ରଜତ ଚୌହ୍ୱାନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ଉତ୍ତରପ୍ରଦେଶର ଅର୍ଜ୍ଜୁନ କୁମାର ଓ ପ୍ରବୀଣ କୁମାର ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ମହିଳା ସିଙ୍ଗିଲ୍ସରେ ପିଏସ୍‌ପିବିର ଜ୍ୟୋତି ସୁରେଖା ସ୍ୱର୍ଣ୍ଣ, ଏଆଇପିଏସ୍‌ସିବିର ମୋନାଲି ଚନ୍ଦ୍ରହର୍ଷ ଝାଡୋ ରୌପ୍ୟ ଓ ରାଜସ୍ଥାନର ପ୍ରିୟା ଗୁଜର ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ମହିଳା ସିଙ୍ଗିଲ୍ସ ଅଲିମ୍ପିକ ରାଉଣ୍ଡରେ ଆର୍‌ଏସ୍‌ପିବିର ତ୍ରିଷା ଦେବଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ଝାଡ଼ଖଣ୍ଡର ମଧୁମିତା କୁମାରୀ ରୌପ୍ୟ ଓ ରାଜସ୍ଥାନର ସ୍ୱାତୀ ଦୁଦୱାଲ ବ୍ରୋଞ୍ଜ ପଦକ ଜିତିଥିଲେ। ପୁରୁଷ ଦଳଗତ ଇଭେଣ୍ଟରେ ସଙ୍ଗମପ୍ରୀତ ସିଂ ବିସଲା, ସୁଖମିନ୍ଦର ସିଂ, ସୁଖବୀର ଓ ଲଭଜୋତ ସିଂଙ୍କୁ ନେଇ ଗଠିତ ପଞ୍ଜାବ ଦଳ ୨୩୨ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଥିଲା। ଦିଲ୍ଲୀ ୨୩୦ ପଏଣ୍ଟ ସହ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଏହି ଇଭେଣ୍ଟରେ ଟାଇବ୍ରେକର ପଦ୍ଧତିରେ ଏଆଇପିଏସ୍‌ସିବି ବିଜୟୀ ହୋଇ ବ୍ରୋଞ୍ଜ ପଦକ ଜିତିଛି। ମହିଳା ଦଳଗତ ଇଭେଣ୍ଟରେ ମଧ୍ୟପ୍ରଦେଶ ସ୍ୱର୍ଣ୍ଣ ପଦକ ଜିତିଥିଲା। ମଧ୍ୟପ୍ରଦେଶ ଦଳରେ ମୁସ୍କାନ କିରାର, ଅନୁରାଧା ଅହିରୱାର, ଶ୍ରିଷ୍ଟି ସିଂ ଓ ଲକ୍ଷିତା ଫିରକେ ରହିଥିଲେ। ଏହି ବିଭାଗରେ ରାଜସ୍ଥାନକୁ ରୌପ୍ୟ ଓ ଏଆଇପିଏସ୍‌ସିବିକୁ ବ୍ରୋଞ୍ଜ ପଦକ ମିଳିଛି। ମିକ୍ସଡ ଇଭେଣ୍ଟରେ ମଧ୍ୟ ପଞ୍ଜାବ ସ୍ୱର୍ଣ୍ଣ ପଦକ ହାତେଇଛି। ପ୍ରଭଜୋତ କୌର ଓ ସଙ୍ଗମପ୍ରୀତ ସିଂ ବିସଲା ପଞ୍ଜାବ ନିମନ୍ତେ ଏହି ପଦକ ବିଜୟୀ ହୋଇଥିଲେ। ଉକ୍ତ ଇଭେଣ୍ଟରେ ମଣିପୁର ରୌପ୍ୟ ଓ ଆର୍‌ଏସ୍‌ପିବି ବ୍ରୋଞ୍ଜ ପଦକ ଜିତିଛି।



ପୁରୁଷ କମ୍ପାଉଣ୍ଡ ରାଉଣ୍ଡ ଟିମ୍ ଇଭେଣ୍ଟର ପଦକ ବିତରଣ ଉତ୍ସବ।

# ପିତାଙ୍କ ଅସୁସ୍ଥତା ଲାଗି ସିରିଜରୁ ଓହରିଲେ ଅମ୍‌ଲା

ପୋର୍ଟ ଏଲିଜାବେର୍ଥ, ୧୪।୩

ଘରୋଇ ଦକ୍ଷିଣ ଆଫ୍ରିକା ଦଳର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ହାସିମ ଅମ୍‌ଲା ଶ୍ରୀଲଙ୍କା ବିପକ୍ଷ ଚଳିତ ଦିନିକିଆ ସିରିଜର ବଳକା ମ୍ୟାଚ୍‌ରୁ ଓହରିଯାଇଛନ୍ତି। ପିତାଙ୍କ ଅସୁସ୍ଥତା ଲାଗି ଅମ୍‌ଲା ଏହିଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଚତୁର୍ଥ ଦିନିକିଆ ଅବସରରେ କ୍ରିକେଟ ଦକ୍ଷିଣ ଆଫ୍ରିକା ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ପୂର୍ବରୁ ଅମ୍‌ଲାଙ୍କୁ ଶ୍ରୀଲଙ୍କା ବିପକ୍ଷ ୫ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ୩ ମ୍ୟାଚ୍ ଲାଗି ବିଶ୍ରାମ ଦିଆଯାଇଥିଲା। ତାଙ୍କ ସ୍ଥାନରେ ରିଜା ହେଣ୍ଡ୍ରିକ୍ସଙ୍କୁ ଦଳରେ ସାମିଲ କରାଯାଇଥିଲା। ଅନ୍ତିମ ୨ ମ୍ୟାଚ୍ ପାଇଁ ଅମ୍‌ଲା ଦଳରେ ଯୋଗଦେବାର ଥିଲା। କିନ୍ତୁ ପିତାଙ୍କ ଅସୁସ୍ଥତା ଲାଗି ସେ ଏହି ୨ ମ୍ୟାଚ୍ ନ ଖେଳିବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ଟିମ୍ ମ୍ୟାନେଜର ମହମ୍ମଦ ମୋସାଜେ କହିଛନ୍ତି। ଚଳିତ ଶ୍ରୀଲଙ୍କା ବିପକ୍ଷ ସିରିଜରେ ଦକ୍ଷିଣ ଆଫ୍ରିକା ପ୍ରଥମ ୪ଟି ମ୍ୟାଚ୍ ଜିତି ୪-୦ରେ ଆଗୁଆ କବ୍‌ଜା କରିନେଇଛି। ଅନ୍ତିମ ତଥା ୫ମ ମ୍ୟାଚ୍ ଆସନ୍ତା ୧୬ରେ ଅନୁଷ୍ଠିତ ହେବ।

# ଫାଇନାଲ ରାଉଣ୍ଡରେ ଦୀପା

ବାକୁ (ଆଜରବୈଜାନ), ୧୪।୩ (ପି.ଟି.)

ଭାରତର ଦୀପା କର୍ମକାର ଏଠାରେ ଚାଲିଥିବା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ୱାର୍ଲ୍ଡ କପ୍‌ର ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ତୃତୀୟ ସ୍ଥାନ ଅଧିକାର ସହ ଭଲ୍‌ଟ ଫାଇନାଲରେ ପ୍ରବେଶ କରିଛନ୍ତି। ୨୦୧୬ ରିଓ ଅଲିମ୍ପିକ୍ସରେ ତାଙ୍କ ଇଭେଣ୍ଟରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ୨୫ ବର୍ଷୀୟା ଦୀପା ପ୍ରତିଯୋଗିତାରେ ପ୍ରଥମଥର କଷ୍ଟସାଧ୍ୟ ହ୍ୟାଣ୍ଡସ୍ପ୍ରିଙ୍ଗ ୫୪୦ ଭଲ୍‌ଟ ପ୍ରଦର୍ଶନ କରିଥିଲେ। ସେ ୧୪.୨୯୯ ଆଭରେଜରେ ତାଙ୍କ ଦୁଇ କ୍ୱାଲିଫାଇଙ୍ଗ ରାଉଣ୍ଡରେ ୧୪.୪୬୬ ଓ ୧୪.୧୩୩ ପଏଣ୍ଟ ସ୍କୋର କରିଥିଲେ। ଆମେରିକାର ଜେଡ୍ କ୍ୟାରେ ୧୪.୭୦ ଆଭରେଜ ସ୍କୋର ସହ କ୍ୱାଲିଫାଇଙ୍ଗ ରାଉଣ୍ଡରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ମେକ୍ସିକୋର ଆଲେକ୍ସା ମୋରେନୋ ୧୪.୫୩୩ ପଏଣ୍ଟ ସହ ଦ୍ୱିତୀୟ ହୋଇଥିଲେ। ଯୋଗ୍ୟତାପର୍ଯ୍ୟାୟ ରାଉଣ୍ଡର ଶ୍ରେଷ୍ଠ ୮ ପ୍ରତିଯୋଗୀ ଫାଇନାଲରେ ଅଂଶଗ୍ରହଣ କରିବେ। ଭଲ୍‌ଟ ଫାଇନାଲ ଶନିବାର ଅନୁଷ୍ଠିତ ହେବ। ଦୀପା ଆହୁରି ମଧ୍ୟ ଶୁକ୍ରବାର ବାଲାନ୍ସ ବିମ୍ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଭାରତୀୟ ଜିମ୍ନାଷ୍ଟିକ୍ସ ଫେଡେରେଶନ ସଭାପତି ରିୟାଜ ଭଟି ଦୀପାଙ୍କ ପ୍ରଦର୍ଶନର ଉଚ୍ଚ ପ୍ରଶଂସା କରିଛନ୍ତି। ଶନିବାର ଫାଇନାଲରେ ଦୀପା ପୋଡିୟମ ଫିନିଶ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଭାରତୀୟ ଜିମ୍ନାଷ୍ଟ ଗତ ବର୍ଷ ନଭେମ୍ବରରେ ଜର୍ମାନୀର କୋଟ୍‌ବସ୍‌ଠାରେ ଅନୁଷ୍ଠିତ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ୱାର୍ଲ୍ଡ କପ୍ ଭଲ୍‌ଟ ଇଭେଣ୍ଟରେ ଏକ ବ୍ରୋଞ୍ଜ ପଦକ ଜିତିଥିଲେ। ଆଣ୍ଠୁ ଯନ୍ତ୍ରଣାରୁ ମୁକ୍ତି ପାଇବା ପରେ ଦୀପାଙ୍କର ଏହା ଥିଲା ପ୍ରଥମ ପ୍ରତିଯୋଗିତା। ଏହି ସମସ୍ୟା ପାଇଁ ସେ ଜାକର୍ତ୍ତା ଏସିଆନ ଗେମ୍ସ ଭଲ୍‌ଟ ଫାଇନାଲ ମିସ୍ କରିଥିଲେ।

# ବୃହତ୍ ବିଜୟ ସହ ଫାଇନାଲରେ ପାରାମାଉଣ୍ଟ

ଭୁବନେଶ୍ୱର, ୧୪।୩(କ୍ରୀଡ଼ା ପ୍ରତିନିଧି)

ଏଠାରେ ଚାଲିଥିବା ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ଆୟୋଜକ ପାରାମାଉଣ୍ଟ କ୍ଲବ ବୃହତ ବିଜୟ ସହ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ପାରାମାଉଣ୍ଟ ୮ ଉଇକେଟରେ କଟକର ୟୁନିୟନ ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ୟୁନିୟନ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୨୪.୧ ଓଭରରେ ମାତ୍ର ୫୪ ରନ କରି ଅଲଆଉଟ ହୋଇଥିଲା। ଦଳର ମାତ୍ର ୨ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରି ଥିଲେ। ପ୍ରତିପକ୍ଷ ଦଳର ୨ ଅଫ୍‌ସ୍ପିନର ସ୍ୱୟଂ ସାର୍ଥକ ରାଉତରାୟ ଓ ପ୍ରତ୍ୟୁଷ ପ୍ରକାଶ ସାହୁ ଯଥାକ୍ରମେ ୪ ଓ ୩ଟି ଉଇକେଟ ନେଇ ୟୁନିୟନ ଦଳର ବିପର୍ଯ୍ୟୟ ଘଟାଇଥିଲେ। ୫୫ ରନର ବିଜୟ ଲକ୍ଷ୍ୟକୁ ପାରାମାଉଣ୍ଟ ୧୩.୨ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ମ୍ୟାଚ ବିଜୟୀ ବୋଲିଂ ପାଇଁ ସ୍ୱୟଂ ସାର୍ଥକ ରାଉତରାୟଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସତ୍ୟଜିତ ରାୟ ଚୌଧୁରୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି କେ.ଭି. ଭାସ୍କର ଶ୍ରେଷ୍ଠ ଫିଲ୍ଡରଭାବେ ଏମ. ଜ୍ଞାନେନ୍ଦ୍ରଙ୍କୁ ପୁରସ୍କୃତ କରିଥିଲେ। ନିର୍ମଳ ମିଶ୍ର ଓ ଅସିତ ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଥିଲେ ରଶ୍ମିରଞ୍ଜନ ମଲ୍ଲ। ଶୁକ୍ରବାର ରାମେଶ୍ୱର ସ୍ପୋର୍ଟିଂ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ।



ସ୍ୱୟଂ ସାର୍ଥକ ରାଉତରାୟଙ୍କୁ ଅତିଥି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# ସେମିଫାଇନାଲରେ ସାଇ ହଷ୍ଟେଲ



ଟାଟା ଉତ୍କଳିକା କପ୍ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚ ଅବସରରେ ସାଇ ହଷ୍ଟେଲ ଓ ଆଇଜିଏଚ୍ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୧୪।୩(କ୍ରୀଡ଼ା ପ୍ରତିନିଧି)

କଟକ ସାଇ ହଷ୍ଟେଲ ଟାଟା ଉତ୍କଳିକା କପ୍ ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲରେ ସାଇ ୧-୦ ଗୋଲରେ ଆଇଜିଏଚ୍ ରାଉରକେଲାକୁ ପରାସ୍ତ କରିଛି। ସାଇ ହଷ୍ଟେଲ ଫରୱାର୍ଡ ସାକିବ ସେହଜାଦ ୧୧ତମ ମିନିଟରେ ଏକମାତ୍ର ଗୋଲଟି ଦେଇଥିଲେ। ଗୋଲ ପରିଶୋଧ ପାଇଁ ରାଉରକେଲା ଦଳ ସୁବର୍ଣ୍ଣ ସୁଯୋଗ ପାଇଥିଲା। ମାତ୍ର ଦଳ ପକ୍ଷରୁ ସ୍କୋର ହୋଇଥିବା ପେନାଲ୍ଟି କିକ୍‌କୁ ସାଇ ହଷ୍ଟେଲ ଗୋଲକିପର ଆଲୋକ ଏକ୍କା ଚମତ୍କାର ଭାବେ ସେଭ୍ କରି ଦେଇଥିଲେ। ତେଣୁ ଆଲୋକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଅକ୍ଷୟ କୁମାର ଦାସ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଥମାର୍ଦ୍ଧପରେ ଟାଟା ଫୁଟବଲ ଏକାଡେମୀର ବରିଷ୍ଠ ପ୍ରଶିକ୍ଷକ ଇନ୍ଦ୍ରନିଲ ଚକ୍ରବର୍ତ୍ତୀ, ଅମିୟକାନ୍ତ ମିଶ୍ର, ଗିରିଜା ଶଙ୍କର ଦାସ ଦୁଇ ଦଳର ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ମ୍ୟାଚ ପରିଚାଳନା କରିଥିଲେ ସୁଦୀପ ଦାସ, ଚନ୍ଦ୍ରକାନ୍ତ ବାରିକ, ରାଜେନ୍ଦ୍ର ବାରିକ ଓ ପ୍ରଦୀପ ନାୟକ। ଶୁକ୍ରବାର ଜାମସେଦପୁରର ଟାଟା ଫୁଟବଲ ଏକାଡେମୀ ଓ କେରଙ୍ଗର ଅହମ୍ମଦିଆ କ୍ଲବ ମଧ୍ୟରେ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଦିଲୀପ ଦାସ ଜଣାଇଛନ୍ତି।

## ଇଣ୍ଡିଆନ ୱେଲ୍ସ କ୍ୱାର୍ଟରରେ ଫେଡରର, ନାଡାଲ

ଇଣ୍ଡିଆନ ୱେଲ୍ସ (ୟୁଏସ), ୧୪।୩(ଏଏଫ୍‌ପି)

ପ୍ରାକ୍ତନ ଚାମ୍ପିୟନ ରୋଜର ଫେଡରର ଓ ରାଫାଲ ନାଡାଲ ଏଠାରେ ଚାଲିଥିବା ଏଟିପି ଇଣ୍ଡିଆନ ୱେଲ୍ସ ମାଷ୍ଟର୍ସ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ୨ ନମ୍ବର ଖେଳାଳି ନାଡାଲ ପୁରୁଷ ସିଙ୍ଗଲ୍ସ ୪ର୍ଥ ରାଉଣ୍ଡର ଏକ ମୁକାବିଲାରେ ୬-୩, ୬-୪ ସିଧାସଳଖ ସେଟ୍‌ରେ ସର୍ବିୟାର ଫିଲିପ୍ କର୍ଜିନୋଭିକଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ନାଡାଲଙ୍କୁ ଏକ ଘଣ୍ଟା ୨୬ ମିନିଟ୍ ସମୟ ଲାଗିଥିଲା। ଅପରପକ୍ଷରେ ଏଠାରେ ରେକର୍ଡ ୬ଷ୍ଠ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଥିବା ଫେଡରର ୬-୧, ୬-୪ ସେଟ୍‌ରେ ବ୍ରିଟେନର କାଏଲ୍ ଏଡ୍‌ମଣ୍ଡଙ୍କୁ ହରାଇ ଦେଇଛନ୍ତି। ନିକଟରେ କ୍ୟାରିୟରର ୧୦୦ତମ ଟାଇଟଲ ଜିତିଥିବା ଫେଡେରର କ୍ୱାର୍ଟରଫାଇନାଲରେ ହର୍ବର୍ଟ ହରକେଜଙ୍କୁ ଭେଟିବେ। ପୂର୍ବରୁ ବିଶ୍ୱର ଏକ ନମ୍ବର ଖେଳାଳି ସର୍ବିୟାର ନୋଭାକ ଜୋକୋଭିଚ୍ ୩ୟ ରାଉଣ୍ଡରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଥିଲେ।

# ରାଜ୍ୟ ପୋଲିସ ସନ୍ତରଣ, କ୍ରସ୍‌କଣ୍ଟ୍ରି: ସୁରେଶଙ୍କୁ ୨ ସ୍ୱର୍ଣ୍ଣ

କଟକ ଅଫିସ, ୧୪।୩

ସମ୍ବଲପୁରର ଡ. ଝସକେତନ ସାହୁ ସୁଇମିଂ ପୁଲରେ ଗୁରୁବାର ଠାରୁ ୨ୟ ରାଜ୍ୟ ପୋଲିସ ସନ୍ତରଣ ଓ କ୍ରସକଣ୍ଟ୍ରି ଚାମ୍ପିୟନଶିପ ଆରମ୍ଭ ହୋଇଛି। ୨୨ଟି ୟୁନିଟରୁ ୧୭୦ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୬୩ଜଣ ସନ୍ତରଣ ଓ ୧୦୭ଜଣ କ୍ରସକଣ୍ଟ୍ରି ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ପ୍ରଥମ ଦିବସରେ ୪ଟି ବିଭାଗର ପ୍ରତିଯୋଗିତା ଶେଷ ହୋଇଥିଲା। ଏଥିରେ ଭଞ୍ଜନଗର ୮ମ ସ୍ୱତନ୍ତ୍ର ଆଇଆର ବାଟାଲିୟନର ସୁରେଶ ମିଞ୍ଜ ୨ଟି ବିଭାଗରେ ପ୍ରଥମ ସ୍ଥାନ ହାସଲ କରିବା ସହ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ୫୦ମିଟର ଓ ୧୦୦ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ସୁରେଶ ଏହି ସଫଳତା ପାଇଥିଲେ। ୫୦ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ସୁରେଶ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଭୁବନେଶ୍ୱର ଓଆଇଏସ୍‌ଏଫର କୁନା ବାଗ ଦ୍ୱିତୀୟ ଓ ବୌଦ୍ଧ ୫ମ ଆଇଆର ବାଟାଲିୟନର ସୁଶାନ୍ତ ବେହେରା ତୃତୀୟ ସ୍ଥାନରେ ରହିଛନ୍ତି। ୫୦ମିଟର ବ୍ୟାକଷ୍ଟ୍ରୋକରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି ସମ୍ବଲପୁର ଜିଲା ପୋଲିସର ଋଷଭ ସୁନା। ଏହି ପ୍ରତିଯୋଗିତାରେ କମିଶନରେଟ ପୋଲିସ(ଆର୍ମଡ-ବି)ର ସୁଶୀଲ ଲାକ୍ରା ଦ୍ୱିତୀୟ ଓ କଟକ ଓଏସ୍‌ଏପି ୬ଷ୍ଠ ବାଟାଲିୟନର ଚିତ୍ତରଞ୍ଜନ ଜେନା ତୃତୀୟ ସ୍ଥାନ ହାସଲ କରିଛନ୍ତି। ୨୦୦ ମିଟର ଫ୍ରି ଷ୍ଟାଇଲରେ ସମ୍ବଲପୁର ଜିଲା ପୋଲିସର କିଶୋର ଲୁହା ପ୍ରଥମ, କମିଶନରେଟ ପୋଲିସ(ଆର୍ମଡ-ବି)ର ସୁଶୀଲ ଲାକ୍ରା ଦ୍ୱିତୀୟ, ସମ୍ବଲପୁର ଜିଲା ପୋଲିସର ମନୋଜ ବାଖ୍ଲୋର ତୃତୀୟ, ୧୦୦ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ସୁରେଶ ପ୍ରଥମ, ଭୁବନେଶ୍ୱର ଓଆଇଏସ୍‌ଏଫର କୁନା ବାଗ ଦ୍ୱିତୀୟ ଓ କମିଶନରେଟ ପୋଲିସ(ଆର୍ମଡ-ବି)ର ମୋହନ ଭୋଇ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର ଡିଆଇଜି ସତ୍ୟବ୍ରତ ଭୋଇ, ସଞ୍ଜୀବ ଆରୋରା ଅତିଥି ଭାବେ ଯୋଗ ଦେଇଥିଲେ।

# ଗାଙ୍ଗୁଲି ଦିଲ୍ଲୀ କ୍ୟାପିଟାଲ୍ସର ପରାମର୍ଶଦାତା

ନୂଆଦିଲ୍ଲୀ, ୧୪।୩(ପି.ଟି.)

ପ୍ରାକ୍ତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ଗୁରୁବାର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ ଦିଲ୍ଲୀ କ୍ୟାପିଟାଲ୍ସର ପରାମର୍ଶଦାତା ନିଯୁକ୍ତ ହୋଇଛନ୍ତି। ନୂଆ ଦାୟିତ୍ୱ ସହ ଗାଙ୍ଗୁଲି ଦିଲ୍ଲୀର ମୁଖ୍ୟ କୋଚ୍ ରିକି ପଣ୍ଟିଂଙ୍କ ସହିତ ଏକାଠି କାମ କରିବେ। ‘ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ କାମ କରିବାର ସୁଯୋଗ ପାଇଥିବାରୁ ବହୁତ ଖୁସି ଅଛି। ପୂର୍ବରୁ ଜିନ୍ଦଲ ଓ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ବିଷୟରେ ଜାଣିଥିଲି। କିନ୍ତୁ ବର୍ତ୍ତମାନ ସେମାନଙ୍କ ସ୍ପୋର୍ଟ୍ସ ବିଭାଗରେ ସାମିଲ ହେବାରେ ସୁଯୋଗ ପାଇଛି। ଦିଲ୍ଲୀର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ସହିତ ମିଶି ଏକାଠି କାମ କରିବାକୁ ବ୍ୟଗ୍ର ରହିଛି’ ବୋଲି ଗାଙ୍ଗୁଲି ପ୍ରକାଶ କରିଛନ୍ତି। ‘ସୌରଭଙ୍କ ପରି ଜଣେ ଅଭିଜ୍ଞ ଖେଳାଳି ଦଳରେ ସାମିଲ ହୋଇଥିବାରୁ ଆମ ଟିମ୍ ନିଶ୍ଚିତ ଉପକୃତ ହେବ ବୋଲି ଦିଲ୍ଲୀ କ୍ୟାପିଟାଲ୍ସର ଅଧକ୍ଷ ପାର୍ଥ ଜିନ୍ଦଲ ଏହି ଅବସରରେ କହିଛନ୍ତି। ଶ୍ରେୟାସ ଆୟାରଙ୍କ ନେତୃତ୍ୱାଧୀନ ଦିଲ୍ଲୀ ମାର୍ଚ୍ଚ ୨୪ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଖେଳି ଆଇପିଏଲ୍ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯିବ। ସେହିଭଳି ଦିଲ୍ଲୀ ଏହାର ପ୍ରଥମ ଘରୋଇ ମ୍ୟାଚ୍ ମାର୍ଚ୍ଚ ୨୬ରେ ଡିଫେଣ୍ଡିଂ ଚାମ୍ପିୟନ ଚେନ୍ନାଇ ସୁପର୍ କିଙ୍ଗ୍ସ ବିପକ୍ଷରେ ଖେଳିବ।

## ‘ସିଓଏଠାରୁ ପରାମର୍ଶ ନେଇଛି’

କୋଲକାତା, ୧୪।୩ (ପି.ଟି.)

ଆଇପିଏଲ ଫ୍ରାଞ୍ଚାଇଜ୍ ଦିଲ୍ଲୀ କ୍ୟାପିଟାଲ୍ସର ପରାମର୍ଶଦାତା ଭୂମିକା ଗ୍ରହଣ କରିବା ଦ୍ୱାରା ସେ ସ୍ୱାର୍ଥ ଜନିତ ଦ୍ୱନ୍ଦ୍ୱ (କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ) ପରିସରଭୁକ୍ତ ହେଉ ନାହାନ୍ତି ବୋଲି କହିଛନ୍ତି ପୂର୍ବତନ ଭାରତୀୟ ଅଧିନାୟକ ତଥା ବେଙ୍ଗଲ କ୍ରିକେଟ ଆସୋସିଏଶନ (ସିଏବି) ସଭାପତି ସୌରଭ ଗାଙ୍ଗୁଲି। ସେ କହିଛନ୍ତି ମୁଁ ପୂର୍ବରୁ ଆଇପିଏଲ ଗଭର୍ଣ୍ଣିଂ କାଉନ୍‌ସିଲରୁ ଇସ୍ତଫା ଦେଇ ସାରିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରଶାସକ କମିଟି (ସିଓଏ)ର ପରାମର୍ଶ ମଧ୍ୟ ନେଇଛି। ତେଣୁ କୌଣସି ସ୍ୱାର୍ଥଜନିତ ଦ୍ୱନ୍ଦ୍ୱ ଉପୁଜି ନାହିଁ। ଗାଙ୍ଗୁଲି ପୁଣି କହିଛନ୍ତି ଯେ, ଜଣେ ପ୍ରଶାସକ ଭାବେ ୫ ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିସାରିବା ପରେ ଏବେ ବୈଷୟିକ ଏବଂ ରଣକୌଶଳ ପ୍ରସ୍ତୁତି କ୍ଷେତ୍ରରେ କାର୍ଯ୍ୟ କରିବା ଲାଗି ମୁଁ ଆଗ୍ରହୀ।

# ନାଗପୁରକୁ ହରାଇଲା ୟୁନିୟନ ସ୍ପୋର୍ଟିଂ

ବନ୍ତ, ୧୪।୩ (ଡି.ଏନ.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ହନୁମାନ ଜୀଉ ମିନିଷ୍ଟାଡିୟମଠାରେ ଟିଲୋ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଗୁରବାର ୨୬ତମ ପ୍ରଦୀପ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ୟୁନିୟନ ସ୍ପୋର୍ଟିଂ ୪ ରନରେ ନାଗପୁର ଦଳକୁ ପରାସ୍ତ କରିଛି। ନାଗପୁର ଟିମ୍ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୟୁନିୟନ ସ୍ପୋର୍ଟିଂ ସମସ୍ତ ଉଇକେଟ ହରାଇ ୧୫୫ ରନ୍ କରିଥିଲା। ଦଳ ପକ୍ଷରୁ ଲୀଳାଧର ପ୍ରଧାନ ୩୯ ଓ ସୌରଭ କାନୁଜିଆ ୩୩ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଯଦୁନ୍ଦ୍ରା ତାମ୍ବା ୩, କୁଶଲ ପିମ୍ପଲକର ୨ଟି ଉଇକେଟ ଅକ୍ତିଆର କରିଥିଲେ। ୧୫୬ ରନ୍‌ର ପିଛା କରି ନାଗପୁର ଟିମ୍ ୨୦ ଓଭରରେ ୮ ଉଇକେଟ ହରାଇ ୧୫୧ ରନ୍ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ବିକ୍ରମଜିତ ସିଂ ୫୩ ଓ ଆଗାମ କୋହଲି ୨୦ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଭିରେନ୍ଦ୍ର ପ୍ରତାପ ୩, ପ୍ରଶାନ୍ତ ରାଣା ୨ ଉଇକେଟ ଅକ୍ତିଆର କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ୟୁନିୟନ ସ୍ପୋର୍ଟିଂର ଭିରେନ୍ଦ୍ର ପ୍ରତାପଙ୍କୁ ପୁରସ୍କୃତ କରାଯାଇଥିଲା। ଓସିଏ ଅମ୍ପାୟର ଶାନ୍ତନୁ ରାଉତ ଓ ଲଲାଟ କେଶରୀ ନନ୍ଦ ମ୍ୟାଚ୍ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଅଜୟ ପଣ୍ଡା, ସୁରେଶ ସାଣ୍ଡିଲ, ନାରାୟଣ ସାହୁ, କହ୍ନେଇ ଲାଲ ଏବଂ ସ୍କୋରର ଭାବେ ଶମ୍ଭୁନାଥ ମହାନ୍ତି, ମାନସ ନାୟକ ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର ୧ମ ମ୍ୟାଚ୍ ପୁଲ-ବିର ଉତ୍ତରାଖଣ୍ଡ ବନାମ ଝାଡ଼ଖଣ୍ଡ ଏବଂ ୨ୟ ମ୍ୟାଚ୍ ପୁଲ-ଏର ନାଗପୁର ବନାମ ଦକ୍ଷିଣପୂର୍ବ ରେଳୱେ ଆଦ୍ରା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନର ସଭାପତି ଇଂ. ଲକି ମାଷ୍ଟର ସ୍ୱାଇଁ ଓ ସମ୍ପାଦକ ଅସିତ୍ କୁମାର କର ସୂଚନା ଦେଇଛନ୍ତି।



ପ୍ରଦୀପ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ।

ଧରିତ୍ରୀ
DHARITRI
ଶୁକ୍ରବାର, ୧୫ ମାର୍ଚ୍ଚ, ୨୦୧୯



“ୟୁଏଇରେ ଖେଳାଯିବାକୁ ଥିବା ଦିନିକିଆ ସିରିଜରେ ପାକିସ୍ତାନ ବୋଲର ମହମ୍ମଦ ହାସ୍‌ନେନ୍ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନମାନଙ୍କୁ ଅଡୁଆରେ ପକାଇ ପାରନ୍ତି।
– ଶେନ୍ ୱାଟ୍‌ସନ, ଅଷ୍ଟ୍ରେଲୀୟ କ୍ରିକେଟର



“୨୦୧୯ ସିଜନରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଲୁଇସ୍ ହାମିଲଟନଙ୍କୁ ପଛରେ ପକାଇବା ସହ ଫେରାରୀ ଟିମ୍‌କୁ ଶୀର୍ଷରେ ପହଞ୍ଚାଇବା ମୋର ମୂଳ ଲକ୍ଷ୍ୟ ରହିଛି।
– ସେବାଷ୍ଟିଆନ ଭେଟେଲ, ଫର୍ମୁଲାୱାନ୍ ଡ୍ରାଇଭର



## ସଂକ୍ଷେପରେ

### ସନ୍ଦୀପଙ୍କ ସହ କେକେଆର୍‌ର ଚୁକ୍ତି

କୋଲକାତା, ୧୪।୩- ଆଇପିଏଲ୍‌ର ଆଗାମୀ ଦ୍ୱାଦଶ ସଂସ୍କରଣ ଲାଗି କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ଗୁରୁବାର କେରଳ ଦ୍ରୁତ ବୋଲର ସନ୍ଦୀପ ୱାରିୟରଙ୍କ ସହ ଚୁକ୍ତି କରିଛି। ଆଇପିଏଲ୍‌ର ଖେଳାଳି ନିଲାମୀରେ ସନ୍ଦୀପଙ୍କୁ କୌଣସି ଫ୍ରାଞ୍ଚାଇଜ କ୍ରୟ କରି ନ ଥିଲା। କିନ୍ତୁ କେକେଆର୍ ଦ୍ରୁତ ବୋଲର କମଲେଶ ନାଗରକୋଟି ଆଘାତ ପାଇବା ଯୋଗୁ ସନ୍ଦୀପଙ୍କୁ ଦଳରେ ସାମିଲ କରାଯାଇଛି। ଚଳିତ ଘରୋଇ କ୍ରିକେଟ ସିଜନରେ ସନ୍ଦୀପ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସେ ରଣଜୀ ଟ୍ରଫିରେ ୧୦ଟି ମ୍ୟାଚ୍‌ରୁ ୪୪ ଉଇକେଟ୍ ନେଇ କେରଳକୁ ପ୍ରଥମଥର ଲାଗି ଚାମ୍ପିୟନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ସୟଦ ମୁସ୍ତାକ ଅଲି ଟି୨୦ ପ୍ରତିଯୋଗିତାରେ ୬ ମ୍ୟାଚ୍‌ରୁ ୧୨ ଉଇକେଟ୍ ଅକ୍ତିଆର କରିଛନ୍ତି, ଯେଉଁଥିରେ ଆନ୍ଧ୍ରପ୍ରଦେଶ ବିପକ୍ଷରେ ଏକ ହ୍ୟାଟ୍ରିକ ସାମିଲ ରହିଛି। ସନ୍ଦୀପ ଏଥିପୂର୍ବରୁ ୨୦୧୩ରୁ ୨୦୧୫ ପର୍ଯ୍ୟନ୍ତ ରୟାଲ ଚ୍ୟାଲେଞ୍ଜର୍ସ ଦଳରେ ରହିଥିଲେ ମଧ ଗୋଟିଏ ବି ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ। କୋଲକାତା ମାର୍ଚ୍ଚ ୨୪ରେ ସନରାଇଜର୍ସ ହାଇଦ୍ରାବାଦ୍ ବିପକ୍ଷରେ ଖେଳି ଆଇପିଏଲ୍‌ରେ ଅଭିଯାନ ଆରମ୍ଭ କରିବ।

### ଜ୍ୟୋସ୍ନାଙ୍କ ଅଭିଯାନ ଶେଷ

କାଇରୋ,୧୪।୩(ପିଟି)- ଏଠାରେ ଚାଲିଥିବା ମହିଳା ବ୍ଲାକ୍ ବଲ ସ୍କ୍ୱାଶ୍ ଓପନ ଟୁର୍ନାମେଣ୍ଟରେ ଭାରତୀୟ ଖେଳାଳି ଜ୍ୟୋସ୍ନା ଚିନାପ୍ପାଙ୍କ ସ୍ମରଣୀୟ ଅଭିଯାନର ଅନ୍ତ ଘଟିଛି। ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ବିଶ୍ୱର ୫ମ ର୍‍ୟାଙ୍କ୍ ଜୋଲି କିଙ୍ଗ୍‌ଙ୍କଠାରୁ ସେ ପରାସ୍ତ ହୋଇଛନ୍ତି। ୩ୟ ସିଡ୍ କିଙ୍ଗ୍ ୭-୧୧, ୧୨-୧୦, ୨-୧୧, ୧୧-୫, ୧୧-୮ ଗେମ୍‌ରେ ଜ୍ୟୋସ୍ନାଙ୍କୁ ହରାଇ ଦେଇଛନ୍ତି। ମୁକାବିଲାଟି ଏକ ଘଣ୍ଟା ୪ ମିନିଟ୍ ଧରି ଚାଲିଥିଲା। ଉଭୟଙ୍କ ମଧ୍ୟରେ କଡ଼ା ସଂଘର୍ଷ ହୋଇଥିଲା। ଜ୍ୟୋସ୍ନା ଏକଦା ୨-୧ ବ୍ୟବଧାନରେ ଆଗୁଆ ଥିଲେ। କିନ୍ତୁ ଅସ୍ଥିର ପ୍ରଦର୍ଶନ ଯୋଗୁ ତାଙ୍କୁ ପରାଜିତ ହେବାକୁ ପଡ଼ିଥିଲା। ପୂର୍ବରୁ ଭାରତୀୟ ଖେଳାଳି କିମ୍ବଦନ୍ତୀ ନିକୋଲ ଡେଭିଡ ଓ ୬ଷ୍ଠ ସିଡ୍ ସାରା ଜାନେ ପେରୀଙ୍କୁ ହରାଇଥିଲେ।

### ସିରିଜ ଅଧାରୁ ସ୍ୱଦେଶ ଫେରିବେ ଶ୍ରୀଲଙ୍କା କୋଚ୍

କଲମ୍ବୋ, ୧୪।୩(ପି.ଟି.)- ଦକ୍ଷିଣ ଆଫ୍ରିକା ଗସ୍ତରେ ଥିବା ଶ୍ରୀଲଙ୍କା କ୍ରିକେଟ ଦଳର ମୁଖ୍ୟ କୋଚ୍ ଚନ୍ଦ୍ରିକା ହାତୁରସିଂଘେଙ୍କୁ ସିରିଜ ଅଧାରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାକୁ କୁହାଯାଇଛି। ଦୁଇଦେଶ ମଧ୍ୟରେ ଚାଲିଥିବା ଦିନିକିଆ ସିରିଜର ଅନ୍ତିମ ତଥା ୫ମ ମ୍ୟାଚ୍ ଆସନ୍ତା ୧୬ରେ କେପ୍‌ଟାଉନରେ ଖେଳାଯିବ। ଏହି ମ୍ୟାଚ୍ ପରେ ହାତୁରସିଂଘେ ସ୍ୱଦେଶ ଫେରିବେ। ତାଙ୍କ ସ୍ଥାନରେ ଫିଲ୍ଡିଂ କୋଚ୍ ଷ୍ଟିଭ୍ ରିକ୍ସନ ମାର୍ଚ୍ଚ ୧୯ରୁ ଆରମ୍ଭ ହେବାକୁ ଥିବା ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜରେ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ସମ୍ଭାଳିବେ ବୋଲି ଶ୍ରୀଲଙ୍କା କ୍ରିକେଟ ସଭାପତି ଶାମି ସିଲଭା କହିଛନ୍ତି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ୪ ମ୍ୟାଚ୍ ହାରି ଶ୍ରୀଲଙ୍କା ଆଗୁଆ ୪-୦ରେ ସିରିଜ ପଛୁଆ ରହିଛି। ଇଂଲଣ୍ଡରେ ହେବାକୁ ଥିବା ଆଗାମୀ ଆଇସିସି ବିଶ୍ୱକପ୍ ପାଇଁ କ'ଣ ପ୍ଲାନ ରହିଛି ତାହା ଜାଣିବା ପାଇଁ ହାତୁରସିଂଘେଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନର କାରଣ ବୋଲି ଜଣାପଡ଼ିଛି।

# ଆଜିଠାରୁ କଳିଙ୍ଗରେ ହିରୋ ସୁପର କପ୍ ଫୁଟ୍‌ବଲ

## ମିନର୍ଭାର ଆଭିମୁଖ୍ୟ ନେଇ ଏଆଇଏଫ୍‌ଏଫ୍‌ର ଅସନ୍ତୋଷ

ଭୁବନେଶ୍ୱର,୧୪।୩ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ହାଇପ୍ରୋଫାଇଲ ହିରୋ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣ। ଶୁକ୍ରବାର ଓ ଶନିବାର ଦୁଇଟି ଲେଖାଏ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ। ପ୍ରଥମ ଦିବସର ପ୍ରଥମ ମ୍ୟାଚ୍‌ରେ ପୁଣେ ଏଫ୍‌ସି ସିଟି ଓ ମିନର୍ଭା ପଞ୍ଜାବ ଏଫ୍‌ସି କ୍ୱାଲିଫାୟର-୧ରେ ପରସ୍ପରକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଦ୍ୱିତୀୟ କ୍ୱାଲିଫାୟରରେ କେରଳ ବ୍ଲାଷ୍ଟର ଏଫ୍‌ସି ଓ ଇଣ୍ଡିଆନ ଆରୋଜ ମୁହାଁମୁହିଁ ହେବେ। ଆଇ- ଲିଗ୍ ଓ ଇଣ୍ଡିଆନ ସୁପର ଲିଗ୍‌ରେ ସପ୍ତମରୁ ଦଶମସ୍ଥାନରେ ରହିଥିବା ଦଳଗୁଡ଼ିକ ମଧ୍ୟରେ କ୍ୱାଲିଫାୟର ଖେଳାଯିବ। ୨୯ ତାରିଖରୁ ନକ୍‌ଆଉଟ୍ ଫର୍ମାଟରେ ଫାଇନାଲ ରାଉଣ୍ଡ ଖେଳାଯିବ। ଆଇ- ଲିଗ୍ ଓ ଇଣ୍ଡିଆନ ସୁପର ଲିଗ୍‌ର ଶ୍ରେଷ୍ଠ ୬ଟି ଦଳ ଓ ୪ଟି କ୍ୱାଲିଫାୟର ମ୍ୟାଚ୍‌ଗୁଡ଼ିକର ବିଜୟ ଦଳଗୁଡ଼ିକ ଫାଇନାଲ ରାଉଣ୍ଡରେ ଅବତୀର୍ଣ୍ଣ ହେବେ।

ପ୍ରଥମ କ୍ୱାଲିଫାୟରରେ ମିନର୍ଭା ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଆଉ କେତେ ଘଣ୍ଟାପରେ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଥିଲେ ମଧ ମିନର୍ଭା ଖେଳିବା ନେଇ ସ୍ଥିତି ସ୍ପଷ୍ଟ ହୋଇ ନାହିଁ । ଏପରିକି ଗୁରୁବାର ଆୟୋଜିତ ହୋଇଥିବା ମ୍ୟାଚ୍ ପୂର୍ବର ଖବରଦାତା ସମ୍ମିଳନୀରେ ପୁଣେ ସିଟିର କୋଚ୍ ଓ ଖେଳାଳି ଉପସ୍ଥିତ ଥିଲେ ମଧ ମିନର୍ଭାର କୋଚ୍ ଓ କୌଣସି ଖେଳାଳି ଯୋଗ ଦେଇ ନ ଥିଲେ। ମିନର୍ଭାର ଏଭଳି ଆଚରଣକୁ ନେଇ ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଅସନ୍ତୋଷ ଜାହିର କରିଛି। ମିନର୍ଭାର ଏଭଳି ଆଚରଣ ଏକ ଜବରଦସ୍ତ ଉପେକ୍ଷା ବୋଲି ଏଆଇଏଫ୍‌ଏଫ୍ ତରଫରୁ କୁହାଯାଇଛି।

ମଙ୍ଗଳବାର ୮ଟି ଆଇ- ଲିଗ୍ କ୍ଲବ ଏହି ଟୁର୍ନାମେଣ୍ଟରୁ ଓହରିଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ଫଳରେ ଟୁର୍ନାମେଣ୍ଟ ଆୟୋଜନ ନେଇ ଅନିଶ୍ଚିତତା ଦେଖା ଦେଇଥିଲା। ଏଆଇଏଫ୍‌ଏଫ୍ ଆଇ- ଲିଗ୍ ଦଳଗୁଡ଼ିକୁ ଅବହେଳା କରୁଛି ଓ ବୈମାତୃକ ମନୋଭାବ ପୋଷଣ କରୁଛି ବୋଲି ଅଭିଯୋଗ ହୋଇଥିଲା। ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୁଣେ, କେରଳ ଓ ଆରୋଜର କୋଚ୍ ଓ ଖେଳାଳିମାନେ ଯୋଗ ଦେଇଥିଲେ ମଧ ମିନର୍ଭାର କୌଣସି ପ୍ରତିନିଧି ଏଥିରେ ଅଂଶଗ୍ରହଣ କରି ନ ଥିଲେ। ତେବେ ମିନର୍ଭାର ଖେଳାଳିମାନେ ଭୁବନେଶ୍ୱରରେ ଏବେ ଅଛନ୍ତି। ମିନର୍ଭାର ଖେଳାଳିମାନେ ବୁଧବାର ଅପରାହ୍ନ ଓ ଗୁରୁବାର ସକାଳେ ଅଭ୍ୟାସ କରି ନାହାନ୍ତି। ଯଦି ମିନର୍ଭା ଶୁକ୍ରବାର ଅନୁପସ୍ଥିତ ରହେ ତେବେ ଟୁର୍ନାମେଣ୍ଟ ନିୟମ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ ଓ କର୍ତ୍ତୃପକ୍ଷଙ୍କୁ ଏନେଇ ଅବଗତ କାରଯିବ। ପରେ ଏ ନେଇ ଉଚିତ୍ ନିଷ୍ପତ୍ତି ନିଆଯିବ ବୋଲି ଏଆଇଏଫ୍‌ଏଫ୍ ତରଫରୁ ସ୍ପଷ୍ଟ କରାଯାଇଛି। ସୁପର କପ୍ ଏକ ନକ୍‌ଆଉଟ୍ ଭିତ୍ତିକ ଟୁର୍ନାମେଣ୍ଟ ହୋଇଥିବାରୁ ଦଳଗୁଡ଼ିକ କର ବା ମର ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି।

ମିନର୍ଭା ବିପକ୍ଷରେ ଆମେ ଭଲ ପ୍ରଦର୍ଶନ କରିବୁ ବୋଲି ପୁଣେ କୋଚ୍ ଫିଲିପ୍ ବ୍ରାଉନ ଓ ମିଡଫିଲ୍ଡର ଆଦିଲ ଖାନ୍ ଖବରଦାତା ସମ୍ମିଳନୀରେ କହିଛନ୍ତି। ଦଳ ପେସାଦାର ଢଙ୍ଗରେ ଖେଳ ପ୍ରଦର୍ଶନ କରିବ। ଏହା ଏକ ନକ୍‌ଆଉଟ୍ ମ୍ୟାଚ୍ ହୋଇଥିବାରୁ ଆମକୁ ସମ୍ପୂର୍ଣ୍ଣ ଶକ୍ତି ସହ ପଡିଆକୁ ଓହ୍ଲାଇବାକୁ ହେବ ବୋଲି ବ୍ରାଉନ୍ କହିଛନ୍ତି। ଆମ ଦଳରେ ଏକାଧିକ ମ୍ୟାଚ୍ ୱିନର ଅଛନ୍ତି। ହାରିଲେ ଆମେ ଘରକୁ ଯିବୁ। ତେଣୁ ଆମକୁ ଦଳଗତ ପ୍ରଦର୍ଶନ କରିବାକୁ ହେବ। ମିନର୍ଭା ଦଳକୁ ଆମେ ଆଦୌ ହାଲ୍‌କା ଭାବେ ନେଉନାହୁଁ ଓ ଏହା ଏକ ସନ୍ତୁଳିତ ଦଳ। ତେଣୁ ଜିତିବା ପାଇଁ ହିଁ ଆମେ ପଡ଼ିଆକୁ ଓହ୍ଲାଇବୁ ବୋଲି ଆଦିଲ କହିଛନ୍ତି।

ଦ୍ୱିତୀୟ କ୍ୟାଲିଫାୟର ପାଇଁ କେରଳ ବ୍ଲାଷ୍ଟର୍ସ କୋଚ୍ ନେଲୋ ଭିଙ୍ଗଡ଼ା ଓ ଫରୱାର୍ଡ ମାଟେଜ ପପ୍‌ଲାଷ୍ଟିକ୍, ଇଣ୍ଡିଆନ ଆରୋଜ କୋଚ୍ ଫ୍ଲଏଡ ପିଣ୍ଟୋ ଓ ମିଡ ଫିଲ୍ଡର ଅମରଜିତ ସିଂ କିୟାମ ମ୍ୟାଚପୂର୍ବର ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଆରୋଜ ଏକ ଯୁବ ଦଳ ହୋଇଥିବାରୁ ଆମେ ପୂରା ପ୍ରସ୍ତୁତି ସହ ପଡିଆକୁ ଓହ୍ଲାଇବୁ ବୋଲି କେରଳ କୋଚ୍ ଭିଙ୍ଗଡା କହିଛନ୍ତି। ଏହି ଅବସରରେ ସେ ଆରୋଜ ଦଳକୁ ପ୍ରଶଂସା କରିଥିଲେ। ଅନ୍ୟପଟେ ଫ୍ଲଏଡ ପିଣ୍ଟୋ ମଧ ଦଳର ଭଲ ପ୍ରଦର୍ଶନ ନେଇ ଆଶାବାଦୀ ଥିବା କଥା କହିଛନ୍ତି। ଏହା ଏକ ନକ୍‌ଆଉଟ ମ୍ୟାଚ୍ ହୋଇଥିବାରୁ ଆମେ ପୂରା ସାମର୍ଥ୍ୟର ସହ ଖେଳିବୁ ଓ ଯୋଜନା ଅନୁଯାୟୀ ପ୍ରଦର୍ଶନ କରିବୁ। ଦଳରେ ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ସପକ୍ଷରେ ପିଣ୍ଟୋ ମତ ଦେଇଥିଲେ। ଦ୍ରୁତ ଫୁଟବଲ ପାଇଁ ଅବଶ୍ୟ ଦଳରେ ଯୁବ ଖେଳାଳି ରହିବା ଉଚିତ୍ ବୋଲି ପିଣ୍ଟୋ ମତ ଦେଇଥିଲେ।




ଖବରଦାତା ସମ୍ମିଳନୀରେ କେରଳ ବ୍ଲାଷ୍ଟର୍ସ ଫରୱାର୍ଡ ମାଟେଜ ପପ୍‌ଲାଷ୍ଟିକ ଓ କୋଚ୍ ନେଲୋ ଭିଙ୍ଗାଡା, ଇଣ୍ଡିଆନ ଆରୋଜ କୋଚ୍ ଫ୍ଲଏଡ୍ ପିଣ୍ଟୋ ଓ ମିଡ୍ ଫିଲ୍ଡର ଅମରଜିତ୍ ସିଂ

### କାର୍ଯ୍ୟସୂଚୀ

**କ୍ୱାଲିଫାୟର**

- ମାର୍ଚ୍ଚ ୧୫: ପୁଣେ ସିଟି ବନାମ ମିନର୍ଭା ପଞ୍ଜାବ, ସମୟ: ଅପରାହ୍ନ ୫ଟା
- ମାର୍ଚ୍ଚ ୧୫: କେରଳ ବ୍ଲାଷ୍ଟର୍ସ ବନାମ ଇଣ୍ଡିଆନ ଆରୋଜ, ସମୟ: ରାତି ୮ଟା ୩୦
- ମାର୍ଚ୍ଚ ୧୬: ଦିଲ୍ଲୀ ଡାଇନାମସ ବନାମ ଗୋକୁଲମ କେରଳ, ସମୟ: ଅପରାହ୍ନ: ୫ଟା
- ମାର୍ଚ୍ଚ ୧୬: ଚେନ୍ନାଇନ୍ ଏଫସି ବନାମ ଆଇଜଲ ଏଫସି, ସମୟ: ରାତି ୮ଟା ୩୦

### ବିନା ଟିକେଟ୍‌ରେ ଦର୍ଶକ ମ୍ୟାଚ୍ ଦେଖିପାରିବେ

ଫୁଟବଲ ପ୍ରେମୀ ତଥା ଦର୍ଶକମାନେ ବିନା ଟିକେଟରେ ମ୍ୟାଚ୍ ଦେଖିପାରିବେ। ଦର୍ଶକମାନେ ବି,ସି ଓ ଡି ବ୍ଲକ୍ ବାଟ ଦେଇ ଷ୍ଟାଡିୟମରେ ପ୍ରବେଶ କରିବେ। ୩ ନମ୍ବର ଗେଟ ଦେଇ ଦର୍ଶକ ଏଣ୍ଟ୍ରି କରିବେ। ତେବେ ଯାନ ସହ ଆସିଥିବା ଦର୍ଶକ ୮ବି ଗେଟ୍ ଦେଇ ଷ୍ଟାଡିୟମରେ ପ୍ରବେଶ କରିବେ। ସିପିଡିଓ ଗ୍ରାଉଣ୍ଡରେ ଦର୍ଶକମାନେ ଗାଡି ପାର୍କିଂ କରିପାରିବେ।

■ ରାମେଶ୍ୱର କପ୍ ଜୁନିୟର କ୍ରିକେଟ

## ଗ୍ରୀନ୍ସ ଏକାଡେମୀ ସେମିଫାଇନାଲରେ

ଭୁବନେଶ୍ୱର, ୧୪।୩(କ୍ରୀଡ଼ା ପ୍ରତିନିଧି)

ବିଏମ୍ ହାଇସ୍କୁଲ ପଡ଼ିଆରେ ଚାଲିଥିବା ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟରେ ଦ୍ୱିତୀୟ ଦଳଭାବେ ଭୁବନେଶ୍ୱରର ଗ୍ରୀନ୍ସ ଏକାଡେମୀ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଗ୍ରୀନ ୪୮ ରନରେ କଟକର ବିଶ୍ୱଭାରତୀକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୀନ୍ସ ନିର୍ଦ୍ଧାରିତ ୪୦ ଓଭରରେ ୮ ଉଇକେଟ ହରାଇ ୨୧୪ ରନ କରିଥିଲା। ଦଳ ପକ୍ଷରୁ ମୃତ୍ୟୁଞ୍ଜୟ ମାନସିଂ ସର୍ବାଧିକ ୬୩, ଏସ.ହିମାଂଶୁ ୫୬ ରନ କରିଥିବାବେଳେ ବିପକ୍ଷ ଦଳର ଶିବାଶିଷ ସାହୁ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ଜବାବରେ ବିଶ୍ୱଭାରତୀ ୩୬.୨ ଓଭରରେ ୧୬୬ ରନରେ ଅଲଆଉଟ ହୋଇ ଯାଇଥିଲା। ଦଳର ସୁମନ ସୌରଭ ଓଝା ୫୫ ଓ ସଙ୍କେତ ସ୍ୱରୂପ ୩୬ ରନ କରିଥିଲେ। ବିଜୟୀ ଦଳର ବୋଲର ସୂର୍ଯ୍ୟକାନ୍ତ ଭୂତିଆ ୨୨ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିବାବେଳେ ତାରିଣୀ ପ୍ରସାଦ ନାୟକ ୩ଟି ଉଇକେଟ ନେଇଥିଲେ। ଓଡ଼ିଶା ରଣଜୀ କୋଚ୍ ରଶ୍ମିରଞ୍ଜନ ପରିଡ଼ା ଓ ଯୁବ ନେତା ସତ୍ୟଜିତ ଜେନା ଅତିଥିଭାବେ ଯୋଗଦେଇ ସୂର୍ଯ୍ୟକାନ୍ତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ନିହାର ପଟ୍ଟନାୟକ ଓ ବିଶ୍ୱଜିତ ମଲିକ ମ୍ୟାଚ ପରିଚାଳନା କରିଥିବାବେଳେ ସ୍କୋରର ଥିଲେ ଶ୍ରୀତମ ମହାନ୍ତି। ଶୁକ୍ରବାର ଗ୍ରୁପ 'ବି'ର ପ୍ରଥମ ପ୍ରି-କ୍ୱାର୍ଟର ଫାଇନାଲ ରାଇଜିଂ ଷ୍ଟୁଡେଣ୍ଟ୍ସ ଓ ଓସ୍କାର ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହେବ। ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ଗ୍ରୀନ୍ସ ଏକାଡେମୀ ୮ ଉଇକେଟରେ ସୋଲାର କ୍ଲବକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।




ମ୍ୟାନ ଅଫ ଦି ମ୍ୟାଚ ସୂର୍ଯ୍ୟକାନ୍ତ ଭୂତିଆ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଭାଗ୍ୟଧର ଟ୍ରଫି ଫୁଟବଲ

## ଫାଇନାଲରେ କିଶୋର କ୍ଲବ

ଭୁବନେଶ୍ୱର, ୧୪।୩(କ୍ରୀଡ଼ା ପ୍ରତିନିଧି)

ସିଟି କ୍ଲବ ଏବଂ ଏସଜିଓ ଆନୁକୂଲ୍ୟରେ ନୟାପଲ୍ଲୀର ଇନ୍ଦିରା ମଇଦାନରେ ଚାଲିଥିବା ୪ର୍ଥ ଭାଗ୍ୟଧର ଟ୍ରଫି ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ଦଳଭାବେ କିଶୋର କ୍ଲବ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ କିଶୋର କ୍ଲବ ୨-୦ ଗୋଲରେ ୟୁନାଇଟେଡ କ୍ଲବକୁ ପରାସ୍ତ କରିଛି। ମ୍ୟାଚର ୬୦ ଓ ୬୯ ମିନିଟରେ ୨ଟି ଗୋଲ ସ୍କୋର କରିଥିବା ବିଜୟୀ ଦଳର ପ୍ରଶାନ୍ତ ନାୟକ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରେଫରି ଶିବଶଙ୍କର ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ। ତାଙ୍କୁ ଲାଇନ୍‌ରେ ସହାୟତା କରିଥିଲେ ସୁବିତ କୁମାର ପାତ୍ର ଓ ଦୁର୍ଗା ଆଚାର୍ଯ୍ୟ। ଶୁକ୍ରବାର କଟକ କ୍ରୀଡ଼ା ଛାତ୍ରାବାସ ଓ ମଙ୍ଗଳା କ୍ଲବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ।

## ଦ୍ୟୁତୀ ମୁଖ୍ୟ ଆକର୍ଷଣ

**ଫେଡେରେଶନ କପ୍**

ପଟିଆଲା,୧୪।୩(ପିଟି)

ଏଠାରେ ଶୁକ୍ରବାରଠାରୁ ୪ ଦିନିଆ ଫେଡେରେଶନ କପ୍ ଜାତୀୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆରମ୍ଭ ହେବାକୁ ଯାଉଛି। ଏହି ଇଭେଣ୍ଟର ମୁଖ୍ୟ ଆକର୍ଷଣ ରହିବେ ଏସିଆନ୍ ଗେମ୍ସ ୧୦୦ ଓ ୨୦୦ ମିଟର ବର୍ଗର ରୌପ୍ୟ ପଦକ ବିଜୟିନୀ ଦ୍ୟୁତୀ ଚାନ୍ଦ। ସେ ୨୦୦ ମି. ବର୍ଗ ଦୌଡ଼ରେ ନୂଆ ସ୍ପ୍ରିଣ୍ଟ ସେନ୍‌ସେଶନ ହିମା ଦାସଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏହି ଇଭେଣ୍ଟରେ ଦ୍ୟୁତୀଙ୍କ ଟାଇମିଂ ୨୩ ସେକେଣ୍ଡ ରହିଥିବାବେଳେ ହିମାଙ୍କ ଟାଇମିଂ ୨୩.୧୦ ସେକେଣ୍ଡ ରହିଛି। ଏଣୁ ଉଭୟଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଷ୍ଟାର ଭାଲେଲିନ ଥ୍ରୋୟର ନୀରଜ ଚୋପ୍ରା ଏହି ଇଭେଣ୍ଟରେ ଖେଳିବେ ନାହିଁ। ସେ ଗତ ଜାନୁୟାରୀ ୧୨ ତାରିଖରୁ ଏପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାରେ ପ୍ରଶିକ୍ଷଣ ନେଉଛନ୍ତି। ଇଭେଣ୍ଟରେ ଅଂଶଗ୍ରହଣ ନ କଲେ ମଧ ଆସନ୍ତା ଏପ୍ରିଲ ୧୯ରୁ ୨୪ ତାରିଖ ପର୍ଯ୍ୟନ୍ତ ଦୋହାଠାରେ ହେବାକୁ ଥିବା ଏସିଆନ୍ ଚାମ୍ପିୟନଶିପ୍ ଲାଗି ଭାରତୀୟ ଦଳରେ ତାଙ୍କୁ ଚୟନ କରାଯିବ। ତାଙ୍କ ବ୍ୟତୀତ ଜାତୀୟ ରେକର୍ଡଧାରୀ ଲଙ୍ଗ ଜମ୍ପର ଏମ୍. ଶ୍ରୀକାନ୍ତ ଓ ତେଜସ୍ୱିନୀ ଶଙ୍କର ଅଂଶଗ୍ରହଣ କରିବେ ନାହିଁ। ଶ୍ରୀକାନ୍ତ ଆହତ ସମସ୍ୟା ଦେଇ ଗତି କରୁଥିବାବେଳେ ଆମେରିକାର କାନ୍‌ସାସ ରାଜ୍ୟ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ତେଜସ୍ୱିନୀଙ୍କ ପରୀକ୍ଷା ଆରମ୍ଭ ହୋଇଯାଇଛି। ଏସିଆନ୍ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବାକୁ ହେଲେ ଫେଡେରେଶନ କପ୍‌ରେ ଭାରତୀୟ ଆଥ୍‌ଲେଟ୍‌ଙ୍କ ଖେଳିବା ବାଧ୍ୟତାମୂଳକ ବୋଲି ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ କୁହାଯାଇଛି। ହେଲେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ଏହି ଇଭେଣ୍ଟରେ ପୁରୁଷ କ୍ୱାର୍ଟର ମିଲର ମହମ୍ମଦ ଆନସ୍, ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକଧାରୀ ଜିନସନ ଜନସନ ଓ ମନଜିତ ସିଂ (୮୦୦ ଓ ୧୫୦୦ ମି), ଅର୍ପିନ୍ଦର ସିଂ (ଟ୍ରିପଲ ଜମ୍ପ), ତାଜିନ୍ଦର ସିଂ ତୁର (ଶଟପୁଟ), ସ୍ୱପ୍ନା ବର୍ମନ (ହେପ୍ଟାଥଲନ)ଙ୍କୁ ଆକ୍ସନରେ ଦେଖିବାକୁ ମିଳିବ। ୨୦୧୭ ପର୍ଯ୍ୟନ୍ତ ନୀରଜଙ୍କ ବଡ଼ ପ୍ରତିଦ୍ୱନ୍ଦ୍ୱୀ ହୋଇ ରହିଥିବା ଦାବିନ୍ଦର ସିଂ କାଙ୍ଗ ଟ୍ରାକ୍‌କୁ ଫେରିବାକୁ ଯାଉଛନ୍ତି। ତାଙ୍କୁ ଡୋପିଂ ମାମଲାରୁ ମୁକ୍ତ କରାଯାଇଛି। ତାଙ୍କ ଭଳି ନାଡା ପକ୍ଷରୁ ଡୋପିଂ ମାମଲାରୁ ମୁକ୍ତ ହୋଇଥିବା ଶଟ୍‌ପୁଟର ଇନ୍ଦରଜିତ ସିଂ ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବେ।

# ବିଶ୍ୱକପ୍ ପ୍ରସ୍ତୁତିରେ ସମସ୍ୟା

ନୂଆଦିଲ୍ଲୀ,୧୪।୩ (ପି.ଟି.)

ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ମାସେ ଥିବାବେଳେ ଭାରତର ପ୍ରସ୍ତୁତି ନେଇ ସମସ୍ୟା ଦେଖାଦେଇଛି। ସଦ୍ୟ ସମାପ୍ତ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜରେ ଭାରତ ଘରୋଇ ପରିବେଶରେ ୩-୨ ରେ ପରାସ୍ତ ହେବା ଦ୍ୱାରା ଦଳ ବେଶ୍ ସମାଲୋଚିତ ହୋଇଛି। ଅଧିନାୟକ ବିରାଟ କୋହଲିଙ୍କ ପାଖରେ ପ୍ଲାନ- ଏ ରହିଛି ବୋଲି କହିଛନ୍ତି। ତେବେ ପ୍ଲାନ- ବି ଫେଲ୍ ମାରିଛି ବୋଲି ଏହି ସିରିଜ ପରାଜୟ ପରେ ଏକ ପ୍ରକାର ସ୍ପଷ୍ଟ ହୋଇଛି। ଭାରତ ବିଶ୍ୱକପ୍ ପ୍ରସ୍ତୁତି ଓ ଦଳ ଚୟନ ନେଇ ସମସ୍ୟାର ସମାଧାନ ହୋଇପାରିନାହିଁ ବରଂ ଏହା ବଢ଼ିଯାଇଛି।

୪ ନମ୍ବରରେ କିଏ ବ୍ୟାଟିଂ କରିବ? ଯଦି ଶିଖର ଧାୱନ କ୍ରମାଗତ ଭାବେ ବିଫଳ ହୁଅନ୍ତି ତେବେ ତୃତୀୟ ଓପନର ଭାବେ କାହାକୁ ଦଳରେ ନିଆଯିବ? ଦଳରେ ଜଣେ ଚତୁର୍ଥ ବିକଳ୍ପ ପେସ୍ ବୋଲର ରହିବେ କି ନା? ଦ୍ୱିତୀୟ ଉଇକେଟକିପର ଭାବେ କାହକୁ ଚୟନ କରାଯିବ? ରବୀନ୍ଦ୍ର ଜାଡେଜା ଆଶାନୁରୂପ ପ୍ରଦର୍ଶନ କରିଛନ୍ତି କି? ଏହି ୫ଟି ପ୍ରଶ୍ନର ଉତ୍ତର ଗତ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ମିଳିପାରି ନାହିଁ।

ରାଉଣ୍ଡ ରବିନ୍ ଭିତ୍ତିରେ ଏଥର ବିଶ୍ୱକପ୍ ଖେଳାଯିବ। ଏଭଳି କ୍ଷେତ୍ରରେ ଅତି ଖରାପ୍ ପ୍ରଦର୍ଶନ କଲେ ଭାରତ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡିବ। ୯ଟି ମ୍ୟାଚ୍‌ରୁ ଭାରତକୁ ୬ଟିରେ ବିଜୟ ହାସଲ କରିବାକୁ ପଡିବ। ଏହା ହେଲେ ଭାରତ ଅଗ୍ରଗତି କରିବ। ଭାରତ ଦୁଇଟି ମ୍ୟାଚ୍‌ରେ ଭଲ ଖେଳି ଏହି ସିରିଜ ବିଫଳତାକୁ ଭୁଲି ଆଗକୁ ବଢ଼ିବ ବୋଲି କୋହଲି ହୃଦୟଙ୍ଗମ କରିଛନ୍ତି। ତେଣୁ ସେତେଟା ସମସ୍ୟା ନାହିଁ ବୋଲି ସେ ଚିନ୍ତା କରୁଛନ୍ତି। ଏହି ସିରିଜରେ ଭାରତର ବ୍ୟାଟିଂ ଦୁର୍ବଳତା ପଦାରେ ପଡିଛି। କୋହଲି ଦୁଇଟି ଶତକ ସହ ୩୧୦, ରୋହିତ ଶର୍ମା ଦୁଇଟି ଅର୍ଦ୍ଧଶତକ ସହ ୨୦୨ରନ ସଂଗ୍ରହ କରିଛନ୍ତି। ଶିଖର ଧାୱନ, କେଦାର ଯାଦବ ଓ ବିଜୟ ଶଙ୍କର କେତୋଟି ମ୍ୟାଚ୍‌ରେ ଭଲ ଖେଳିଥିଲେ ମଧ ସ୍ଥିର ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ଅନୁପସ୍ଥିତି ଶେଷ ଦୁଇଟି ମ୍ୟାଚ୍‌ରେ ଅନୁଭୂତ ହୋଇଥିଲା। ରିଷଭ ପନ୍ତ ଏହି ଦୁଇଟି ମ୍ୟାଚ୍‌ରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ଷ୍ଟମ୍ପ ପଛରେ ରହି ଧୋନୀ କେତୋଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥାନ୍ତି। ତେବେ ଶେଷ ଦୁଇଟି ମ୍ୟାଚ୍‌ରେ ତାଙ୍କର ଅନୁପସ୍ଥିତି ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା।

ବୋଲିଂରେ କୁଲଦୀପ ଯାଦବ ୧୦ ଓ ଯଶପ୍ରୀତ ବୁମରା ୭ଟି ଉଇକେଟ ନେଇଛନ୍ତି। ୪ଟି ମ୍ୟାଚ୍ ଖେଳି ରବୀନ୍ଦ୍ର ଜାଡେଜା ୩ଟି ଉଇକେଟ ଅକ୍ତିଆର କରିଛନ୍ତି। ଏହା ଅବଶ୍ୟ ଚୟନକର୍ତ୍ତାଙ୍କୁ ସନ୍ତୁଷ୍ଟ କରି ନ ଥିବ। ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ପରାଜୟ ପରେ ଭାରତୀୟ ଦଳ ପାଇଁ ଉତ୍ତର ମିଳୁ ନ ଥିବା କେତୋଟି ପ୍ରଶ୍ନ ରହିଛି। ବିଶ୍ୱକପ୍ ପାଇଁ ପ୍ରସ୍ତୁତି ପର୍ଯ୍ୟାୟ ଏକ ପ୍ରକାର ଶେଷ ହୋଇଥିଲେ ମଧ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ମିଳିନାହିଁ। ବିଶ୍ୱକପ୍ ପାଇଁ ଦଳ ଚୟନ ସମ୍ପର୍କରେ କୋହଲି ଭଲ ଭାବେ ଅବଗତ ଅଛନ୍ତି। ଏହି ଦଳରେ କେବଳ ଗୋଟିଏ ସ୍ଥାନ ପାଇଁ ଆଲୋଚନା ହେବ। ବିଶ୍ୱକପ୍‌ରେ ୪ ନମ୍ବରରେ କିଏ ବ୍ୟାଟିଂ କରିବ ଏହା ହେଉଛି ସବୁଠାରୁ ବଡ଼ ପ୍ରଶ୍ନ। ଅମ୍ବାତି ରାୟୁଡୁ ୪ ନମ୍ବର ପାଇଁ ପ୍ରକୃତ ପସନ୍ଦ। ସେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଗସ୍ତରେ ଭଲ ଖେଳିଥିଲେ ମଧ ଏହି ସିରିଜରେ ଆଶାନୁରୂପ ପ୍ରଦର୍ଶନ କରିପାରିନାହାନ୍ତି। ଲୋକେଶ ରାହୁଲଙ୍କୁ ଏହି ସ୍ଥାନରେ ସେତେଟା ସୁଯୋଗ ଦିଆଯାଇନାହିଁ। ଅନ୍ତିମ ଦିନିକିଆରେ ପନ୍ତ ୪ ନମ୍ବରସ୍ଥାନରେ ବ୍ୟାଟିଂ କରିଥିଲେ ମଧ ସଫଳ ହୋଇ ନ ଥିଲେ। କୋହଲି ନିଜେ ମଧ ଏହି ସ୍ଥାନରେ ଗୋଟିଏ ମ୍ୟାଚ୍‌ରେ ବ୍ୟାଟିଂ କରିଥିଲେ ମଧ ବିଫଳ ହୋଇଥିଲେ। ପୁଣି ମନୀଷ ପାଣ୍ଡେ ଓ ଶ୍ରେୟାସ ଆୟାରଙ୍କୁ ଗତ କେତୋଟି ସିରିଜରେ ସୁଯୋଗ ମିଳି ନାହିଁ। ଫଳରେ ୪ ନମ୍ବର ସ୍ଥାନ ନେଇ ସମସ୍ୟା ଜାରି ରହିଛି। ଗୋଟିଏ ସ୍ଥାନ ନେଇ କସରତ ହେବ ବୋଲି କୋହଲି ସୂଚନା ଦେଇଥିଲେ ମଧ କିଛି ସ୍ପଷ୍ଟ କରିନାହାନ୍ତି। ଏହି ସ୍ଥାନ ପାଇଁ ପନ୍ତ ଓ ଅଭିଜ୍ଞ ଦୀନେଶ କାର୍ତ୍ତିକଙ୍କ ମଧ୍ୟରେ ପ୍ରତିଯୋଗିତା ହେବ ବୋଲି ଆଶା କରାଯାଉଛି। ଅଲରାଉଣ୍ଡର ହିସାବରେ ଦେଖିବାକୁ ଗଲେ ହାର୍ଦ୍ଦିକ ପାଣ୍ଡ୍ୟା ବିଜୟ ଶଙ୍କରଠାରୁ ଯଥେଷ୍ଟ ଭଲ ବୋଲର। ସିଦ୍ଧାର୍ଥ କାଉଲଙ୍କୁ ଦଳରେ ନିଆଯାଇଥିଲେ ମଧ ସେ ଅନ୍ତିମ ଏକାଦଶରେ ସାମିଲ ହୋଇ ନ ଥିଲେ। ଦୁଇ ଓଭର ଖରାପ୍ ବୋଲିଂ କରିବା ପରେ ଉମେଶ ଯାଦବଙ୍କୁ ବାଦ୍ ଦିଆଯାଇଥିଲା। ଚାଇନା ମ୍ୟାନ କୁଲଦୀପ ଯାଦବଙ୍କ ତୁଳନାରେ ଯୁଜବେନ୍ଦ୍ର ଚହଲଙ୍କ ନିକଟରେ ବିବିଧତାର ଅଭାବ ରହିଛି। ଏହି ଭଳି କେତୋଟି ପ୍ରଶ୍ନର ଉତ୍ତର ମିଳିବା ବାକି ରହିଛି। ତେବେ ଏପ୍ରିଲ ୨୦ ସୁଦ୍ଧା ସମ୍ପୂର୍ଣ୍ଣ ଚିତ୍ରପଟ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି। କାରଣ ଏହା ପରେ ଭାରତ ବିଶ୍ୱକପ୍ ପାଇଁ ତା'ର ଅନ୍ତିମ ୧୫ଜଣିଆ ଦଳ ଘୋଷଣା କରିବ।

## ମେସିଙ୍କ ଡବଲ୍ ଗୋଲ, କ୍ୱାର୍ଟରରେ ବାର୍ସିଲୋନା

ବାର୍ସିଲୋନା, ୧୪।୩(ଏଏଫ୍‌ପି)

ଲିଓନେଲ ମେସିଙ୍କ ଡବଲ୍ ଗୋଲ୍ ବଳରେ ବାର୍ସିଲୋନା ଚାମ୍ପିୟନ୍ସ ଲିଗ୍ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ବୁଧବାର ଅନୁଷ୍ଠିତ ରାଉଣ୍ଡ-୧୬ର ୨ୟ ଲେଗ୍ ମ୍ୟାଚ୍‌ରେ ବାର୍ସିଲୋନା ୫-୧ ଗୋଲରେ ଲିୟନ କ୍ଲବକୁ ପରାସ୍ତ କରିଛି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ରାଉଣ୍ଡ-୧୬ର ପ୍ରଥମ ଲେଗ୍ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଡ୍ର ରହିଥିଲା। ଫଳରେ ୨ଟି ଯାକ ଲେଗ୍‌ର ଫଳାଫଳକୁ ମିଶାଇଲେ ତାରକା ଖଚିତ ବାର୍ସିଲୋନା ୫-୧ ଗୋଲରେ ବିଜୟ ଲାଭ କରିଛି। ମେସି ମ୍ୟାଚ୍‌ର ୧୭ତମ ମିନିଟ୍‌ରେ ମିଳିଥିବା ପେନାଲ୍ଟିକୁ କୌଣସି ତ୍ରୁଟି ନ କରି ଦଳ ଗୋଲ ସ୍କୋର ଖାତା ଖୋଲିଥିଲେ। ସେହିପରି ୭୮ତମ ମିନିଟ୍‌ରେ ସେ ୨ୟ ଗୋଲସ୍କୋର କରିଥିଲେ। ମେସି ୨ଟି ଗୋଲ କରିବା ସହିତ ୨ଟି ଗୋଲରେ ସାଥୀ ଖେଳାଳିଙ୍କୁ ସହାୟତା କରିଥିଲେ। ବାର୍ସିଲୋନା ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ବ୍ରାଜିଲ ଷ୍ଟାର୍ ଫିଲିପ୍ କର୍ଟିନୋ (୩୧ତମ), ସ୍ପେନର ଗେରେଡୋ ପିକ୍ୟୁ (୮୧ତମ) ଓ ଔସମାନେ ଡେମ୍ବେଲେ (୮୬ତମ) ପ୍ରତିପକ୍ଷ ନେଟ୍ସ ମଧ୍ୟକୁ ବଲ୍ ପଠାଇବାରେ ସଫଳ ହୋଇଥିଲେ। ବାର୍ସିଲୋନା କ୍ରମାଗତ ୧୨ଥର ପାଇଁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶୁକ୍ରବାର, ମାର୍ଚ୍ଚ ୧୫/୨୦୧୯ Berhampur, Friday, March 15/ 2019

## ସଂକ୍ଷେପରେ

### ମଦ ଜବତ, ୨ ଗିରଫ

**ହିଞ୍ଜିଳିକାଟୁ,୧୪।୩(ଡି.ଏନ୍.ଏ.):** ହିଞ୍ଜିଳି ପୋଲିସ ପକ୍ଷରୁ ଥାନା ଇଲାକାରେ ବେଆଇନ ମଦ ଧରପଗଡ ଅଭିଯାନ ଜୋରଦାର କରାଯାଇଛି। ବୁଧବାର ରାତିରେ ଅନ୍ତରୀଗାଁ ଅଞ୍ଚଳରୁ ପ୍ରାୟ ୪୨ଲିଟର ବିଦେଶୀ ମଦ ଜବତ କରାଯାଇଛି। ବେଆଇନ ମଦ କାରବାର ଅଭିଯୋଗରେ ଅନ୍ତରୀଗାଁର ଭାସ୍କର ସାହୁ ଓ ବାବୁଲା ସାହୁଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଥାନାରେ ନଂ.୬୬ ଓ ୬୭/୧୯ରେ ୨ଟି ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

### ବ୍ୟାଘ୍ରଦେବୀ ମନ୍ଦିର ପ୍ରତିଷ୍ଠା ଲାଗି କଳସ ଯାତ୍ରା

**ଗଞ୍ଜାମ,୧୪।୩(ଡି.ଏନ.ଏ.):** ଗଞ୍ଜାମ ବ୍ଲକ କାଇଁଚପୁର ପଞ୍ଚାୟତ ଝାଡୁକୁଦା ଗ୍ରାମରେ ମା' ବ୍ୟାଘ୍ରଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଆରମ୍ଭ ହୋଇଛି। ଏଥିପାଇଁ ପ୍ରାତଃ ସମୟରେ ଗ୍ରାମର ବହୁ ମହିଳା ପୁରୁଷ ଋଷିକୁଲ୍ୟା ନଦୀରୁ ଜଳଭାର ଧରି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ଏହି କଳସ ଯାତ୍ରାରେ ଖଟୁଆକୁଦା ଗ୍ରାମର ଭକ୍ତମାନେ ସାମିଲ ହୋଇଥିଲେ। ଏହି ଅବସରରେ ଚବିଶ ପ୍ରହର ନାମଯଜ୍ଞ ମଧ ଅନୁଷ୍ଠିତ ହେବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି।

### ୩୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ଆର. ଉଦୟଗିରି, ୧୪।୩(ଡି.ଏନ.ଏ.):** ଗଜପତି ଜିଲା ଆର.ଉଦୟଗିରି ପୋଲିସ ଗୁରୁବାର ସକାଳେ ଆଡସିଂ ଛକକୁ ପାଟ୍ରୋଲିଂରେ ଯିବା ସମୟରେ ଛକ ନିକଟ ଏକ ଯାତ୍ରୀ ବିଶ୍ରାମାଗାରରେ ଜଣେ ଅଚିହ୍ନା ଯୁବକ ୨ଟି ଅଖା ବସ୍ତା ଧରି ଛିଡ଼ା ହୋଇଥିବା ଦେଖିଥିଲେ। ସନ୍ଦେହରେ ପୋଲିସ ଅଖାକୁ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା। ଯୁବକ ଜଣକ ମଧ୍ୟପ୍ରଦେଶର ଲକ୍ଷ୍ମଣ ସିଂ ବୋଲି ଜଣାପଡ଼ିଛି। ବସ୍ତା ଦୁଇଟିରେ ୩୦ କେଜି ଗଞ୍ଜେଇ ଥିବା ପୋଲିସ କହିଛି। ପୋଲିସ ଲକ୍ଷ୍ମଣଙ୍କୁ ଗିରଫ କରିବା ସହ ନଂ.୨୩/୧୯ରେ ମାମଲା ରୁଜୁ କରିଛି। ଥାନାଧିକାରୀ କୁଳମଣି ସେଠୀ, ଏସଆଇ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଓ କର୍ମଚାରୀ ପାଟ୍ରୋଲିଂରେ ଯାଇଥିଲେ। ଗୁରୁବାର ଅପରାହ୍ନରେ ଯୁବକଙ୍କୁ ପାରଳାଖେମୁଣ୍ଡି କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

### ଚନ୍ଦନ ଗଛ ଚୋରି

**ଭଞ୍ଜନଗର,୧୪।୩(ଡି.ଏନ.ଏ.):** ଭଞ୍ଜନଗରସ୍ଥିତ କେନ୍ଦ୍ରୀୟ ବନାଞ୍ଚଳ ଦୁବୁଲୁଣ୍ଡାର ଯୁଧିଷ୍ଠିର ଜେନାଙ୍କ ଘର ଅଗଣାରେ ଥିବା ଚନ୍ଦନ ଗଛଟିକୁ ବୁଧବାର ରାତିରେ କୌଣସି ଦୁର୍ବୃତ୍ତ କାଟିନେଇଛନ୍ତି। ଏନେଇ ଯୁଧିଷ୍ଠିରଙ୍କ ପରିବାର ଲୋକେ ସକାଳୁ ଉଠି ଦେଖିବା ପରେ ଗଛଟି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ବନ ବିଭାଗ କର୍ମଚାରୀ ଏଥିପ୍ରତି ସଜାଗ ହେବାପାଇଁ ଦାବି ହୋଇଛି। ନଚେତ ଆଗାମୀ ଦିନରେ ଚନ୍ଦନ ଗଛ ଚୋରୀ ବଢ଼ିବା ସମ୍ଭାବନା ରହିଛି।

# ୟୁପିକୁ ଲମ୍ବିଛି ଗଞ୍ଜେଇ ମାଫିଆଙ୍କ ଡେର

ଜୟପୁର,୧୪।୩(ନି.ପ୍ର./ଡି.ଏନ୍.ଏ.)



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସାଗରିକା ନାଥ ଓ ଅନ୍ୟମାନେ।

ପୋଲିସର ସଫଳତା

- ୪ ଘଟଣାରେ ୧ ଟନ୍ ଗଞ୍ଜେଇ ଜବତ
- ମହିଳାଙ୍କ ସମେତ ଧରାପଡ଼ିଲେଣି ୧୨
- ଅଭିଯୁକ୍ତଙ୍କ ମଧରେ ବାହାର ରାଜ୍ୟର ୯

କୋରାପୁଟ ଜିଲା ବୋରିଗୁମ୍ମାରେ ଗଞ୍ଜେଇ ଚାଲାଣ ଉପରେ ବାରମ୍ବାର ଚଢ଼ାଉ କରି ମାଫିଆଙ୍କ ନିଦ ହଜାଇ ଦେଇଥିଲେ ଆଇପିଏସ୍ ସାଗରିକା ନାଥ। ଜୟପୁର ଏସ୍‌ଡିପିଓ ଭାବେ ସେ ଏଇ ନିକଟରେ ଦାୟିତ୍ୱ ନେବା ପରେ ଏବେ ଏଠାରେ ଗଞ୍ଜେଇ ମାଫିଆଙ୍କ ଭିତରେ ଆତଙ୍କ ଖେଳିଛି। ଗତ ୨ ଦିନରେ ୪ଟି ଚାଲାଣକୁ ରୋକିବା ସହ ଜୟପୁର ପୋଲିସ ପ୍ରାୟ ୨ କୋଟି ୫୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରିଏଥିରେ ସମ୍ପୃକ୍ତ ଥିବା ୧୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଜଣେ ମହିଳା ଅଭିଯୁକ୍ତ ରହିଛନ୍ତି। ଅଧିକାଂଶ ଅଭିଯୁକ୍ତ ବାହାର ରାଜ୍ୟର ବୋଲି ଜଣାପଡ଼ିଛି। ଚାଲାଣରେ ବ୍ୟବହୃତ ୩ଟି କାର ଓ ଗୋଟିଏ ୧୦ ଚକିଆ ଟ୍ରକ ଜବତ ହୋଇଛି।

ଗୁରୁବାର ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସାଗରିକା ନାଥ ସୂଚନା ଦେଇ କହିଛନ୍ତି ଯେ, ଜୟପୁର ସଦର ଥାନା ଅନ୍ତର୍ଗତ ବିଜେ-୨୦ରେ ଜଣେ ବ୍ୟକ୍ତିଙ୍କୁ ଧକ୍କାଦେଇ ସେଠାରୁ ଖସିଯାଉଥିଲା ସାଣ୍ଟ୍ରୋ କାର୍ (ଓଆର ୧୯ବି ୭୩୭୪)। ବୋରିଗୁମ୍ମା ଥାନା ପୋଲିସ ଏହି ଖବର ପାଇ କାର୍‌କୁ ଧରିବା ପରେ ଯାଞ୍ଚ ବେଳେ ସେଥିରୁ ୨୮୦ କେଜି ଗଞ୍ଜେଇ ମିଳିଥିଲା। ଏଥିରେ ସମ୍ପୃକ୍ତ ଥିବା ୨ଜଣକୁ ପୋଲିସ ଗିରଫ କରିଛି । ସେମାନେ ହେଲେ ଅନୁଗୁଳର ଗଜାନନ ସାହୁ (୨୪) ଓ ମାଲକାନଗିରିର ରାମ ଖେମୁଣ୍ଡୁ (୨୦)। ଉକ୍ତ କାର୍ ଧକ୍କାର ଶିକାର ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେହିପରି ସ୍ୱିଫ୍ଟ ଡିଜାଏରରେ ଚାଲାଣ ବେଳେ ୨୨୫ କେଜି ଗଞ୍ଜେଇ ଜବତ କରାଯିବା ସହ ପୋଲିସ ୩ ଜଣକୁ ଗିରଫ କରିଛି। ସେମାନେ ହେଲେ ମଧ୍ୟପ୍ରଦେଶର ପ୍ରକାଶ ନଇ (୨୦), ଛତିଶଗଡ଼ର ରାକେଶ କୁମାର ବର୍ମନ (୨୧) ଓ ରାଜୁ ବିଶ୍ୱକର୍ମା (୨୧) । ତୃତୀୟ ଚଢ଼ାଉରେ ଜୟପୁର ଟାଉନ ପୋଲିସ ହାତିଶାଳ ନିକଟରେ ଟାଟାର ନମ୍ବର ବିହୀନ ଗାଡ଼ିରୁ ୧୧୦ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ଗିରଫ ହୋଇଥିବା ୪ ଜଣ ହେଲେ ମଧ୍ୟପ୍ରଦେଶର ଚାନ୍ଦନି ନିମଲ (୨୫), ଜୟପୁରର ବିଷ୍ଣୁ ସାହୁ (୨୭), ମଧ୍ୟପ୍ରଦେଶର ଅଞ୍ଜୁ ଗୌତମ (୨୭) ଓ ହରିଶଙ୍କର ଦେବନୟନ (୧୯) । ୨ ଦିନ ତଳେ ବୈପାରିଗୁଡ଼ା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବୈପାରୀଗୁଡ଼ା- ମାଲକାନଗିରି ରାସ୍ତାର ବାଡ୍ରିପୁଟ ଛକରେ ଏକ ୧୦ ଚକିଆ ଟ୍ରକ୍‌ରୁ ୧୬ଟି ପ୍ୟାକେଟ୍‌ରେ ୪୪୨ କେଜି ଗଞ୍ଜେଇ ଜବତ କରିଥିଲା। ଏଥିରେ ଉତ୍ତରପ୍ରଦେଶର ଟିଙ୍କୁ କମାର (୨୦), ମାରୁତଧ୍ୱଜ ଶୁକ୍ଲା (୧୯), ସଚିନ କୁମାର (୨୫) ଗିରଫ ହୋଇଥିଲେ। ମାଫିଆମାନେ ଜୟପୁରରୁ ଛତିଶଗଡ଼ ଦେଇ ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶକୁ ଗଞ୍ଜେଇ ଚାଲାଣ କରୁଥିବା ପୋଲିସ ସୂଚନା ଦେଇଥିଲେ। ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି, ସଦର ଥାନା ଅଧିକାରୀ ଧୀରେନ ବେହେରା, ଆମ୍ବାଗୁଡ଼ା ଫାଣ୍ଡି ଅଧିକାରୀ ନାରାୟଣ ପଟ୍ଟନାୟକ ଉପସ୍ଥିତ ଥିଲେ।

## ଓକିଲ ସଂଘ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା



ଉପସ୍ଥିତ ଅତିଥିବୃନ୍ଦ।

ଦିଗପହଣ୍ଡି,୧୪।୩(ଡି.ଏନ.ଏ.)

ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଦକ୍ଷିଣ ଓଡ଼ିଶା ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକ ତଥା ବାର କାଉନସିଲ ସଭ୍ୟ ବିଷ୍ଣୁ ପ୍ରସାଦ ମୋହନ ବୁଧବାର ଖେମୁଣ୍ଡି ଓକିଲ ସଂଘର ନିର୍ବାଚନୀ ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି। ଓକିଲ ସଂଘ ପକ୍ଷରୁ ମନୋନୀତ ନିର୍ବାଚନ ପରିଚାଳନା ଅଧିକାରୀ ପ୍ରଭାକର ରାଉତଙ୍କ ସହ ଆଲୋଚନା କାଳରେ ପର୍ଯ୍ୟବେକ୍ଷକ ବିଷ୍ଣୁ ମୋହନ ଆଇନଜୀବୀ ପରିଷଦ ପକ୍ଷରୁ ପ୍ରଦତ୍ତ ନିୟମାବଳୀକୁ ସମ୍ପୂର୍ଣ୍ଣ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ତେବେ କେବଳ ବାର୍ଷିକ ଦେୟ ପୈଠ କରି ନ ଥିବା ସଭ୍ୟ ଏବଂ ସଂଘର ବିଶୃଙ୍ଖଳିତ ସଭ୍ୟଙ୍କୁ ବୈଧ ଭୋଟର ତାଲିକାରୁ ବାଦ ଦିଆଯାଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ସମୀକ୍ଷା ସମୟରେ ଉପସଭାପତି ହର ପ୍ରସାଦ ରଥଙ୍କ ସମେତ ଆଇନଜୀବୀ ରବିନ୍ଦ୍ର ନାଥ ପାଣିଗ୍ରାହି, ଚନ୍ଦ୍ରଧ୍ୱଜ ସିଂହ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ସୂର୍ଯ୍ୟ ନାରାୟଣ ସାହୁ, ଗିରିଜା ମେକାପ, ସଞ୍ଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

■ ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

# ନ୍ୟାୟ ଦାବିରେ ରାସ୍ତା ରୋକିଲେ ପରିବାର



ଲକ୍ଷ୍ମୀପୁର ବ୍ଲକ ଡୁମୁରିପଦର ଛକ ମୁଖ୍ୟରାସ୍ତାକୁ ଟାୟାର ଜାଳି ଅବରୋଧ।

ଲକ୍ଷ୍ମୀପୁର,୧୪।୩

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ତୋୟାପୁଟ ଗ୍ରାମର ମହେନ୍ଦ୍ର ଖୋସ୍ଲା (୩୫)ଙ୍କ ମୃତଦେହ ଗୁରୁବାର ଡୁମୁରିପଦର ଗ୍ରାମରୁ ଉଦ୍ଧାର କରାଯାଇଛି। ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ପରିବାର ଲୋକେ ଡୁମୁରିପଦର ଛକ ମୁଖ୍ୟରାସ୍ତାରେ ଟାୟାର ଜାଳି ଅବରୋଧ କରିଛନ୍ତି। ଫଳରେ ଦୀର୍ଘ ସମୟ ଧରି ବହୁ ଯାନବାହନ ସେଠାରେ ଅଟକି ରହିଛି। ଖବର ଲେଖାଯିବା ବେଳକୁ ଅବରୋଧ ଜାରି ରହିଥିଲା। ପ୍ରକାଶ ଯେ, ମହେନ୍ଦ୍ର କୌଣସି କାମରେ ବୁଧବାର ରାତିରେ ଡୁମୁରିପଦର ଗ୍ରାମକୁ ଯାଇଥିଲେ। ସେଠାରୁ ସେ ଆଉ ଫେରି ନ ଥିବାବେଳେ ଗୁରୁବାର ଡୁମୁରିପଦର ସ୍କୁଲ ନିକଟରୁ ତାଙ୍କ ମୃତଦେହ ପଡିଥିବା ପରିବାର ଲୋକେ ଖବର ପାଇଥିଲେ। ପଥରରେ ମହେନ୍ଦ୍ରଙ୍କ ମୁଣ୍ଡକୁ ଛେଚା ଯାଇଥିବା ଦେଖି ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରି ରାସ୍ତା ଅବରୋଧ କରିଥିଲେ। ଖବରପାଇ ଲକ୍ଷ୍ମୀପୁର ଏସ୍‌ଡିପିଓ ଅଶ୍ୱିନୀ କୁମାର ନାୟକ, ଲକ୍ଷ୍ମୀପୁର ଥାନାଧିକାରୀ ମନୋଜ କୁମାର ବେହେରା ମୃତଦେହ ପଡିଥିବା ସ୍ଥାନରେ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହ ଯାଇ ତଦନ୍ତ ଚଳାଇଛନ୍ତି। ୩୦/୧୯ରେ ଏ ନେଇ ଥାନାରେ ମାମଲା ରୁଜୁ କରାଯାଇଛି।

## ବାଇକ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଭଞ୍ଜନଗର,୧୪।୩(ଡି.ଏନ୍.ଏ.)

ତାରସିଂ ଥାନା ଅନ୍ତର୍ଗତ ବାରଦଣ୍ଡା ନିକଟରେ ଗୁରୁବାର ରାତି ପ୍ରାୟ ସାଢେ ୮ଟାରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଇକ ଚାଳକ ପବିତ୍ର କୁମାର ନାୟକଙ୍କର ମୃତ୍ୟୁ ଘଟିଛି। କନ୍ଧଶାରଳା ଗ୍ରାମର ରିଙ୍କୁ ଗୌଡ ଗୁରୁତର ଭାବେ ଆହତ ହୋଇ ଭଞ୍ଜନଗର ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, କନ୍ଧଶାରଳାର ପବିତ୍ର ଓ ରିଙ୍କୁ ଏକ ବାଇକରେ ଭଞ୍ଜନଗରରୁ ଗ୍ରାମ ଅଭିମୁଖେ ଯାଉଥିଲେ। ବାରଦଣ୍ଡା ନିକଟରେ ଏକ ବାଇକ ପବିତ୍ରଙ୍କ ବାଇକକୁ ଧକ୍କା ଦେବାରୁ ଦୁର୍ଘଟଣା ଘଟିଥିଲା। ସମ୍ପୃକ୍ତ ଅଞ୍ଚଳବାସୀ ଉଭୟଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ପବିତ୍ରଙ୍କୁ ମୃତ ଘୋଷଣା କରିଥିଲେ।

## ଠାକୁର ଠାକୁରାଣୀଙ୍କୁ ଆବାହନ କଲେ ଗ୍ରାମବାସୀ



ଶୋଭାଯାତ୍ରାରେ ଆସିଥିବା ଗ୍ରାମବାସୀ।

ସୋରଡ଼ା,୧୪।୩(ଡି.ଏନ୍.ଏ.)

ସୋରଡା ବ୍ଲକ ଅମୃତୁଲୁ ପଞ୍ଚାୟତ ବୁଗୁଡା ଗ୍ରାମରେ ପ୍ରତିବର୍ଷ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଜନ କଲ୍ୟାଣ ବିଶ୍ୱଶାନ୍ତି ପଞ୍ଚ ମହାଯଜ୍ଞ ଏପ୍ରିଲ ୧୧ରୁ ଆରମ୍ଭ ହେବ। ଏହି ଅବସରରେ ଗ୍ରାମବାସୀ ଶୋଭାଯାତ୍ରାରେ ଗୁରୁବାର ପ୍ରସିଦ୍ଧ ପଦରାଇଶୁଣି ଠାକୁରାଣୀ ଏବଂ ଜଗନ୍ନାଥଙ୍କୁ ସୋରଡ଼ା ଆସି ଆବାହନ କରିଛନ୍ତି । ଯଜ୍ଞରେ ୨୬ ପଞ୍ଚାୟତରର ବହୁ ଶ୍ରଦ୍ଧାଳୁ ଯୋଗଦେବେ। ଏନେଇ ରାଜ୍ୟ ବାହାରେ ରହୁଥିବା ବୁଗୁଡ଼ା ଗ୍ରାମର ଲୋକମାନେ ଗାଁକୁ ଫେରିଛନ୍ତି।

## ନିଆଁ ଲାଗି ମା' ପୁଅ ଗୁରୁତର

ସେମିଳିଗୁଡ଼ା, ୧୪।୩(ଡି.ଏନ୍.ଏ.)

ସୁନାବେଡ଼ା ହାଲ୍ କର୍ମଚାରୀ ଦେବବ୍ରତ ପାଣି ଓ ତାଙ୍କ ମା' ଭାରତୀ ଗୁରୁବାର ନିଆଁରେ ପୋଡି ହୋଇ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ବିଶାଖାପାଟଣା ନିଆଯାଇଛି। ସୂଚନାଯୋଗ୍ୟଯେ, ଗୁରୁବାର ସନ୍ଧ୍ୟାରେ ଦେବବ୍ରତଙ୍କ ମା' ଘର ନିକଟରେ ପଡିଥିବା ପତ୍ରକୁ ଏକାଠି କରି ସେଥିରେ ନିଆଁ ଲଗାଇ ଦେଇଥିଲେ। ପବନ ହେବାରୁ ତାଙ୍କ ପିନ୍ଧା ଶାଢିରେ ନିଆଁ ଧରି ଦେଇଥିଲା। ସେଠାର ଉପସ୍ଥିତ ଦେବବ୍ରତ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିଲେ। ଏହି ସମୟରେ ଦେବବ୍ରତ ମଧ ପୋଡିଯାଇ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ଉଭୟଙ୍କୁ ପ୍ରଥମେ ହାଲ୍ ମେଡ଼ିକାଲ ଓ ପରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି।

## ୩୦ରେ ସେମିଳିଗୁଡ଼ା ଓକିଲ ସଂଘ ନିର୍ବାଚନ

ସେମିଳିଗୁଡ଼ା,୧୪।୩(ସ୍ୱ.ପ୍ର.)

ଆସନ୍ତା ୩୦ ତାରିଖରେ ସେମିଳିଗୁଡ଼ା ବାର୍ ଆସୋସିଏଶନର ନିର୍ବାଚନ କରାଯିବ। ଏନେଇ ଗୁରୁବାର ସେମିଳିଗୁଡ଼ା ଓକିଲ ସଂଘ ପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ସୂଚନା ଦିଆଯାଇଛି। ବସନ୍ତ କୁମାର ନନ୍ଦଙ୍କୁ ନିର୍ବାଚନ ଅଧିକାରୀ ଭାବେ ଚୟନ କରାଯାଇଛି। ବୈଠକରେ ନିର୍ବାଚନ ଇସ୍ତାହାର ପ୍ରଦାନ କରାଯାଇଛି। ୩୦ ତାରିଖ ସକାଳ ୮ଟାରୁ ଭୋଟ ଗ୍ରହଣ କରାଯିବ ବୋଲି ସଂଘ ନିଷ୍ପତ୍ତି ନେଇଛି।

■ ବିଜେଡିର ମହାସମାବେଶରେ ଆହ୍ୱାନ

## 'ନିର୍ବାଚନ ପାଇଁ ଏକ ହୁଅ'

ଦଶମନ୍ତପୁର,୧୪।୩(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ବାଘଚେମା ଆମ୍ବତୋଟାରେ ଗୁରୁବାର ବିଜେଡିର ଏକ ମହାସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ବ୍ଲକ ଉପାଧ୍ୟକ୍ଷ ନାରାୟଣ ବିଶୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ଜିଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଭୁ ଜାନି, କୋରାପୁଟ ପର୍ଯ୍ୟବେକ୍ଷକ ଶିବ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷା ସୁନାମଣି ମୁଦୁଲି, ଜୋନ-୨ ସମ୍ପାଦକ ଜୁଲେସ ଖରା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭ୍ୟ ପଦ୍ମନାଭ ଜାନି, ପୂର୍ବତନ ସଭାପତି ସୂର୍ଯ୍ୟଚନ୍ଦ୍ର ବାଘ, ଅନନ୍ତ ଖରା, ସୁରେଶ ସୁବୁଦ୍ଧି, ଧନୁ ବିଶୋଇ, କାର୍ଯ୍ୟକାରୀ ସଭାପତି ରଘୁପତି ବିଶୋଇ, ପ୍ରତାପ ଚନ୍ଦ୍ର ଖୋସଲା ଉପସ୍ଥିତ ଥିଲେ। ବିଜେଡି ନେତାମାନଙ୍କୁ ପ୍ରଥମେ ରାଧାକୃଷ୍ଣ ମନ୍ଦିର ଛକରୁ ଏକ ବାଇକ ଶୋଭାଯାତ୍ରାରେ ଅଣାଯାଇଥିଲା। ଏହାପରେ ଅନୁଷ୍ଠିତ ସଭାରେ ଦଳୀୟ କର୍ମୀମାନେ ଏକଜୁଟ ହୋଇ ସରକାରୀ ଯୋଜନାରୁ ବଞ୍ଚିତ ଲୋକଙ୍କ ନିକଟକୁ ଯାଇ ସହାୟତା କରିବା ପାଇଁ ବୋଲି ଶପଥ ନେଇଥିଲେ। ମନାନ୍ତର ଏବଂ ସ୍ୱାର୍ଥ ମନୋଭାବକୁ ତ୍ୟାଗ କରି ଏକ ହୋଇ ରହିବାକୁ ଜିଲା ବିଜେଡି ଉପସଭାପତି କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ନିର୍ବାଚନ ପର୍ଯ୍ୟନ୍ତ ଆଚରଣ ବିଧି ଉଲ୍ଲଂଘନ ନ କରିବାକୁ ଜିଲା ପରିଷଦ ଅଧ୍ୟକ୍ଷ କର୍ମୀଙ୍କୁ ଅନୁରୋଧ କରିଥିଲେ। ବିଭିନ୍ନ ଦଳର କର୍ମୀମାନେ ଏହି ଅବସରରେ ବିଜେଡିରେ ମିଶିଥିଲେ। ସମାବେଶରେ ଦଶମନ୍ତପୁର ବ୍ଲକର ୧୬ ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ।

## ପଦାବାଗ୍ରୀରେ ଆନ୍ଥ୍ରାକ୍ସ ପ୍ରତିଷେଧକ ଟିକାକରଣ

ଦଶମନ୍ତପୁର,୧୪।୩(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଡୁମ୍ବାଗୁଡ଼ା ପଞ୍ଚାୟତର ପଦାବାଗ୍ରୀ ଗାଁରେ ଗୁରୁବାର ପ୍ରାଣୀ ଚିକିତ୍ସା ବିଭାଗ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଛି। ପ୍ରାଣୀ ଚିକିତ୍ସାଧିକାରୀ ଚିନ୍ମୟ ଶ୍ରୀଚନ୍ଦନ ସାହୁଙ୍କ ତତ୍ତ୍ୱାବଧାନରେ ଅନୁପ କୁମାର ଗରଡ଼ା, ପ୍ରହଲ୍ଲାଦ ନାୟକ, ଯୋଗେନ୍ଦ୍ର କନ୍ଧପାଣ ଏଥିର ସାମିଲ ଥିଲେ। ମୃତ ପଶୁଙ୍କ ମାଂସକୁ ଖାଦ୍ୟ ରୂପେ ବ୍ୟବହାର ନ କରି ସେମାନଙ୍କ ମୃତଦେହଗୁଡିକୁ ମାଟିରେ ଗାତ କରି ଚୂନ ଓ ଲୁଣ ସହିତ ପୋତିଦେବା ଉଚିତ୍ ବୋଲି ଚିକିତ୍ସାଧିକାରୀ ସାହୁ କହିଥିଲେ। ଏଥିସହ ଗାଁରେ ପଶୁଙ୍କୁ ପୋତାଯାଇଥିବା ସ୍ଥାନର ମାଟି ନମୁନା ସଂଗ୍ରହ କରାଯାଇ ସେଥିରେ ଆନ୍ଥ୍ରାକ୍ସ ଜୀବାଣୁ ଚିହ୍ନଟ ପାଇଁ ପଠାଯାଇଛି। ଏହି ଅବସରରେ ୧୪ଟି ଗାଈ, ଗୋରୁ, ମଇଁଷି ଆନ୍ଥ୍ରାକ୍ସ ରୋଗରେ ପୀଡ଼ିତ ଥିବା ଚିହ୍ନଟ କରାଯାଇଥିଲା। ପ୍ରତିଷେଧକ ଭାବେ ୨୦୮ ଗୋରୁଗାଈ ଓ ମଇଁଷିଙ୍କୁ ଟିକା ପ୍ରଦାନ କରାଯାଇଥିଲା।



ଗାଁଲୋକଙ୍କୁ ଆନ୍ଥ୍ରାକ୍ସ ସଚେତନ କରୁଛନ୍ତି ସ୍ୱାସ୍ଥ୍ୟ କର୍ମଚାରୀ।

## କୋରାପୁଟରେ ପ୍ରାର୍ଥୀ ଦେବ ହିନ୍ଦୁସ୍ଥାନ ନିର୍ମାଣ ଦଳ

ଜୟପୁର,୧୪।୩(ଡି.ଏନ୍.ଏ./ନି.ପ୍ର.)



ଖବରଦାତା ସମ୍ମିଳନୀରେ ହିନ୍ଦୁସ୍ଥାନ ନିର୍ମାଣ ଦଳର ନେତା।

କେନ୍ଦ୍ରରେ ଭାଜପା ଶାସନ ସମୟରେ ଦେଶରୁ ବାହାରକୁ ଗୋ-ମାଂସ ରପ୍ତାନୀ ବୃଦ୍ଧି ପାଇଛି। ହିନ୍ଦୁଙ୍କୁ ପ୍ରତାରଣା କରିଛି ଭାଜପା। ରାମ ଜନ୍ମଭୂମି କଥା କହୁଥିବା ପ୍ରଧାନମନ୍ତ୍ରୀ ଥରେ ବି ରାମଙ୍କୁ ଦର୍ଶନ କରିବାକୁ ଯାଇ ନାହାନ୍ତି। ନବଗଠିତ ହିନ୍ଦୁସ୍ଥାନ ନିର୍ମାଣ ଦଳର ରାଜ୍ୟ ସଂପାଦକ ଜୟପୁରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏଭଳି ଅଭିଯୋଗ ଉଠାଇଛନ୍ତି।

ଅବିଭକ୍ତ କୋରାପୁଟ ଜିଲାର ସଂଗଠନ ସଂପାଦକ ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ସମ୍ମିଳନୀରେ ନବଗଠିତ ଦଳର ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଜେଠୀ, ସାଧାରଣ ସଂପାଦକ ଦିପକ ମହନ୍ତ ଯୋଗଦେଇ କହିଥିଲେ, ଅଯୋଧାରେ ରାମ ମନ୍ଦିର ନିର୍ମାଣ ପ୍ରତିଶ୍ରୁତି ଦେଇ ଭାଜପା ଶାସନ କ୍ଷମତାକୁ ଆସିଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭଗବାନ ରାମଙ୍କ ନାମରେ ଛଳନା କରିଛନ୍ତି। କାଶ୍ମୀର ପଣ୍ଡିତଙ୍କୁ ପୁନଃ ସେମାନଙ୍କ ଭିଟାମାଟିରେ ବସବାସ କରିବା ନେଇ କୌଣସି ପଦକ୍ଷେପ ନେଇନାହାନ୍ତି। ବାଂଲାଦେଶୀ ଅନୁ ପ୍ରବେଶକାରୀଙ୍କୁ ଦେଶରୁ ବିତାଡ଼ିତ କରିବାରେ ଅସମର୍ଥ ହୋଇଛନ୍ତି। ଗୋହତ୍ୟା ବୃଦ୍ଧି ପାଇବା ସହ ବିଦେଶକୁ ଗୋମାଂସ ରପ୍ତାନୀ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ରାଜ୍ୟରେ ବିଜେଡି ସରକାର ଚାଷୀଙ୍କୁ ପ୍ରତାରଣା କରିଛନ୍ତି। ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ। ତେଣୁ ହିନ୍ଦୁ ନିର୍ମାଣ ଦଳ ମଇଦାନକୁ ଓହ୍ଲାଇ ନିର୍ବାଚନ ଲଢ଼ିବ। କୋରାପୁଟ ଜିଲାର ସମସ୍ତ ବିଧାନସଭା ଓ ଲୋକସଭାରେ ପ୍ରାର୍ଥୀ ଦେବ। ଏଥିପାଇଁ କୋରାପୁଟ ଜିଲା କମିଟି ଗଠନ କରାଯାଇଛି । ଏଥିରେ ସଭାପତି ଡମ୍ବରୁ ରାମସାଂ, ସାଧାରଣ ସମ୍ପାଦକ ସନ୍ଦିପ ସାଇ ପାଣିଗ୍ରାହୀ, ସମ୍ପାଦକ ବିଶ୍ୱନାଥ ଆଚାରୀ, ଗଣେଶ ପ୍ରସାଦ ଟାକ୍ରୀ, ସଂଗଠନ ସମ୍ପାଦକ ଚୈତନ୍ୟ ହନ୍ତାଳ, ଉପଦେଷ୍ଟା ପୀତାମ୍ବର ସାହୁଙ୍କୁ ଦାୟିତ୍ୱ ଦିଆଯାଇଛି। ଜୟପୁର ବାଙ୍କମଠରେ ଅନୁଷ୍ଠିତ ଜିଲା ସମିତି ବୈଠକରେ ରାଜ୍ୟ ସଭାପତି ବିଶ୍ୱ ରଞ୍ଜନ ଯେଠୀ, ସାଧାରଣ ସମ୍ପାଦକ ଦିପକ କୁମାର ମହନ୍ତ, କାର୍ଯ୍ୟକାରୀ ସଦସ୍ୟ ଅରୁଣ ରାଓ ଯୋଗ ଦେଇଥିଲେ । ଲକ୍ଷ୍ମୀକାନ୍ତ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

■ ନିର୍ବାଚନ ସୁପରିଚାଳନା ପାଇଁ ଅଧିକାରୀ ବୈଠକ

## ନିରପେକ୍ଷତା ଅବଲମ୍ବନ କର: ଜିଲାପାଳ

କୋରାପୁଟ,୧୪।୩(ସ୍ୱ.ପ୍ର.)

ଆଗାମୀ ୨୦୧୯ ସାଧାରଣ ନିର୍ବାଚନ ପରିଚାଳନା ନେଇ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସଦଭାବନା ସଭାଗୃହରେ ମାଜିଷ୍ଟ୍ରେଟ ଓ ପୁଲିସ ଅଧିକାରୀଙ୍କ ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିର୍ବାଚନ ପରିଚାଳନା ସହ ନିର୍ବାଚନ କମିଶନରଙ୍କ ଦ୍ୱାରା ଜାରି ହୋଇଥିବା ଆଦର୍ଶ ଆଚରଣ ବିଧି ପାଳନ, ନିର୍ବାଚନ ଗାଇଡଲାଇନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲାର ମାଓବାଦୀ ପ୍ରବଣ ଅଞ୍ଚଳ ବିଶେଷ କରି ବନ୍ଧୁଗାଁ, ନାରାୟଣପାଟଣା, ଲମତାପୁଟ, ନନ୍ଦପୁର, ପଟ୍ଟାଙ୍ଗି ବ୍ଲକର ଦୁର୍ଗମ ଅଞ୍ଚଳରେ ଥିବା ମତଦାନ କେନ୍ଦ୍ର ଉପରେ କଡ଼ା ନଜର ରଖାଯିବା ସହିତ ଜିଲାର ଆନ୍ଧ୍ର ଓ ଛତିଶଗଡ ସୀମାନ୍ତରେ ପୋଲିସ ଓ କେନ୍ଦ୍ରୀୟ ବାହିନୀ ଯବାନ ମୁତୟନ କରାଯିବା ନେଇ ଆଲୋଚନା ହୋଇଥିଲା। ସେହିପରି ବିଭିନ୍ନ ଦଳର ପ୍ରାର୍ଥୀଙ୍କ ଦ୍ୱାରା ବ୍ୟବହୃତ ଗାଡ଼ି, ସଭା ସମିତି ସଂପର୍କରେ ଟିକିନିଖି ସୂଚନା ରଖିବା ସହ ନିରପେକ୍ଷତା ଅବଲମ୍ବନ କରିବା ପାଇଁ ଜିଲାପାଳ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି କନୱର ବିଶାଳ ସିଂ, ଏସ୍‌ଡିପିଓ ସାଗରିକା ନାଥ, ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତଥା ଆଦର୍ଶ ଆଚରଣ ବିଧିର ନୋଡାଲ ଅଧିକାରୀ ମହମ୍ମଦ ଅବଦଲ ଅଖତାର ପ୍ରମୁଖ ଉପସ୍ଥିତ ଥିଲେ।

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ